# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ଜାନୁଆରୀ ୫/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, January 5/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 43 | ମୂଲ୍ୟ ₹୭/-









ସମ୍ବଲପୁର ଜିଲା ଧନୁପାଲି ଥାନା ନକ୍କାପାଲି ନିକଟରେ ରବିବାର ହାଇୱା ପଛକୁ ଧକ୍କା ଦେଇଥିବା କାର୍।

# ନ୍ୟୁୟର୍କ ଜେଲରେ ମାଦୁରୋ

## ଭେନେଜୁଏଲା ତୈଳ ଶିଳ୍ପ କବ୍‌ଜା କରିବାକୁ ଟ୍ରମ୍ପ୍‌ଙ୍କ ଯୋଜନା

**ୱାଶିଂଟନ,୪।୧**

ଭେନେଜୁଏଲା ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ବଳରେ ଏହାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଆମେରିକା ଗିରଫ କରି ନ୍ୟୁୟର୍କ ଜେଲରେ ରଖିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭେନେଜୁଏଲାର ତୈଳ ଶିଳ୍ପକୁ କବ୍‌ଜା କରିବାକୁ ଯୋଜନା କରିଛନ୍ତି। ଆମେରିକୀୟ କମ୍ପାନୀଗୁଡ଼ିକ ଭେନେଜୁଏଲା ଯାଇ ସେଠାର ତୈଳ ଶିଳ୍ପଗୁଡ଼ିକୁ ପୁନର୍ଜୀବିତ କରିବା ଲାଗି ଟ୍ରମ୍ପ୍ କହିଛନ୍ତି। ତେବେ ତୈଳ ମୂଲ୍ୟ ଉପରେ ଆମେରିକା କାର୍ଯ୍ୟାନୁଷ୍ଠାନର ତ୍ୱରିତ୍ ପ୍ରଭାବ ପଡ଼ି ନ ପାରେ ବୋଲି କୁହାଯାଉଛି। ଭେନେଜୁଏଲାରେ କ୍ଷମତାର ଉପଯୁକ୍ତ ଏବଂ ସୁରକ୍ଷିତ ହସ୍ତାନ୍ତର ପର୍ଯ୍ୟନ୍ତ ଆମେରିକା ସେଠାରେ ଶାସନ ଚଳାଇବ ବୋଲି ଶନିବାର ଟ୍ରମ୍ପ୍ ଘୋଷଣା କରିଥିଲେ। ଏଥିସହିତ ଭେନେଜୁଏଲାର ତୈଳ ରିଜର୍ଭ ଓ ଅନ୍ୟ ଦେଶକୁ ତେଲ ବିକ୍ରି ଉପରେ ମଧ୍ୟ ଆମେରିକାର ନିୟନ୍ତ୍ରଣ ରହିବ ବୋଲି କହିଥିଲେ।

ବହୁବର୍ଷ ଧରି ଅବହେଳା ଏବଂ ଅନ୍ତର୍ଜାତୀୟ କଟକଣା ଯୋଗୁ ଭେନେଜୁଏଲା ତୈଳ ଶିଳ୍ପ ସ୍ଥାଣୁ ଅବସ୍ଥାରେ ରହିଛି। ତେଣୁ ଏହାକୁ ପୁନର୍ବାର ସଚଳ କରିବା ପାଇଁ କିଛି ବର୍ଷ ଲାଗିପାରେ। ଏଥିସହିତ ଉତ୍ପାଦନ ବଢ଼ାଇବାକୁ ହେଲେ ବଡ଼ ଧରଣର ପୁଞ୍ଜିନିବେଶ କରିବାକୁ ପଡ଼ିବ। ତେବେ ଅନ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଭେନେଜୁଏଲା ଖୁବ୍‌ଶୀଘ୍ର ଏହାର ଦୈନିକ ତୈଳ ଉତ୍ପାଦନ ୧.୧ ନିୟୁତ ବ୍ୟାରେଲକୁ ୨ କିମ୍ବା ୩ ଗୁଣା କରିପାରିବ। ତେବେ ସେଠାରେ ଅତ୍ୟଧିକ ପୁଞ୍ଜିନିବେଶ କରିବା ପୂର୍ବରୁ ଆମେରିକୀୟ ତୈଳ କମ୍ପାନୀଗୁଡ଼ିକ ସେଠାର ଶାସନରେ ସ୍ଥିରତା ଚାହିଁବେ। ଆମେରିକା ଭେନେଜୁଏଲାର ଶାସନ ଦାୟିତ୍ୱରେ ରହିବ ବୋଲି ଟ୍ରମ୍ପ୍ କହିବା ପରେ ସେଠାର ରାଜନୈତିକ ସ୍ଥିତି ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି। ଉପରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗୁଏଜ୍‌ଙ୍କୁ ଅନ୍ତରୀଣ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ନିମନ୍ତେ ଭେନେଜୁଏଲା ହାଇକୋର୍ଟ ନିର୍ଦ୍ଦେଶ ଦେବା ପୂର୍ବରୁ ସେ କହିଛନ୍ତି, ମାଦୁରୋ କ୍ଷମତା ଫେରିପାଇବା ଆବଶ୍ୟକ। ତେବେ ପରବର୍ତ୍ତୀ ୨୪ ଘଣ୍ଟା ଆମେରିକା ଯଦି ଭେନେଜୁଏଲାକୁ ଚଳାଇବାରେ ସଫଳ ହୁଏ, ତେବେ ଏହାର ତୈଳ କମ୍ପାନୀଗୁଡ଼ିକ ତୁରନ୍ତ ଭେନେଜୁଏଲାର ତୈଳ ଶିଳ୍ପକୁ ପୁନର୍ଜୀବିତ ☞ପୃଷ୍ଠା–୪

# ପୀତବାସ ପଣ୍ଡା ହତ୍ୟାକାଣ୍ଡ: ୧୬୬୬ ପୃଷ୍ଠାର ପ୍ରାଥମିକ ଚାର୍ଜଶିଟ୍ ଦାଖଲ

**ବ୍ରହ୍ମପୁର,୪।୧(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁରର ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ପୋଲିସ ରବିବାର କୋର୍ଟରେ ପ୍ରାଥମିକ ଚାର୍ଜଶିଟ୍ ଦାଖଲ କରିଛି। ମାମଲାର ତଦନ୍ତ ଅଧିକାରୀ ତଥା ଟାଉନ ଏସ୍‌ଡିପିଓ ପ୍ରିୟସ ରଞ୍ଜନ ଛୋଟରାୟଙ୍କ ନେତୃତ୍ୱରେ ଏକ ଟିମ୍ ଜିଲା ଜଜ୍ କୋର୍ଟ ପରିସରରେ ଥିବା ସିଏସ୍‌ଆଇରେ ୨ଟି ଟ୍ରଙ୍କ୍‌ରେ ମୂଳ ଫାଇଲ ସହିତ ମୋଟ ୧୮ କପି ଦାଖଲ କରିଛନ୍ତି। ମୂଳ ଚାର୍ଜଶିଟ୍ ପ୍ରାୟ ୧୬୬୬ ପୃଷ୍ଠା ଓ ତାହାର ୧୮ କପି ମିଶି ୩୦ ହଜାର ପୃଷ୍ଠାରୁ ଊର୍ଦ୍ଧ୍ୱ ହେବ। ଏହାସହିତ କିଛି ସିସି କ୍ୟାମେରା ଫୁଟେଜ ମଧ୍ୟ ପ୍ରମାଣ ଭାବେ ଦାଖଲ କରାଯାଇଛି। ପୀତବାସ ହତ୍ୟା ମାମଲାରେ ଗିରଫ ହୋଇଥିବା ୧୬ ଅଭିଯୁକ୍ତଙ୍କୁ ଚାର୍ଜଶିଟ୍‌ରେ ଅଭିଯୁକ୍ତ ଦର୍ଶାଇ ଆବଶ୍ୟକ ପ୍ରମାଣ ଦାଖଲ କରାଯାଇଛି। ସେହିପରି ମାମଲାରେ ପୋଲିସ ୧୨୪ ଜଣଙ୍କୁ ସାକ୍ଷୀ ଭାବେ ନେଇଛି। ହତ୍ୟା ମାମଲାରେ ପୋଲିସ ସ୍କାନରରେ ଆଉ କେତେଜଣ ମଧ୍ୟ ରହିଛନ୍ତି। ପ୍ରମାଣ ମିଳିଲେ ସେମାନଙ୍କୁ ମଧ୍ୟ ଧରାଯିବ। ଆଗକୁ ଫାଇନାଲ ଚାର୍ଜଶିଟ ଦାଖଲ ହେବ ବୋଲି ପୋଲିସ କହିଛି। ଏହାପରେ କମିଟମେଣ୍ଟ ଓ ଚାର୍ଜଫ୍ରେମ ହୋଇ ମାମଲା ବିଚାର ଆରମ୍ଭ ହେବ ବୋଲି ଜଣାପଡିଛି।

ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ଭାଜପା ନେତା ପୀତବାସଙ୍କୁ ଗତ ଅକ୍ଟୋବର ୬ତାରିଖ ରାତିରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବୈକୁଣ୍ଠନଗରସ୍ଥିତ ତାଙ୍କ ବାସଭବନ ପାଖରେ ଅତି ନିକଟରୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ☞ପୃଷ୍ଠା–୪


**ଆଜିର ସମ୍ପାଦକୀୟ**

ତୈଳସର୍ବସ୍ୱ


# ୪ ଦୁର୍ଘଟଣାରେ ଚାଲିଗଲା ୧୦ ଜୀବନ

## ଧନୁପାଲିରେ ୩, ଡୁଙ୍ଗୁରିପାଲିରେ ୨, ଶ୍ରୀକାକୁଳମ୍‌ରେ ୩, ବଅଁରପାଳରେ ୨ଜଣଙ୍କ ମୃତ୍ୟୁ

**ରାଜ୍ୟରେ ଏବେ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। ହେଲେ ଦୁର୍ଘଟଣା ଥମିବାର ନାଁ ନେଉ ନାହିଁ। ରବିବାର ଗୋଟିଏ ଦିନରେ ରାଜ୍ୟର ୪ଟି ସ୍ଥାନରେ ଦୁର୍ଘଟଣାରେ ଚାଲିଯାଇଛି ୧୦ ଜୀବନ। ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥ(ନଂ.୫୫) ନକ୍କାପାଲି ନିକଟରେ ଏକ ହାଇୱା ପଛକୁ କାର୍ ଧକ୍କା ଦେବାରୁ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲୀ ଚେରୁପାଲି ଅଙ୍ଗନଦୀ ବ୍ରିଜ୍ ଉପରେ ପିକ୍‌ଅପ୍ ଭ୍ୟାନ୍ ଏକ ବାଇକ୍‌କୁ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଏକ ଘଟଣାରେ ବାଲେଶ୍ୱରରୁ ବିଶାଖାପାଟଣା ଯାଉଥିବା କାର୍‌କୁ ଏକ ଟ୍ରକ୍ ଶ୍ରୀକାକୁଲମ୍ ନିକଟରେ ଧକ୍କା ଦେବାରୁ ଜଣେ ମହିଳାଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ଅନୁଗୋଳ ଜିଲା ବଅଁରପାଳ ଥାନା ଅନ୍ତର୍ଗତ ବଉଳିଗଡ଼ ଜଙ୍ଗଲ ନିକଟରେ ଏକ ଗଛରେ ପିଟିହୋଇ ୨ବାଇକ୍ ଆରୋହୀଙ୍କ ମଧ୍ୟ ମୃତ୍ୟୁ ଘଟିଛି। ୨୦୨୫ରେ ରାଜ୍ୟ ବାଣିଜ୍ୟ ଏବଂ ପରିବହନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଓଡ଼ିଶାରେ ଦୈନିକ ହାରାହାରି ୧୫ରୁ ୧୭ଜଣଙ୍କ ସଡ଼କ ଦୁର୍ଘଟଣାଜନିକ ମୃତ୍ୟୁ ଘଟୁଛି।**

**ସମ୍ବଲପୁର/ ଡୁଙ୍ଗୁରିପାଲି/ ପାରଳାଖେମୁଣ୍ଡି/ ସନ୍ତ୍ରୀଛକ,୪।୧ (ପ୍ରମୋଦ ବହିଦାର/ ଦୀନବନ୍ଧୁ ସୁନା/ ଗିରିଧାରୀ ପରିଚ୍ଛା/ ସନ୍ତୋଷ ପରିଡ଼ା)**

ସମ୍ବଲପୁର ଜିଲା ଧନୁପାଲି ଥାନା ଜାତୀୟ ରାଜପଥ(୫୫)ର ନକ୍କାପାଲି ନିକଟରେ ରବିବାର ଅପରାହ୍ନରେ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ପାଉଁଶ ବୋଝେଇ ହାଇୱା ପଛପଟେ ସମ୍ବଲପୁର ପଟୁ ଦ୍ରୁତଗତିରେ ଆସୁଥିବା କାର୍ ଧକ୍କା ଦେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ କାର୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଭିମ୍‌ସାରରେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ମୃତକମାନେ ହେଲେ ଧନୁପାଲି ଥାନା ଅନ୍ତର୍ଗତ ମୋତିଝରଣ ସୁନାପାଲିର ମହମ୍ମଦ ୱାସିଫ(୧୯), ମହମ୍ମଦ ଜିଆଉଲ(୨୦) ଓ ମହମ୍ମଦ ସିଫାନ(୧୯)। ସମସ୍ତ ମୃତଦେହକୁ ଜବତ କରି ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି। ସେମାନେ କେଉଁଠାରୁ କୁଆଡ଼େ ଯାଉଥିଲେ ତାହା ଜଣା ପଡ଼ିନାହିଁ। ସେ ନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଚଳ ହୋଇ ଉକ୍ତ ହାଇୱା (ନଂ.ଓଡି–୧୫–ୟୁ–୯୧୦୪) ରାସ୍ତାକଡ଼ରେ ଦୀର୍ଘ ସମୟ ହେଲା ଛିଡ଼ା ହୋଇ ରହିଥିଲା। ଅପରାହ୍ନରେ ସମ୍ବଲପୁର ପଟୁ ଆସୁଥିବା ଉକ୍ତ କାର୍(ନଂ.ଓଡି–୧୪–ୟୁ–୮୧୦୩) ସମ୍ଭବତଃ ଦ୍ରୁତଗତି ଯୋଗୁ ନିୟନ୍ତ୍ରଣ ହରାଇ ହାଇୱା ପଛପଟେ ପିଟି ହୋଇଯାଇଥିଲା। ଧକ୍କା ଏତେ ଜୋରରେ ଥିଲା ଯେ, କାର ସମ୍ପୂର୍ଣ୍ଣ ଚୂରମାର୍ ହୋଇ ଯାଇଥିଲା। ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଲୋକେ କାର ଭିତରୁ ଆହତମାନଙ୍କୁ ଉଦ୍ଧାର କରିବା କଷ୍ଟକର ହୋଇ ପଡ଼ିଥିଲା। କାରର ଡୋର୍‌କୁ ଶାବଳରେ ତାଡ଼ି ପଛ ସିଟ୍‌ରେ ବସିଥିବା ଦୁଇ ଆରୋହୀଙ୍କୁ ଉଦ୍ଧାର କରି ଭିମ୍‌ସାର ପଠାଇଥିଲେ। ଖବର ପାଇ ଧନୁପାଲି ଥାନା ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି କାର୍‌କୁ କାଟି ଚାଳକଙ୍କ ମୃତଦେହ ବାହାର କରିଥିଲେ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ୨୬ ନଂ. ଜାତୀୟ ରାଜପଥ ଚେରୁପାଲି ଅଙ୍ଗନଦୀ ବ୍ରିଜ୍ ଉପରେ ଗାଜର ବୋଝେଇ ମହିନ୍ଦ୍ରା ପିକ୍‌ଅପ୍ ଏକ ବାଇକ୍‌କୁ ଧକ୍କାଦେବାରୁ ରବିବାର ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁବର୍ଣ୍ଣପୁର ଜିଲା ବିନିକା ଥାନା ଚରଦା ଗ୍ରାମର ପାର୍ଥ ବାଗ (୧୫) ଓ ତାଙ୍କ କକା ଭଜନ ବାଗ (୩୦)। ରବିବାର ଝିଆରୀର ବିବାହ ନିମନ୍ତ୍ରଣ କାର୍ଡ ବଣ୍ଟନକରି ଅପରାହ୍ନ ପ୍ରାୟ ୧ଟାରେ ଭଜନ ଓ ପାର୍ଥ ବଲାଙ୍ଗୀରରୁ ଘରକୁ ବାଇକ୍(ନଂ.ଓଡି୦୩–ପି–୪୩୫୫)ରେ ଫେରୁଥିଲେ। ଚେରୁପାଲି ନିକଟ ଅଙ୍ଗନଦୀ ବ୍ରିଜ୍ ଉପରେ ସେମାନଙ୍କୁ ସାମ୍ନା ପଟୁ ବରଗଡ଼ ପଟରୁ ଆସୁଥିବା ମହିନ୍ଦ୍ରା ପିକ୍‌ଅପ୍(ନଂ.ଓଡି୦୩–ଡବ୍ଲ୍ୟୁ–୩୯୪୧) ଧକ୍କା ଦେଇଥିଲା। ଏଥିରେ କକା,ପୁତୁରା ଗାଡ଼ିରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବର ପାଇ ଡୁଙ୍ଗୁରିପାଲି ପୋଲିସ ଉଭୟଙ୍କୁ ଉଦ୍ଧାରକରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପାର୍ଥଙ୍କ ମୃତ୍ୟୁ ଘଟିଥିଲା। ସଙ୍କଟାପନ୍ନ ଅବସ୍ଥାରେ ଭଜନଙ୍କୁ ବୁର୍ଲା ସ୍ଥାନାନ୍ତର ବେଳେ ବରଗଡ଼ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା।

ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ସୋମପେଣ୍ଠ ମଣ୍ଡଳ ଅନ୍ତର୍ଗତ ବାରୁଆ ଛକ ନିକଟ ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଦୁର୍ଘଟଣାରେ ୨ ଝିଅ ଓ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏକ ଟ୍ରକ୍ ଦୁଇଚକିଆ ଗାଡିକୁ ବଞ୍ଚାଇବାକୁ ଯାଇ ନିୟନ୍ତ୍ରଣ ହରାଇ ଡିଭାଇଡରରେ ଧକ୍କା ଦେଇ ପରେ ଅନ୍ୟ ପାର୍ଶ୍ୱରୁ ଆସୁଥିବା କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। କାର୍‌ରେ ଚାଳକଙ୍କ ସମେତ ୫ ଜଣ ଥିଲେ। ସେମାନଙ୍କ ମଧ୍ୟରୁ ଘଟଣାସ୍ଥଳରେ ଜଣେ ମହିଳାଙ୍କ ମୃତ୍ୟୁ ☞ପୃଷ୍ଠା–୪

# ଭାରତରେ ଖେଳିବାକୁ ମନାକଲା ବାଂଲାଦେଶ

**ଟି୨୦ ବିଶ୍ୱକପ୍**

**ଢାକା, ୪।୧(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ନିର୍ଦ୍ଦେଶକ୍ରମେ ବାଂଲାଦେଶ ପେସ୍ ବୋଲର ମୁସ୍ତାଫିଜୁରଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରୁ ବିଦା କରିବାର ଦିନକ ପରେ ଏନେଇ ବାଂଲାଦେଶ ତରଫରୁ ପାଲଟା ଜବାବ ଦିଆଯାଇଛି। ଦେଶର କ୍ରୀଡ଼ା ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ଆସନ୍ତା ମାସରେ ଭାରତରେ ଟି୨୦ କ୍ରିକେଟ ବିଶ୍ୱକପ୍ ଖେଳିବା ଲାଗି ଏହାର ଦଳ ପଠାଇବାକୁ ମନା କରିଦେଇଛି। ଭାରତରେ ଏହାର ଖେଳାଳିଙ୍କ ସୁରକ୍ଷା ନେଇ ବିସିବି ଉଦ୍‌ବେଗ ପ୍ରକାଶ କରିବା ସହ ପଡ଼ୋଶୀ ଦେଶରେ ଖେଳାଯିବାକୁ ଥିବା ଏହାର ଲିଗ୍ ମ୍ୟାଚ୍‌ଗୁଡ଼ିକୁ ଶ୍ରୀଲଙ୍କା ସ୍ଥାନାନ୍ତର କରିବା ଲାଗି ବାଂଲାଦେଶ କ୍ରିକେଟ ବୋର୍ଡ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ନିକଟରେ ଫେରାଦ ହୋଇଛି। ଏହାର କିଛି ଘଣ୍ଟା ପରେ ବିସିବି ଟୁର୍ନାମେଣ୍ଟ ପାଇଁ ଲିଟନ ଦାସଙ୍କ ଅଧିନାୟକତ୍ୱରେ ୧୫ ଜଣିଆ ଦଳ ଘୋଷଣା କରିଛି। ବାଂଲାଦେଶ ଏହାର ୪ଟି ଲିଗ୍ ମ୍ୟାଚ୍ ମଧ୍ୟରୁ ତିନୋଟି ୱେଷ୍ଟଇଣ୍ଡିଜ(ଫେବୃଆରୀ–୭), ଇଟାଲୀ(ଫେବୃଆରୀ–୯) ଓ ଇଂଲଣ୍ଡ (ଫେବୃଆରୀ ୧୪) ବିପକ୍ଷରେ କୋଲ୍‌କାତାଠାରେ ଏବଂ ନେପାଳ ବିପକ୍ଷରେ ଶେଷ ମ୍ୟାଚ୍ ମୁମ୍ବାଇରେ ଫେବୃଆରୀ ୧୭ରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ଫେବୃଆରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଏହି ଲୋକପ୍ରିୟ ଟି୨୦ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରୁଛନ୍ତି। ନିକଟରେ ଆୟର୍ଲାଣ୍ଡ ବିପକ୍ଷ ସିରିଜ୍‌ରେ ଖେଳି ନ ଥିବା ତସ୍କିନ ଅହମଦ ମଧ୍ୟ ଦଳକୁ ଫେରିଛନ୍ତି। ସେ ଓ ମୁସ୍ତାଫିଜୁର ଦଳର ପେସ୍ ଆକ୍ରମଣ ସମ୍ଭାଳିବେ। ବିସିସିଆଇର ନିର୍ଦ୍ଦେଶକ୍ରମେ ଆଇପିଏଲ୍ ଫ୍ରାଞ୍ଚାଇଜ୍ କୋଲକାତା ନାଇଟ ରାଇଡର୍ସ(କେକେଆର) ଶନିବାର ମୁସ୍ତାଫିଜୁରଙ୍କୁ ଦଳୁ ବାଦ୍ ଦେଇଛି। ଖେଳାଳି ନିଲାମ ବେଳେ ମୁସ୍ତାଫିଜୁରଙ୍କ ବେସ୍ ପ୍ରାଇସ୍ ୨ କୋଟି ଟଙ୍କା ଥିଲା। ନିଲାମି ବେଳେ କିନ୍ତୁ ଏହି ଖେଳାଳିଙ୍କୁ ନେବା ପାଇଁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଲାଗିଥିଲା। ଶେଷରେ କେକେଆର ତାଙ୍କୁ ୯.୨୦ କୋଟି ଟଙ୍କାରେ କ୍ରୟ କରିଥିଲା। ବିସିସିଆଇର ଏକ ସୂତ୍ରରୁ ପ୍ରକାଶ, ଟୁର୍ନାମେଣ୍ଟ ଆଉ ମାତ୍ର ଗୋଟିଏ ମାସ ବାକି ରହିଥିବାରୁ ବର୍ତ୍ତମାନ ପରିସ୍ଥିତିରେ ମ୍ୟାଚ୍ ସ୍ଥାନାନ୍ତର ସମ୍ଭବପର ନୁହେଁ। ସୂଚନାଯୋଗ୍ୟ, ନିକଟରେ ବାଂଲାଦେଶରେ ଜଣେ ହିନ୍ଦୁଙ୍କୁ ହତ୍ୟା କରାଯିବା ପରେ ସେ ଦେଶରେ ବାସ କରୁଥିବା ସଂଖ୍ୟାଲଘୁଙ୍କ ସୁରକ୍ଷା ନେଇ ଭାରତ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲା। ଏହି ପ୍ରସଙ୍ଗରେ କେକେଆର ସହମାଲିକ ତଥା ବଲିଉଡ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କୁ ସମାଲୋଚନା କରାଯାଇଥିଲା। ବର୍ତ୍ତମାନର ପରିସ୍ଥିତିରେ ମୁସ୍ତାଫିଜୁରଙ୍କୁ କେକେଆର ଦଳରେ ସାମିଲ କରାଯିବାକୁ ନେଇ ଭାଜପାର କେତେଜଣ ନେତାଦଳରେ ସାମିଲ କରାଯିବାକୁ ନେଇ ପ୍ରଶ୍ନ ମଧ୍ୟ ଉଠାଇଥିଲେ।






ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ବିରୋଧରେ ରବିବାର ବେଙ୍ଗାଲୁରୁରେ ସୋସିଆଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ) ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଘୋଷ୍ଟ ସିମ୍‌କାର୍ଡ ବ୍ୟବହାର କରୁଥିଲେ ଆତଙ୍କବାଦୀ

**ଲାଲ୍‌କିଲ୍ଲା ବିସ୍ଫୋରଣ**

**ପାକିସ୍ତାନୀ ପରିଚାଳକଙ୍କ ସହ ଯୋଗାଯୋଗ କରୁଥିଲେ**

ଶ୍ରୀନଗର/ନୂଆଦିଲ୍ଲୀ,୪।୧(ପି.ଟି.)

ନୂଆଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ଗତ ନଭେମ୍ବର ୧୦ରେ ଘଟିଥିବା ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ହ୍ୱାଇଟ୍‌କଲାର ଟେରର ମଡ୍ୟୁଲକୁ ନେଇ ତଦନ୍ତ ଜାରି ରହିଛି। ଉଚ୍ଚଶିକ୍ଷିତ ଡାକ୍ତରମାନେ ପାକିସ୍ତାନୀ ପରିଚାଳକମାନଙ୍କ ସହ ଯୋଗାଯୋଗ ପାଇଁ ଅତ୍ୟାଧୁନିକ ଘୋଷ୍ଟ ସିମ୍‌କାର୍ଡ (ଜାଲ୍ ପରିଚୟ ଥିବା ବେଆଇନ ସିମ୍ କାର୍ଡ)ର ଡ୍ୱେବ୍ ଏବଂ ଏନ୍‌କ୍ରିପ୍ଟେଡ୍ ଆପ୍ ବ୍ୟବହାର କରୁଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି। ଆତଙ୍କବାଦୀମାନେ ତଦନ୍ତକାରୀଙ୍କ ନଜରରୁ ବର୍ତ୍ତିବା ପାଇଁ ଅନେକ ମୋବାଇଲ୍ ଫୋନ୍ ବ୍ୟବହାର କରୁଥିଲେ। ହ୍ୱାଟ୍ସଆପ୍, ଟେଲିଗ୍ରାମ୍ ଏବଂ ସିଗ୍‌ନାଲ ଭଳି ଆପ୍ ଭିତ୍ତିକ ଯୋଗାଯୋଗ ସେବା ପାଇଁ ଫୋନ୍‌ରେ ଆକ୍ଟିଭ୍ ଏବଂ ଫିଜିକାଲ ସିମ୍ ସହ କ୍ରମାଗତ ଲିଙ୍କ୍ ଜରୁରୀ ବୋଲି ଗତବର୍ଷ ନଭେମ୍ବର ୨୮ରେ ଟେଲିକମ୍ ବିଭାଗ ନିର୍ଦ୍ଦେଶନାମା ଜାରି କରିଥିଲେ। ବିସ୍ଫୋରଣ ମାମଲାରେ ଗିରଫ ହୋଇଥିବା ଡାକ୍ତର ମୁଜାମିଲ୍ ଗନାଇ, ଆଦିଲ ରାଠେର ଓ ଅନ୍ୟମାନେ ଜାଲ୍ ସିମ୍‌କାର୍ଡ ବ୍ୟବହାର କରୁଥିଲେ ବୋଲି ଜଣାପଡ଼ିଛି। ବିସ୍ଫୋରଣ ଘଟାଇବା ସହ ପ୍ରାଣ ହରାଇଥିବା ଡା. ଉମର-ଉନ୍ ନବି ୨ରୁ ୩ଟି ମୋବାଇଲ ଫୋନ୍ ବ୍ୟବହାର କରୁଥିଲେ। ନିଜର ବ୍ୟକ୍ତିଗତ ଯୋଗାଯୋଗ ଓ ପେସାଦାରି ବ୍ୟବହାର ପାଇଁ ସେ ନିଜ ନାମରେ ପଞ୍ଜୀକୃତ ହୋଇଥିବା ଫୋନ୍ ବ୍ୟବହାର କରୁଥିବାବେଳେ ପାକିସ୍ତାନୀ ହ୍ୟାଣ୍ଡଲରଙ୍କ ସହ ହ୍ୱାଟ୍ସଆପ୍ ଏବଂ ଟେଲିଗ୍ରାମରେ ଯୋଗାଯୋଗ ପାଇଁ ଟେରର ଫୋନ୍ ବ୍ୟବହାର କରୁଥିଲେ। ପାକିସ୍ତାନୀ ହ୍ୟାଣ୍ଡଲରମାନେ ଉକାସ, ଫୈଜନ ଏବଂ ହାଶମିଙ୍କ କୋଡ୍ ନାମରେ ପରିଚିତ ଥିଲେ। ଏକ ନିର୍ଦ୍ଦିଷ୍ଟ ର୍‍ୟାକେଟ ଜାଲ୍ ଆଧାର କାର୍ଡରେ ସିମ୍ ଇସ୍ୟୁ କରୁଥିଲା ବୋଲି ଜମ୍ମୁ-କଶ୍ମୀର ପୋଲିସ ଜାଣିବାକୁ ପାଇଛି।

# ପରବର୍ତ୍ତୀ ଟାର୍ଗେଟ କ୍ୟୁବା, ମେକ୍ସିକୋ, କଲମ୍ବିଆ: ଟ୍ରମ୍ପ୍

**ସମସ୍ୟା ସୃଷ୍ଟିକାରୀ ଦେଶ ସମଦଶା ଭୋଗିବେ**

ୱାଶିଂଟନ,୪।୧

ଆମେରିକା ଭେନେଜୁଏଲା ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏହାର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ସ୍ତ୍ରୀ ସିଲିଆ ଫ୍ଲୋରେସ୍‌ଙ୍କୁ ନାର୍କୋ ଟେରରିଜମ୍ ଅଭିଯୋଗର ବିଚାର ପାଇଁ ନିଜ ଦେଶକୁ ନେଇଯାଇଛି। ମାଦୁରୋଙ୍କୁ କ୍ଷମତାଚ୍ୟୁତ କରାଯାଇଥିବା ଆମେରିକା ଦାବି କରିଛି। ଏବେ ଭେନେଜୁଏଲାକୁ ଆମେରିକା ସାମୟିକ ଭାବେ ଶାସନ କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଥିଲାବେଳେ ସମସ୍ୟା ସୃଷ୍ଟି କରୁଥିବା ଅନ୍ୟ ପଡୋଶୀମାନେ ମଧ୍ୟ ଅନୁରୂପ ଦଶା ଭୋଗିପାରନ୍ତି ବୋଲି ଚେତାବନୀ ଦେଇଛନ୍ତି। ଭେନେଜୁଏଲା ନିଶାଦ୍ରବ୍ୟ ଉତ୍ପାଦନ କରିବା ସହ ଉତ୍ପାଦନକାରୀମାନଙ୍କୁ ସୁରକ୍ଷା ଦେଉଥିଲା ଏବଂ ନିଶାଦ୍ରବ୍ୟ ପ୍ରେରଣ କରି ଆମେରିକୀୟମାନଙ୍କ ଜୀବନ ନଷ୍ଟ କରୁଥିଲା ବୋଲି ଟ୍ରମ୍ପ୍ ଅଭିଯୋଗ କରିଛନ୍ତି। ସେଥିପାଇଁ ଭେନେଜୁଏଲା ଉପରେ କାର୍ଯ୍ୟାନୁଷ୍ଠାନ ଯଥାର୍ଥ ବୋଲି


ଡୋନାଲ୍ଡ ଟ୍ରମ୍ପ୍

ସେ ଦର୍ଶାଇଛନ୍ତି। ଏବେ ମେକ୍ସିକୋ, କ୍ୟୁବା ଏବଂ କଲମ୍ବିଆ ବିରୋଧରେ କିଛି କରିବାକୁ ହେବ ବୋଲି ଟ୍ରମ୍ପ୍ କହିଛନ୍ତି। ମେକ୍ସିକୋକୁ ଏହାର ରାଷ୍ଟ୍ରପତି କ୍ଲାଉଡିଆ ଶେଇନ୍‌ବମ୍ ଶାସନ କରୁନାହାନ୍ତି, ବରଂ ପ୍ରଭାବଶାଳୀ ନିଶା ବ୍ୟବସାୟୀମାନେ ଚଳାଉଛନ୍ତି। ତେଣୁ ମେକ୍ସିକୋ ଉପରେ କିଛି ହେବାକୁ ଯାଉଥିବା ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି। କ୍ୟୁବା ସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଅନୁରୂପ ମନ୍ତବ୍ୟ ଦେବା ସହ ଏହାକୁ ଏକ ବିଫଳ ରାଷ୍ଟ୍ର ବୋଲି କହିଛନ୍ତି। କଲମ୍ବିଆକୁ ସମାଲୋଚନା କରି ଟ୍ରମ୍ପ୍ କହିଛନ୍ତି, ଏହି ଦେଶ ଅନ୍ୟୂନ ୩ଟି ବୃହତ୍ କୋକେନ୍ ଫ୍ୟାକ୍ଟ୍ରିକୁ ଚଳାଉଛି। କଲମ୍ବିଆ ରାଷ୍ଟ୍ରପତି ଗୁଷ୍ଟାଭୋ ପେଟ୍ରୋ କୋକେନ୍ ତିଆରି କରି ଆମେରିକା ପଠାଉଥିବା ଟ୍ରମ୍ପ୍ କହିଛନ୍ତି।

## ତୁରନ୍ତ ମାଦୁରୋ, ତାଙ୍କ ସ୍ତ୍ରୀଙ୍କୁ ମୁକ୍ତ କର

**ଆମେରିକାକୁ କହିଲା ଚାଇନା**

ବେଜିଂ,୪।୧(ପି.ଟି.)

ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ତୁରନ୍ତ ମୁକ୍ତ କରିବା ସହ ଆଲୋଚନା ଓ ବୁଝାମଣା ଜରିଆରେ ଉକ୍ତ ପ୍ରସଙ୍ଗର ସମାଧାନ କରିବାକୁ ଚାଇନା ରବିବାର ଆମେରିକାକୁ ଆହ୍ୱାନ ଦେଇଛି। ରାଷ୍ଟ୍ରପତି ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ଆମେରିକା ବଳପୂର୍ବକ କବ୍‌ଜା କରି ନିଜ ଦେଶକୁ ନେଇଯିବା ଘଟଣାରେ ଚାଇନା ଗଭୀର ଉଦ୍‌ବେଗ ପ୍ରକାଶ କରିଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଏହା ଅନ୍ତର୍ଜାତୀୟ ଆଇନ, ଅନ୍ତର୍ଜାତୀୟ ସମ୍ପର୍କର ମୌଳିକ ନିୟମାବଳୀ ଏବଂ ଜାତିସଂଘ ଘୋଷଣାପତ୍ରର ଉଦ୍ଦେଶ୍ୟ ଓ ସିଦ୍ଧାନ୍ତର ସ୍ପଷ୍ଟ ଉଲ୍ଲଂଘନ। ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କ ବ୍ୟକ୍ତିଗତ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ସେମାନଙ୍କୁ ଶୀଘ୍ର ଛାଡ଼ିଦେବା ଏବଂ ଭେନେଜୁଏଲା ସରକାର ନ ଭାଙ୍ଗିବା ପାଇଁ ବେଜିଂ ଆମେରିକାକୁ କହିଛି। ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣକୁ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ଶନିବାର ନିନ୍ଦା କରିଥିଲା। ଏହା ଆଧିପତ୍ୟବାଦୀ କାର୍ଯ୍ୟ ଏବଂ ଅନ୍ତର୍ଜାତୀୟ ଆଇନର ଗୁରୁତର ଉଲ୍ଲଂଘନ ବୋଲି ମନ୍ତ୍ରଣାଳୟ କହିଥିଲା।

ମାଦୁରୋଙ୍କୁ ଆମେରିକା କବ୍‌ଜା କରିବା ଘଟଣାକୁ ନେଇ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ମଧ୍ୟ ଚିନ୍ତାବ୍ୟକ୍ତ କରିଛନ୍ତି। ଏହା ଏକ ବିପଜ୍ଜନକ ଦୃଷ୍ଟି ସୃଷ୍ଟି କରିବ ବୋଲି ସେ କହିଛନ୍ତି।

## ଆକ୍ରମଣ ଚିନ୍ତାଜନକ: ଭାରତ

ନୂଆଦିଲ୍ଲୀ,୪।୧(ପି.ଟି.)

ଭେନେଜୁଏଲା ଉପରେ ଆମେରିକା ଆକ୍ରମଣ କରି ଏହାର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ସ୍ତ୍ରୀଙ୍କୁ ଗିରଫ କରିନେବା ଗଭୀର ଚିନ୍ତାର ବିଷୟ ବୋଲି ଭାରତ ରବିବାର କହିଛି। ତୈଳ ସମୃଦ୍ଧ ଏହି ଦକ୍ଷିଣ ଆମେରିକୀୟ ଦେଶର ସ୍ଥିତି ଉପରେ ନୂଆଦିଲ୍ଲୀ ତୀକ୍ଷ୍ଣ ନଜର ରଖିଛି। ଉକ୍ତ ଅଞ୍ଚଳରେ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଆଲୋଚନା ଜରିଆରେ ସ୍ଥିତିର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ନୂଆଦିଲ୍ଲୀ ଆହ୍ୱାନ ଦେଇଛି। ଭେନେଜୁଏଲା ଜନସାଧାରଣଙ୍କ କୁଶଳ ପାଇଁ ଭାରତ ସମର୍ଥନ ଜାରି ରଖିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ନିଶା ଚୋରା କାରବାର ଅଭିଯୋଗରେ ମାଦୁରୋ ବିଚାରର ସମ୍ମୁଖୀନ ହେବେ। ଆମେରିକାର କାର୍ଯ୍ୟକୁ ଭେନେଜୁଏଲା ନିନ୍ଦା କରିବା ସହ ଦେଶରେ ଜାତୀୟ ଜରୁରୀ ସ୍ଥିତି ଘୋଷଣା କରିଛି।

## ନାବାଳିକାଙ୍କୁ ଗଣବଳାତ୍କାର: ୩ ଗିରଫ

ବେଙ୍ଗାଲୁରୁ,୪।୧

କର୍ଣାଟକର ହୁବ୍‌ଲିରେ ଜଣେ ୧୩ ବର୍ଷୀୟା ବାଳିକାଙ୍କୁ ୩ ଜଣ ନାବାଳକ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନଙ୍କ ବୟସ ୧୪ରୁ ୧୫ ବର୍ଷ ମଧ୍ୟରେ ଓ ସେମାନେ ନାବାଳିକାଙ୍କ ଘର ପାଖରେ ରହୁଥିଲେ ବୋଲି ପୋଲିସ କହିଛି। ନାବାଳିକାଙ୍କ ମା'ବାପା ଘରେ ନ ଥିଲାବେଳେ ଅଭିଯୁକ୍ତମାନେ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇଯାଇ ଗଣବଳାତ୍କାର କରିଥିଲେ। ୩ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କ ବିରୋଧରେ ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍‌ସୋ) ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ଯୌନ ନିର୍ଯାତନା ବେଳର ଭିଡିଓ ରେକର୍ଡ କରିଥିବା ଦାବି କରିବା ସହ ତାଙ୍କୁ ଧମକ ଦେଇଥିଲେ ବୋଲି ନାବାଳିକାଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଅଭିଯୁକ୍ତମାନଙ୍କ ମୋବାଇଲ ଫୋନ୍ ଜବତ କରିବା ସହ ତଦନ୍ତ ଚଳାଇଛି।

## ଗ୍ରୀସ୍‌ର ସବୁ ଏୟାରପୋର୍ଟରେ ବିମାନ ଚଳାଚଳ ସ୍ଥଗିତ

ଏଥେନ୍ସ,୪।୧

ରେଡିଓ ଫ୍ରିକ୍ୱେନ୍ସିରେ ବାଧା ଯୋଗୁ ରବିବାର ଗ୍ରୀସ୍‌ର ସମସ୍ତ ଏୟାରପୋର୍ଟରେ ବିମାନ ଚଳାଚଳକୁ ସ୍ଥଗିତ ରଖାଯାଇଛି। ଏନେଇ ଗ୍ରୀକ୍ ସରକାରୀ ଟିଭି ଏବଂ ବିମାନ ଚଳାଚଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଦେଶବ୍ୟାପୀ ବିମାନ ଚଳାଚଳ ବନ୍ଦ ହୋଇଯିବାରୁ ଗ୍ରୀସ୍‌ର ଆକାଶ ବିମାନଶୂନ୍ୟ ହୋଇଯାଇଥିଲା। କ'ଣ ପାଇଁ ରେଡିଓ ଫ୍ରିକ୍ୱେନ୍ସି ବିଫଳ ହେଲା ଜଣାପଡ଼ି ନ ଥିବାବେଳେ ତାହାର ତଦନ୍ତ ଜାରି ରହିଛି। ସ୍ଥାନୀୟ ସମୟ ପୂର୍ବାହ୍ନ ୯ଟାରୁ ସାରା ଗ୍ରୀସ୍‌ରେ ବିମାନ ଉଡ଼ାଣ ଓ ଅବତରଣକୁ ବନ୍ଦ କରିଦିଆଯାଇଥିବା ସରକାରୀ ଗଣମାଧ୍ୟମ ଇଆର୍‌ଟି ରିପୋର୍ଟ କରିଛି।

## ଆରାବଲୀରେ ବେଆଇନ ଖଣି ଖନନ ବିରୋଧରେ ଚଢ଼ାଉ ଜୋର୍‌ଦାର

ଜୟପୁର,୪।୧

ଆରାବଲୀ ପର୍ବତମାଳାର କ୍ଷତିଗ୍ରସ୍ତ ପରିବେଶର ସୁରକ୍ଷା ଏବଂ ବେଆଇନ ଖଣି ଖନନ ରୋକିବା ପାଇଁ ରାଜସ୍ଥାନ ସରକାର ରାଜ୍ୟ ମଧ୍ୟରେ ଚଢ଼ାଉକୁ ଜୋର୍‌ଦାର କରିଛନ୍ତି। ଆରାବଲୀ ଅଞ୍ଚଳରେ ୧୦୦ ମିଟରରୁ ଅଧିକ ଉଚ୍ଚତାକୁ ପର୍ବତମାଳା ବିବେଚନା କରାଯିବ ବୋଲି ପୂର୍ବରୁ କେନ୍ଦ୍ର ସରକାର ସୁପାରିସ କରିଥିବାବେଳେ ଏହାକୁ ରାଜସ୍ଥାନରେ ଜୋର୍‌ଦାର ବିରୋଧ କରାଯାଇଥିଲା। ସରକାରଙ୍କ ନୂଆ ସଂଜ୍ଞା କାର୍ଯ୍ୟକାରୀ ହେଲେ ୧୦୦ ମିଟରରୁ କମ୍ ଉଚ୍ଚତା ମଧ୍ୟରେ ଆସୁଥିବା ଆରାବଳୀର ୯୦ ଭାଗ ଅଞ୍ଚଳରେ ଖଣି ଖନନ ଓ ନିର୍ମାଣ କାର୍ଯ୍ୟ ପାଇଁ ଅନୁମତି ମିଳିବ। ଫଳରେ ଏହି ପର୍ବତମାଳାର ଜୈବ ବିବିଧତା ଧ୍ୱଂସ ପାଇଯିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ବ୍ୟକ୍ତ କରିଥିଲେ। ବିଭିନ୍ନ ମହଲରୁ ତୀବ୍ର ବିରୋଧ ପରେ ସୁପ୍ରିମକୋର୍ଟ ତାଙ୍କ ନିର୍ଦ୍ଦେଶନାମା ପ୍ରତ୍ୟାହାର କରିନେଇଥିଲେ। ସେବେଠାରୁ ରାଜ୍ୟର ଖଣି ବିଭାଗ, ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ ଜାରି ରହିଛି। ଗତ ୨ ଦିନରେ ଜୟପୁର ଏବଂ ଅଲଓ୍ୱର ଜିଲାରେ ବେଆଇନ ଖଣି ଖନନ ସହ ସମ୍ପୃକ୍ତ ଅନେକ ଡଜନ ଗାଡ଼ିକୁ ଜବତ କରାଯିବା ସହ ଅପରାଧୀଙ୍କ ବିରୋଧରେ ଅନେକ ମାମଲା ରୁଜୁ ହୋଇଛି।

## ପଶ୍ଚିମବଙ୍ଗ: ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ୬ ପୋଲିସ ଆହତ

କୋଲକାତା,୪।୧

ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଅନ୍ତର୍ଗତ ସନ୍ଦେଶଖାଲି ଅଞ୍ଚଳରେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ୬ ଜଣ ପୋଲିସ ଆହତ ହେବା ସହ ଅନେକ ପୋଲିସ ଗାଡ଼ି ଭାଙ୍ଗିଯାଇଛି। ପୋଲିସ ତୃଣମୂଳ କଂଗ୍ରେସର ଜଣେ ସ୍ଥାନୀୟ ନେତାଙ୍କ ଘରେ ଚଢ଼ାଉ କରିବାକୁ ଯାଇଥିବାବେଳେ ଲୋକଙ୍କ ଆକ୍ରୋଶର ଶିକାର ହୋଇଛି। ଏହି ଘଟଣାରେ ୯ ଜଣଙ୍କୁ ଗିରଫ କରାଯାଇଛି। ଖବର ଅନୁଯାୟୀ, ବୋୟେରମାରି ଗ୍ରାମର ମୁସା ମୋଲ୍ଲା ଜଳାଶୟଗୁଡ଼ିକୁ ଜବରଦଖଲ କରି ଚିଙ୍ଗୁଡ଼ିଚାଷ ଚଳାଇଥିବାରୁ ତାଙ୍କୁ ଗିରଫ କରିବା ପାଇଁ ନଜାତ ଥାନା ଟିମ୍ ଯାଇଥିଲେ। ସେମାନେ ମୁସାଙ୍କୁ ପୋଲିସ ଭ୍ୟାନ୍‌ରେ ବସାଇବା ପରେ ଗ୍ରାମବାସୀ ଟେକାମାଡ଼ କରିବାରୁ ଗାଡ଼ି ଭାଙ୍ଗିବା ସହ ୬ ଜଣ ପୋଲିସ ଆହତ ହୋଇଛନ୍ତି।

## ୮୫% ମାନସିକ ରୋଗୀ ଠିକ୍ ସମୟରେ ଚିକିତ୍ସା ପାଉନାହାନ୍ତି

ନୂଆଦିଲ୍ଲୀ,୪।୧(ପି.ଟି.)



ଭାରତରେ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାରେ କ୍ରମାଗତ ଭାବେ ଉଚ୍ଚ ବ୍ୟବଧାନ ରହିଆସିଥିବା ନେଇ ଇଣ୍ଡିଆନ୍ ସାଇକିଆଟ୍ରିକ୍ ସୋସାଇଟି (ଆଇପଏସ୍) ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ମାନସିକ ଅସଙ୍ଗତିରେ ପୀଡ଼ିତ ପ୍ରାୟ ୮୦ରୁ ୮୫ ପ୍ରତିଶତ ଲୋକ ଠିକ୍ ସମୟରେ ଉପଯୁକ୍ତ ଯତ୍ନ ପାଇପାରୁ ନାହାନ୍ତି। ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ଉନ୍ନତ ଚିକିତ୍ସା ଏବଂ ସଚେତନତା ବୃଦ୍ଧି ସତ୍ତ୍ୱେ ମାନସିକ ରୋଗରେ ପୀଡ଼ିତ ଅଧିକାଂଶ ଲୋକ ଆନୁଷ୍ଠାନିକ ଚିକିତ୍ସା ବ୍ୟବସ୍ଥାରୁ ଦୂରେଇ ରହିଛନ୍ତି। ଜାତୀୟ ମାନସିକ ସ୍ୱାସ୍ଥ୍ୟ ସର୍ଭେ ତଥ୍ୟ ଅନୁଯାୟୀ, ବିଶ୍ୱରେ ଭାରତ ସର୍ବାଧିକ ଚିକିତ୍ସା ବ୍ୟବଧାନର ସମ୍ମୁଖୀନ ହୋଇଛି। ୮୫ ପ୍ରତିଶତରୁ ଅଧିକ ଲୋକ ସାଧାରଣ ମାନସିକ ଅସଙ୍ଗତିରେ ପୀଡ଼ିତ ଥିବା ସତ୍ତ୍ୱେ ଚିକିତ୍ସା ପାଉନାହାନ୍ତି। ବିଶ୍ୱ ସ୍ତରରେ ଏହି ହାର ୭୦ ପ୍ରତିଶତରୁ ଅଧିକ ରହିଛି। ନିମ୍ନ ଆୟକାରୀ ଦେଶରେ ୧୦ ପ୍ରତିଶତରୁ କମ୍ ଲୋକ ବାସ୍ତବରେ ଆବଶ୍ୟକ ଚିକିତ୍ସା ପାଇଥାନ୍ତି। ସବୁଠୁ ଜନବହୁଳ ଦେଶ ଭାରତରେ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ଭିତ୍ତିଭୂମି ସୀମିତ ରହିଛି।

# ନିର୍ଦ୍ୱନ୍ଦ୍ୱ ବିଜୟକୁ ରଦ୍ଦ କରିବାକୁ ଉଦ୍ଧବଙ୍କ ଦାବି



ଉଦ୍ଧବ ଠାକ୍‌ରେ ଓ ରାଜ ଠାକ୍‌ରେ ମିଳିତ ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରୁଛନ୍ତି।

**ମହାରାଷ୍ଟ୍ର ପୌର ନିର୍ବାଚନ**

ମୁମ୍ବାଇ,୪।୧

ମହାରାଷ୍ଟ୍ର ପୌର ନିର୍ବାଚନ ହେବାକୁ ଯାଉଥିବାବେଳେ ଶାସକ ଦଳର ଅଧିକାଂଶ ପ୍ରାର୍ଥୀଙ୍କୁ ବିଭିନ୍ନ ୱାର୍ଡରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷଣା କରାଯାଇଛି। ସେହି ବିଜୟ ଘୋଷଣାକୁ ରଦ୍ଦ କରିବା ସହ ସାନି ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବାକୁ ଶିବସେନା (ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଦାବି କରିଛନ୍ତି। ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଅଧ୍ୟକ୍ଷ ରାଜ ଠାକ୍‌ରେଙ୍କ ସହ ଏକ ମିଳିତ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ଉଦ୍ଧବ ଅଭିଯୋଗ କରିଛନ୍ତି, ଦେଶରେ ଗଣତନ୍ତ୍ର ସ୍ଥାନରେ ଭିଡ଼ତନ୍ତ୍ର ସ୍ଥାପନ କରାଯାଇଛି। ମୁମ୍ବାଇ ପୌର ନିର୍ବାଚନ ପୂର୍ବରୁ ଉଦ୍ଧବ ଓ ରାଜ ରବିବାର ସେମାନଙ୍କ ମେଣ୍ଟର ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରିଛନ୍ତି। ମରାଠୀ ପରିଚୟକୁ ନିଶ୍ଚୟ ସମ୍ମାନ ଦେବାକୁ ହେବ। ମୁମ୍ବାଇ ଏବଂ ମହାରାଷ୍ଟ୍ରର ଅନ୍ୟ ସହରଗୁଡ଼ିକର ମେୟର ମରାଠୀ ହେବେ ବୋଲି ସେ କହିଛନ୍ତି। ଦୀର୍ଘ ୨୦ ବର୍ଷ ପରେ ରାଜ ଠାକ୍‌ରେ ରବିବାର ଶିବସେନା ଭବନରେ ପ୍ରବେଶ କରିଛନ୍ତି। ତାଙ୍କୁ ଜେଲରୁ ମୁକ୍ତ ହେଲା ଭଳି ଲାଗୁଛି ବୋଲି ରାଜ ଏହି ଅବସରରେ କହିଛନ୍ତି।

## ମାହି ଭିଜ୍, ଜୟ ଭାନୁଶାଲୀଙ୍କ ଛାଡ଼ପତ୍ର

ନୂଆଦିଲ୍ଲୀ,୪।୧

ଅଭିନେତ୍ରୀ ମାହି ଭିଜ୍ ଏବଂ ଅଭିନେତା ଜୟ ଭାନୁଶାଲୀ ସେମାନଙ୍କ ବିବାହ ବିଚ୍ଛେଦ ସମ୍ପର୍କରେ ସୋସିଆଲ ମିଡିଆ ଜରିଆରେ ଘୋଷଣା କରିଛନ୍ତି। ସେମାନେ ଏକାଠି ନିଜ ପିଲାମାନଙ୍କର ଲାଳନପାଳନ କରିବେ ବୋଲି କହିଛନ୍ତି। ରବିବାର ଉଭୟ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ମିଳିତ ନୋଟ୍ ଶେୟାର କରି କହିଛନ୍ତି, ସେମାନଙ୍କ କାହାଣୀରେ କେହି ଖଳନାୟକ ନାହାନ୍ତି। ସେମାନଙ୍କ ନିଷ୍ପତ୍ତି ସହ କୌଣସି ନକାରାତ୍ମକତା ଯୋଡ଼ି ହୋଇନାହିଁ। ଆଜି ଆମେ ଆମ ଜୀବନ ଯାତ୍ରାରୁ ଦୂରେଇଯିବାକୁ ନିଷ୍ପତ୍ତି ନେଇଛୁ। ତଥାପି ଆମେ ପରସ୍ପରକୁ ସହାୟତା ଜାରି ରଖିବୁ। ଶାନ୍ତି, ଅଭିବୃଦ୍ଧି, ଦୟା ଓ ମାନବୀୟତା ସବୁବେଳେ ଆମର ମାର୍ଗଦର୍ଶକ ମୂଲ୍ୟବୋଧ ହୋଇ ରହିଆସିଛି। ସୂଚନାଯୋଗ୍ୟ, ୪୩ ବର୍ଷୀୟ ଭିଜ୍ ଏବଂ ୪୧ ବର୍ଷୀୟ ଭାନୁଶାଳୀ ୨୦୧୧ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସେମାନଙ୍କର ୩ଟି ପିଲା ଅଛନ୍ତି। ଖୁସି ଏବଂ ରାଜବୀରକୁ ସେମାନେ ୨୦୧୭ରେ ପୋଷ୍ୟ ଭାବେ ଗ୍ରହଣ କରିଥିବାବେଳେ ୨୦୧୯ରେ ତାରା ଜନ୍ମ ହୋଇଥିଲେ। ଆମେ ସେମାନଙ୍କର ସବୁଠୁ ଭଲ ମା'ବାପା ଓ ବନ୍ଧୁ ହୋଇ ରହିବୁ ବୋଲି ଉଭୟ ଉକ୍ତ ମିଳିତ ନୋଟ୍‌ରେ କହିଛନ୍ତି।



# ଅନିଶ୍ଚିତତାରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ପୋଷାକ ତିଆରି ୟୁନିଟ୍

## ନିଯୁକ୍ତି ଚିନ୍ତାରେ ଅଞ୍ଚଳର ଯୁବତୀଯୁବକ

ରାୟଗଡ଼ା,୪।୧
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଅନ୍ତର୍ଗତ କଂସାରିଗୁଡ଼ାଠାରେ ଉତ୍କଳ ଆଲୁମିନା ସୋସିଆଲ ଫାଉଣ୍ଡେଶନ ଦ୍ୱାରା ଆଦିତ୍ୟ ଆଲୁମିନା ବିଶୋଧନାଗାର (ରିଫାଇନେରି) ଏବଂ ପୋଷାକ ତିଆରି ୟୁନିଟ୍ ନିର୍ମାଣ ଏବେ ଅନିଶ୍ଚିତତା ଭିତରେ ରହିଛି। ଉକ୍ତ ୟୁନିଟ୍ ନିର୍ମାଣ ପାଇଁ ୨୦୨୩ ଡିସେମ୍ବର ୨୨ ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଭର୍ଚୁଆଲ ମାଧ୍ୟମରେ ଭୂମିପୂଜା କରାଯାଇଥିଲା। ଭୂମିପୂଜାର ୨ ବର୍ଷ ବିତିଗଲାଣି ହେଲେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଅନ୍ୟପଟେ ଲୋକେ ଜମି ଦେଇ କାମ ନ ପାଇ ଆର୍ଥିକ ଦୁରବସ୍ଥା ଭୋଗୁଥିବା ଅଭିଯୋଗ କରିଛନ୍ତି।

ଆଦିତ୍ୟ ଆଲୁମିନା ବିଶୋଧନାଗାର (ରିଫାଇନେରି) ଏବଂ ପୋଷାକ ତିଆରି ୟୁନିଟ୍ ନିର୍ମାଣ ପାଇଁ ୨୦୦୬ରୁ ଜମି ଅଧିଗ୍ରହଣ ହୋଇଥିଲା। ଏଭଳିକି ୨୦୧୪ରେ ହୋଇଥିବା ଆର୍‌ପିଡିଏସି ବୈଠକରେ ତତ୍କାଳୀନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ମନ୍ତ୍ରୀ, ରାଜସ୍ୱ ଆୟୁକ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ଆରମ୍ଭ ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ଏହା ପରଠାରୁ କୌଣସି କାର୍ଯ୍ୟ ଆରମ୍ଭ ହୋଇ ନ ଥିଲା। ଏହାର ପ୍ରତିବାଦରେ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ଅଞ୍ଚଳବାସୀଙ୍କ ସହ ମିଶି ରାସ୍ତାରୋକୋ କରିବା ପରେ ୨୦୨୩ରେ ଭୂମିପୂଜନ ହୋଇଥିଲା। ହେଲେ ଇତିମଧ୍ୟରେ ୨ ବର୍ଷ ବିତିଯାଇଥିଲେ ସୁଦ୍ଧା ପୋଷାକ ତିଆରି ୟୁନିଟ୍‌ର ଏଯାବତ୍ ଫାଉଣ୍ଡେଶନ ପଡ଼ି ନ ଥିବା ଜଣାପଡ଼ିଛି। ବାରମ୍ବାର ଦାବି ପରେ ବି କୌଣସି ସୁଫଳ ମିଳୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଜମି ଅଧିଗ୍ରହଣ କରିବାର ଦୀର୍ଘ ୧୮ବର୍ଷ ବିତିଗଲାଣି, ହେଲେ କମ୍ପାନୀ କିଛି କାର୍ଯ୍ୟକ୍ଷମ କରୁନାହିଁ। କମ୍ପାନୀ କେବଳ ନିଜର ଇନ୍‌ଫ୍ରାଷ୍ଟ୍ରକ୍ଚର ନିର୍ମାଣ କରିବାରେ ବ୍ୟସ୍ତ ରହିଛି। ଆଦିତ୍ୟ ଆଲୁମିନା ଏଠାରେ ପୋଷାକ ତିଆରି ୟୁନିଟ୍ କରିବ କି ନାହିଁ ସନ୍ଦେହ ସୃଷ୍ଟି ହୋଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଆର୍‌ପିଡିଏସି ବୈଠକ ଡକାଯାଇ ସେମାନଙ୍କ ସମସ୍ୟା ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଶନିବାର ରାୟଗଡ଼ା ଉପଜିଲାପାଳ ରମେଶ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିସ୍ଥାପିତ ଓ ପ୍ରଭାବିତ ଅଞ୍ଚଳବାସୀ ପୋଷାକ ତିଆରି ୟୁନିଟ୍ କାର୍ଯ୍ୟକ୍ଷମ, ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଓ କମ୍ପାନୀରେ ଅଂଶଧନ ପାଇଁ ଦାବି କରିଥିଲେ। ବୈଠକ ପରେ ଏ ସମ୍ପର୍କରେ ଉପଜିଲାପାଳ ରମେଶ ଜେନାଙ୍କୁ ପଚାରିବାରୁ ଏହି ପୋଷାକ ତିଆରି ୟୁନିଟ୍‌ରେ ଅଞ୍ଚଳର ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିବ ଏବଂ ପ୍ରାୟ ୬୦ରୁ ୭୦ଜଣ ଭୁବନେଶ୍ୱର ଆପାରେଲ ଟ୍ରେନିଂ ପାଇଁ ଯାଇଛନ୍ତି ବୋଲି ସେ କହିଛନ୍ତି।

ପ୍ରକାଶ ଥାଉକି, ଏହି ରିଫାଇନେରି ପାଇଁ କମ୍ପାନୀ ୮ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗରେ ବାର୍ଷିକ ୨ ନିୟୁତ ଟନ୍ ଆଲୁମିନା ଉତ୍ପାଦନ ହେବ ବୋଲି ଭୂମିପୂଜନ ବେଳେ କମ୍ପାନୀ କର୍ତ୍ତୃପକ୍ଷ ଓ ତତ୍କାଳୀନ ରାଜ୍ୟ ସରକାର ସୂଚନା ଦେଇଥିଲେ। ସେହିଭଳି କଂସାରିଗୁଡ଼ା ନିକଟସ୍ଥ ଫୁଲଜୁବା ଗ୍ରାମ ନିକଟରେ ପ୍ରାୟ ୨୫ ଏକର ଜମିରେ ପୋଷାକ ତିଆରି କାରଖାନା ସ୍ଥାପନ କରାଯିବ। ଏଥିରେ ବାର୍ଷିକ ୩୬ଲକ୍ଷ ଶାର୍ଟ ତିଆରି ହେବ। କାରଖାନାରେ ଅଞ୍ଚଳର ୩ ହଜାର ଯୁବତୀଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି କୁହାଯାଇଥିଲା। ହେଲେ ପୋଷାକ ତିଆରି ୟୁନିଟ୍ ନିର୍ମାଣ ଏବେ ଅନିଶ୍ଚିତତା ଭିତରେ ରହିଛି ବୋଲି ଅଞ୍ଚଳବାସୀ କହିଛନ୍ତି।


ଆଦିତ୍ୟ ଆଲୁମିନା ବିଶୋଧନାଗାର ଏବଂ ପୋଷାକ ତିଆରି ୟୁନିଟ୍ ନିର୍ମାଣ ପାଇଁ କଂସାରିଗୁଡ଼ାଠାରେ ଅଧିଗ୍ରହଣ ହୋଇଥିବା ଜମି।

# ନିଯୁକ୍ତି ପରୀକ୍ଷା ତ୍ରୁଟିକୁ ବରଦାସ୍ତ କରାଯିବ ନାହିଁ: ମୁଖ୍ୟ ଶାସନ ସଚିବ

■ ବିଭାଗୀୟ ଅର୍ଥ ଖର୍ଚ୍ଚକୁ ତ୍ୱରାନ୍ୱିତ କର

■ ୨୯ରେ ଆସିବେ ବିଶ୍ୱବ୍ୟାଙ୍କ ପ୍ରେସିଡେଣ୍ଟ

ଭୁବନେଶ୍ୱର,୪।୧
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ବଜେଟରେ ଯେଉଁ ଅର୍ଥ ଭିତ୍ତିଭୂମି ତଥା କାର୍ଯ୍ୟକ୍ରମ ବାବଦରେ ରଖାଯାଉଛି ତାହାକୁ ତ୍ୱରିତ ଭାବରେ ଖର୍ଚ୍ଚ କର। ଏହାସହିତ ଇଂଲିଶ ନୂଆବର୍ଷଠାରୁ ଯେତେସବୁ ବିଭାଗୀୟ ନିଯୁକ୍ତି ପରୀକ୍ଷା ହେବ, ସେଥିରେ ଯେଭଳି କୌଣସି ତ୍ରୁଟି ନ ହେବ ସେଥିପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମସ୍ତ ସଚିବଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜାନୁଆରୀ ପହିଲାରେ ଲୋକସେବା ଭବନରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ଅଦ୍ୟାବଧି ଯେଉଁସବୁ ବିଭାଗର କମ୍ ଖର୍ଚ୍ଚ ହୋଇଛି ତାହା କିଭଳି ତ୍ୱରାନ୍ୱିତ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦିଅ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ଗର୍ଗ ଉନ୍ନୟନ ଆୟୁକ୍ତ ଏବଂ ଅର୍ଥ ବିଭାଗ ପ୍ରମୁଖ ସଚିବଙ୍କୁ ଏକ ବିଶେଷ ପରାମର୍ଶ ଦେଇଛନ୍ତି। ମୁଖ୍ୟ ସଚିବ କହିଛନ୍ତି, ରାଜ୍ୟର ପ୍ରମୁଖ ୧୦ଟି ବିଭାଗର ଖର୍ଚ୍ଚ କେତେ ହୋଇଛି ଏବଂ ଏହା କିଭଳି ଆଗକୁ ତ୍ୱରାନ୍ୱିତ ହୋଇପାରିବ ତାହାକୁ ନିୟମିତ ଭାବେ ସମୀକ୍ଷା କରିବେ। ସେହିପରି ଜାନୁଆରୀ ୨୯ରେ ବିଶ୍ୱବ୍ୟାଙ୍କ ପ୍ରେସିଡେଣ୍ଟ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଶିଳ୍ପ ବିଭାଗ ସ୍ୱତନ୍ତ୍ର ପ୍ରସ୍ତୁତି କରିବାର ଆବଶ୍ୟକତା ରହିଛି। ଏହାସହ ଜାନୁଆରୀ ୨୬ରେ ହେବାକୁଥିବା ସାଧାରଣତନ୍ତ୍ର ଦିବସ ଲାଗି ପ୍ରସ୍ତୁତି କରିବାକୁ ମୁଖ୍ୟ ସଚିବ ପରାମର୍ଶ ଦେଇଛନ୍ତି।

ମୁଖ୍ୟ ସଚିବ ସମସ୍ତ ବିଭାଗକୁ ଏକ ବିଶେଷ ନିର୍ଦ୍ଦେଶ ଜାରି କରି କହିଛନ୍ତି, ଏଣିକି କୌଣସି ବିଭାଗର ନିଯୁକ୍ତି ପରୀକ୍ଷାବେଳେ ଯେପରି ତ୍ରୁଟିବିଚ୍ୟୁତି ଦେଖା ନ ଦେବ ସେଥିପ୍ରତି ଗୁରୁତ୍ୱ ଦିଅ। ଯଦି କୌଣସି ପରିସ୍ଥିତିରେ ପରୀକ୍ଷା ବେଳେ ପ୍ରଶ୍ନପତ୍ର ଲିକ୍ କିମ୍ବା ଅନ୍ୟାନ୍ୟ ଅଭିଯୋଗ ଆସିବ ତାକୁ ସରକାର ବରଦାସ୍ତ କରିବେ ନାହିଁ। ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ସାଧାରଣ ପ୍ରଶାସନ ଏବଂ ଗୃହ ବିଭାଗ ନେବାକୁ ମୁଖ୍ୟ ସଚିବ କହିଛନ୍ତି। ସେହିପରି ପ୍ରତ୍ୟେକ ବିଭାଗର ସଚିବମାନେ କାର୍ଯ୍ୟାଳୟରେ ଆଇଟି ଭିତ୍ତିଭୂମି କିଭଳି ସୁଦୃଢ଼ ହେବ, ସେଥିପ୍ରତି ଗୁରୁତ୍ୱ ଦେବେ। ଯାହାଦ୍ୱାରା କାର୍ଯ୍ୟରେ ସ୍ୱଚ୍ଛତା, ଦକ୍ଷତା ରହିବା ସହ ସାଧାରଣ ଲୋକେ ଉତ୍ତମ ସେବା ପାଇପାରିବେ।

ବୈଠକର ସୂଚନା ଅନୁଯାୟୀ, ଭିତ୍ତିଭୂମି ତଥା କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚରେ ପ୍ରାୟ ୧୦ଟି ବିଭାଗ ପଛରେ ପଡ଼ିଛି। ସେଥିମଧ୍ୟରେ ଯୁବ ଓ କ୍ରୀଡ଼ା ବିଭାଗର ଖର୍ଚ୍ଚ ସବୁଠାରୁ ନୈରାଶ୍ୟଜନକ। ଏହି ବିଭାଗ ୨୦୨୪-୨୫ ଆର୍ଥିକ ବର୍ଷରେ ୯.୮୮ପ୍ରତିଶତ ଖର୍ଚ୍ଚ କରିଥିବାବେଳେ ୨୦୨୬-୨୭ରେ ମାତ୍ର ୫.୬୭ପ୍ରତିଶତ ଡିସେମ୍ବର ୨୦୨୫ ସୁଦ୍ଧା ଖର୍ଚ୍ଚ କରିଛି। ସେହିପରି ଇସ୍ପାତ ଓ ଖଣି ବିଭାଗ ୭.୭୨ ପ୍ରତିଶତ ଖର୍ଚ୍ଚ କରିଥିବାବେଳେ ସାଧାରଣ ଉଦ୍ୟୋଗ ୩.୫୫% ଖର୍ଚ୍ଚ କରିଛି। ସରକାରଙ୍କ ନିୟମ ଅନୁଯାୟୀ, ଡିସେମ୍ବର ସୁଦ୍ଧା ବଜେଟରେ ପ୍ରାବଧାନ ହୋଇଥିବା ଟଙ୍କାର ୬୦ପ୍ରତିଶତ ଅର୍ଥ ଖର୍ଚ୍ଚ ହେବାକଥା। ଏହି ଦୃଷ୍ଟିରୁ ବିପର୍ଯ୍ୟୟ ଓ ପରିଚାଳନା ବିଭାଗ ସର୍ବାଧିକ ୯୯.୧୪ପ୍ରତିଶତ ଖର୍ଚ୍ଚ କରିଥିବାବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ୭୮.୬୯ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛି। ସେହିପରି ସରକାରଙ୍କ ଲକ୍ଷ୍ୟଧାର୍ଯ୍ୟଠାରୁ ଆଗରେ ମତ୍ସ୍ୟ ଓ ପଶୁସମ୍ପଦ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ୭୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ବଜେଟ ଅର୍ଥ ଖର୍ଚ୍ଚ କରିଥିବା ମୁଖ୍ୟ ଶାସନ ସଚିବଙ୍କ ବୈଠକରୁ ଜଣାପଡ଼ିଛି।


ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପରିବେଶବିତ୍ ମାନେକା ଗାନ୍ଧୀ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ଶ୍ରୀମନ୍ଦିର କମାଣ୍ଡର-ସୁରକ୍ଷାକର୍ମୀ ହାତାହାତି

■ ପ୍ରୋଟୋକଲ ଦର୍ଶନକୁ ନେଇ ଉତ୍ତେଜନା

■ କିଛି ସମୟ ବନ୍ଦ ରହିଲା ଧାଡ଼ିଦର୍ଶନ

ପୁରୀ,୪।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ରବିବାର ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ସାତପାହାଚ ପୂର୍ବରୁ କୀର୍ତ୍ତନ ଚକଡ଼ାଠାରେ ଶ୍ରୀମନ୍ଦିର କମାଣ୍ଡର ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପାଟିତୁଣ୍ଡକୁ ନେଇ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ବ୍ୟାରିକେଡ଼୍‌ରେ ସୁରକ୍ଷାକର୍ମୀଙ୍କ ପ୍ରୋଟୋକଲ୍ ଦର୍ଶନକୁ ଶ୍ରୀମନ୍ଦିର କମାଣ୍ଡର ବିରୋଧ କରିଥିଲେ। ଏହାକୁ ନେଇ କିଛି ସମୟ ଧରି ଯୁକ୍ତିତର୍କ ଓ ଠେଲାପେଲା ସ୍ଥିତି ଉପୁଜିଥିଲା। ଏପରିକି ଶ୍ରୀମନ୍ଦିର କମାଣ୍ଡରଙ୍କୁ ସ୍ୱତନ୍ତ୍ର ସୁରକ୍ଷାକର୍ମୀ ଧକ୍କା ମାରିବା ସହ ଗାଳିମନ୍ଦ କରିଥିଲେ। ଏହାକୁ ସେବକମାନେ ନାପସନ୍ଦ କରି ବିରୋଧ କରିଥିଲେ। ଫଳରେ ସେବକ ଓ ସ୍ୱତନ୍ତ୍ର ସୁରକ୍ଷାକର୍ମୀଙ୍କ ମଧ୍ୟରେ ମଧ୍ୟ ଯୁକ୍ତିତର୍କ ହୋଇଥିଲା। ଏଥିଯୋଗୁ ସକାଳଧୂପ ପରେ ସାତପାହାଚ ଧାଡ଼ି ଦର୍ଶନ କିଛି ସମୟ ପାଇଁ ବନ୍ଦ ରହିଥିଲା। ପ୍ରଶାସନର ହସ୍ତକ୍ଷେପ ପରେ ଦର୍ଶନ ସ୍ୱାଭାବିକ ହୋଇଥିଲା। ଶ୍ରୀମନ୍ଦିର କମାଣ୍ଡର ସୁଧାଂଶୁ ଶେଖର ପଟ୍ଟନାୟକ କହିଛନ୍ତି, କୀର୍ତ୍ତନ ଚକଡ଼ାରେ ୯ଟି ବ୍ୟାରିକେଡ୍ ରହିଛି। ତେବେ ରବିବାର ପୂର୍ବାହ୍ନରେ ୭ଟି ଭକ୍ତଙ୍କ ପାଇଁ ଖୋଲାଥିଲା। ସ୍ୱତନ୍ତ୍ର ସୁରକ୍ଷା କର୍ମୀଙ୍କ ଲୋକଙ୍କ ପ୍ରୋଟୋକଲ ଦର୍ଶନ ବନ୍ଦ ହୋଇଯିବାକୁ ନେଇ କମାଣ୍ଡର ଓ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି ସମୟରେ ତାଙ୍କୁ ସ୍ୱତନ୍ତ୍ର ସୁରକ୍ଷା ବାହିନୀର କର୍ମଚାରୀ ଆକ୍ରମଣ କରିଥିବା ପଟ୍ଟନାୟକ ଅଭିଯୋଗ ଆଣିଛନ୍ତି।

# ମିନିବସ୍-ପିକ୍‌ଅପ୍ ଭ୍ୟାନ ଧକ୍କା: ୩୦ରୁ ଊର୍ଦ୍ଧ୍ୱ ଆହତ

## ୭ ବ୍ରହ୍ମପୁର ସ୍ଥାନାନ୍ତର

ଦିଗପହଣ୍ଡି,୪।୧(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି-ଟିକିଟି ମୁଖ୍ୟରାସ୍ତାର ଖଟିପିଟିଆ ଗ୍ରାମ ନିକଟରେ ରବିବାର ସକାଳ ୯ଟାରେ ଯାତ୍ରୀବାହୀ ମିନିବସ୍ ସହ ଏକ ଶୁଖୁଆ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ୪ ଓ ୭ ବର୍ଷର ଶିଶୁ ରହିଛନ୍ତି। ୭ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଦିଗପହଣ୍ଡିରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

ଖବରରୁ ଜଣାପଡିଛି, ଦିଗପହଣ୍ଡିରୁ ଟିକିଟି ଅଭିମୁଖେ ୪୦ ଜଣ ଯାତ୍ରୀଙ୍କୁ ଧରି ଯାଉଥିବା ମିନିବସ୍ (ନଂ. ଓଆର୦୭ଜେ- ୩୩୩୮)କୁ ଟିକିଟିରୁ ଦିଗପହଣ୍ଡି ଅଭିମୁଖେ ଶୁଖୁଆ ବୋଝେଇ କରି ଆସୁଥିବା ପିକ୍‌ଅପ୍‌ଭ୍ୟାନ୍ (ନଂ. ଓଡ଼ି୧୭ ଏଏଫ-୮୨୦୭) ଖଟିପିଟିଆ ଗ୍ରାମ ନିକଟରେ ଧକ୍କା ଦେଇ ରାସ୍ତା ଉପରେ ଓଲଟି ପଡିଥିଲା। ଏନେଇ ସୂଚନା ପାଇ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯାତ୍ରୀ ଭାସ୍କର ସେଠୀ (୭୦), ଲିଙ୍ଗରାଜ ଗୌଡ଼ (୮୦), ରାଜେଶ ସାହୁ (୭), ହୃଷୀକେଶ ଦାସ (୫୪), ବନ୍ଦନା ବେହେରା (୨୧), ପୂର୍ଣ୍ଣଚନ୍ଦ୍ର ପାତ୍ର (୩୯), ରଶ୍ମିତା ବାଡ଼ତ୍ୟା (୪୦), ମମତା ପାତ୍ର (୩୨), ଶିବ ପୂଜାରୀ(୪), ହେମନ୍ତ ପୂଜାରୀ (୧୯)ଙ୍କ ସମେତ ଅନ୍ୟ ଆହତମାନଙ୍କୁ ଉଦ୍ଧାରକରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ୭ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଏହି ଖବର ପାଇ ବ୍ରହ୍ମପୁର ଏମକେସିଜିରେ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, ଜିଲାପାଳ ଭି. କିର୍ତ୍ତୀ ଭାସନ, ବ୍ରହ୍ମପୁର ଉପ ଜିଲାପାଳ ଅବିନାଶ କୁମାର, ବ୍ରହ୍ମପୁର ବିଧାୟକ ସିଦ୍ଧାନ୍ତ ମହାପାତ୍ର ଏମକେସିଜିରେ ପହଞ୍ଚି ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ସେମାନଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଗୁରୁତରଙ୍କୁ ୩୦ ହଜାର ଟଙ୍କା ଓ ସାମାନ୍ୟ ଆହତଙ୍କୁ ୨୦ ହଜାର ଟଙ୍କା ସହାୟତା ରେଡକ୍ରସ ପାଣ୍ଠିରୁ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଟିକିଟିରୁ ଦିଗପହଣ୍ଡିକୁ କୌଣସି ସରକାରୀ ବସ୍ ଯାତାୟାତ କରୁ ନ ଥିବାରୁ ମିନି ବସ୍‌ଗୁଡିକରେ ଛିଡା ହୋଇ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀମାନେ ଯାତାୟାତ କରୁଛନ୍ତି। ଦୁର୍ଘଟଣାପରେ ଆହତ ଯାତ୍ରୀ ଦିଗପହଣ୍ଡି ଡାକ୍ତରଖାନାରେ ପହଞ୍ଚିବାବେଳକୁ ଜଣେ ଦନ୍ତ ଚିକିତ୍ସକ ଥିଲେ। ଏହି ଡାକ୍ତରଖାନାରେ ୮ଜଣ ଡାକ୍ତର ନିଯୁକ୍ତି ହୋଇଥିବା ବେଳେ ଜରୁରୀ ସମୟରେ ଜଣେ ମାତ୍ର ଡାକ୍ତର ଡିୟୁଟିରେ ରହିଥିବା ଦେଖିବାକୁ ମିଳିଥିଲା। ଫଳରେ ଏହାକୁ ନେଇ କିଛି ସମୟ ପାଇଁ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉକ୍ତ ଅଞ୍ଚଳରେ ସରକାରୀ ବସ୍ ଚଳାଚଳ ପାଇଁ ସାଧାରଣରେ ଦାବି ହେଉଛି।



ଦୁର୍ଘଟଣା ଘଟାଇ ରାସ୍ତା ଉପରେ ଓଲଟି ପଡିଥିବା ପିକ୍‌ଅପ୍‌ଭ୍ୟାନ୍ ।

# ପଦୋନ୍ନତିରେ ଅନିୟମିତତା ପ୍ରସଙ୍ଗରେ ହେବ ତଦନ୍ତ

## ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଗଠନ କଲା ୫ଜଣିଆ ତଦନ୍ତ କମିଟି

ଭୁବନେଶ୍ୱର,୪।୧
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ହସ୍ତତନ୍ତ,ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗରେ ଅଧିକାରୀଙ୍କ ପଦୋନ୍ନତି କ୍ଷେତ୍ରରେ ହୋଇଥିବା ଅନିୟମିତତା ଅଭିଯୋଗକୁ ଆଧାରକରି ବିଭାଗ ପକ୍ଷରୁ ତଦନ୍ତ କମିଟି ଗଠନ କରାଯାଇଛି। ଏନେଇ ଜାନୁଆରୀ ୨ରେ ବିଭାଗୀୟସଚିବଙ୍କ ନିର୍ଦ୍ଦେଶକ୍ରମେ ଉପସଚିବ ଏକ ତଦନ୍ତ କମିଟି ଗଠନ କରିଛନ୍ତି। ସେଥିରେ ଉପସଚିବ ଦର୍ଶାଇଛନ୍ତି ଯେ, ବିଭାଗରେ କାର୍ଯ୍ୟରତ ଦେବଜିତ ନନ୍ଦୀ(ଯୁଗ୍ମନିର୍ଦ୍ଦେଶକ-ବୟନଶିଳ୍ପ)ଙ୍କ କ୍ଷେତ୍ରରେ ହୋଇଥିବା ପଦୋନ୍ନତିରେ ଅନିୟମିତତାକୁ ନେଇ ଏକ ୫ଜଣିଆ ତଦନ୍ତ କମିଟି ଗଠନ କରାଯାଇଛି। କମିଟିରେ ବିଭାଗୀୟ ଅତିରିକ୍ତ ସଚିବ ପ୍ରତାପ ଚନ୍ଦ୍ର ହୋତା, ଇନ୍ଦିରା ବେହେରା(ସ୍ୱତନ୍ତ୍ର ଅଧିକାରୀ),ଏସ୍. ଏନ୍. ପଟ୍ଟନାୟକ(ଅତିରିକ୍ତ ନିର୍ଦ୍ଦେଶକ-ସେରିକଲଚର), ଆଶୁତୋଷ ମହାନ୍ତି(ଉପନିର୍ଦ୍ଦେଶକ) ଏବଂ ବିଶ୍ୱରଞ୍ଜନ ଥାନାପତି(ଡେସ୍କ ଅଫିସର) ରହିଛନ୍ତି। ଏହି କମିଟି ଆସନ୍ତା ୧୫ଦିନ ମଧ୍ୟରେ ଘଟଣାର ଅନୁସନ୍ଧାନ କରି ଅବଗତ କରାଇବାକୁ ଉପସଚିବ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ ଯେ, ବିଭାଗରେ ବିଭିନ୍ନ ପଦବିରେ ପଦୋନ୍ନତି ବେଳେ ଅନିୟମିତତା ହୋଇଥିବା ନେଇ କେତେକ ଅଭିଯୋଗ ଆସିଥିଲା। ଏ ସଂକ୍ରାନ୍ତରେ ୨୦୨୫ ଏପ୍ରିଲ ୧୧ରେ 'ଧରିତ୍ରୀ'ରେ ଏକ ସ୍ୱତନ୍ତ୍ର ରିପୋର୍ଟ ପ୍ରକାଶ ପାଇଥିଲା।

# ଇ-ଡେସ୍‌ପାଚ୍‌କୁ ଅଣଦେଖା: ଇଆଇଟି ବିଭାଗର ତାଗିଦ୍

## ଚିଠିଗୁଡ଼ିକ ବ୍ୟକ୍ତିଗତ ଭାବେ ପଠାଯାଉଛି

ଯାଜପୁର,୪।୧
(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଇନଫର୍ମେଶନ ଟେକ୍ନୋଲୋଜି(ଇଆଇଟି) ବିଭାଗ ପକ୍ଷରୁ ଇ-ଡେସ୍‌ପାଚ୍‌ରେ ଚିଠିପତ୍ର ଆଦାନପ୍ରଦାନ ନୈରାଶ୍ୟଜନକ ବୋଲି ସ୍ୱୀକାର କରାଯାଇଛି। ଏହିମର୍ମରେ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ ଏବଂ ବିଭାଗୀୟ ଅତିରିକ୍ତ ସଚିବମାନଙ୍କୁ ତାଗିଦ କରାଯାଇଛି। ଏନେଇ ବିଭାଗୀୟ ଅନୁସଚିବ ତ୍ରିଲୋଚନ ପ୍ରଧାନ ଗତ ଡିସେମ୍ବର ୧୭ରେ ଦେଇଥିବା ଚିଠିରେ ଦର୍ଶାଇଛନ୍ତି, ବିଭିନ୍ନ ବିଭାଗ ଏବଂ ସେମାନଙ୍କର ଅଧୀନ କାର୍ଯ୍ୟାଳୟ/ଜିଲାପାଳଙ୍କ ଦ୍ୱାରା ଇ-ପ୍ରେରଣ ସିଷ୍ଟମ୍‌କୁ ଇଆଇଟି ବିଭାଗ ଦ୍ୱାରା ନିରନ୍ତର ତଦାରଖ କରାଯାଉଛି। ସରକାରୀ ଯୋଗାଯୋଗ ପାଇଁ ଏହି ବ୍ୟବସ୍ଥା ଗ୍ରହଣ କରିବା ଉତ୍ସାହଜନକ ହେଲେ ମଧ୍ୟ ଦେଖାଯାଉଛି ଯେ, ଚିଠିଗୁଡ଼ିକ ଏବେ ବି ସାର୍ବଜନୀନ ବଦଳରେ ବ୍ୟକ୍ତିଗତ ମୋଡ୍‌ରେ ପଠାଯାଉଛି। ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ବିଭାଗୀୟ ଅଧସ୍ତନ କାର୍ଯ୍ୟାଳୟଗୁଡ଼ିକରୁ ସାର୍ବଜନୀନ ମୋଡ୍‌ରେ ଇ-ଡେସ୍‌ପାଚ୍ ସିଷ୍ଟମ୍‌କୁ ଦକ୍ଷତାର ସହିତ ବ୍ୟବହାର କରିବାକୁ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫର୍ମେଶନ ଟେକ୍ନୋଲୋଜି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ବିଭାଗର ନିର୍ଦ୍ଦେଶ ଉପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି ରଶ୍ମିରଞ୍ଜନ ରାଉତ ଡିସେମ୍ବର ୨୨ରେ ଅନୁରୂପ ଭାବେ ଇ-ଡେସ୍‌ପାଚ୍‌କୁ ଅଧିକରୁ ଅଧିକ ଭାବେ ବ୍ୟବହାର କରିବାକୁ କଟକ ବୋର୍ଡ ଅଫ ରେଭିନ୍ୟୁର ସଚିବଙ୍କ ସମେତ ସମସ୍ତ ଆରଡିସି, ଜିଲାପାଳ, ଉପଜିଲାପାଳ, ତହସିଲଦାର ପ୍ରମୁଖ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଧରିତ୍ରୀରେ ଗତ ୧୭।୧୧।୨୦୨୫ରେ ଇ-ଡେସ୍‌ପାଚ୍‌କୁ ଡର ଶୀର୍ଷକ ସବିଶେଷ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇବା ପରେ ସରକାରଙ୍କ ପକ୍ଷରୁ ଏଭଳି ତତ୍ପରତା ପ୍ରକାଶ ପାଇଥିବା ସୂଚନା ମିଳିଛି।

ଦୁର୍ନୀତି ବିରୋଧରେ ରାଜ୍ୟ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ଯୋଗୁ ଭିଜିଲାନ୍ସ ବିଭାଗ ସକ୍ରିୟ ହୋଇଛି। ରାଜ୍ୟରେ ୨୦୨୫ରେ ସମୁଦାୟ ୪୮୮ କେସ୍‌ର ଫଇସଲା ହୋଇଥିବାବେଳେ ସେଥିମଧ୍ୟରୁ ୧୭୩ଟି ଆୟ ବହିର୍ଭୂତ ସମ୍ପତ୍ତିଜନିତ ମାମଲାର ଫଇସଲା ହୋଇସାରିଛି। ଏହି ସଫଳତା ଗତ ୨୦ ବର୍ଷର ଇତିହାସକୁ ପଛରେ ପକାଇ ଏକ ରେକର୍ଡ ସୃଷ୍ଟି କରିପାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ପ୍ରକାଶ କରିଛନ୍ତି। ହେଲେ ଯାଜପୁର ଜିଲାରେ ଏଭଳି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଏଯାଏ ହୋଇନାହିଁ। ବରଂ ଦୁର୍ନୀତିର ଘଣ୍ଟଘୋଡାଇବାକୁ ଯାଇ ଯାଜପୁର ଜିଲାର ସମସ୍ତ କାର୍ଯ୍ୟାଳୟର ଇ-ଡେସ୍‌ପାଚ୍‌କୁ ଅଚଳ କରି ଦିଆଯାଇଛି। କୌଣସି ଅଧିକାରୀ, ଯନ୍ତ୍ରୀ, କର୍ମଚାରୀ, ଠିକାଦାର, ଖଣି ଓ ଶିଳ୍ପସଂସ୍ଥା କର୍ତ୍ତୃପକ୍ଷ ପ୍ରମୁଖଙ୍କ ବିରୋଧରେ ହେଉଥିବା ବିଭିନ୍ନ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଇ-ଡେସ୍‌ପାଚ୍ କିମ୍ବା ଏହାର ସିଟିଜେନ ଲେଟର ସିଷ୍ଟମ୍‌କୁ ଦକ୍ଷତାର ସହିତ ବ୍ୟବହାର କରାଯାଉନାହିଁ। ଏପରି କି ଜିଲାବାସୀଙ୍କ ପକ୍ଷରୁ ବିଭିନ୍ନ ଆପତ୍ତି, ଅଭିଯୋଗ ଓ ଏହାର ପଦକ୍ଷେପ ସଂକ୍ରାନ୍ତରେ ଲୁଚାଇ ରଖାଯାଉଛି। ବର୍ତ୍ତମାନ ଧାନ ସଂଗ୍ରହ ସମୟ ଚାଲିଥିବାବେଳେ ସମବାୟ ବିଭାଗରେ ଯାଜପୁର ଏଆରସିଏସ୍ ସିଷ୍ଟମ ଗତ ମେ ମାସ ୨୩ ତାରିଖରୁ ଅଚଳ ହୋଇ ପଡିଛି। ରାଜ୍ୟରେ ପ୍ରଦୂଷଣ ବଢୁଥିବାବେଳେ କଳିଙ୍ଗନଗର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ଇ-ଡେସ୍‌ପାଚ୍‌ରେ ଚିଠିପତ୍ର ଆଦାନ ପ୍ରଦାନ ହେଉନାହିଁ। ସେହିଭଳି ଯାଜପୁର ଜିଲାର ଅନ୍ୟ ସମସ୍ତ ବିଭାଗର ଇ-ଡେସ୍‌ପାଚ୍ ବ୍ୟବହାର ନୈରାଶ୍ୟଜନକ ରହିଛି।

ବାଲେଶ୍ୱର ଜିଲାର ମନୋରଞ୍ଜନ ବେହେରା ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରିଥିବା ଅଭିଯୋଗ ଅନୁସାରେ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଇ-ଡେସ୍‌ପାଚ୍ ପୋର୍ଟାଲ ବ୍ୟବହାର କରିବାକୁ ବାଧ୍ୟତାମୂଳକ କରାଯାଇଛି। ତଥାପି ଅନେକ କାର୍ଯ୍ୟାଳୟ ଦ୍ୱାରା ପ୍ରାୟତଃ ପାଳନ ହେଉ ନ ଥିବା ଯୋଗୁ ଏହି ବ୍ୟବସ୍ଥାର ଉଦ୍ଦେଶ୍ୟ ବିଫଳ ହେଉଛି। ଏହି ପୋର୍ଟାଲ ରକ୍ଷଣାବେକ୍ଷଣ ଏବଂ ଅପ୍‌ଗ୍ରେଡ୍ କରିବା ପାଇଁ ନିରନ୍ତର ବିପୁଳ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ କୌଣସି ସଂଶୋଧନମୂଳକ ପଦକ୍ଷେପ ନିଆଯାଇନାହିଁ ଏବଂ ସାର୍ବଜନୀନ ପ୍ରେରଣ ରେକର୍ଡ ଦୃଷ୍ଟିରୁ ପୋର୍ଟାଲ ପ୍ରାୟତଃ ଅପହଞ୍ଚ ରହିଛି। ଅର୍ଥ ଏବଂ ଏସ୍‌ଏସ୍‌ଇପିଡି ଦ୍ୱାରା ପ୍ରଭାବଶାଳୀ ଏବଂ ସ୍ୱଚ୍ଛ ଭାବରେ ଇ-ଡେସ୍‌ପାଚ୍ ବ୍ୟବହାର ହେଉଥିବା ବେଳେ, ଅନ୍ୟ ପ୍ରାୟ ସମସ୍ତ ବିଭାଗ ଅନୌପଚାରିକ ଇମେଲ ଆଇଡି କିମ୍ବା ବିକଳ୍ପ ଚ୍ୟାନେଲ ମାଧ୍ୟମରେ ଯୋଗାଯୋଗ ପଠାଇବା ଜାରି ରଖିଛି। ଏହା ବାଧ୍ୟତାମୂଳକ ବ୍ୟବସ୍ଥାକୁ ଉଲ୍ଲଂଘନ କରିବା ସହ ସରକାରୀ ଯୋଗାଯୋଗରେ ସମାନତା, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ଉଦ୍ଦେଶ୍ୟକୁ ପରାହତ କରୁଛି ବୋଲି ସେ ଅଭିଯୋଗ କରିଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ କଟକ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୩ଟା।
- ନାରୀନେତ୍ରୀ ବୀଣାପାଣି ଦାସଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ଅପରାହ୍ନ ୫ଟା।
- ଗୁରୁ ଧୋବି ବେହେରା କଳା ସାହିତ୍ୟ ସଂସଦର ୧୬ତମ ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ଶ୍ରୀଜଗନ୍ନାଥଙ୍କ ୩୨ ବେଶ, ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା, ସ୍ଥାନ: . ସିଂଲା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୯ଟା।
- ପ୍ରଖ୍ୟାତ ଐତିହାସିକ ଡ. ମନ୍ମଥ ଦାସଙ୍କ ୧୦୩ତମ ଜୟନ୍ତୀ, ଚନ୍ଦନେଶ୍ୱର ଓ ଶଙ୍ଖାରୀରେ ସ୍ମାରକୀ ସ୍ଥଳ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସାଧାରଣ ସଭା, ଭୋଗରାଇ, ସମୟ: ସକାଳ ସାଢେ ୯ଟା।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାବୁ ଭାଇଜାନ ଚାମ୍ପିୟନ୍ସ ଟ୍ରଫି, ସ୍ଥାନ: ଦରଖୋଳି ଖେଳପଡିଆ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ଆଶାକର୍ମୀ ସଂଘର ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଧାନ ମଣ୍ଡି ଉଦ୍‌ଘାଟନୀ, ସ୍ଥାନ: ଭାଟପଡ଼ା, ବିଲଣା, ନରେନ୍ଦ୍ରପୁର, ବାରସର ସମବାୟ ସମିତି, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଥମ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ରହଣିଆ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ, ସ୍ଥାନ: ଚିଙ୍ଗୁଡ଼ିପୁର ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ଟା।
- ଭଦ୍ରକ ସାଂସ୍କୃତିକ ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ଷ୍ଟେଶନ ଆଥଲେଟିକ ଆସୋସିଏନ ପକ୍ଷରୁ ରୟାଲ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟେଶନବଜାର ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମକର ଖେଳ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ:ଚିତ୍ରଡ଼ା ତଳସାହି, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା ।

## ବ୍ରହ୍ମପୁର
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ଦିବ୍ୟଜୀବନ ସଂଘ, ଆଙ୍କୋଲି ଶାଖା, ସମୟ: ସନ୍ଧ୍ୟା ୬ଟା।
- ଜନଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ
- ଭାଜପା ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ, ସ୍ଥାନ: ଦାରିଙ୍ଗବାଡ଼ି ରାଣୀଦୁର୍ଗା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ ଟା।
- ଜନଜାତିଙ୍କ ପାରମ୍ପରିକ ସଂସ୍କୃତି, ପରମ୍ପରା ଓ ଜୀବନ ଜୀବିକା ସମ୍ପର୍କିତ ୨ ଦିନିଆ ଆଲୋଚନା ଚକ୍ର, ସ୍ଥାନ: ଦାରିଙ୍ଗବାଡ଼ି ଜାଗୃତି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ
- ଢେଙ୍କାନାଳ ଜିଲା ମହୋତ୍ସବ ପାଇଁ ମଶାଲ ପୂଜା, ସ୍ଥାନ: କପିଳାସ ପୀଠ, ସମୟ: ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ: ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ : ସରାଙ୍ଗ ସରସତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯.୪୫ ମିନିଟ।
- ପିଏମ ଶ୍ରୀ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ପରଜଙ୍ଗ ପିଏମ ଶ୍ରୀ ମହେଶ୍ଚନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପୀଠ, ସମୟ : ସକାଳ ୯ ଟା।

## ଜଗତ୍‌ସିଂହପୁର
- ସତ୍ୟାନନ୍ଦ ଟ୍ରଷ୍ଟ ପକ୍ଷରୁ ମେଧାବୃତ୍ତି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜନତା ନୋଡାଲ ହାଇସ୍କୁଲ, ଝିମାଣୀ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ ବନ୍ଦର ପାଇକାରୀ ସମବାୟ ଭଣ୍ଡାର ଲିଃ ପରିଚାଳନା ସମିତିର ସାଧାରଣ ବୈଠକ, ସ୍ଥାନ: ସମିତି କାର୍ଯ୍ୟାଳୟ, ନୁଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠା ଦିବସ, ସ୍ଥାନ: ସିଦ୍ଧ ମହାପୁରୁଷ ମଠ, ବାରୁଅ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: କଖାରୁଣୀ, ପଚ୍ଚାମୁଣ୍ଡାଇ, ସମୟ: ସକାଳ ୯ଟା।
- ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ବାବା ସଙ୍କଟମୋଚନଙ୍କ ବାର୍ଷିକ ମହାଯଜ୍ଞ, ସ୍ଥାନ: ବୀରସ୍ୱତୀ, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୫ଟା।

## ଯାଜପୁର
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ବାର୍ଷିକ ଉତ୍ସବ, ସ୍ଥାନ:କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ କଣ୍ଟିଲୋ, ସମୟ:ପୂର୍ବାହ୍ନ ୧୦ଟା ।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା ।
- ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ବ୍ଲକ ଜେମାଦେଇପୁର, ସମୟ:ମଧ୍ୟାହ୍ନ ୧୨. ୩୦ ।

## ରାୟଗଡ଼ା
- ପ୍ରଦୂଷଣ ମୁକ୍ତ ରାଲି ସହ ସଚେତନତା ବୈଠକ, ସ୍ଥାନ: ଡାଙ୍ଗସୋରଡା ଏସ୍‌ଏସ୍‌ଡି ସରକାରୀ ହାଇସ୍କୁଲ ପରିସର, ଚନ୍ଦ୍ରପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଜନରାଜ୍ୟ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଉପ ଜିଲାପାଳଙ୍କ ସଦ୍‌ଭାବନା ଗୃହ, ଗୁଣପୁର, ସମୟ: ଅପରାହ୍ନ ୪ ଟା।

## ନବରଙ୍ଗପୁର
- ବିଦ୍ୟାଳୟ ସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଜୁନାପାଣିସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଡାବୁଗାଁ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ ଟା।

## କୋରାପୁଟ
- ନୂଆଗାଁ ପଞ୍ଚାୟତ ଗ୍ରାମସଭା, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ନୂଆଗାଁ, ସମୟ: ସକାଳ ୯ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କୁଲାବିର ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ କୁନ୍ଦୁଲି, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଲିଟିଗୁଡା ପଞ୍ଚାୟତ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବୈପାରିଗୁଡ଼ା ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ବୈପାରିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାପାଳଙ୍କ ମିଳିତ ଜନଶୁଣାଣି, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଶୁଭାରମ୍ଭ, ସ୍ଥାନ: ରାଣୀଗୁଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ, ସ୍ଥାନ : ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶାର ଲୋକ ସାହିତ୍ୟ, ଲୋକ ସଂସ୍କୃତି , ଲୋକ ପର୍ବ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୦।
- ଡ. ସୁଶାନ୍ତ କୁମାର କର ଶ୍ରାଦ୍ଧ ବାର୍ଷିକୀ କାର୍ଯ୍ୟକ୍ରମ, ସ୍ଥାନ : କମଳି ବଜାର ପାଟଣେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପ, ସମୟ : ମଧ୍ୟାହ୍ନ ୧୨ଟା।
- ପଶ୍ଚିମ ଓଡ଼ିଶାର ଲୋକନାଟ୍ୟ ପରମ୍ପରା ଶୀର୍ଷକ ଆଲୋଚନା, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୨ଟା।
- ଲୋକ ମହୋତ୍ସବ ସମ୍ବଲପୁର –୨୦୨୬ର ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୫ଟା ୩୦।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟିର ନିର୍ଦ୍ଦେଶକ ଓ କଳାକାରଙ୍କ ବୈଠକ, ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଫ୍ରେଣ୍ଡସ୍ କ୍ଲବ୍‌ର ତୃତୀୟ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ୩୦।

## ରାଉରକେଲା
- ପାଣିପଞ୍ଚାୟତ ସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ଆଇଟିଡିଏ ହଲ, ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଦି ହ୍ୟୁମାନିଟି ଫାଉଣ୍ଡେଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର–୭ ଇସ୍ପାତ ସାହିତ୍ୟ ସଂସଦ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିମାନବନ୍ଦର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆର୍‌ଏମ୍‌ସି ଘେରାଉ କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ କଥା ପାରାୟଣ, ସ୍ଥାନ: ପାନପୋଷ ବସ୍ତି ରାମମନ୍ଦିର, ସମୟ: ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ଲୋକନାଟକ ମହୋତ୍ସବ–୨୦୨୬ର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ
- ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଚତୁର୍ଥ ଦିବସ, ସ୍ଥାନ:କଚେରି ଖେଳ ପଡ଼ିଆ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ଧାରଣା ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଗୁପ୍ତେଶ୍ୱର ବାବା ମନ୍ଦିରର ରତ୍ନମୁଦ ଉତ୍ସବ, ସ୍ଥାନ: ଖୁଣ୍ଟୁଲାଦରହ, କୁଞ୍ଜାପାଲି ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: କୁଞ୍ଜାପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୋନପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' ମାହେଶ୍ୱରୀ କ୍ରିକେଟ କପର ଉଦ୍ଘାଟନୀ ଉତ୍ସବ, ସ୍ଥାନ: ବିକଳପୁର,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଜୀବନ ଓ ମଙ୍ଗଲୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ସୁବଳୟା, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ବରଘାଟ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ୮ତମ ଜୟ ମା' ସୁନାଦେଇ କପ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସ ୨ୟ ଲିଗ ମ୍ୟାଚ,ସ୍ଥାନ: କୋମନା ବ୍ଲକ ସୁନାବେଡା କଣା ଭଏଁରା ଖେଳପଡିଆ, ସମୟ ସକାଳ: ୯ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ସଦଭାବନା ସଭାଗୃହ, ନୂଆପଡା ସମୟ: ପୂର୍ବାହ୍ନ ୧୦ ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ନୂଆପଡା ସଦର ବ୍ଲକ ଡୁମେରପାଣି ପଞ୍ଚାୟତ କାର୍ଯ୍ୟାଳୟ, ସମୟ ଅପରାହ୍ନ: ୩ ଟା।

## ଝାରସୁଗୁଡ଼ା
- ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, ବେହେରାମାଲ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମହୋତ୍ସବ ଦୁଲଦୁଲି କାର୍ଯ୍ୟକ୍ରମ, ସ୍ଥାନ:ବିଟିଏମ ପଡିଆ, ସମୟ:ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ପାଇବା ସହ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହେବେ। ଘର ଲୋକଙ୍କ ଅପେକ୍ଷା ପର ଲୋକଙ୍କ ସାହାଯ୍ୟ, ସହଯୋଗ ଅନୁଭୂତ ହେବ। କୃତ୍ତିକା ନକ୍ଷତ୍ର ପରିଜନଙ୍କ ସହ ଦୂରଯାତ୍ରା, ଗୃହାରମ୍ଭ ଏବଂ ବନ୍ଧୁସମ୍ପର୍କ କ୍ଷେତ୍ରରୁ ଶୁଭଫଳ ପାଇବେ। ନିରପେକ୍ଷ ନ୍ୟାୟ ପ୍ରଦାନ କରି ପ୍ରଶଂସିତ ହେବେ।

**ବୃଷ** – ପୂର୍ବବିବାଦକୁ କେନ୍ଦ୍ରକରି ସମ୍ପର୍କୀୟଭାଇ, ବନ୍ଧୁ ଆଦିଙ୍କ ସହ ସୁସମ୍ପର୍କ ରହି ନ ପାରେ। ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ବାକ୍‌ଯୁଦ୍ଧ ଲାଗିବାର ଆଶଙ୍କା ରହିଛି। ଆନୁଷ୍ଠାନିକ କାମରେ ବ୍ୟୟବୃଦ୍ଧି ହେତୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ମୃଗଶିରା ନକ୍ଷତ୍ର ଅଯଥା ଗୁଡ଼ାଏ ମୂଳହୀନ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି।

**ମିଥୁନ** – ପୁନର୍ବସୁ ନକ୍ଷତ୍ରର ଦୀର୍ଘଦିନାନ୍ତେ ଆରୋଗ୍ୟଲାଭ ସାଙ୍ଗକୁ ବନ୍ଧୁଙ୍କ ସ୍ନେହ, ସହାନୁଭୂତି ଲାଭକରି ଖୁସି ହେବେ। ପରିବାରରେ ସୁଖ, ଶାନ୍ତି ଫେରି ଆସିବ। ସରକାରୀ ସ୍ତରରୁ ଅର୍ଥ ସାହାଯ୍ୟ ଲାଭକରି ଋଣ ପରିଶୋଧ କରିବାରେ ସଫଳ ହେବେ। ବାଣିଜ୍ୟ, ବ୍ୟବସାୟ, କୁଟୀରଶିଳ୍ପ, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** – ନୂତନ କର୍ମନିଯୁକ୍ତି, ଶୁଭଖବର ଏବଂ ଆତ୍ମୀୟଙ୍କ ଆଦର ପାଇବାର ସୌଭାଗ୍ୟ ଅର୍ଜନ କରିବେ। ପରିବାର ସଦସ୍ୟଙ୍କ କାର୍ଯ୍ୟକଳାପ ଅସନ୍ତୋଷ ସୃଷ୍ଟି କରିବ। ଦୂରସ୍ଥାନକୁ ଯାତ୍ରା କରିବାକୁ ମନସ୍ଥ କରିପାରନ୍ତି। ଅଶ୍ଳେଷା ନକ୍ଷତ୍ର ସହକର୍ମୀଙ୍କ ସହାନୁଭୂତି ଏବଂ ଅଧସ୍ତନଙ୍କ ଆନୁଗତ୍ୟଜନିତ ଖୁସି ଅନୁଭବ କରିବେ।

**ସିଂହ** – କର୍ମକ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ତାହାର ସଦ୍‌ବ୍ୟବହାର ମୁସ୍କିଲ୍ ହୋଇପାରେ। ବନ୍ଧୁ ବାରଣ କଲେ ମଧ୍ୟ ପରିବାରର ସହମତିରେ କାମ କଲେ ଉପକୃତ ହେବେ। ଉତ୍ତରାଫାଲଗୁନୀ ନକ୍ଷତ୍ରର ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ପ୍ରତିଯୋଗିତା, ମାଲିମକଦ୍ଦମା, ଜମିଜମାରେ ସଫଳତା ଯୋଗୁ ଖୁସି ରହିବେ।

**କନ୍ୟା** – ସହକର୍ମୀଙ୍କ ସହ ସମନ୍ୱୟ ଅଭାବରୁ କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ରୋଗପୀଡ଼ା କିମ୍ବା ଧାରକରଜଜନିତ ମାନସିକ ଅସ୍ଥିରତା ମନକୁ ବିଚଳିତ କରିବ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ବିଳମ୍ବରେ ପାଇବେ। ଚିତ୍ରା ନକ୍ଷତ୍ର ଆଜିର ପ୍ରତ୍ୟୁଷ ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ତୁଳା** – ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବା କାରଣରୁ ଆଶ୍ୱସ୍ତି ଲାଭ କରିବେ। ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ଭଲ ସମ୍ପର୍କ ଥିବା ବନ୍ଧୁମାନେ ଭୁଲ୍ ବୁଝିପାରନ୍ତି। ବ୍ୟବସାୟ ଓ ପରିବହନରେ ସଙ୍କଟ ଦୂରେଇଯିବ କିନ୍ତୁ ଆଶାଜନକ ଲାଭ ନ ହୋଇପାରେ। ସ୍ୱାତୀ ନକ୍ଷତ୍ରର ସମ୍ପର୍କରେ ଭଙ୍ଗା ପଡିଯାଇଥିବା ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବ।

**ବିଛା** – ପରିବାରର ବରାଦ ଅନୁସାରେ ନୂତନ ବସ୍ତ୍ରଭୂଷଣ ଓ ଧାତୁ ଅଳଙ୍କାର କ୍ରୟ କରିପାରନ୍ତି। ଆଶା ଓ ଅଭିଳାଷ ପୂରଣ ଦିଗରେ ବନ୍ଧୁ ସହଯୋଗ କରିବେ। ପ୍ରକାଶନ, ପ୍ରଶାସନ, ସାହିତ୍ୟ,ସାମ୍ବାଦିକତା ତଥା ରାଜନୀତିରେ ଚେଷ୍ଟା ସଫଳ ହେବ। ବିଶାଖା ନକ୍ଷତ୍ରର ସାମାଜିକ ସ୍ତରରେ ଶତ୍ରୁମାନଙ୍କ ଦ୍ୱାରା ସୁଯୋଗ ହରାଇବାର ଆଶଙ୍କା ରହିଛି।

**ଧନୁ** – ଆପଣଙ୍କ ବିଚାରଧାରାର ପରିବର୍ତ୍ତନ ପ୍ରତ୍ୟେକ କ୍ଷେତ୍ରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବ। କର୍ମକ୍ଷେତ୍ର, ପରିବାର, ପ୍ରଶାସନ ଓ ଅର୍ଥ ସମସ୍ୟାକୁ ପ୍ରତିହତ କରିବାରେ ସମର୍ଥ ହେବେ। ଆନୁଷ୍ଠାନିକ କ୍ଷେତ୍ର, ଶିଳ୍ପ, ବ୍ୟବସାୟିକ ସ୍ତରର ଥିବା ବ୍ୟତିକ୍ରମଜନିତ ଟେନ୍‌ସନ୍ କମିଯିବ। ମୂଳା ନକ୍ଷତ୍ର ସାହିତ୍ୟ ଓ ସଙ୍ଗୀତ ଚର୍ଚ୍ଚାରୁ ପ୍ରଶଂସିତ ହେବେ।

**ମକର** – ପ୍ରିୟଜନଙ୍କ ସାନ୍ନିଧ ଲାଭକରି ଖୁସି ରହିବା ସହ ଯାହା ଆଶା କରୁଛନ୍ତି ତାହା ପାଇବେ। ଯିଏ ଯେତେ ଶତ୍ରୁତା କରି ପ୍ରତିବନ୍ଧକ ସୃଷ୍ଟି କଲେ ମଧ୍ୟ ଆପଣଙ୍କର କୌଣସି କ୍ଷତି ହେବନାହିଁ। ବନ୍ଧୁ ଗହଣରେ କଥା ଓ କାମରେ ତାଳମେଳ ଅଭାବରୁ ସମାଲୋଚିତ ହେବେ। ଶ୍ରବଣା ନକ୍ଷତ୍ରର ଆର୍ଥିକ, ପ୍ରଶାସନିକ ଓ ରାଜନୈତିକ କ୍ଷେତ୍ର ଉନ୍ନତ ରହିବ।

**କୁମ୍ଭ** – ନୂତନ ଯୋଜନାରମ୍ଭ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ସାମାଜିକ ସ୍ତରରେ ବନ୍ଧୁଙ୍କୁ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସଜାଡି ନେବେ। ପାରିବାରିକ ସମସ୍ୟା ଥିଲେ ମଧ୍ୟ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଶତଭିଷା ନକ୍ଷତ୍ର କଚେରି ମାମଲା, ଜମିଜମା ସମସ୍ୟା ସମାଧାନ ହେବାର ସୂଚନା ରହିଛି।

**ମୀନ** – ଉତ୍ତରଭାଦ୍ରପଦ ନକ୍ଷତ୍ରର ସକାଳୁ ଶୁଭଖବର ପାଇ ମନଟା ଖୁସି ହୋଇଯିବ। ଆଜି କୌଣସି କାମ ଅଟକିବ ନାହିଁ କିମ୍ବା ବ୍ୟବସାୟ ପରିବହନରେ କ୍ଷତି ମଧ୍ୟ ନ ହୋଇପାରେ। ପାରିବାରିକ, କର୍ମକ୍ଷେତ୍ର, ସାମାଜିକ ପ୍ରତ୍ୟେକ ଦିଗ ଭଲ ରହିବ। ଈର୍ଷାପରାୟଣ ଆତ୍ମୀୟଙ୍କ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ।

ଆଜି ଜାନୁଆରୀ ୫ ତାରିଖ, ପୁଷ୍ୟାଭିଷେକ, ରାଜାଭିଷେକ, ଶ୍ରୀନଅରରେ ଉତ୍ସବ, ମାଘ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ସୋମବାର। ରାଶିନକ୍ଷତ୍ର–ପୁଷ୍ୟା/କର୍କଟ, ଦିବା ଘ. ୦୧.୨୬ ଗତେ ଅଶ୍ଳେଷା ନକ୍ଷତ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୬ ଗତେ ଘ.୦୭.୪୭ ମଧ୍ୟେ, ଘ.୦୯.୨୦ ଗତେ ଘ.୧୧.୩୦ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ. ୦୭.୪୭ ଗତେ ଘ.୦୯.୦୯ ମଧ୍ୟେ ରାହୁ କାଳ ।

# ୧୮ ଜିଲାରୁ ଉଠିଲାଣି ୧୨.୦୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ

## ପ୍ରକ୍ରିୟାରେ ସ୍ୱଚ୍ଛତା ସହ ଚାଷୀଙ୍କୁ ଠିକଣା ସମୟରେ ପ୍ରାପ୍ୟ ଦିଅ: ମୁଖ୍ୟ ସଚିବ

**ଭୁବନେଶ୍ୱର,୪।୧ (ରବିନାରାୟଣ ଜେନା)**

ଚଳିତବର୍ଷ ଖରିଫଧାନ ସଂଗ୍ରହ ସମୟରେ ଯେପରି ସରକାରଙ୍କ ପକ୍ଷରୁ ସ୍ୱଚ୍ଛତା ଅବଲମ୍ବନ ସହ ଚାଷୀମାନେ ସେମାନଙ୍କ ପ୍ରାପ୍ୟ ନିର୍ଦ୍ଦିଷ୍ଟ ସମୟରେ ପାଇବେ ସେନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁତ୍ୱ ଦେଇଛନ୍ତି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଗର୍ଗଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ସମୀକ୍ଷା ବୈଠକରୁ ଜଣାଯାଇଛି, ଚଳିତ ୨୦୨୫–୨୬ ଖରିଫ ଧାନ କ୍ରୟ ଋତୁ ପାଇଁ ୧୯ ଲକ୍ଷ ୬୭ ହଜାର ୮୧୨ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ୨୦୨୪–୨୫ରେ ୭୩.୪୫ ଲକ୍ଷ ମେଟ୍ରିକ୍ ଟନ୍ ଖରିଫ ଏବଂ ୧୯. ୧୮ ଲକ୍ଷ ମେଟ୍ରିକ୍ ଟନ୍ ରବି ଧାନ ସଂଗ୍ରହ ହୋଇଥିଲା। ଚଳିତ ଜାନୁଆରୀ ୩ ତାରିଖ ସୁଦ୍ଧା ୧୮ଟି ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ୨, ୭୧, ୩୧୮ ଜଣ ଚାଷୀ ୧୨.୦୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ ବିକ୍ରୟ କରିଛନ୍ତି। ଧାନ ଅମଳ ସ୍ଥିତିକୁ ଦୃଷ୍ଟିରେ ରଖି ଅନ୍ୟ ବିଭିନ୍ନ ଜିଲାରେ ଧାନ ସଂଗ୍ରହ ପ୍ରସ୍ତୁତି ଜାରି ରହିଥିବା ବୈଠକରୁ ଜଣାଯାଇଛି।

ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ସାଟେଲାଇଟ୍ ଇମେଜରି ବ୍ୟବହାର ସହାୟକ ହୋଇଛି। ଚାଷୀମାନଙ୍କୁ ବିଭିନ୍ନ ସୋସାଇଟି ସହିତ ସଂଯୁକ୍ତ କରାଯିବା, ଟୋକନ୍ ବ୍ୟବସ୍ଥା, ଧାନର ଗୁଣାତ୍ମକତା ଯାଞ୍ଚ, ମିଲରମାନଙ୍କ ଦ୍ୱାରା ଧାନ ଉଠାଯିବା, ଧାନ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପ୍ରେରଣ , ମିଲରମାନଙ୍କ ଠାରୁ ନିର୍ଦ୍ଧାରିତ ସମାନ ପରିମାଣର ଚାଉଳ ସଂଗ୍ରହ ଏବଂ ବ୍ୟବସ୍ଥାର ସୁପରିଚାଳନା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ବିସ୍ତୃତ ଅନୁଧ୍ୟାନ କରିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହାସହ ଧାନ ସଂଗ୍ରହ ପ୍ରକ୍ରିୟାର ସୁବ୍ୟବସ୍ଥା ପାଇଁ ସିସିଟିଭି ତଦାରଖ ବ୍ୟବସ୍ଥା, ମଣ୍ଡି ନୋଡାଲ ଅଧିକାରୀଙ୍କ ପାଇଁ ମୋବାଇଲ ଆପ୍ଲିକେସନ୍ସ ସୁବିଧା, ମଣ୍ଡିରୁ ମିଲର୍ସ ଡିପୋ ପର୍ଯ୍ୟନ୍ତ ଧାନ ସଂଗ୍ରହ ପାଇଁ ନିୟୋଜିତ ଯାନର ଗତି ସମ୍ପର୍କରେ ଅନ୍‌ଲାଇନ ଟ୍ରାକିଂ, କୌଣସି କାରଣରୁ ପ୍ରକ୍ରିୟାରେ ବିଳମ୍ବ ଦୃଷ୍ଟିକୁ ଆସିଲେ ତୁରନ୍ତ ସମାଧାନ ବ୍ୟବସ୍ଥା କରାଯାଉଥିବା ସମ୍ପର୍କରେ ବୈଠକରେ ଆଲୋକପାତ କରାଯାଇଥିଲା । ଏଥିପାଇଁ ୨୪ଘଣ୍ଟିଆ କଲ୍ ସେଣ୍ଟର (ସହାୟତା କେନ୍ଦ୍ର) କାର୍ଯ୍ୟକରୁଥିବା, ଜରୁରୀ ଆବଶ୍ୟକତା ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ, ଫିଡ୍ ବ୍ୟାକ୍ ସେବା ଆଦି ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ବୈଠକରେ ସୂଚନା ଦିଆଯାଇଥିଲା। ଧାନ ସଂଗ୍ରହ ପ୍ରକ୍ରିୟାରେ ୨୬୦୦ ପ୍ରାଥମିକ କୃଷି ସମବାୟ ସମିତି, ୪୦୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବିଭିନ୍ନ ପାଣି ପଞ୍ଚାୟତ ସହଯୋଗରେ ପ୍ରାୟ ୪୦୦୦ ଧାନ ସଂଗ୍ରହ କେନ୍ଦ୍ର ଏହି ପ୍ରକ୍ରିୟାରେ ସାମିଲ ରହିଛନ୍ତି । ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ ଓ ସମବାୟ ବିଭାଗ ସଚିବ ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ଭାଡୁଆ ନାଚି ଯାଏ**
**ଅତି ବେହିଆ ପାଚି ଯାଏ ।**

ଯେଉଁମାନଙ୍କ ମୁହଁରେ ଲାଜସରମ ବୋଲି କିଛି ନ ଥାଏ ସେମାନଙ୍କୁ କହି କିଛି ଲାଭ ମିଳି ନ ଥାଏ। ଅଲାଜୁକ ଭାବେ ସେମାନେ ଯାହା ନାହିଁ ତାହା କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଇଲେ ଅମିନ, ମାଇଲେ ମେଖ**
**ବାର ହାଣ୍ଡିଆଙ୍କ ଚାତୁରୀ ଦେଖ ।**

ଅମିନ ଜମି ମପାମପି କାମ କରନ୍ତି। ଜମି ମାପ କରି ମାଲିକାନା ସାବ୍ୟସ୍ତ କରନ୍ତି। ଫଳସ୍ୱରୂପ ଲୋକଙ୍କୁ ଭୁଆଁ ବୁଲେଇ ହାତ ଚିକ୍କଣ କରୁଥିବା ଟାଉଟର, ମାମଲତିକାର ବ୍ୟକ୍ତିଙ୍କ ଉପୁରିର ବାଟ ବନ୍ଦ ହୋଇଯାଏ। ପରୋକ୍ଷରେ ପେଞ୍ଚ କାଢ଼ିବାକୁ ଅସମର୍ଥ ବ୍ୟକ୍ତି ନିଜ ଦୋଷ ଦୁର୍ବଳତାକୁ ଘୋଡ଼େଇବାକୁ ଯାଇ ତୁଚ୍ଛା ବାହାଦୁରି ଦେଖାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ୪ ଦୁର୍ଘଟଣାରେ ...

ଘଟିଥିବା ବେଳେ ଜଣେ ୮ ବର୍ଷିଆ ପୁଅ ଓ ଏକବର୍ଷର ଶିଶୁପୁତ୍ରଙ୍କୁ ସ୍ଥାନୀୟ ଚିକିତ୍ସାଳୟ ନେବା ସମୟରେ ମୃତ୍ୟୁ ଘଟିଥିଲା। କାର୍ ଚାଳକ ଓ ଅନ୍ୟ ଜଣେ ନାବାଳିକା ଗୁରୁତର ହୋଇଥିବା ଜଣାପଡିଛି। ମୃତାହତଙ୍କ ପରିଚୟ ମିଳି ନ ଥିଲେ ମଧ୍ୟ ସମସ୍ତେ ବାଲେଶ୍ୱରରୁ ବିଶାଖାପାଟଣା ଯାଉଥିଲେ ବୋଲି ଜଣାପଡିଛି। ମହିଳା ଜଣଙ୍କ ବିଶାଖାପାଟଣାରେ ସ୍ଥଳସେନା ବାହିନୀରେ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ସୂଚନା ମିଳିଛି।

ସେହିପରି ଅନୁଗୋଳ ଜିଲା ବଁଅରପାଳ ଥାନା ଅନ୍ତର୍ଗତ ବଉଳିଗଡ଼ ନିକଟରେ ରବିବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଗଛରେ ପିଟି ହୋଇ ୨ସାଙ୍ଗଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ହିନ୍ଦୋଳ ଥାନା ଗୁଲେହି ପଞ୍ଚାୟତ କଲଣ୍ଡା ଗ୍ରାମର ଶାନ୍ତନୁ ବେହେରା(୩୮) ଓ ବାଲିମି ଥାନା ଅନ୍ତର୍ଗତ ସଞ୍ଚପଡ଼ା ପଞ୍ଚାୟତ ଆମେନା ଗ୍ରାମର ଅନିଲ ପ୍ରଧାନ(୩୨)। ସୂଚନା ଅନୁଯାୟୀ, ୨ ସାଙ୍ଗ ତାଳଚେର ଅଞ୍ଚଳରେ ଗାଡ଼ି ଚାଳକ ଭାବେ କାମ କରୁଥିଲେ। ସେମାନେ କାମସାରି ବାଇକ୍‌ରେ ଘରକୁ ଫେରୁଥିବାବେଳେ ବଉଳିଗଡ଼ ଆମନା ନିକଟରେ ଭାରସାମ୍ୟ ହରାଇ ଗଛରେ ପିଟିହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ଫଳରେ ସେମାନେ ରାସ୍ତାରେ ଛିଟିକି ପଡ଼ିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାରକରି ଏକ ଘରୋଇ ଚିକିତ୍ସାଳରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପାଇଁ ୨ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ପୀତବାସ ପଣ୍ଡା....

ନଂ.୫୧୮/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପର୍ଯ୍ୟାୟକ୍ରମେ ମୋଟ ୧୬ଜଣ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ମଧ୍ୟରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁ, କର୍ପୋରେଟର୍ ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳାଇ ପ୍ରମୁଖ ରହିଛନ୍ତି। ଏହି ମାମଲାରେ ପୋଲିସ ଗତ ଡିସେମ୍ବର ୯ରେ କୋର୍ଟରେ ସିଡି ଦାଖଲ କରିଥିଲା। ହତ୍ୟା ଘଟଣାର ୯୦ଦିନ ପୂର୍ବରୁ ପୋଲିସ ପ୍ରାଥମିକ ଚାର୍ଜଶିଟ୍ ଦାଖଲ କରିଛି। ଅନ୍ୟପଟେ ପୂର୍ବରୁ ତଳ କୋର୍ଟ ଓ ପରେ ଏଡିଜେ–୩ କୋର୍ଟରେ ବିକ୍ରମଙ୍କ ଜାମିନ ଖାରଜ ହୋଇଥିବା ବେଳେ ସେ ଏବେ ହାଇକୋର୍ଟରେ ଆବେଦନ କରିଛନ୍ତି। ଅଭିଯୁକ୍ତ ପିଣ୍ଟୁଙ୍କୁ ସୁରକ୍ଷା ଦୃଷ୍ଟିରୁ ଫୁଲବାଣୀ ଜେଲ୍‌ରେ ରଖାଯାଇଥିବା ବେଳେ ବିକ୍ରମଙ୍କ ସହିତ ଅନ୍ୟମାନେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି।

### ନ୍ୟୁୟର୍କ ଜେଲରେ ...

କରିବାକୁ ଆସିପାରନ୍ତି ବୋଲି ବରିଷ୍ଠ ବଜାର ବିଶ୍ଳେଷକ ଫିଲ୍ ଫ୍ଲିନ୍ କହିଛନ୍ତି। ଭେନେଜୁଏଲା ତୈଳ ଉତ୍ପାଦନର କେନ୍ଦ୍ରସ୍ଥଳ ହୋଇପାରିଲେ ଦୀର୍ଘମିଆଦୀ ଭାବେ ତେଲ ଦର କମ୍ ରଖିପାରିବ ଓ ଋଷିଆ ଉପରେ ଅଧିକ ଚାପ ପଡ଼ିବ ବୋଲି ଫ୍ଲିନ୍ କହିଛନ୍ତି। ତେବେ ଏତେଶୀଘ୍ର ତୈଳ ଦର ପ୍ରଭାବିତ ହେବ ନାହିଁ। ଭେନେଜୁଏଲା ଓପିଇସି ସଦସ୍ୟ ହୋଇଥିବାରୁ ସେଠାରେ ଏହାର ଉତ୍ପାଦନ ହିସାବ ରହିଛି। ଏଥିସହିତ ବିଶ୍ୱ ବଜାରରେ ଏବେ ବଳକା ତୈଳ ରହିଛି।

ନାର୍କୋ ଟେରୋରିଜମ୍ ଅଭିଯୋଗରେ ମାଦୁରୋ, ତାଙ୍କ ସ୍ତ୍ରୀ, ପୁଅ ଓ ଅନ୍ୟ ୩ ଜଣଙ୍କ ନାମରେ ନ୍ୟୁୟର୍କରେ ମାମଲା ରୁଜୁ ହୋଇଛି। ମାଦୁରୋ ୪ କାଉଣ୍ଟ ଯଥା ନିଶା–ଆତଙ୍କବାଦ ଷଡ଼ଯନ୍ତ୍ର, କୋକେନ ଆମଦାନୀ ଷଡ଼ଯନ୍ତ୍ର, ପାଖରେ ମେଶିନ୍ ଗନ୍ ଓ ଧ୍ୱଂସକାରୀ ଅସ୍ତ୍ର ରଖିବା ଏବଂ ଏହାକୁ ହାତେଇବା ନେଇ ଷଡ଼ଯନ୍ତ୍ର ଅଭିଯୋଗରେ ଅଭିଯୁକ୍ତ ହୋଇଛନ୍ତି। ତାଙ୍କୁ ସୋମବାର ମାନ୍‌ହାଟନ ସଂଘୀୟ କୋର୍ଟରେ ହାଜର କରାଯାଇପାରେ।

# ସ୍ୱାସ୍ଥ୍ୟସେବାରେ ଅପହଞ୍ଚ ୩୧୬ ଗାଁ

ଭବାନୀପାଟଣା,୪।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାକୁ ଆକାଂକ୍ଷୀ ଜିଲାଭାବେ ସରକାର ଚୟନ କରିଛନ୍ତି। ତେବେ ପଛୁଆ ଅଞ୍ଚଳର ସାମୂହିକ ବିକାଶ ସହିତ ଲୋକଙ୍କ ଖାଦ୍ୟ ସୁରକ୍ଷା, ପରିବହନ ବ୍ୟବସ୍ଥାର ଉନ୍ନତି ଓ ଶିକ୍ଷା, ବିଦ୍ୟୁତ୍, ପିଇବା ପାଣି ତଥା ସ୍ୱାସ୍ଥ୍ୟସେବାର ବିକାଶ ହିଁ ସଫଳତାର ଚାବିକାଠି ବୋଲି କୁହାଯାଇପାରେ। ସ୍ୱାସ୍ଥ୍ୟସେବା ହେଉଛି ଏକ ଜରୁରୀ ଆବଶ୍ୟକତା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଜିଲାର ୩୧୬ ଗାଁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅପହଞ୍ଚ ହୋଇ ରହିଯାଇଛି। ଏହି ଗାଁ ଗୁଡିକୁ ସ୍ୱାସ୍ଥ୍ୟ ବିଭାଗ ସେବା ଯୋଗାଇବାରେ ସବୁଠାରୁ କଷ୍ଟସାଧ ବୋଲି ଚିହ୍ନଟ କରିଛି। ଏଥିରେ ଜିଲାର ଭବାନୀପାଟଣା ସଦର ବ୍ଲକର ୩୧ଟି, ଜୟପାଟଣା ୧୯, ଜୁନାଗଡ ୧୭, କଳମପୁର ୧୦, କର୍ଲାମୁଣ୍ଡା ୨ଟି, କୋକସରା ୭ଟି, ଲାଞ୍ଜିଗଡ଼ ୯୭, ଏମ ରାମପୁର ୫୮, ଥୁଆମୂଳ ରାମପୁରର ୭୫ ଗ୍ରାମ ସ୍ୱାସ୍ଥ୍ୟ ଜନିତ କାରଣରୁ ବହୁବିଧ ସମସ୍ୟାକୁ ସାମ୍ନା କରୁଛି। ପରିବହନ ବ୍ୟବସ୍ଥା ନ ଥିବାରୁ ବେଳେବେଳେ ବୋଟ, ବାଇକ ଆମ୍ବୁଲାନ୍ସ ଦ୍ୱାରା ସେବା ପାଇବାର ସୁଯୋଗ ମିଳିଥାଏ। ବୋଟ, ବାଇକ ଆମ୍ବୁଲାନ୍ସ ଦ୍ୱାରା ସ୍ୱାସ୍ଥ୍ୟସେବାର ପରିକଳ୍ପନା ନବୀନ ସରକାରଙ୍କ କାଳରେ ସମ୍ଭବ ହୋଇପାରିଥିଲା। କିନ୍ତୁ ବାଇକ ଆମ୍ବୁଲାନ୍ସ ଜରିଆରେ ମାତ୍ର ୫,୬୫୭ ଜଣ ସେବା ପାଇବାର ଲକ୍ଷ୍ୟ ରଖାଯାଇଛି। ଥୁଆମୂଳ ରାମପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ୧୭୩୪ ଜଣ, ଥୁଆମୂଳ ରାମପୁର ସାଇସୁରନି ଅଞ୍ଚଳରେ ୨୦୬୪, ଲାଞ୍ଜିଗଡ଼ ବ୍ଲକର ବଙ୍କାକୁଣ୍ଡରୁରେ ୭୦୨ ଏବଂ ବିଶ୍ୱନାଥପୁର ଅଞ୍ଚଳରେ ୫୩୮, ଏମ ରାମପୁର ଅଞ୍ଚଳର ୬୧୯ଜଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ୫ଟି ବାଇକ ଆମ୍ବୁଲାନ୍ସ ଜିଲାରେ କାର୍ଯ୍ୟ କରୁଛି ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ମିଳିଛି। ଆଶା କର୍ମୀ ଏବଂ ସ୍ୱାସ୍ଥ୍ୟ କର୍ମୀ ଘର ଘର ବୁଲି ସେବାମୂଳକ ସମସ୍ତ କାର୍ଯ୍ୟ କରିବା ସହ ଜନନୀ ଏକ୍ସପ୍ରେସ (୧୦୮) କେତେକ ଗାଁକୁ ଯାଉଛି। ତେବେ ବର୍ଷା ଦିନରେ ଏହି ସମସ୍ତ ସୁବିଧା ମିଳିବା ଅସମ୍ଭବ ହୋଇପଡୁଛି। କାରଣ ରାସ୍ତାଘାଟରେ ଶୋଚନୀୟତା ଓ ଗୋଟିଏ ଘରୁ ଅନ୍ୟ ଘରର ଦୂରତା ଅଧିକ। ଦୂର ଦୁରାନ୍ତରେ ପାହାଡ଼ ଉପରେ ଗ୍ରାମଗୁଡିକ ରହୁଥିବା ଯୋଗୁ ପହଞ୍ଚିବା କଷ୍ଟକର ହେଉଥିବାରୁ ଅନେକ ସମୟରେ ଖଟିଆରେ ବୁହାହୋଇ ରୋଗୀ ଏବଂ ଗର୍ଭବତୀ ମହିଳାଙ୍କୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ଯେମିତି ନିତିଦିନିଆ ଘଟଣା ସାଜିଛି। ଏହା ସତ୍ତ୍ୱେ ସବୁଠାରୁ ଦୟନୀୟ ସ୍ଥିତିକୁ ଆପଣେଇ ନେଇଛନ୍ତି ଇନ୍ଦ୍ରାବତୀର ବୁଡି ଅଞ୍ଚଳବାସୀ। ସାଧାରଣ ଜୀବନ ଜିଇଁବା ଲାଗି ଡଙ୍ଗା ଉପରେ ଭରସା କରିବାକୁ ପଡୁଛି। ସ୍ୱାସ୍ଥ୍ୟ ଜନିତ ସମସ୍ୟା ପାଇଁ ଗୋଟିଏ ବୋଟ ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି। ତାହା କେବଳ ଆପାତକାଳୀନ ସେବାରେ ସାହାଯ୍ୟରେ ଆସିଥାଏ। ବୋଟ ଆମ୍ବୁଲାନ୍ସ ଉପରେ ଗୁରୁତର ରୋଗୀ ଭରସା କରି ରହିଲେ ଜୀବନ କେତେବେଳେ ଚାଲିଯିବ ତାହା ବି କହିହେବନି। ବୁଡି ଅଞ୍ଚଳରେ ଥିବା ୧୭ଟି ଗ୍ରାମର ଅଧିବାସୀଙ୍କୁ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ପାଇବା ସ୍ୱପ୍ନ ହୋଇ ରହିଆସିଛି। ସଂକ୍ରାମକ ରୋଗରେ ଅନେକ ବିଭିନ୍ନ ସମୟରେ ଆକ୍ରାନ୍ତ ହୋଇଥାନ୍ତି। କାରଣ ବିଶୁଦ୍ଧ ପିଇବା ପାଣି ମିଳେନାହିଁ। ଗୋଟିଏ ଓଳି ଖାଇଲେ ଅନ୍ୟ ଓଳି ପାଇଁ ଚିନ୍ତା କରିବାକୁ ପଡେ। ଇନ୍ଦ୍ରାବତୀ ବିଚ୍ଛିନ୍ନାଞ୍ଚଳବାସୀଙ୍କ ପରସ୍ତ ପରସ୍ତ ଦୁଃଖ ଭିତରୁ ସ୍ୱାସ୍ଥସେବା ଅନ୍ୟତମ। ଆଜି ମଧ୍ୟ ଖଟିଆରେ ରୋଗୀଙ୍କୁ ବୁହା ଯିବାର ନଜିର ରହିଛି। ଯଦିଓ ହେଲଥ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି, ତାହା ଜଳବନ୍ଧୀ ଅଞ୍ଚଳରୁ ରୋଗୀ ଆଣିବାରେ କେବଳ ସାହାଯ୍ୟରେ ଆସୁଛି। ମୋବାଇଲ ହେଲଥ ୟୁନିଟ କାମରେ ଆସୁ ନ ଥିବା ବାରମ୍ବାର ଅଭିଯୋଗ ହେଉଛି। ଇତିମଧ୍ୟରେ ଅନେକ


ବୋଟ ଆମ୍ବୁଲାନ୍ସରେ ସ୍ୱାସ୍ଥ୍ୟ ସେବା।

## କଳାହାଣ୍ଡି ଜିଲା

### ■ ବୋଟ-ବାଇକ୍ ଆମ୍ବୁଲାନ୍ସ ହିଁ ସାହା ଭରସା

କଳାହାଣ୍ଡି ଜିଲାପାଳ ଉକ୍ତ ଜଳବନ୍ଧୀ ତଥା ବିଚ୍ଛିନ୍ନାଞ୍ଚଳକୁ ଗସ୍ତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଜିଲାରେ ଡାକ୍ତର ଅଭାବ ଏକ ଗୁରୁତର ସମସ୍ୟା ହୋଇଥିଲେ ହେଁ ଯେଉଁମାନେ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ସମ୍ଭାଳୁଛନ୍ତି ଏଥିରେ ମଧ୍ୟ ନିଷ୍ଠା ରହୁନାହିଁ। ବିଜୁ ଜନତା ଦଳ ସରକାର ସମୟରେ ଜିଲାରେ ସହୀଦ ରେଣ୍ଡୋ ମାଝୀ ମେଡ଼ିକାଲ କଲେଜ ପ୍ରତିଷ୍ଠା ହୋଇଛି। ଜିଲାବାସୀ ଭାବୁଥିଲେ ଡବଲ ଇଞ୍ଜିନ ସରକାର ସ୍ୱାସ୍ଥ୍ୟ ସମସ୍ୟାକୁ ସୁଧାରିବେ। ହେଲେ ବର୍ତ୍ତମାନ ଡାକ୍ତର ନାହାନ୍ତି। ତେଣୁ ବାଧ୍ୟହୋଇ ରୋଗୀ ଜିଲା ତଥା ରାଜ୍ୟ ବାହାରକୁ ଯାଇ ଚିକିତ୍ସା ହେଉଛନ୍ତି। ଜିଲାରେ ସ୍ୱାସ୍ଥ୍ୟସେବା ବାବଦରେ ବହୁ କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଶିଶୁ ମୃତ୍ୟୁ ଏବଂ ମ୍ୟାଲେରିଆ ରୋଗ ବୃଦ୍ଧିରେ ରୋକ ଲାଗିପାରୁନାହିଁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଆକାଂକ୍ଷା ଜିଲା କଳାହାଣ୍ଡି ପ୍ରତି ଦୃଷ୍ଟି ଦେବାକୁ ଜନ ସାଧାରଣ ଦାବି କରିଛନ୍ତି। ଏ ନେଇ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିହାରେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ, ବାଇକ ଓ ବୋଟ ଆମ୍ବୁଲାନ୍ସ ଆସିବା ପରେ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାରେ ପରିବର୍ତ୍ତନ ଆସିଛି। ତେବେ ବର୍ଷା ଋତୁ ସମୟରେ କିଛିଟା ଅସୁବିଧା ପରିଲକ୍ଷିତ ହେଉଥିବା କହିଛନ୍ତି।

# ଜିଲାସ୍ତରୀୟ ମାସିକ ପଠନ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଜିଲାପାଳ ପାଠାଗାର ଉଦ୍‌ଘାଟନ କରୁଛନ୍ତି।

ନୂଆପଡ଼ା,୪।୧(ମକାରୁ ବେମାଲ)

ନୂଆପଡ଼ା ଜିଲା ସଦର ମହକୁମାସ୍ଥିତ ଜିଲା ପାଠାଗାରଠାରେ ଜିଲାସ୍ତରୀୟ ମାସିକ ପଠନ କାର୍ଯ୍ୟକ୍ରମ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଲା ଜନସାଧାରଣ ତଥା ବିଭିନ୍ନ ବର୍ଗର କର୍ମଚାରୀଙ୍କ ମଧ୍ୟରେ ପୁସ୍ତକ ପଠନ ତଥା ପାଠାଗାର ଆନ୍ଦୋଳନକୁ ଉଜ୍ଜୀବିତ କରିବା। ଜିଲା ସଂସ୍କୃତି ପରିଷଦ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନେକ ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧିକାରୀ ବର୍ଗରେ ଜିଲା ସୂଚନା ଓ ବିଜ୍ଞାନ ଅଧିକାରୀ ବିନୟ ତିୱାରୀ ଓ ଜନସାଧାରଣ ବର୍ଗରେ ସ୍ଥାନୀୟ ବାସିନ୍ଦା ଓମ୍ ପ୍ରକାଶ ପ୍ରଧାନ ପାଠାଗାରରେ ସର୍ବାଧିକ ସମୟ ପୁସ୍ତକ ପଠନରେ ବିତାଇଥିବାରୁ ତାଙ୍କୁ ପ୍ରଶସ୍ତିପତ୍ର ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ମାସିକ ପଠନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ସାଧାରଣ) ସୁବାସ ଚନ୍ଦ୍ର ରଇତ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ପ୍ରଫୁଲ୍ଲ କୁଜୁର, ଉପଜିଲାପାଳ ସୁରମି ସୋରେନ ଓ ଜିଲାସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ରମେଶ କୁମାର ମହରା ଓ ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ ପରିଚାଳନା କରିଥିଲେ। ଶେଷରେ ସହକାରୀ ଜିଲାପାଳ କୁରୁକ୍ଷେତ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ କବିତା ଚିତ୍ରଅଙ୍କାର ହିନ୍ଦୀ ଅନୁବାଦ ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ନୂଆପଡ଼ା,୪।୧ (ମକାରୁ ବେମାଲ)

ନୂଆପଡା ଜିଲା ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ସଭାଗୃହଠାରେ ରବିବାର କବିତା ସଙ୍କଳନ ଚିତ୍ରଅଙ୍କାର ହିନ୍ଦୀ ଅନୁବାଦ ଆସମାନ ମେଁ ଖୁଲତା ଖିଡ଼କୀ ପୁସ୍ତକ ଉନ୍ମୋଚନ ହୋଇଯାଇଛି। ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଗବେଷକ ଭାଷାବିତ ଡ.ମହେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉନ୍ମୋଚନ ସଭାରେ ଛତିଶଗଡର ତାଲିମ ପରିଷଦ ସଭାପତି କବି ଜୟ ପ୍ରକାଶ ରଥ ମୁଖ୍ୟଅତିଥି, ଓଡ଼ିଶାର ଲବ୍ଧପ୍ରତିଷ୍ଠିତ କବି, ଲେଖକ, ଭାଷାବିତ, ପ୍ରଶାସକ ଡ.ବାସୁଦେବ ସୁନାନୀ, ସୁନାମଧନ୍ୟ ହିନ୍ଦି କବି ମୃତ୍ୟୁଞ୍ଜୟ ଶରଡ଼ିଆ, ପୂର୍ବତନ ଆୟକର କମିଶନର ତଥା ସାମାଜିକ କର୍ମୀ ଶ୍ରୀକାନ୍ତ ଚାଟାର୍ଜୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ଜିଲାପାଳ ମଧୁସୂଦନ ଦାଶଙ୍କ ଓଡିଆ କବିତା ସଂକଳନ ଚିତ୍ରଅଙ୍କାକୁ ଡ.ମହେନ୍ଦ୍ର ମିଶ୍ର ହିନ୍ଦିରେ ଅନୁବାଦ କରି ଆସମାନ ମେଁ ଖୁଲତା ଖିଡ଼କୀ ନାମରେ ନାମିତ କରିଛନ୍ତି। ଏହି ଅବସରରେ ହିନ୍ଦି ଅନୁବାଦ ପୁସ୍ତକ ଆସମାନ ମେଁ ଖୁଲତା ଖିଡ଼କୀର ଉନ୍ମୋଚନ ହେବା ସହ ଏକ ସାହିତ୍ୟ ସଭା ଓ ବହୁଭାଷୀ କବିତା ପାଠୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଅତିରିକ୍ତ ଜିଲାପାଳ ଖାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲୟଧର ଧରୁଆ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ଧନେଶ୍ୱର ସେଠୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ହାସଦା, ଉପଖଣ୍ଡୀୟ ଶ୍ରମ ନିର୍ଦ୍ଦେଶକ ରବିନ୍ଦ୍ର ବାର୍ଲା, ଅତିରିକ୍ତ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମୀ ରଞ୍ଜନ ପାତ୍ର, ସମବାୟ କୃଷି ଉପନିର୍ଦ୍ଦେଶକ ଶିବ ପ୍ରସାଦ ସ୍ୱାଇଁ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଆର୍ଯ୍ୟ କୁମାର ମୁଦୁଲି, ଜିଲାର ଅନେକ କବିଯିତ୍ରୀ ଓ କବି ଯୋଗଦେଇ ଥିଲେ। ଯୁବ କବି ଗୌରାଙ୍ଗ ସାହୁ ମଞ୍ଚ ପରି ଚାଳନା କରିଥିବା ବେଳେ କବି ଅମିୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଭବାନୀପାଟଣାରେ ଅତ୍ୟାଧୁନିକ ଷ୍ଟାଡିୟମ ଆବଶ୍ୟକ

ଭବାନୀପାଟଣା,୪।୧(ଉତ୍ତମ କୁମାର ଦାଶ)

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି କଲେ ଭବାନୀଶଙ୍କର ନିଆଲ

ଭବାନୀପାଟଣାରେ ରାଜ୍ୟର ଦ୍ୱିତୀୟ ସର୍ବ ବୃହତ ଆୟତନ ବିଶିଷ୍ଟ ଷ୍ଟାଡିୟମ ଭାବେ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ରହିଛି। ତେବେ ବର୍ଷ ତମାମ ଏଠାରେ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟକ୍ରମ, ପର୍ବ, ଉତ୍ସବ ପାଳିତ ହେଉଥିବାବେଳେ ଏହି ଷ୍ଟାଡିୟମ ନିର୍ମାଣ ପ୍ରକୃତ ଉଦ୍ଦେଶ୍ୟ ଆଜିଯାଏଁ ସଫଳ ହୋଇପାରୁନାହିଁ। ସେହିପରି ସହର ମଧ୍ୟସ୍ଥଳରେ ଏହି ଷ୍ଟାଡିୟମ ଥିବାରେ ଅନେକ ସମୟରେ ଏହାର ଭିତ୍ତିଭୂମି ବିକାଶ ସମ୍ଭବ ହୋଇପାରୁନାହିଁ। ଏଣୁ ପଶ୍ଚିମ ଓଡ଼ିଶାର ପ୍ରମୁଖ ସ୍ଥାନ କଳାହାଣ୍ଡିରେ ଏକ ସର୍ବ ସୁବିଧା ସମ୍ପନ୍ନ ଓ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ ପାଇଁ ୨୫ ଏକର ଜମି ଯୋଗାଇଦେବା ସହିତ ୫ଶହ କୋଟି ଟଙ୍କା ବ୍ୟୟ ବରାଦ ଓ ରାଜ୍ୟ କ୍ରୀଡା ସଚିବଙ୍କ ଅଧକ୍ଷତାରେ ଜାଗା ଚିହ୍ନଟ ଏବଂ ଅନୁଦାନ ଯୋଗାଇଦେବାକୁ ଦାବି କରିଛନ୍ତି। ବିକଶିତ କଳାହାଣ୍ଡି ନୂଆପଡ଼ା ଅଧକ୍ଷ ଡ. ଭବାନୀ ଶଙ୍କର ନିଆଲ କଳାହାଣ୍ଡି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଲେଖି ଦାବି କରିଛନ୍ତି। ସେହିପରି ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ରାଜ୍ୟସଭା ସଦସ୍ୟ ସୁଜିତ କୁମାର ପ୍ରମୁଖଙ୍କୁ ଦାବି ସମ୍ପର୍କରେ ଅବଗତ କରାଇଛନ୍ତି।

# ଏଚ୍‌ଆର୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଦ୍ୱିତୀୟ ପ୍ରତିଷ୍ଠା ଦିବସ

ଭବାନୀପାଟଣା,୪।୧(ଉତ୍ତମ କୁମାର ଦାଶ)

### କଳାହାଣ୍ଡି ରୋଗୀଙ୍କ ପାଇଁ ସାଜିଛି ବରଦାନ

କଳାହାଣ୍ଡି ଜିଲାର ରୋଗୀଙ୍କ ପାଇଁ ଡାଇଗ୍ନୋଷ୍ଟିକ ସେବାକ୍ଷେତ୍ରରେ ବରଦାନ ସାଜିଥିବା ଭବାନୀପାଟଣା ସହର ହିଲ ଟାଉନସ୍ଥିତ ଏଚ୍.ଆର୍ ହେଲଥ କେୟାର ଏବଂ ଡାଇଗ୍ନୋଷ୍ଟିକ ସେଣ୍ଟରର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏଥିରେ ସେଣ୍ଟର ମୁଖ୍ୟ ଡା. ତୁଷାର ମେହେର ଓ ତାଙ୍କ ସ୍ତ୍ରୀ ଡା. ରମା ମେହେର, ଶିଶୁରୋଗ ବିଶେଷଜ୍ଞ ଡା. ପ୍ରେମାନନ୍ଦ ପୁଝାରୀଙ୍କ ସମେତ ସ୍ଥାନୀୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପୂର୍ବରୁ ଜିଲାର ରୋଗୀମାନେ ଡାଇଗ୍ନୋଷ୍ଟିକ ସେବା ପାଇଁ ଭୁବନେଶ୍ୱର, ବିଶାଖାପାଟଣା, ରାୟପୁରକୁ ଯାଇ ଖର୍ଚ୍ଚାନ୍ତ ହେଉଥିଲେ। ହେଲେ ୨୦୨୪ ଜାନୁଆରୀ ୩ରେ ଡା. ମେହେରଙ୍କ ଉଦ୍ୟମକ୍ରମେ ଏହି ସେଣ୍ଟର ପ୍ରତିଷ୍ଠା ହେବା ପରେ ଜିଲାର ରୋଗୀମାନେ ଠିକ୍ ସମୟରେ ଓ ସୁବିଧାରେ ଡାଇଗ୍ନୋଷ୍ଟିକ ସେବା ପାଇପାରୁଛନ୍ତି। ବିଶେଷକରି ଜିଲାର ଦୁର୍ଗମ ଆଦିବାସୀ, ଗରିବ ଶ୍ରେଣୀର ଲୋକେ ଡାଇଗ୍ନୋଷ୍ଟିକ ସେବା ପାଇ ଉପକୃତ ହେଉଛନ୍ତି। ଏଠାରେ ଉନ୍ନତମାନର ଓ ଆଧୁନିକ ଯନ୍ତ୍ର ସାହାଯ୍ୟରେ ରୋଗୀଙ୍କ ରୋଗ ନିରୂପଣ କରାଯାଉଥିବାବେଳେ ଖୁବଶୀଘ୍ର ଏହି ସେଣ୍ଟରରେ ଏମ୍‌ଆର୍‌ଆଇ ସୁବିଧା ମଧ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଷ୍ଠା ଦିବସରେ ସେଣ୍ଟର ମୁଖ୍ୟ ଡା. ମେହେର ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ୨୦୨୪ ଅକ୍ଟୋବରରେ ଡାଇଗ୍ନୋଷ୍ଟିକ୍ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ତୁଷାର ମେହେରଙ୍କୁ ଉକ୍ତ ବର୍ଷ ପାଇଁ ଗ୍ଲୋବାଲ ହେଲଥ କେୟାର ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ଏହି ପୁରସ୍କାରକୁ କ୍ରିକେଟ କିମ୍ବଦନ୍ତୀ ତଥା ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କର ତାଙ୍କୁ ପ୍ରଦାନ କରିଥିଲେ।


ଦ୍ୱିତୀୟ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ପଞ୍ଚାୟତସ୍ତରୀୟ ଉତ୍ସ ସମାଜର କମିଟି ଗଠିତ

କୋକସରା,୪।୧(ଦୁଷ୍ମନ୍ତ କୁମାର ପାଇକରାୟ)

କୋକସରା ବ୍ଲକ ଆମପାଣି ପଞ୍ଚାୟତର ପାତ୍ରବସା ବିଦ୍ଦିଂଗଠାରେ ଆମପାଣି ଉତ୍ସ ସମାଜର ସାଧାରଣ ସଭା ଓ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଆମପାଣି ଜୋନ ସଭାପତି ବନମାଳୀ ବାଗ ମୁଖ୍ୟଅତିଥି, ସମ୍ପାଦକ କ୍ଷେତ୍ରରାମ ପାତ୍ର, ଜୋନ ଅଧ୍ୟକ୍ଷ ଗଙ୍ଗାଧର ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆମପାଣି ଗ୍ରାମ ପଞ୍ଚାୟତସ୍ତରୀୟ ଉତ୍ସ ସମାଜର ନୂତନ କମିଟି ଗଠନ କରାଯାଇଥିଲା। ସଭାପତିଭାବେ ଦୟାନିଧି ନାଏକ,ଉପସଭାପତି ବଳରାମ ଦୁର୍ଗା ଓ ଭୁବନେଶ୍ୱର ବେହେରା, ସମ୍ପାଦକ ଯୁଗଳ କିଶୋର ନାଏକ, ସହ ସମ୍ପାଦକ ରାଘବ ଦୁର୍ଗା ଓ କୋଷାଧ୍ୟକ୍ଷ ଭାବେ କେଶବ ବେହୁରାଣି ମନୋନୀତ ହୋଇଥିଲେ। ସମାବେଶରେ ଆମପାଣି, ପାତ୍ରବସା, କୁରୁଡ଼, ବିରିଗୁହାଳ, କାଦୋମେଲ, କଲୋନିଡିଡା ଆଦି ଭାଟ କମିଟି କର୍ମକର୍ତ୍ତା ସମେତ ୮ ପଞ୍ଚାୟତର ସଭାପତି, ସମ୍ପାଦକ ଓ ସମାଜପ୍ରେମୀ ଯୋଗ ଦେଇଥିଲେ। ସଭାକୁ ନାଳମଣି ଖମାରୀ ପରିଚାଳନା କରିଥିଲେ। ହେମନ୍ତ ସୁନା, ଏକାଙ୍ଗ ଦୁର୍ଗା, ଭୋଲାନାଥ ମଙ୍ଗରାଜ, ଉମେଶ ବାଗ, ପୁଷ୍ପମ ସୁନା, କାର୍ତ୍ତିକ ଠାକୁର ସହଯୋଗ କରିଥିଲେ।

# ରୋଙ୍ଗାଲପାଲିକୁ ହରାଇ ରଏନଗୁଡ଼ା ଚାମ୍ପିୟନ


ବିଜେତା ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

କୋକସରା,୪।୧(ଦୁଷ୍ମନ୍ତ କୁମାର ପାଇକରାୟ)

### ଡ.ଭୀମରାଓ ଆମ୍ବେଦକର କ୍ରିକେଟ ଟୁର୍ଣ୍ଣାମେଣ୍ଟ

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଖେଳ ପଡିଆଠାରେ ଭିମରାଓ ଆମ୍ବେଦକର କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୋଙ୍ଗାଲପାଲିକୁ ହରାଇ ରଏନଗୁଡା ଚାମ୍ପିୟନ ହୋଇଛି। ରୋଙ୍ଗାଲପାଲି ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରିଥିଲା। ୧୧୨ ରନର ବିଜୟ ଲକ୍ଷ୍ୟ ନେଇ ରଏନଗୁଡା ଦଳ ପଡିଆକୁ ଓହ୍ଲାଇ ଥିବା ବେଳେ ନିର୍ଦ୍ଧାରିତ ୧୨ ଓଭର ଖେଳି ୮ ଉଇକେଟ ହରାଇ ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳରେ କୁନା ମାଝୀ ଓ ସୁନୀଲ କୁମାର ମାଝୀ ଅମ୍ପାୟାର ଭାବରେ ରହି ପରିଚାଳନା କରିଥିଲେ। ହେମନ୍ତ କୁମାର ନାଏକ ସ୍କୋର ବୋର୍ଡ ଦାୟିତ୍ୱ ନିର୍ବାହ କରିଥିବାବେଳେ ପୁନା ଧଙ୍ଗଡାମାଝୀ ଓ ଓମ ପ୍ରକାଶ ଧଙ୍ଗଡାମାଝୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ଭଜମନ ନାଏକ, ସଚ୍ଚୋଷ ମାଝୀ, ଅର୍ଜୁନ ଭାଟି, ଦୁର୍ଗାପ୍ରସାଦ ପ୍ରଧାନୀ, ଅବସରପ୍ରାପ୍ତ ପୋଷ୍ଟାଲ କର୍ମଚାରୀ କଲସିଂ ଧଙ୍ଗଡାମାଝୀ, ଧର୍ମାନନ୍ଦ ନାଏକ, ୱାର୍ଡ ସଭ୍ୟ ନରହରି ପୁନା, ଏଡିଓ କର୍ପୁର ନାଏକ, ଲଳିତ ମୋହନ ନାଏକ, ଖେଳ ଶିକ୍ଷକ ବିଶ୍ୱନାଥ ଧଙ୍ଗଡାମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଓ ଉପବିଜେତା ଦଳକୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ମ୍ୟାନ ଅଫ ଦି ମ୍ୟାଚ ରଏନଗୁଡା ଦଳର କ୍ଷୀରସିନ୍ଧୁ ସୁନା ଓ ମ୍ୟାନ ଅଫ ଦି ସିରିଜ ରୋଙ୍ଗାଲପାଲି ଦଳର ରାମ ଦୁର୍ଗା ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମର ମଞ୍ଚକୁ ରଜିନ୍ଦ୍ର ନାଗ ସଂଯୋଜନା କରିଥିବାବେଳେ ଆୟୋଜକ ଅନୁଷ୍ଠାନର ସଭାପତି କ୍ଷେତ୍ରିରାମ ବାଗ, ସମ୍ପାଦକ ଗୁଣସାଗର କୁମାର ବାଗ, ସଞ୍ଜିବ କୁମାର ନାଏକ, ସୁରଜ ସୁନା, ଚନ୍ଦନ ପୁନା, ତୁଳସୀ ରାମ ଦୁର୍ଗା ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ସୁନାଦେଇ କପ୍ କ୍ରିକେଟ ଉଦ୍‌ଘାଟିତ

ନୂଆପଡ଼ା,୪।୧(ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଭୁଲାବେଡା କଣା ଭର୍ଯରା ଖେଳପଡିଆରେ '୮ମ ଜୟ ମା' ସୁନାଦେଇ କପ କ୍ରିକେଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ନୂଆପଡା ଜିଲା ସମେତ ବରଗଡ, ବଲାଙ୍ଗିର ଓ ଛତିଶଗଡ ରାଜ୍ୟର ମୋଟ ୧୬ଟି ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଉତ୍ସବର ପ୍ରଥମ ମ୍ୟାଚ ଝଗ୍ରାହୀ ଓ ସନବାହାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସନବାହାଲି ଦଳ ନିର୍ଦ୍ଧାରିତ ୮ ଓଭରରେ ସମସ୍ତ ଉଇକେଟ ହରାଇ ୮୨ ରନ ସଂଗ୍ରହ କରିଥିଲା। ଜବାବରେ ଝଗ୍ରାହୀ ଦଳ ୮୩ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଖଟି (ଛତିଶଗଡ) ଓ ଭରୁଆମୁଣ୍ଡା(ବରଗଡ)ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭରୁଆମୁଣ୍ଡାକୁ ହରାଇ ଖଟି (ଛତିଶଗଡ) ବିଜୟୀ ହୋଇଛି। ତୃତୀୟ ମ୍ୟାଚ ଛତିଶଗଡ ଖଟି ଓ ଝଗ୍ରାହୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଛତିଶଗଡ ଖଟିକୁ ହରାଇ ଝଗ୍ରାହୀ ଦଳ ସେମିଫାଇନାଲକୁ ପ୍ରବେଶ କରିଛି। ଗୁଡାରାବାଗ ୟୁନିଟେଡ କ୍ଲବ ସଭାପତି ଯୁବରାଜ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ରଜନୀ ଜଗତ ମୁଖ୍ୟ ଅତିଥି, ସୁନାଦେଇ ପୂଜାରୀ, ବିଶ୍ରାମ ଛତ୍ରିଆ, ବିଦ୍ୟାଧର ସାହୁ, ମଣିରାମ ମାଝି, ତୁଳସରାମ ମାଝି, ଦଶରଥ ଛତ୍ରିଆ, ବିଦ୍ୟଳ ବାରିକ ସମ୍ମାନିତ ଅତିଥିଭାବରେ ଯୋଗଦେଇ ଥିଲେ। ରଶ୍ମୀ ରଞ୍ଜନ ସ୍ୱାଇଁ, ମୁକେଶ ରଣା, ତାପସ କୁମାର ନାଏକ ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ପୁରନ ବିଶାଳ ଓ ଆକାଶ ସାହୁ ଧାରା ବିବରଣୀ ଦେଇଥିଲେ। କ୍ରିକେଟ କମିଟି ଉପ ସଭାପତି କଲିରାମ ପୁଆର,ସମ୍ପାଦକ ଗୌତମ ଭୋଇ, ସହ ସମ୍ପାଦକ ବିନୋଦ ମାଝି, କୋଷାଧ୍ୟକ୍ଷ ଶେତରାମ ବର୍ଗ, ଯାଦବ ଖମାରି, ରୁପସିଂ ଦିଆ, ଭୁବନ ପ୍ରଧାନ,ଧବଳେଶ୍ୱର ଓଝର, କିଷନ ଛତ୍ରିଆ, ବଂଶିଧର ଅଧିକ, ନନ୍ଦ କୁମାର ଅଧିକ, ସୁଧର ନାଏକ ପ୍ରମୁଖ ଆୟୋଜନ କରୁଛନ୍ତି।



ଅତିଥି ଗହଣରେ ଖେଳାଳିମାନେ।

# କାଳ ହେଲା କଂସ, ମଥୁରା ଛାଡ଼ିଲା ହସ୍ତୀ

ବରଗଡ଼,୪।୧(ପ୍ରେମାନନ୍ଦ ଖମାରୀ)

## ଧନୁଯାତ୍ରା କଥା, ବ୍ୟଥା



ନୂଆ ସରକାର ଆସିବା ପରେ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ନୂଆଁ ପରିକଳ୍ପନା କରାଯାଇଥିଲା। ବିଗତ ବର୍ଷ ତୁଳନାରେ ସାଜସଜ୍ଜା ବହୁଗୁଣିତ ହୋଇଥିଲା।ଧନୁଯାତ୍ରା ମହୋତ୍ସବ ଦେଖିବା ପାଇଁ କ୍ରମାଗତ ୨ବର୍ଷ ଧରି ମୁଖ୍ୟମନ୍ତ୍ରୀ ମଥୁରାନଗରୀକୁ ପହଞ୍ଚିବା ଧନୁଯାତ୍ରା ଇତିହାସରେ ପ୍ରଥମ। କେବଳ ସେତିକି ନୁହେଁ, ନୂଆଁ ସରକାର ଆସିବା ପରେ ପ୍ରଥମଥର ପାଇଁ ଧନୁଯାତ୍ରା କଳାକାରମାନଙ୍କୁ ରାଜ୍ୟ ସରକାର ୧୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଯୋଗାଇ ଆସୁଛନ୍ତି। ସେହିପରି ଧନୁଯାତ୍ରା ମହୋତ୍ସବରୁ ସାଜସଜ୍ଜା ବହୁଗୁଣିତ ହୋଇଥିବାବେଳେ ମଥୁରା ନଗରୀର ସବୁ ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣ ହୋଇଛି। ଉଭୟ ରାଜଦରବାର ଓ ରଙ୍ଗମହଲ ଦରବାର ମଧ ଗତବର୍ଷଠାରୁ ଉଚ୍ଚକୋଟୀର ହୋଇଥିଲା। ଗୋପପୁର ବି ପଛରେ ପଡ଼ି ନ ଥିଲା। ଗୋପପୁର ଦୃଶ୍ୟାଭିନୟ ମଧ ବେଶ ଉଚ୍ଚମାନର ହୋଇପାରିଥିଲା। ଧନୁଯାତ୍ରା ମହୋତ୍ସବ ପାଇଁ ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମଧ ତାଙ୍କ ଅନୁଦାନ ରାଶିକୁ ଏକ କୋଟିରୁ ଦେଢ଼ କୋଟିକୁ ବୃଦ୍ଧି କରିଲେ। ଧନୁଯାତ୍ରା ମହୋତ୍ସବର ମୁଖ୍ୟ ଚରିତ୍ର କଂସ ଦୃଶ୍ୟାଭିନୟ ମଧ ଏଥର କିଭଳି ଇତିହାସ ରଚିଲା, ତାହା କେବଳ ଦର୍ଶକ ନୁହେଁ, ଚା ଖଟିଠାରୁ ଆରମ୍ଭ କରି ସୋସିଆଲ ମିଡ଼ିଆରେ ତାକୁ ନେଇ ବେଶ ଚର୍ଚ୍ଚା।

### ଦର୍ଶକ ହିଁ ମାପକାଠି



ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଆତ୍ମାକୁ ଅପରିବର୍ତ୍ତିତ ରଖାଯାଉ। ଦର୍ଶକମାନଙ୍କ ଭାବାବେଗ ସହିତ ପ୍ରଶାସନ ଖେଳୁଆଡ ନ କରି ସେମାନଙ୍କୁ ସୁରକ୍ଷା ସହିତ ଆଡମ୍ବରପୂର୍ଣ୍ଣ ଧନୁଯାତ୍ରାର ଆୟୋଜନ କରାଯାଉ। ଦର୍ଶକଙ୍କୁ ଯାତ୍ରାରେ ଗ୍ରାହକ ଭାବି ନେବା କଦାପି ଉଚିତ ନୁହେଁ। ସାଜସଜ୍ଜା ଅନ୍ୟବର୍ଷ ତୁଳନାରେ ବୃଦ୍ଧି ହୋଇଥିବା ବେଳେ ନାଟ୍ୟ ଅଭିନୟ ଓ ଧନୁଯାତ୍ରାରୁ ଆତ୍ମା ମୁଖ୍ୟ କଳାକାର କଂସଙ୍କ ଅଭିନୟ ଶୈଳୀ ଭଙ୍ଗା ପଡ଼ିଯାଇଥିଲା। ତାହା ଦର୍ଶକଙ୍କୁ ଏଥର ନିରାଶ କରିଥିଲା। ତେଣୁ ନାଟକ ଓ ଅଭିନୟକୁ ଜୀବନ୍ତ ଓ ଚିତ୍ତାକର୍ଷକ କରିବା ପାଇଁ କମିଟିର ଆମୂଳଚୂଳ ପରିବର୍ତ୍ତନର ଆବଶ୍ୟକତା ରହିଛି। ସର୍ବୋପରି ଦର୍ଶକ ହିଁ ହେଉଛି ଧନୁଯାତ୍ରାର ସଫଳତା ଓ ବିଫଳତାର ମାପକାଠି।

- ବୀରେନ୍ଦ୍ର ପ୍ରଧାନ, ଉପସଭାପତି, ବରଗଡ଼ ସାମ୍ବାଦିକ ସଂଘ ବରଗଡ଼

### କଳାକାର ଚୟନ ପ୍ରତି ସତର୍କ ରହିବା ବିଧେୟ



ଧନୁଯାତ୍ରା ମହୋତ୍ସବର ସାଜସଜ୍ଜା ଗତ ଦୁଇ ବର୍ଷ ହେଲା ଉଚ୍ଚକୋଟୀର ଥିଲା । ଲୋକଙ୍କ ଭିଡ଼ ପ୍ରଥମ ଦିନରୁ ହୋଇ ନ ଥିଲେ ବି ଅନ୍ତିମ ଦିବସରେ ଜନସମାଗମ ଧନୁଯାତ୍ରା ପ୍ରତି ଲୋକଙ୍କ ଆକୃଷ୍ଟକୁ ପ୍ରତିପାଦିତ କରିଥିଲା । ବରଗଡ଼ ଏସ୍‌ପି ଅଫିସ ଛକରୁ ଲୋକମଣ୍ଡପ ପଡ଼ିଆ ରାସ୍ତା ଏଥର ପ୍ରଶସ୍ତୀକରଣ କରାଯାଇଥିଲା। କିନ୍ତୁ ରାସ୍ତା ପ୍ରଶସ୍ତୀକରଣ ସତ୍ତ୍ୱେ ଏହି ରାସ୍ତାରେ ଏଭଳି ଭିଡ଼ ଜମିଥିଲା ଯେ, ତାହା ଆଗରୁ କେବେ ଦେଖାଦେଇ ନ ଥିଲା। ହେଲେ କଳାକାର ଚୟନକୁ ନେଇ ଆରମ୍ଭରୁ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। କଳାକାର ଚୟନକୁ ନେଇ ଲୋକେ ଯଦି ପ୍ରଥମରୁ ସନ୍ତୁଷ୍ଟ ହୋଇଥାନ୍ତେ, ଧନୁଯାତ୍ରା ମହୋତ୍ସବର ପ୍ରଥମ ଦିନରୁ ହିଁ ଲୋକଙ୍କ ଭିଡ଼ ଜମିଥାନ୍ତା। ମାତ୍ର ଏଥର ତାହା ପରିଲକ୍ଷିତ ହୋଇ ନ ଥିଲା ଏବଂ ଧନୁଯାତ୍ରା ସରିଥିଲେ ସୁଦ୍ଧା କଳାକାର ଚୟନକୁ ନେଇ ଏବେ ବି ସବୁଠି ଚର୍ଚ୍ଚା ଲାଗି ରହିଛି। ଧନୁଯାତ୍ରା ମହୋତ୍ସବର କଳାକାର ଚୟନ ପ୍ରତି ଅଧିକ ସତର୍କ ରହିବା ଦରକାର।

- ପ୍ରଫେସର ପତିତପାବନ ସାହୁ, ଶିକ୍ଷାବିତ, ବରଗଡ଼

### ଆତ୍ମପ୍ରଚାର ପାଇଁ ବ୍ୟାକୁଳ



ପ୍ରସାର ପ୍ରଚାର କମିଟୀରେ ସାମିଲ ଥିବା ସଦସ୍ୟମାନେ ଦୂରଦୃଷ୍ଟି ସଂପନ୍ନ ହେବା ଆବଶ୍ୟକ। କୌଣସି ଇଭେଣ୍ଟରେ ସେମାନେ ସାମିଲ ନ ହୋଇ କେବଳ ପ୍ରସାର ପ୍ରଚାରରେ ସୀମିତ ରହିବା ଆବଶ୍ୟକ। ବ୍ୟାନର ପୋଷ୍ଟରର ଡିଜାଇନ ଉନ୍ନତମାନର ହେବା ସହିତ ବିଭିନ୍ନ ଡିଜାଇନର ପୋଷ୍ଟର କେବଳ ବରଗଡ଼ ମଧରେ ସୀମିତ ନ ରହି ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଲଗାଯିବା ଦରକାର। ଏଥିପାଇଁ କୁଶଳୀ ବ୍ୟକ୍ତିମାନଙ୍କର ଆବଶ୍ୟକତା ରହିଛି। ହେଲେ ତାହା ଦେଖାଯାଉ ନାହିଁ, ଧନୁଯାତ୍ରା ପ୍ରଚାର ପ୍ରସାର ବଦଳରେ ଆତ୍ମ ପ୍ରଚାରରେ ବ୍ୟାକୁଳତା ଚର୍ଚ୍ଚାର ବିଷୟ ପାଲଟିଛି।

- ରାଜେନ୍ଦ୍ର ସିକନ୍ଦର, ଚିତ୍ରଶିଳ୍ପୀ

### ଜିଲାପାଳ ସମୀକ୍ଷା ବୈଠକ ଡାକନ୍ତୁ



ଆମେ ବରଗଡ଼ ଉନ୍ନତିକୁ ସମ୍ମାନ ଜଣାଉଛୁ । କିନ୍ତୁ ପରିତାପର ବିଷୟ ଯେ ଯାହାକୁ ନେଇ ଧନୁଯାତ୍ରା ପ୍ରସିଦ୍ଧ ଲାଭ କରିଛି, ତାକୁ ବଳି ପକାଯାଉଛି। ବରଗଡ଼ ଐତିହ୍ୟ, ପରମ୍ପରା ତଥା ସଂସ୍କୃତିକୁ ବଜାୟ ରଖିବାର ଏକ ପ୍ରୟାସ କରାଯାଇଥିଲା । ଲୋକଙ୍କ ଯାତ୍ରା କୁହାଯାଉଥିବା ଧନୁଯାତ୍ରା ଏବେ ସରକାରୀ ଅଫିସର ଓ କର୍ମଚାରୀମାନଙ୍କ ଯାତ୍ରାରେ ସୀମିତ ରହିଯାଇଛି। ଯେଉଁମାନେ ଦିନରାତି ପରିଶ୍ରମ କରି ନିଜ ସହରର ତଥା ଜିଲାର ନାମକୁ ଆଗେଇ ନେବା ପାଇଁ ଚାହିଁଥିଲେ, ସେମାନଙ୍କୁ ଉପେକ୍ଷା କରାଯାଇଛି। କଳାକାର ଚୟନ ସମୟରେ ମଧ ବରଗଡ଼ ଇଜ୍ଜତ, ସମ୍ମାନକୁ ସାମନାରେ ରଖିବା ଉଚିତ। ଶୀଘ୍ର ଏହା ଉପରେ ଜିଲାପାଳ ଏକ ସମୀକ୍ଷା ବୈଠକ ଡାକନ୍ତୁ ନ ହେଲେ ପରିସ୍ଥିତି ଭୟାବହ ହେବ।

- ଭୀଷ୍ମଦେବ ସରାଫ : ସଭାପତି, ଜିଲା ଓକିଲ ସଂଘ, ବରଗଡ଼

# ଅସୁରଗଡ଼ ଲୋକ ମହୋତ୍ସବ ପାଇଁ ଶୁଭ ଖୁଣ୍ଟି ସ୍ଥାପନ



ଶୁଭ ଖୁଣ୍ଟି ସ୍ଥାପନ କରାଯାଉଛି।

ମାନମୁଣ୍ଡା,୪।୧(ବେଣୁଧର ପଧାନ)

ଜାନୁଆରୀ ୨୫ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ବୌଦ୍ଧ ଜିଲା ଅନ୍ତର୍ଗତ ମନମୁଣ୍ଡା ବାବା ସୁବର୍ଣ୍ଣ ମେରୁ ପଡ଼ିଆଠାରେ ତୃତୀୟ ରାଜ୍ୟ ସ୍ତରୀୟ ଅସୁରଗଡ଼ ଲୋକ ମୋହତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଶୁଭ ଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଆଶିଷ କୁମାର ସାହୁଙ୍କ ନେତୃତ୍ୱରେ ଓ ସମ୍ପାଦକ ଶିବ ନାରାୟଣ ଚୌଲିଆଙ୍କ ଆହ୍ୱାନ କ୍ରମେ ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ଉପସ୍ଥିତରେ ଉକ୍ତ ମହୋତ୍ସବ ପଡ଼ିଆରେ ଶୁଭ ଖୁଣ୍ଟି ସ୍ଥାପନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ଓଡ଼ିଶା ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ମନମୁଣ୍ଡା ଥାନା ଅଧିକାରୀ ସସ୍ମିତା ମଗର, ମନମୁଣ୍ଡା ଗ୍ରାମ ପଞ୍ଚାୟତ ସରପଞ୍ଚ ସୁଶ୍ରୀ ରଞ୍ଜୁ ବେହେରା, ଗୁଡ଼ଭେଲି ପଦର ସରପଞ୍ଚ ପ୍ରତିନିଧି ସଚ୍ଚିନ ମିଶ୍ର ଓ ଅସୁରଗଡ଼ ଲୋକ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଉକ୍ତ ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ କଳାକାର ସାମିଲ ହେବେ। ଅସୁର ଗଡ ଲୋକ ମହୋତ୍ସବ ୨୦୨୬ରେ ପଲ୍ଲୀଶ୍ରୀ ମେଳା, ବୟନିକା, ହସ୍ତ ତନ୍ତ ଓ ମିନାବଜାର ସହିତ ବିଭିନ୍ନ ପ୍ରକାରର ସୁସ୍ୱାଦ ଖାଦ୍ୟର ମଜା ଦର୍ଶକ ନେବେ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ଗଳାକାଟି ଯୁବକଙ୍କୁ ହତ୍ୟା ଘଟଣାରେ ୩ ଗିରଫ

ବରଗଡ,୪।୧(ପ୍ରେମାନନ୍ଦ ଖମାରୀ)

## ତ୍ରିକୋଣୀୟ ପ୍ରେମ ହତ୍ୟାର କାରଣ

ବରଗଡ଼ ଧନୁଯାତ୍ରା ମହୋତ୍ସବ ଚାଲିଥିବାବେଳେ ଶୁକ୍ରବାର ବିଳମ୍ବିତ ରାତିରେ ନିକଟସ୍ଥ ଘୁଲିପାଲି ରାସ୍ତାରେ ଚନ୍ଦନ ରାଉତଙ୍କୁ ଗଳାକାଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ରବିବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ, ବରଗଡ଼ ଟାଉନ ଥାନା ଅନ୍ତର୍ଗତ ବିଶିପଡ଼ାର ସୁମିତ ସୂନା, ରାଉତ୍ ପଡାର ସୁମନ ଉର୍ମା ଏବଂ କଟାପାଲିର ଅଭିଷେକ ପାତ୍ର। ସେମାନଙ୍କ ପାଖରୁ ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର ଏବଂ ଏକ କାର୍‌କୁ ପୋଲିସ ଜବତ କରିଛି। ଅଭିଯୁକ୍ତଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା (ନଂ.୫/୨୬) ରୁଜୁ ହୋଇଛି। ମୃତ ଚନ୍ଦନ ଏବଂ ଅଭିଯୁକ୍ତ ସୁମିତ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ଚନ୍ଦନଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ଯୋଜନା କରି ସୁମିତ ଅନ୍ୟ ଅଭିଯୁକ୍ତଙ୍କ ସହିତ ମିଶି ଚନ୍ଦନଙ୍କୁ ହତ୍ୟା କରିଥିଲେ ବୋଲି ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ସୂଚନା ଦେଇଛନ୍ତି।

# 'ଆଞ୍ଚଳିକ ସଂସ୍କୃତିକୁ ଉଜ୍ଜୀବିତ କରୁଛି ପୁଷ୍‌ପୁନି'

ଘଣ୍ଟାପଡା/ଖୁଣ୍ଟିଗୋରା, ୪।୧
(ପ୍ରଭାତ କୁମାର ସାହୁ/ମକରନ୍ଦ ସାହୁ)

## ପୁଷ୍‌ପୁନି ମହୋତ୍ସବର ଦ୍ବିତୀୟ ସନ୍ଧ୍ୟା

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତର ଗୋଛାଗୋରା ଯାତ୍ରା ପଡ଼ିଆରେ ଚାଲିଥିବା କୃଷିଭିତ୍ତିକ ଭୀମବୁଢ଼ା ତଥା ୫୮ତମ ପୁସପୁନି ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ କଣ୍ଟାମାଳ ବିଧାୟକ କହ୍ନାଇଁ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୁଦୁର୍କା ମାଟିର ପର୍ବ ପୌଷ ଯାତ୍ରା ଓ ପୁସପୁନି ମହୋତ୍ସବ ଉକ୍ତ ଅଞ୍ଚଳର ସଂସ୍କୃତିକୁ ଉଜ୍ଜୀବିତ କରୁଛି । ଏହି ପର୍ବ କୃଷି ସହିତ ସମ୍ପୃକ୍ତ ଥିବାରୁ ବର୍ତ୍ତମାନର ସରକାର କୃଷି ଓ କୃଷକଙ୍କୁ ଗୁରୁତ୍ୱ ଦେଉଛନ୍ତି ବୋଲି ବିଧାୟକ ଡାଙ୍ଗ ମତପ୍ରକାଶ କରିଥିଲେ। କଣ୍ଟାମାଳ ବ୍ଲକ ଆଦିବାସୀ ସଂଘ ସଭାପତି ନରୋତ୍ତମ ମଲିକ, ଶିକ୍ଷକ ଗୋବର୍ଦ୍ଧନ ପ୍ରଧାନ, ଭାଜପା ନେତା ପିନାକଧର ରଣା, ଚିତ୍ତରଞ୍ଜନ ପାତ୍ର, ଘଣ୍ଟାପଡା ମଣ୍ଡଳ ସଭାପତି ଗୋପୀନାଥ କହଁର, ଆଦିବାସୀ ନେତା ଡମ୍ବରୁଧର କହଁର, ସତ୍ୟନାରାୟଣ ମାଝୀ, ପ୍ରଭାତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ଶିକ୍ଷାବିତ୍ ନୀଳାଞ୍ଚଳ ଭୋଇ ସଭା ପରିଚାଳନା ଏବଂ ସୁଶାନ୍ତ ବାରିକ ମଞ୍ଚ ପରିଚାଳନା କରିଥିଲେ।ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଭୀମବୁଢ଼ା ଯାତ୍ରା କମିଟି ଓ ପୁସପୁନି ମହୋତ୍ସବ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।




ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ଢୋଲ, ନିଶାନ, ତାସାରେ ଦୁଲୁକିଲା ମଞ୍ଚ



ତୃତୀୟ ସନ୍ଧ୍ୟାର ମଞ୍ଚାସୀନ ଅତିଥି।

ବୌଦ୍ଧ,୪।୧(ଅଜିତ କୁମାର ବାରିକ)

## ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳାର ତୃତୀୟ ସନ୍ଧ୍ୟା

ବୌଦ୍ଧ ଜିଲାର ୩୨ ତମ ସ୍ୱନକ୍ଷତ୍ର ଦିବସ ଅବସରେ ମହାନ ସାଂସ୍କୃତିକ ଉତ୍ସବ ସଂସ୍କୃତି ଓ ପରମ୍ପରାର ବାର୍ତ୍ତା ନେଇ କଚେରୀ ଖେଳ ପଡ଼ିଆଠାରେ ଚାଲିଥିବା ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳା ୨୦୨୬ ରବିବାର ଥିଲା ତୃତୀୟ ଦିବସ। ପ୍ରାରମ୍ଭିକ ସ୍ୱାଗତ ସଙ୍ଗିତ ସାଂସ୍କୃତିକ କଳା ପରିଷଦ ପକ୍ଷରୁ ପରିବେଷଣ ହୋଇଥିଲା। ତୃତୀୟ ସନ୍ଧ୍ୟାରେ ଜିଲା ସଂସ୍କୃତି ପରିଷଦର ଅଧକ୍ଷ ତଥା ଜିଲାପାଳ ବିଭୁତି ଭୁଷଣ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ସମ୍ମାନୀତ ଅତିଥି ଭାବେ ମତ୍ସ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ବୌଦ୍ଧର ପୂର୍ବତନ ବିଧାୟକ ସଚିଦାନନ୍ଦ ଦଲାଲ ମଞ୍ଚାସୀନ ଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆମର କଳା, ସଂସ୍କୃତି, ପୂର୍ବଜ ଆମର ସମ୍ପତ୍ତି ବୋଲି ମନ୍ତ୍ରୀ ମଲିକ ମତ ବ୍ୟକ୍ତ କହିଥିଲେ,ଏହା ସହ ବୌଦ୍ଧ ଜିଲା ହେଉଛି ଓଡିଶାର ପ୍ରାଣ କେନ୍ଦ୍ର। ତୃତୀୟ ଦିବସର ସଂନ୍ଧ୍ୟାରେ ରାଜ୍ୟ ଓ ରାଜ୍ୟ ବାହାରରର କଳାକାର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହା ସହ ସମ୍ବଲପୁରୀ ଗୀତ ଓ ନାଚ ସହ ଢୋଲ , ନିଶାନ, ତାସାରେ ପୁରା ମଞ୍ଚ ଦୁଲୁକିପଡ଼ିଥିଲା। ମହୋତ୍ସବରେ ଏଥର ୨୪୫ ଗୋଟି ଷ୍ଟଲ ଖୋଲାଯାଇଥିବା ବେଳେ ସେଥିମଧ୍ୟରୁ ୯୨ ଷ୍ଟଲରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ୩୨ ଖାଦ୍ୟ ଷ୍ଟଲ, ବିଭନ୍ନ ବିଭାଗୀୟ ଷ୍ଟଲ ୨୮, ବୟନିକା ୫୦, ବ୍ୟବସାୟୀ ୨୩ ଓ ସେବା ପାଇ ୫ ଗୋଟି ଷ୍ଟଲ ପ୍ରଦର୍ଶିତ ହୋଇଛି।

# ସିର୍ଜନାର ନୂଆବର୍ଷର ପ୍ରଥମ ବୈଠକ

ପଦ୍ମପୁର,୪।୧(ପ୍ରଦୀପ୍ତ ଦାଶ)

ସିର୍ଜନା କାର୍ଯ୍ୟାଳୟରେ ସିର୍ଜନାର ନୂଆବର୍ଷର ପ୍ରଥମ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରିଥିଲେ ଆଦିତ୍ୟ କୁମାର ରଥ। ଆସନ୍ତା ଏପ୍ରିଲ ୪ ଓ ୫ରେ ସିର୍ଜନା ଉତ୍ସବ ପାଳନ ପାଇଁ ସ୍ଥିର କରାଗଲା। ଏହି ଅବସରରେ ହାଇସ୍କୁଲ ସ୍ତରୀୟ ନାଟକ ପ୍ରତିଯୋଗିତା ଓ ରାଜ୍ୟସ୍ତରୀୟ କବି ସମ୍ମିଳନୀ କରାଯିବ ବୋଲି ସଂପାଦକ ରାଜେନ୍ଦ୍ର ମହାନ୍ତି ସୂଚନା ପ୍ରଦାନ କଲେ। ଆସନ୍ତା ୧୪ ତାରିଖରେ ମକର ମିଳନ କରାଯିବାକୁ ଆଲୋଚନା ହେଲା। ଉକ୍ତ ବୈଠକରେ ପଣ୍ଡିତ ପରମେଶ୍ୱର ଦାଶ, ଦେବେନ୍ଦ୍ର ତ୍ରିପାଠୀ, ଆନନ୍ଦ ବେହେରା, ମହେଶ୍ୱର ସାହୁ, କେଦାର ସାହୁ, କିଶୋର ପାତ୍ର, ଆଶୁତୋଷ ପାଣିଗ୍ରାହୀ, ମୀନକେତନ ସାହୁ, ଦିଲେଶ୍ୱର ବାଗ, ସନାତନ ବାରିକ, ସନ୍ତୋଷ ମହାନ୍ତି, ଭୋଜରାଜ ବୁଡେକ, ସୁନୀଲ ବେହେରା ପ୍ରମୁଖ ସଭ୍ୟ ଯୋଗଦାନ କରି ନିଜସ୍ୱ ମତ ପ୍ରଦାନ କରିଥିଲେ। ଏହି ଅବସରରେ ଆଦିତ୍ୟ ରଥଙ୍କୁ ସିର୍ଜନା ତରଫରୁ ସମ୍ମାନିତ କରାଯାଇଥିଲା। ଶେଷରେ ଉପସଭାପତି ଆନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଉଛି।

# ନୃସିଂହନାଥରେ ବୁଡ଼ ପକାଇଲେ ବରଗଡ଼ ଧନୁଯାତ୍ରାର କଳାକାର

ପାଇକମାଳ, ୪।୧(ବଡ ଶତପଥୀ)

## ପାପ ଖଣ୍ଡନ ପାଇଁ କ୍ଷମା ପ୍ରାର୍ଥନା

ବରଗଡର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଖୋଲା ରଙ୍ଗମଞ୍ଚ ଧନୁଯାତ୍ରା ମହୋତ୍ସବରେ ଭଗବାନ କୃଷ୍ଣ, ବଳରାମ, ଦେବକୀ, ବସୁଦେବଙ୍କୁ ମହାରାଜ କଂସ ଓ ତାଙ୍କ ପାତ୍ର, ମନ୍ତ୍ରୀ, ସୈନ୍ୟ ସେନା, ପାରିଷଦଗଣ ଅନେକ ଅତ୍ୟାଚାର କରି କଟୁକଥା କହିଥିଲେ, ଏପରିକି ଭଗବାନ କୃଷ୍ଣ ଓ ବଳରାମଙ୍କୁ ମାରିବା ପାଇଁ. ଗୋପପୁରରୁ ମଥୁରାକୁ ଧନୁଯାତ୍ରା ଦେଖିବା ବାହାନା କରି ଡକାଇଥିଲେ। ମହାରାଜ କଂସଙ୍କ ମୃତ୍ୟୁ ପରେ କଂସ ଭୂମିକାରେ ଅଂଶଗ୍ରହଣ କରିଥିବା ସୁଶୀଲ ମେହେର ପୁରୀ ମହୋଦଧିକୁ ପାପ ମୋଚନ ପାଇଁ ବୁଡ଼ ପକାଇବାକୁ ଯାଇଥିବା ବେଳେ ଅନ୍ୟ ପାତ୍ରମନ୍ତ୍ରୀ, ପରିଷଦଗଣ ତାଙ୍କର ପାପ ମୋଚନ ପାଇଁ ରବିବାର ନୃସିଂହନାଥ ମନ୍ଦିର ଆସି ପାପନାଶିନୀ ଝରଣାରେ ଥିବା ଗୋକୁଣ୍ଡ ଘାଟରେ ବୁଡ଼ ପକାଇ ପାପ ଖଣ୍ଡନ ପାଇଁ ଭଗବାନ ନୃସିଂହନାଥଙ୍କୁ ଦର୍ଶନକରି କ୍ଷମାପ୍ରାର୍ଥନା କରିଛନ୍ତି । ସେମାନେ ହେଲେ ଗୋଲାପ ଚନ୍ଦ୍ର ଦାସ,ନନ୍ଦିଘୋଷ ମହାପାତ୍ର, ବୃନ୍ଦାବନ ପ୍ରଧାନ, ମୁକେଶ ଚାନ୍ଦ ଆଚାର୍ଯ୍ୟ, ହେମନ୍ତ ପଧାନ, ଜୈମିନି ସାହୁ, ହୃଷୀକେଶ ମେହେର, ମିତ୍ରଭାନୁ ସାହୁ, ଦେବକାନ୍ତ ବନଛୋର, ଚିନ୍ତାମଣି କୁମ୍ଭାର, ହିମାଂଶୁ ସାହୁ, ଭଗବାନ ପାଣ୍ଡେ, ସରୋଜ ବିଶ୍ୱାଳ, ସରୋଜ କୁମାର ଭୋଇ, ସରୋଜ କୁମାର ପାତ୍ର ଓ ପ୍ରକାଶ ପାତ୍ର, ମନୋଜ କୁମାର ସାହୁ ପ୍ରମୁଖ କଳାକାରମାନଙ୍କୁ ମନ୍ଦିର କର୍ମଚାରୀମାନେ ସ୍ୱାଗତ କରିଥିଲେ ଓ ସେମାନେ ବୁଡ଼ପକାଇବା ପରେ ଭଗବାନ ନୃସିଂହନାଥଙ୍କୁ ଦର୍ଶନ କରାଇଥିଲେ।



ନୃସିଂହନାଥରେ ବୁଡ଼ ପକାଇବାକୁ ଆସିଥିବା ଧନୁଯାତ୍ରା କଳାକାରମାନେ।

# ଗୌନ୍ତିଆଙ୍କ ପୁଷ୍ୟାଭିଷେକ ପାଇଁ ଚଳଚଞ୍ଚଳ ପଗାରପାଣି

ଝାରବନ୍ଧ,୪।୧(ଦେବେନ୍ଦ୍ର ସାହୁ)

ଉଡିଯାଇଛି କର୍ପୂର ହେଲେ ପଡ଼ିରହିଛି କନା। ହେଲେ ଏବେ ମଧ କିଛି ଗ୍ରାମୀଣ ଜନତାଙ୍କ ମନରୁ ତୁଟିନାହିଁ ପ୍ରାଚୀନ ପରମ୍ପରା ମୋହ । ରାଜତନ୍ତ୍ରର ବିଲୋପ ହୋଇ ଅଧୁନା ଗଣତନ୍ତ୍ର ପ୍ରଚଳିତ ହୋଇଥିବା ସତ୍ତ୍ୱେ ରାଜତନ୍ତ୍ରର ଛତ୍ରଛାୟା ତଳେ ରହିବାକୁ ଶ୍ରେୟ ମଣୁଛନ୍ତି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପଲ୍ଲିବାସୀ ମନରୁ ରାଗରୁଷା ଅଭିମାନ ଭୁଲି ସଭିଏଁ ଏକତ୍ର ହୋଇ ଗାଁର ଗୌନ୍ତିଆଙ୍କୁ ପୁଷ୍ୟାଭିଷେକ ପରମ୍ପରା ସତରେ ଏକ ନିଆରା। ବରଗଡ଼ ଜିଲା ଉପାନ୍ତ ଝାରବନ୍ଧ ବ୍ଲକ ଅନ୍ତର୍ଗତ ଗୋଠୁଗୁଡା ଗ୍ରାମପଞ୍ଚାୟତ ଅଧୀନ ପଗାରପାଣି ଏକ ଛୋଟ ଗାଁ। ୩ ୱାର୍ଡ ବିଶିଷ୍ଟ ଏହି ଗାଁର ଜନସଂଖ୍ୟା ୨୨୦୦। ଏଠି କଳଙ୍ଗା, ବାଞ୍ଜରା, ଆଦିବାସୀ, ହରିଜନ ବସବାସ କରନ୍ତି। କୃଷି କାର୍ଯ୍ୟ ହିଁ ସ୍ଥାନୀୟ ଅଧିବାସୀଙ୍କ ମୁଖ୍ୟ ଜୀବିକା। କିଛି ଲୋକ ମୂଲଲାଗି ଜୀବିକା ନିର୍ବାହ କରନ୍ତି। ସାମ୍ପ୍ରତିକ ସମୟର କଳୁଷିତ ରାଜନୀତିକ ବାତାବରଣ ଗାଁକୁ ପ୍ରବେଶ କରିପାରିନାହିଁ। ସଭିଏଁ ଗାଁର ଗୌନ୍ତିଆ ଚକ୍ରଧର ଶଗରଙ୍କୁ ସମ୍ମାନ କରିଥାନ୍ତି । ଗାଁର ଭାଇ ଭାଇ ମଧରେ ହେଉ ସାଇପଡ଼ିଶା ମଧରେ କଳହ ହେଲେ ଗୌନ୍ତିଆ ତାଙ୍କର ଆପୋସ ସମାଧାନ କରିଦିଅନ୍ତି । ବର୍ତ୍ତମାନ ସୁଦ୍ଧା ଥାନାର



ଗୌନ୍ତିଆଙ୍କ ପୁଷ୍ୟାଭିଷେକରେ ଉପସ୍ଥିତ ଗ୍ରାମବାସୀ।

ଏରୁଣ୍ଡିବନ୍ଧ ସୁଦ୍ଧା ମାଡ଼ିନାହାନ୍ତି। ପ୍ରତିବର୍ଷର ପୌଷ ପୂର୍ଣ୍ଣିମା ଗ୍ରାମବାସୀଙ୍କ ପାଇଁ ଏକ ଅଭୁଲା ଦିନ। ଉକ୍ତ ଦିନ ବଡ଼ି ଭୋର୍‌ରୁ ଘରେ ଘରେ ଛଣାପଣାର ବାସ୍ନା ଗାଁଦାଣ୍ଡ ମହକି ଉଠୁଥିବା ବେଳେ ଗୌନ୍ତିଆଙ୍କ ପୁଷ୍ୟାଭିଷେକ ପାଇଁ ଗାଁରେ ପ୍ରସ୍ତୁତି ଚାଲିଥାଏ । ଘରେ ଘରେ ମହିଳାମାନେ ପଲର୍ଣ୍ଣ କଳସ ସ୍ଥାପନ କରି ଗୌନ୍ତିଆଙ୍କୁ ସ୍ୱାଗତ କରନ୍ତି। ଗାଁ ଲୋକେ ସଂକୀର୍ତ୍ତନ, ଘଣ୍ଟ, ଶଙ୍ଖ ଆଦି ଭବ୍ୟ ଶୋଭାଯାତ୍ରାରେ ଗୌନ୍ତିଆ ଚକ୍ରଧର ଶଗରଙ୍କୁ ପାଛୋଟି ଆଣନ୍ତି ତାଙ୍କ ବାସଭବନରୁ ଗାଁର ଜଗନ୍ନାଥ ମନ୍ଦିରକୁ। ରୀତିନୀତି ଅନୁସାରେ ଗୌନ୍ତିଆଙ୍କୁ ତାଙ୍କ ବାସଭବନକୁ ନେଇ ଆଡ଼ମ୍ବରପୂର୍ଣ୍ଣ ଭାବେ ଆସନରେ ବସାଇ ରାଜ ଅଭିଷେକ କରାଯାଏ । ଆଗାମୀ ପୌଷ ପୂର୍ଣ୍ଣିମା ଯାଏ ଗୋଟିଏ ବର୍ଷ ଗାଁର ଭଲମନ୍ଦ କଥାରେ ସହାୟକ ହେବା ପାଇଁ ଗୌନ୍ତିଆ ମଧ ଉପସ୍ଥିତ ଗ୍ରାମବାସୀଙ୍କୁ ଅଭୟବାଣୀ ଶୁଣାଇଥାନ୍ତି। ସୂଚନାଯୋଗ୍ୟ,୧୯୯୭ରେ ତତ୍କାଳୀନ ଗୌନ୍ତିଆ ଲୋଚନ ଶଗରଙ୍କ ମୃତ୍ୟୁ ହୋଇଥିଲା। ସେ ସମୟରେ ଚକ୍ରଧରଙ୍କ ବୟସ ମାତ୍ର ୨୩ ବର୍ଷ। ଗ୍ରାମବାସୀ ଉକ୍ତ ଦିନ ପଗାରପାଣିର ଗୌନ୍ତିଆ ଭାବେ ଚକ୍ରଧରଙ୍କୁ ଅଭିଷେକ କରାଇଥିଲେ। ଚକ୍ରଧର ଯୁବାବସ୍ଥାରେ ଉପନୀତ ହୋଇଥିଲେ ମଧ ଯୁବସୁଲଭ ଉଦ୍ଧାମତାକୁ ପରିହାର କରି ସମାଜ ସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି । ଫଳସ୍ୱରୂପ ତାଙ୍କ ନେତୃତ୍ୱରେ ଗାଁରେ ଐକ୍ୟ ଭାବ ସୁଦୃଢ଼ ହେବା ସହ ଗାଁରେ ଏକ ରାଧାକୃଷ୍ଣ ମନ୍ଦିର, ଜଗନ୍ନାଥ ମନ୍ଦିର ହୋଇପାରିଛି । ପଗାରପାଣି ଗ୍ରାମବାସୀ ତଥା ଗୌନ୍ତିଆଙ୍କ ଗାଁ ପ୍ରତି ଉତ୍ସର୍ଗୀକୃତ ମନୋଭାବ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ।

# ଦେୟବୃଦ୍ଧି ଲୋକଙ୍କ ଉପରେ ଚାପ

ରାଉରକେଲା,୪।୧(ସଙ୍ଗୀତା ଜେନା)

## ଜନ୍ମମୃତ୍ୟୁ ପ୍ରମାଣପତ୍ର

ସରକାରୀ, ବେସରକାରୀ ସ୍ତରରେ ନାନା ସୁବିଧା ପାଇବା ପାଇଁ ଜନ୍ମମୃତ୍ୟୁ ପ୍ରମାଣପତ୍ର ଆବଶ୍ୟକ ହୋଇଥାଏ। ଜନ୍ମମୃତ୍ୟୁର ୨୧ଦିନ ମଧ୍ୟରେ ସ୍ଥାନୀୟ ପ୍ରଶାସନ ନିକଟରେ ପଞ୍ଜୀକରଣ କରିବା ଜରୁରୀ। ଏହାର ଉପରାନ୍ତରେ ଆବେଦନ କଲେ ଅତିରିକ୍ତ ଜରିମାନା ଦେବାକୁ ପଡିଥାଏ। ୧୯୬୯ ଜନ୍ମମୃତ୍ୟୁ ପଞ୍ଜୀକରଣ ନିୟମ ଅନୁଯାୟୀ ଏହା କାର୍ଯ୍ୟକାରୀ ହେଉଛି। ଏବେ ନିୟମରେ ତତ୍କାଳ ପରିବର୍ତ୍ତନ ହେବାରୁ ଜରିମାନା ଓ ଅନ୍ୟାନ୍ୟ ଦେୟ ବାବଦରେ ୭ଟଙ୍କା ପରିବର୍ତ୍ତେ ୭୦ ଟଙ୍କା ସଂଗ୍ରହ କରାଯାଉଛି, ଯାହାକି ୧୦ ଗୁଣା ଅଧିକ। ଜାନୁଆରୀ ୧ରୁ ଏହି ଦେୟ ବୃଦ୍ଧି ହୋଇଥିବାବେଳେ ଏହାକୁ ନେଇ ଜନଅସନ୍ତୋଷ ଦେଖାଯାଇଛି। ଅପରପକ୍ଷେ, ରାଜ୍ୟ ସାରା ଉକ୍ତ ଦେୟ ବୃଦ୍ଧି କରାଯାଇଥିବା ସ୍ଥାନୀୟ ଆର୍‌ଏମ୍‌ସି ପ୍ରଶାସନ ପକ୍ଷରୁ କୁହାଯାଇଛି। ତରିବରିଆ ଭାବେ ଏହି ଦେୟ ବୃଦ୍ଧିକୁ ନେଇ ଭିନ୍ନ ମତ ପ୍ରକାଶ ପାଇଛି।

### ଏମାନେ ଯାହା କୁହନ୍ତି...



“ଉକ୍ତ ୨ଟି ପ୍ରମାଣପତ୍ର ଅନିର୍ବାର୍ଯ୍ୟ ଅଟେ। ଏହାର ଆବଶ୍ୟକତା ପ୍ରାୟ ସମସ୍ତ ପରିବାରରେ ଦରକାର ପଡେ। ପୂର୍ବରୁ ଆବେଦନ ଓ ବିଳମ୍ବ ରାଶି ଆଦାୟ ହେଉ ନ ଥିଲା। ହେଲେ ସମ୍ପ୍ରତି ରାଜ୍ୟ ସରକାର ଏହି ଦରବୃଦ୍ଧି କରିଛନ୍ତି। ଏ ନେଇ କାହାର ମତାମତ ମଧ ଲୋଡାଯାଇନାହିଁ। କାରଣ ଦରବୃଦ୍ଧି ୧୦ ଗୁଣା ହୋଇଥିଲେ ମଧ୍ୟ ସାଧାରଣ ଲୋକ ଏ ସମ୍ପର୍କରେ ଅବଗତ ନାହାନ୍ତି। ଏହାଦ୍ୱାରା ବିଶେଷ କରି ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକେ ପ୍ରଭାବିତ ହେବେ। ତେବେ ଦେୟ ବୃଦ୍ଧି ପୂର୍ବରୁ ସାଧାରଣ ଲୋକଙ୍କ ମତାମତ ସଂଗ୍ରହ ଜରୁରୀ ଥିଲା।

-ରାଜେଶ କାନନ, ସାମାଜିକ କର୍ମୀ



“ତରବରିଆ ଭାବେ ଦେୟ ବୃଦ୍ଧି କରାଯାଇଛି। ପୌରପାଳିକା, ପଞ୍ଚାୟତ, ଏନ୍‌ଏସି ମାନଙ୍କରେ ଦୈନିକ ଶତାଧିକ ଲୋକ ଉକ୍ତ ପ୍ରମାଣପତ୍ର ଆବେଦନ କରିଥାନ୍ତି। ଆଦିବାସୀ ବହୁଳ ସୁନ୍ଦରଗଡ ଜିଲାରେ ଏହି ଦେୟ ବୃଦ୍ଧି ଆଦିବାସୀମାନଙ୍କ ଉପରେ ଆର୍ଥିକ ବୋଝ ସଦୃଶ ହୋଇଛି। ଜନଜାତି ଲୋକେ ଅସୁବିଧା ଭୋଗ କରିବେ।

-ଜନ୍ ତିର୍କୀ, ଯୁବନେତା, ଆଇଏନ୍‌ସି



“ସରକାରୀ ନୀତିନିୟମ ଉପରେ ସବୁ ଲୋକ ଅବଗତ ନ ଥାନ୍ତି। ଅନେକ କ୍ଷେତ୍ରରେ ପ୍ରମାଣପତ୍ର ମଧ୍ୟସ୍ଥ ଜରିଆରେ ମଧ ଆବେଦନ କରାଯାଇଥାଏ। ଫଳରେ ଉକ୍ତ ମଧ୍ୟସ୍ଥ ଏ ବାବଦରେ ଅଧିକ ଅର୍ଥ ନେଇଥାନ୍ତି। ଏହାଦ୍ୱାରା ସାଧାରଣ ଲୋକଙ୍କ ଉପରେ ଆର୍ଥିକ ବୋଝ ପଡ଼ିଥାଏ।

-ପ୍ରଫୁଲ୍ଲ ଚନ୍ଦ୍ର ଜେନା, ବ୍ୟବସାୟୀ



“ଏହି ପ୍ରମାଣପତ୍ର ଆବେଦନ ବ୍ୟତୀତ ନାମ ସଂଶୋଧନ ଆଦି ପାଇଁ ମଧ୍ୟ ଦେୟ ସଂଗ୍ରହ କରାଯାଉଛି। ଜନ୍ମ କିମ୍ବା ମୃତ୍ୟୁର ୨୧ ଦିନ ପରେ କୌଣସି ବ୍ୟକ୍ତି ଆବେଦନ କଲେ ନୂତନ ଦେୟ ଅନୁଯାୟୀ ଅଧିକ ଖର୍ଚ୍ଚ ହେବ। ଲୋକଙ୍କ ମତାମତ ସଂଗ୍ରହ କରି ଏହି ଦେୟବୃଦ୍ଧି କରିଥିଲେ ଭଲ ହୋଇଥାନ୍ତା। ପର୍ଯ୍ୟାପ୍ତ ପରିମାଣରେ ଏ ବାବଦରେ ସଚେତନତା କରାଯିବାର ଆବଶ୍ୟକତା ରହିଛି।

-ପ୍ରମୋଦ ବୈଠାଲୁ, ସାମାଜିକ କର୍ମୀ।

# ଏନ୍‌ଆଇଟି ଷ୍ଟାର୍ଟଅପ୍‌ରେ ନୂତନ ପ୍ରଡକ୍ଟ ଶୁଭାରମ୍ଭ

ରାଉରକେଲା,୪।୧(ସଙ୍ଗୀତା ଜେନା)



ଏନ୍‌ଆଇଟି ନିର୍ଦ୍ଦେଶକ ନୂତନ ଷ୍ଟାର୍ଟଅପ୍‌ର ଶୁଭାରମ୍ଭ କରୁଛନ୍ତି।

ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ଲାଇଫ୍ ସାଇନ୍ସ ବିଭାଗର ଶେଷବର୍ଷ ଛାତ୍ର ପ୍ରସନ୍ନଜିତ ଲେଙ୍କାଙ୍କ ନେତୃତ୍ୱରେ ଗଠିତ ଷ୍ଟାର୍ଟଅପ୍ ଦ୍ୱାରା ପ୍ରସ୍ତୁତ ପ୍ରଡକ୍ଟ ରବିବାର ଶୁଭାରମ୍ଭ ହୋଇଛି। ସେକ୍ଟର-୨ ଇଣ୍ଡୋ ଜର୍ମାନ କ୍ଲବରେ ପୂର୍ବାହ୍ନ ୧୧ଟାରେ ଷ୍ଟାର୍ଟଅପ୍ ସୋଲେଷ୍ଟିକ୍ ସ୍କିନ୍ ଏସେନ୍ସ ଅନୁଷ୍ଠାନ (ଅରୁମ ଏସେନ୍ସ)ର ପ୍ରସ୍ତୁତ ସାମଗ୍ରୀକୁ ମୁଖ୍ୟଅତିଥି ତଥା ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଶୁଭାରମ୍ଭ କରିଥିଲେ। ଏନ୍‌ଆଇଟି ରେଜିଷ୍ଟ୍ରାର ପ୍ରଫେସର ରୋହନ୍ ଧୀମାନ, ଲାଇଫ୍ ସାଇନ୍ସ ବିଭାଗର ପ୍ରମୁଖ ବିସ୍ମିତା ନାୟକ, ରସାୟନ ବିଭାଗ ଅଧାପିକା ସସ୍ମିତା ମହାପାତ୍ର ,ଏଫ୍‌ଟିବିଆଇ ସଭାପତି ସୁବ୍ରତ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ରାଓ କହିଲେ, ଏନ୍‌ଆଇଟି ଦେଶରେ ଶିକ୍ଷାକ୍ଷେତ୍ରରେ ପ୍ରମୁଖତା ହାସଲ କରିଛି। ଏଠାରୁ ବାହାରିଥିବା ଛାତ୍ରୀଛାତ୍ରମାନେ ଦେଶ ବିଦେଶରେ ଥିବା ଅନୁଷ୍ଠାନମାନଙ୍କରେ କୃତିତ୍ୱ ହାସଲ କରିବା ସହ ପ୍ରମୁଖ ପଦପଦବୀରେ ରହିଛନ୍ତି। ତେବେ ଏନ୍‌ଆଇଟି ଏଫ୍‌ଟିବିଆଇ ଅଧୀନରେ ଥିବା ଷ୍ଟାର୍ଟଅପ୍‌ଗୁଡ଼ିକ ରାଜ୍ୟ ଓ ବାହାରେ ତଥା ରାଉରକେଲା ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ବହୁ ଯୁବତୀଯୁବକଙ୍କୁ ରୋଜଗାରକ୍ଷମ କରିପାରିଛି। ଏହି ଧାରା ଆଗାମୀ ଦିନରେ ମଧ ଜାରି ରହିବ। ନୂତନ ଷ୍ଟାର୍ଟଅପ୍ ସୋଲେଷ୍ଟିକ୍ ସ୍କିନ୍ ଏସେନ୍ସ ଅନୁଷ୍ଠାନ ମଧ ଏହିପରି ଏକ ଉଦାହରଣ ଅଟେ ବୋଲି ରାଓ ମତବ୍ୟକ୍ତ କରିଥିଲେ। ସେହିପରି ଅନୁଷ୍ଠାନର ଉଦ୍ୟୋଗୀ ତଥା ଏନ୍‌ଆଇଟି ଛାତ୍ର ପ୍ରସନ୍ନଜିତ୍ ଲେଙ୍କା ସୂଚନା ଦେଇ କହିଥିଲେ, ଉକ୍ତ ପ୍ରଡକ୍ଟଗୁଡ଼ିକ ହର୍ବାଲ ଓ ଆୟୁର୍ବେଦ ଉପରେ ଆଧାରିତ। ଚାକିରି ପଛରେ ନ ଗୋଡାଇ ନିଜେ ଆତ୍ମନିର୍ଭରଶୀଳ ହେବା ସହ ଯୁବତୀଯୁବକଙ୍କୁ କର୍ମ ନିୟୋଜନ ଦେବା ପାଇଁ ଏହି ଷ୍ଟାର୍ଟଅପ୍‌ର ମୂଳଲକ୍ଷ୍ୟ ଅଟେ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୨ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଷ୍ଟାର୍ଟଅପ୍‌ର ୮ଟି ପ୍ରଡକ୍ଟକୁ ଶୁଭାରମ୍ଭ କରାଯାଇଛି ବୋଲି ଲେଙ୍କା କହିଥିଲେ। ଜ୍ୟୋତିପ୍ରକାଶ ଲେଙ୍କା, ପାୟଲ ମହାରଣା, ଶ୍ୱେତାଞ୍ଜଳି ପଣ୍ଡା, ଉମାକାନ୍ତ ଜେନା, ସ୍ମୃତିରେଖା ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭେନେଜୁଏଲା ରାଷ୍ଟ୍ରପତିଙ୍କ ମୁକ୍ତି ଦାବିରେ ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା,୪।୧(ସଙ୍ଗୀତା ଜେନା)

ତୈଳ ଓ ଖଣିଜ ସମ୍ପଦଭରା ଗଣତାନ୍ତ୍ରିକ ସ୍ୱାଧୀନ ଦେଶ ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ସହ ରାଷ୍ଟ୍ରପତି ଓ ତାଙ୍କ ସ୍ତ୍ରୀଙ୍କୁ ବନ୍ଦୀ କରାଯିବାକୁ ନେଇ ସାରା ବିଶ୍ୱରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି କ୍ରମରେ ରବିବାର ଅପରାହ୍ନ ସାଢ଼େ ୪ଟାରେ ରାଉରକେଲା ଆମ୍ବାଗାନଠାରେ ସିଆଇଟିୟୁ ରାଜ୍ୟ ସମ୍ପାଦକ ବସନ୍ତ ନାୟକଙ୍କ ସଭାପତିତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତୁରନ୍ତ ଆମେରିକାର ସୈନ୍ୟ ପ୍ରତ୍ୟାହାର ସହ ଏହାର ରାଷ୍ଟ୍ରପତି ଏବଂ ତାଙ୍କ ସ୍ତ୍ରୀଙ୍କୁ ମୁକ୍ତ କରିବା ପାଇଁ ଦାବି କରାଯାଇଥିଲା। ଜିଲା ଉପସଭାପତି ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାସ, ରାଜ୍ୟ ସମ୍ପାଦକ ହୃଦୟାନନ୍ଦ ଯାଦବ, ବି. ପି. ମହାପାତ୍ର, ଯଯାତି ସାହୁ, ସୁରେନ୍ଦ୍ର ମହାନ୍ତି, ଲକ୍ଷ୍ମୀଧର ନାୟକ, ଚନ୍ଦ୍ରଭାନୁ ଦାସ, ପ୍ରଦୀପ ସେଠୀ, ଅରୁ ଦାଶ ପ୍ରମୁଖ ବକ୍ତବ୍ୟ ରଖି ଆମେରିକାର ଯୁଦ୍ଧଖୋର ମନୋବୃତ୍ତିକୁ ତୀବ୍ର ନିନ୍ଦା କରିଥିଲେ। ଭେନେଜୁଏଲାର ରାଷ୍ଟ୍ରପତ ନିକୋଲାସ ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେନ୍ସଙ୍କୁ ତୁରନ୍ତ ମୁକ୍ତ କରିବା, ଜାତିସଂଘ ସୁରକ୍ଷା ପରିଷଦ ଆମେରିକାର ଆକ୍ରମଣକୁ ନିନ୍ଦା କରି ଏକ ପ୍ରସ୍ତାବ ପାରିତ କରିବା ସହ ତୁରନ୍ତ ଜାତିସଂଘ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା। ବିକ୍ଷୋଭରେ ବିନୟ ବେହୁରିଆ, ବିଶ୍ୱଜିତ ମାଝୀ, ପ୍ରଭାତ ମହାନ୍ତି, ଅଶୋକ ଦାସ, ଅରୁଣ ମହାରଣା, ବୁଧୁନି ମୁଣ୍ଡାରୀ, ବାସୁଦେବ ସାହୁ, ଉପେନ୍ଦ୍ର ତ୍ରିପାଠୀ, ଗୁରୁଚରଣ ଦାସ, ସୁରେନ୍ଦ୍ର ବେହେରା, ରାଜିବ ବସନ୍ତରାୟ, ଜନ୍ମେଜୟ ଘୋଷ, ବସନ୍ତ ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସିଆଇଟିୟୁ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଶିକ୍ଷା ହିଁ ସଫଳତାର ମୂଳମନ୍ତ୍ର




ଆର୍‌ଏସ୍‌ପି ସିଜିଏମ୍ ଟି. ଜି. କାନେକର ପୁରସ୍କାର ପ୍ରଦାନ କରୁଛନ୍ତି।

ରାଉରକେଲା,୪।୧(ସଙ୍ଗୀତା ଜେନା)

## ସାବିତ୍ରୀବାଈ ଫୁଲେଙ୍କ ଜୟନ୍ତୀରେ ମତପ୍ରକାଶ

ଶିକ୍ଷା ଦ୍ୱାରା ଜୀବନ ଆଲୋକିତ ହୋଇଥାଏ। ଶିକ୍ଷା ହିଁ ସଫଳତାର ମୂଳମନ୍ତ୍ର। ଏହା ଜୀବନରେ ନୂତନ ଆଶା ସଞ୍ଚାର କରିବା ସହ ପ୍ରତ୍ୟେକ କାର୍ଯ୍ୟ ପାଇଁ ମନୋବଳ ଦୃଢ଼ କରିଥାଏ। ତେଣୁ ଶିକ୍ଷା ପ୍ରତି ଅଧିକ ଜାଗରଣ ରହିବା ଉଚିତ। ଯଥାସମ୍ଭବ ଶିକ୍ଷାର ପ୍ରସାର ଦିଗରେ ଉଦ୍ୟମ କରିବା ଦରକାର। ସମ୍ୟକ୍ ସେବା ସଂଘ ପକ୍ଷରୁ ସେକ୍ଟର-୨ ମ୍ୟାକ୍ସମୁଲାର ଭବନରେ ରବିବାର ପୂର୍ବାହ୍ନ ୧୧ଟାରେ ନାରୀଶିକ୍ଷା ଦିଗରେ ସଂଗ୍ରାମ କରି ସମାଜରେ ମହିଳା ଶିକ୍ଷାର ଅଗ୍ରଗତି କରାଇଥିବା ସାବିତ୍ରୀବାଈ ଫୁଲେଙ୍କ ଜୟନ୍ତୀ ପାଳନ ଅବସରରେ ଇସ୍ପାତ କାରଖାନା ସହରସେବା ଓ ପାରିପାର୍ଶ୍ୱିକ ବିଭାଗ ସିଜିଏମ୍ ଟି. ଜି. କାନେକର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି ମତପ୍ରକାଶ କରିଛନ୍ତି। ଏହି ଅବସରରେ ୨୦୨୫ରେ ଶିକ୍ଷା, କ୍ରୀଡ଼ା ଓ କଳାକ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥିଙ୍କ ଭାଇ ଅଭିନାଶ ଜି. କାନେକରଙ୍କ ସ୍ମୃତିରେ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ପ୍ରିୟା କୁମାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାବିତ୍ରୀ ବାଈଙ୍କ ନାରୀଶିକ୍ଷା ପାଇଁ ସଂଘର୍ଷ ଉପରେ ଆଲୋଚନା କରିବା ସହ ପ୍ରତିକୂଳ ପରିସ୍ଥିତିରେ ଶିକ୍ଷାକୁ ଗ୍ରହଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ନିବିୟା ଜୀ, ବିଦ୍ୟାଧର ସେଠୀ, ସେଲ୍ ଏସ୍‌ସି ଆଣ୍ଡ ଏସ୍‌ଟି ଏମ୍ପ୍ଲୟିଜ୍ ଫେଡେରେଶନ ସଭାପତି ଭଗବାନ ସେଠୀ ପ୍ରମୁଖ ଜୀବନରେ ଶିକ୍ଷାକୁ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ନରେଶ ରାମ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଅଶୋକ ଯାଦବ, ଅଶୋକ ରଜକ, ଭରତ ନାୟକ, ଉପେନ୍ଦ୍ର ଯାଦବ, ବି. କେ. ଯାଦବ, ମହେଶ୍ୱର କୁମାର ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସହରର ବିଭିନ୍ନ ବସ୍ତିର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

# ଆର୍‌ଏସ୍‌ପିର ସୁରକ୍ଷା ମଣ୍ଡଳୀ ସମ୍ବର୍ଦ୍ଧିତ

ରାଉରକେଲା,୪।୧(ବିପ୍ଳବ ରଞ୍ଜନ ଦାଶ)

ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସମ୍ମିଳନୀମାନଙ୍କରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଆର୍‌ଏସ୍‌ପି ସୁରକ୍ଷା ମଣ୍ଡଳୀ ଦଳଗୁଡ଼ିକୁ ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ସମ୍ବର୍ଦ୍ଧିତ କରିଛନ୍ତି। ଆର୍‌ଏସ୍‌ପିର ମନ୍ଥନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣି ବିକାଶ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. କେ ଗିରି, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବି. ଆର ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍.ପି. ସିଂହ, ଅର୍ଥ ବିଭାଗ ସିଜିଏମ ଇନ୍‌ଚାର୍ଜ ରାଜେଶ ଦାସଗୁପ୍ତାଙ୍କ ସମେତ କାରଖାନାର ବହୁ ସିଜିଏମ ଏବଂ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ଦୁବାଇରେ ଅନୁଷ୍ଠିତ ଅନ୍ତର୍ଜାତୀୟ କ୍ୱାଲିଟି କନସେପ୍ଟ (ଆଇସିକ୍ୟୁସି)-୨୦୨୫ରେ ଉତ୍କୃଷ୍ଟ ପୁରସ୍କାର ହାସଲ ପାଇଁ ବ୍ଲାଷ୍ଟ ଫର୍ନେସ-୫ର ଉତ୍କର୍ଷ ସୁରକ୍ଷା ସର୍କଲ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରସ୍କାର ବିଜେତା ଦଳରେ ଇଞ୍ଜିନିୟରିଂ ଆସୋସିଏଟ ଏବଂ ଟିମ୍ ଲିଡର ସନ୍ତୋଷ କୁମାର ରାୟ, ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ ଏବଂ ଡେପୁଟି ସୁଶାନ୍ତ ସ୍ୱାଇଁ, ଇଞ୍ଜିନିୟରିଂ ଆସୋସିଏଟ ଦୀପକ ଦାସ ଏବଂ ସରୋଜ ନାୟକ ସାମିଲ ଥିଲେ। ବିଏଫ୍-୫ର ଡେପୁଟି ମ୍ୟାନେଜର ବିକ୍ରମ ଝା ଏହି ଦଳର ଫେସିଲିଟେଟର ଥିଲେ। ଉକ୍ତ ଦଳ ବିଏଫ୍ ବିଭାଗର ସିଜିଏମ ସୁମିତ କୁମାରଙ୍କ ମାର୍ଗଦର୍ଶନରେ କାର୍ଯ୍ୟ କରିଥିଲେ। ଉକ୍ତ ଦଳ ବିଏଫ-୫ର ୟୁ-ସିଲ ଅଞ୍ଚଳରେ ଅଭିନବ ଓ ପ୍ରଭାବଶାଳୀ ସୁରକ୍ଷା ଉନ୍ନତିର ଏକ ଶୃଙ୍ଖଳା କାର୍ଯ୍ୟକାରୀ କରିବା ପାଇଁ ଏହି ସ୍ୱୀକୃତି ଲାଭ କରିଥିଲେ। ଏହି ଅବସରରେ ସମ୍ବର୍ଦ୍ଧିତ ହୋଇଥିବା ଅନ୍ୟ ଦଳ ସିସିଡି ବିଭାଗର ପ୍ରୟୋଗ ସୁରକ୍ଷା ସର୍କଲ ଦଳ ରହିଥିଲା। ଉକ୍ତ ଦଳ ୨୦୨୫ ଡିସେମ୍ବର ୧୯ରୁ ୨୨ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ସମ୍ମେଳନ କ୍ୱାଲିଟି କନସେପ୍ଟ-୨୦୨୫ରେ ପାର ଏକ୍ସଲେନ୍ସ ସ୍ୱର୍ଣ୍ଣ ପୁରସ୍କାର ଲାଭ କରିଥିଲେ। ଆମୋନିୟମ ସଲଫେଟ ପ୍ଲାଣ୍ଟର କୋକ୍ ଓଭେନ ଗ୍ୟାସ ସିଲ୍ ପଟ୍ ଅଞ୍ଚଳରେ ଏକାଧିକ ଅଭିନବ ଏବଂ ପ୍ରଭାବଶାଳୀ ସୁରକ୍ଷା ହସ୍ତକ୍ଷେପ ସଫଳତାର ସହିତ କାର୍ଯ୍ୟକାରୀ କରିବା ପାଇଁ ଏହି ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଳର ସଦସ୍ୟମାନେ ହେଲେ ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ ଶାଶ୍ୱତ କୁମାର ସାହୁ, ଇଞ୍ଜିନିୟରିଂ ଆସୋସିଏଟ ସତ୍ୟଜିତ ହେମ୍ବ୍ରମ ଓ ଶ୍ୟାମସୁନ୍ଦର ହାଁସଦା, ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ ଅଭିଜିତ ପ୍ରଜାପତି ଏବଂ ମେସର୍ସ ଏସ୍. କେ. ସିଂହର ସୁପରଭାଇଜର ମନୋଜ ମହାନ୍ତି। ସିସିଡି ବିଭାଗର ସିନିୟର ମ୍ୟାନେଜର ଅନିରୁଦ୍ଧ ହିକୋକା ଦଳର ଫେସିଲିଟେଟର ଥିଲେ। ସୁରକ୍ଷା ସର୍କଲର ସଂଯୋଜକ ତଥା ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା ଉଭୟ ଦଳର ସୁରକ୍ଷା କୈନ୍ଦ୍ରିକ ଆଭିମୁଖ୍ୟ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

# ୯ରୁ ନିଃଶୁଳ୍କ ଅଙ୍ଗ ପ୍ରତିରୋପଣ ଶିବିର

ରାଉରକେଲା,୪।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ହନୁମାନ ବାଟିକାସ୍ଥିତ ତ୍ରିଶକ୍ତି ଧାମରେ ଆସନ୍ତା ୭ରୁ ୯ତାରିଖ ପର୍ଯ୍ୟନ୍ତ ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଆୟୋଜନ କରାଯିବ। ଏହି ଶିବିର ମାଧ୍ୟମରେ ୧ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ସମ୍ପୂର୍ଣ୍ଣ ସକ୍ଷମ କରାଇବା ଲକ୍ଷ୍ୟ ରହିଛି। ଏହି ଶିବିରରେ ହାତ ଏବଂ ଗୋଡର ବିଶେଷଜ୍ଞ ଡାକ୍ତରମାନେ ସାମିଲ ହୋଇ ହିତାଧିକାରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଅଙ୍ଗ ପରୀକ୍ଷା, ମାପ ଏବଂ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ କରିବେ ବୋଲି ରବିବାର ତ୍ରିଶକ୍ତି ଧାମରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ତ୍ରିଶକ୍ତି ସେବା ଟ୍ରଷ୍ଟ ଓ ଲାୟନ୍ସ କ୍ଲବ ବେଦବ୍ୟାସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମର ଅଧ୍ୟକ୍ଷ ବାବୁଲ ଗୋୟଲ, ଶ୍ୟାମ ବିହାରୀ ଗୋୟଲ, ପବନ ଅଗ୍ରୱାଲ, ନିଶାନ୍ତ ଅଗ୍ରୱାଲ, ଅତୁଲ ସିଂଘଭି, ପ୍ରତୀକ କୟାଲ ଓ ଦୌଲତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ନାଗ୍ରାତନ୍ତୀ ସମାଜର ଶପଥ ପାଠ ସମାରୋହ

ରାଉରକେଲା,୪।୧(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୭ସ୍ଥିତ ମଧୁସୂଦନ ପାଠାଗାର ପରିସରରେ ରବିବାର ନାଗ୍ରାତନ୍ତୀ ସମାଜର ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବ ନିର୍ବାଚିତ ସଭାପତି ସନ୍ତୋଷ କୁମାର ତନ୍ତୀ ଓ ଉପସଭାପତି ଭାବେ ଜଗନ୍ନାଥ ତନ୍ତୀ, ରାଜକିଶୋର ଭଞ୍ଜ, ରବି ତନ୍ତୀ, ଜଗନ୍ନାଥ ଦଶଭୂୟାଁ, ସାଧାରଣ ସମ୍ପାଦକ ଉପେନ୍ଦ୍ର ପାତ୍ର ଶପଥ ପାଠ କରିଥିଲେ। ସେହିଭଳି ଯୁଗ୍ମ ସମ୍ପାଦକ ଭାବେ ମଦନାନନ୍ଦ ତନ୍ତୀ, ବିଜୟ ପାତ୍ର, ଦେବାନନ୍ଦ ତନ୍ତୀ, କାର୍ଯ୍ୟାଳୟ ସମ୍ପାଦକ ଭାବେ କିଶୋର ତନ୍ତୀ ଓ ସାଂସ୍କୃତିକ ସମ୍ପାଦକ ଭାବେ ପୁରୁଷୋତ୍ତମ ତନ୍ତୀ ଶପଥ ନେଇଥିଲେ। ରାଉରକେଲା ଡେପୁଟି କଲେକ୍ଟର ମାଧବୀ ଦେହୁରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୋପବନ୍ଧୁ ପାଠାଗାରର ପ୍ରତିଷ୍ଠା ଦିବସ ପାଳିତ

ରାଉରକେଲା,୪।୧(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ରବିବାର ସଭାପତି ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ପାଠାଗାରର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଡକ୍ଟର ଉମାକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ବେଦବ୍ୟାସ ଗୁରୁକୁଳ ଆଶ୍ରମର ଶିକ୍ଷାର୍ଥୀମାନେ ବେଦମନ୍ତ୍ର ପାଠ କରିବା ସଭା ଆରମ୍ଭ ହୋଇଥିଲା। ଏଥିରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ସିଇଓ ଡାକ୍ତର ସୁଶାନ୍ତ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁ ପାଠାଗାର ଏକ ପ୍ରକୃଷ୍ଟ ମଞ୍ଚ, ଯାହା ମାନସିକ, ଶାରୀରିକ, ସାଂସ୍କୃତିକ ଓ ବୌଦ୍ଧିକ ବିକାଶ ସହ ଶାନ୍ତି, ମୈତ୍ରୀର ବାତାବରଣ ସୃଷ୍ଟି କରିଚାଲିଛି ବୋଲି ମତପ୍ରକାଶ କରିଥିଲେ। ଆର୍‌ଏସ୍‌ପିର ଅବସରପ୍ରାପ୍ତ ଇଡି ପ୍ରଦୀପ କୁମାର ସାହୁ, ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଅଧ୍ୟକ୍ଷା ଶର୍ମିଷ୍ଠା କବି ଶତପଥୀ, ସାହିତ୍ୟିକ ରାଜୀବ ପାଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ହରିହର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଚିନ୍ମୟ ଇଂରାଜୀ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗୀତିନାଟ୍ୟ ଓ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଦୀପ କୁମାର ସାହୁ, ଅନ୍ୱେଷା ମହାରଣା, ଜୟନ୍ତୀ ପାତ୍ର, ଅଜିତ ବାରୱା ପ୍ରମୁଖ ସଙ୍ଗୀତ ଗାନ କରିଥିଲେ। ଉପସଭାପତି ଗିରିଜା ଶଙ୍କର ଗୋସ୍ୱାମୀ ମଞ୍ଚ ପରିଚାଳନା କରିଥିଲେ। କୈଳାସ ସାମଲ, ହରିହର ନାୟକ, ସୂର୍ଯ୍ୟମଣି ପଣ୍ଡା, ରମେଶ ଚନ୍ଦ୍ର ସିଂ, ଚିନ୍ମୟୀ ପୁରୋହିତ, ସଚ୍ଚିକାନ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ପାଠାଗାର ସାଧାରଣ ସମ୍ପାଦକ ବିଶ୍ୱନାଥ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରାଯାଉଛି।

# ଶାସ୍ତ୍ରୀୟ ନୃତ୍ୟ ଭାରତୀୟ ସଂସ୍କୃତିର ଜୀବନ୍ତ ସ୍ୱରୂପ

## ରାଜ୍ୟସ୍ତରୀୟ ନୃତ୍ୟ ମହୋତ୍ସବ ଶୃଙ୍ଗାର

ରାଉରକେଲା,୪।୧(ବିପ୍ଳବ ରଞ୍ଜନ ଦାଶ)



ମହୋତ୍ସବରେ ନୃତ୍ୟ ପରିବେଷଣ କରାଯାଉଛି।

ରାଉରକେଲା ନୃତ୍ୟ ମହ୍ଲାର ଆନୁକୂଲ୍ୟରେ ଦ୍ୱିତୀୟ ରାଜ୍ୟସ୍ତରୀୟ ନୃତ୍ୟ ମହୋତ୍ସବ ଶୃଙ୍ଗାର-୨୦୨୬ ସିଭିକ୍ ସେଣ୍ଟରରେ ଶନିବାର ମହାସମାରୋହରେ ଆୟୋଜିତ ହୋଇଯାଇଛି। ଏହି ଦିନିକିଆ ନୃତ୍ୟ ମହୋତ୍ସବରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୫ଶହରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ସାମିଲ ହୋଇଥିଲେ। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷା ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଶ୍ରୀ ବର୍ଷାରାଣୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ନୃତ୍ୟଶିଳ୍ପୀମାନଙ୍କ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ଓ ପାରମ୍ପରିକ ଲୋକନୃତ୍ୟ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ମହୋତ୍ସବରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ନନ୍ଦିନୀ ମୁଣ୍ଡାରୀ, ଖ୍ୟାତନାମା ନାଟ୍ୟ ଅଭିନେତା ଓ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ସମର ମୁଦାଲି ଅତିଥି ଭାବେ ଯୋଗ ଦେଇଥିଲେ। ଶାସ୍ତ୍ରୀୟ ଓ ପାରମ୍ପରିକ ନୃତ୍ୟ ହେଉଛି ଆମର ଐତିହ୍ୟ ଏବଂ ପରମ୍ପରାର ଜୀବନ୍ତ ସ୍ୱରୂପ। ନୃତ୍ୟ କେବଳ ମନୋରଞ୍ଜନ କରେନାହିଁ ବରଂ ଏହା ଆମ ଭାରତୀୟ ଧର୍ମ, ସଂସ୍କୃତି, ପରମ୍ପରାର ଏକ ଅବିଚ୍ଛିନ୍ନ ଅଙ୍ଗ ଓ ଜୀବନ୍ତ ଧରୋହର। ଏହାଦ୍ୱାରା ଭକ୍ତି, ପ୍ରେମ, କରୁଣା, ତ୍ୟାଗ, ମମତା ଓ ଆହ୍ଲାଦ ଭଳି ଭାବନା ଉଦ୍ରେକ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଉସ୍ତାଦ ବିସ୍‌ମିଲ୍ଲା ଖାଁ ପୁରସ୍କାରପ୍ରାପ୍ତ କଳାକାର ସର୍ବେଶ୍ୱର ଭୋଇ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ନୃତ୍ୟଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ପରେ ନୃତ୍ୟ ପରିବେଷଣ କରିଥିବା ବରିଷ୍ଠ ଏବଂ ଯୁବ ନୃତ୍ୟଶିଳ୍ପୀମାନଙ୍କୁ ମହାନ ଶାସ୍ତ୍ରୀୟ କୀର୍ତ୍ତି ସମ୍ମାନ, ଲୋକକଳା ସମ୍ମାନ ଓ ଯୁବକୀର୍ତ୍ତି ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ‘ଶିଖର’ ନାମକ ଏକ ପତ୍ରିକା ଉନ୍ମୋଚିତ ହୋଇଥିଲା। ଅନିଲ କୁମାର ମଲ୍ଲିକ ଓ ସୁଶ୍ରୀ ଜ୍ୟୋତ୍ସ୍ନାରାଣୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର ସଚିବ ଅମନ ଶ୍ରୀବାସ୍ତବ ଭୂୟାଁ, ଶିବାଶିଷ ପାତ୍ର, ସୁଭା ପ୍ରିୟଦର୍ଶନୀ ପୁରୀ, ଶୁଭାଙ୍ଗୀ ପାତ୍ର, ରାଜଲକ୍ଷ୍ମୀ ଦାସ, ସ୍ନେହାଞ୍ଜଳି ପଣ୍ଡା ସହଯୋଗ କରିଥିଲେ।



ରବିବାର ଲୋକ ମହୋତ୍ସବ ସମ୍ବଲପୁର-୨୦୨୬ର ସାଂସ୍କୃତିକ ଶୋଭାଯାତ୍ରାରେ ପଞ୍ଜାବର ଭାଙ୍ଗଡା ନୃତ୍ୟ ।



ରବିବାର ଲୋକ ମହୋତ୍ସବ ସମ୍ବଲପୁର-୨୦୨୬ର ସାଂସ୍କୃତିକ ଶୋଭାଯାତ୍ରାରେ ରାଜସ୍ଥାନ ନୃତ୍ୟ ଦଳ ।

# ସାଂସ୍କୃତିକ ଶୋଭାଯାତ୍ରାରେ ଦୁଲୁକିଲା ସହର

**ସମ୍ବଲପୁର,୪।୧(ବି.ଶଙ୍କର)**

ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଓ ସମ୍ବଲପୁର ଜିଲା ସଂସ୍କୃତି ପରିଷଦ ମିଳିତ ଆୟୋଜନରେ ରବିବାର ଅପରାହ୍ନ ୫ଟା ୩୦ରେ ଲୋକ ମହୋତ୍ସବ ସମ୍ବଲପୁର-୨୦୨୬ ସ୍ଥାନୀୟ ପିଏଚ୍‌ଡି ପଡିଆଠାରେ ଶୁଭାରମ୍ଭ ହୋଇଛି। ଏହିକ୍ରମରେ ଲୋକ ମହୋତ୍ସବ ଆୟୋଜନ କମିଟି ପକ୍ଷରୁ ସାଂସ୍କୃତିକ ଶୋଭାଯାତ୍ରାରେ ଐତିହାସିକ ସମ୍ବଲପୁର ସହର ଦୁଲୁକିଉଠିଛି। ଐତିହାସିକ ଗଙ୍ଗାଧର ମୁକ୍ତ ମଣ୍ଡପଠାରେ ପଞ୍ଚବାଦ୍ୟର ତାଳରେ ସ୍ଥାନୀୟ କଳାକାରଙ୍କ ସମେତ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା କଳାକାରମାନେ ସମବେତ ହୋଇ ନୃତ୍ୟ କରିଥିଲେ । କଳାକାରମାନଙ୍କ ସମବେତ ନୃତ୍ୟରେ ପ୍ରକମ୍ପିତ ହୋଇଥିଲା ଅଞ୍ଚଳ।

ଗଙ୍ଗାଧର ମୁକ୍ତ ମଣ୍ଡପରୁ ୧୯୯୭ ମସିହାରେ ଲୋକ ମହୋତ୍ସବର ମୂଳଦୁଆ ପଡିଥିଲା । ଏହାକୁ ସ୍ମୃତି ପଟରେ ସାଇତି ରଖିବା ସକାଶେ ପ୍ରତିବର୍ଷ ସାଂସ୍କୃତିକ ଶୋଭାଯାତ୍ରା ଏଠାରେ ସମାପନ ହୋଇଥିବା ରୀତି ରହିଛି । ରବିବାର ସକାଳେ ସମଲେଇଙ୍କଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ନୋଡାଲ ଅଧିକାରୀ ତଥା ମହାନଗର ନିଗମ କମିଶନର ରେହାନ ଖତ୍ରି ପତାକା ଦେଖାଇ ଏହି ଭବ୍ୟ ଓ ଆକର୍ଷଣୀୟ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ରାମଜୀ ଗୁଡ଼ି, ବାଲିବନ୍ଧା, କୁଞ୍ଜେଲପଡ଼ା, ଝାଡୁଆପଡ଼ା, ନନ୍ଦପଡ଼ା, ହାଟପଡ଼ା, ଦଲେଇପଡ଼ା, ମ୍ୟୁନସିପାଲଟି ଛକ ଦେଇ ଶୋଭାଯାତ୍ରା ପରିକ୍ରମା କରିବା ପରେ ଗଙ୍ଗାଧର ମୁକ୍ତ ମଣ୍ଡପରେ ଶେଷ ହୋଇଥିଲା। ଶୋଭାଯାତ୍ରାରେ ମା' ସମଲେଶ୍ୱରୀଙ୍କ ପ୍ରତିକୃତି , ସ୍ୱାଗତ ତୋରଣ ସହ ବରଗାଁ କୀର୍ତ୍ତନ ଦଳ, ଚକୁଳିର ସମ୍ପ୍ରଦା, ବାମରା କରମା ନୃତ୍ୟ, ନାକଟିଦେଉଳର କୃଷ୍ଣଗୁରୁ, ଜାଦୁଲୋଇସିଂର ଦଣ୍ଡନୃତ୍ୟ, ବୌଦ୍ଧର ମୟୂର ନାଚ, ବଡ଼ବଜାର ଭରନୀ କଳା ପରିଷଦର ଦୁଲଦୁଲି, ହୀରାକୁଦ ଜୟ ମାତାଦୀ ଘଣ୍ଟବାଦ୍ୟ ନୃତ୍ୟ ସାମିଲ ହୋଇଥିଲା । ଏଥିସହ ସ୍ଥାନୀୟ ଲୋକ କଳାକାର ସମେତ ରାଜ୍ୟ ତଥା ରାଜ୍ୟ ବାହାରରୁ ଆସିଥିବା ବିଭିନ୍ନ ଦଳର କଳାକାର ମାନେ



ରବିବାର ସମଲେଇ ମନ୍ଦିର ସମ୍ମୁଖରେ ପ୍ରସିଦ୍ଧ ଲୋକ ମହୋତ୍ସବ ସମ୍ବଲପୁର-୨୦୨୬ର ସାଂସ୍କୃତିକ ଶୋଭାଯାତ୍ରାକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି ।

**ଲୋକ ମହୋତ୍ସବ ସମ୍ବଲପୁର -୨୦୨୬**

## ପଞ୍ଚବାଦ୍ୟ ଓ କଳାକାରଙ୍କ ସମବେତ ନୃତ୍ୟରେ କମ୍ପିଲା ଗଙ୍ଗାଧର ମଣ୍ଡପ

ସାମିଲ ହୋଇଥିଲେ। ନୃତ୍ୟାଙ୍ଗନାମାନଙ୍କ ନୃତ୍ୟ ଛଟା ସହ ଲୋକ ବାଦ୍ୟ ଶବ୍ଦରେ ସମ୍ବଲପୁର ସହର ଦୁଲୁକି ଉଠିଥିଲା। ବିଭିନ୍ନ ସ୍ଥାନରେ ଜନସାଧାରଣ ଶୋଭାଯାତ୍ରାକୁ ମୁରୁଜ, ଝୋଟି, ରଙ୍ଗୋଲି ଓ ପୂର୍ଣ୍ଣ କଳସ ସ୍ଥାପନା ପୂର୍ବକ ସ୍ୱାଗତ କରୁଥିବା ଦେଖିବାକୁ ମିଳିଥିଲା। ସ୍ୱର୍ଣ୍ଣ ଧନୁଷ ମଧ ଶୋଭାଯାତ୍ରାରେ ସାମିଲ ହୋଇ ସମସ୍ତଙ୍କ ଦୃଷ୍ଟିର କେନ୍ଦ୍ରବିନ୍ଦୁ ହୋଇଥିଲା। ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ, ଶିକ୍ଷାନବିଶ ଶୁଭ୍ରା ପଣ୍ଡା, ସଂସ୍କୃତି ଅଧିକାରୀ ଅମୃତଲାଲ ବେହେରା, ଲୋକ ମହୋତ୍ସବ ମୁଖ୍ୟ ସଂଯୋଜକ ଦୀପକ କୁମାର ପଣ୍ଡା, ସହ ସଂଯୋଜକ ସତ୍ୟ ରଞ୍ଜନ ବେହେରା, ଉପଦେଷ୍ଟା କମିଟି ସଦସ୍ୟ ପ୍ରଫୁଲ୍ଲ କୁମାର ହୋତା, ସୁଧୀର ରଞ୍ଜନ ବହିଦାର, ରାମଦାସ ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ, ଭୋଲାଶଙ୍କର ମହନ୍ତମ ଓ ସମୀର ରଞ୍ଜନ ବାବୁ, ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁଙ୍କ ସମେତ ବିଭିନ୍ନ ଉପସମିତିର ଆବାହକ, ସହ ଆବାହକ, ଆୟୋଜନ ସମିତିର ସଦସ୍ୟା ସଦସ୍ୟ ଓ କଳାକାରମାନେ ଉପସ୍ଥିତ ଥିଲେ। ସାଂସ୍କୃତିକ ଶୋଭାଯାତ୍ରାକୁ ବିଭିନ୍ନ ପଡାର ଯୁବକ ସଂଘ ଓ ମହିଳା ସମିତିମାନେ ସ୍ୱାଗତ କରିଥିଲେ । ଗଙ୍ଗାଧର ମଣ୍ଡପରେ ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକ କଳାକାରମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପ୍ରଚାର ପ୍ରସାର ଉପସମିତି ଆବାହକ ଦଶରଥ ମେହେର, ସହ ଆବାହକ ରାଜ କୁମାର ଜାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଦଳ ଉପସମିତି ଆବାହକ ଗୁରୁ କୃଷ୍ଣଚନ୍ଦ୍ର ବାଗ, ସହଆବାହକ ଆଲୋକ କୁମାର ପଣ୍ଡା ଓ ଶଶାଙ୍କଶେଖର ଦୁବେ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।



ରବିବାର ଲୋକ ମହୋତ୍ସବ ସମ୍ବଲପୁର-୨୦୨୬ର ସାଂସ୍କୃତିକ ଶୋଭାଯାତ୍ରାରେ ଆଦିବାସୀ ନୃତ୍ୟ ।

# ଲୋକ ମହୋତ୍ସବ ସମ୍ବଲପୁର ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ସମ୍ବଲପୁର,୪।୧(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଅଇଁଠାପାଲିସ୍ଥିତ ବୀର ବୀର୍ସା ମୁଣ୍ଡା ମଇଦାନରେ ରବିବାର ଅପରାହ୍ନରେ ୨୮ତମ ଲୋକ ମହୋତ୍ସବ ସମ୍ବଲପୁର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଲୋକ ମହୋତ୍ସବକୁ ବିଧିବଦ୍ଧ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ବିଧାୟକ ଜୟନାରାୟଣ ମିଶ୍ର, ରେଢାଖୋଲ ନଗରପାଳ ଶିବ ସାହୁ, ସିଆରପିଏଫ ଡିଆଇଜି ସଞ୍ଜୟ କୁମାର ସିଂହ, ଏସ୍‌ପି ମୁକେଶ ଭାମୁ, ଆଇଏଏସ୍ ଶିକ୍ଷାନବିଶ ଶୁଭ୍ରା ପଣ୍ଡା, ଆଇପିଏସ ଶିକ୍ଷାନବିଶ କମଳ ଗର୍ଗ ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିଲେ। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ସଭାପତି ଡା. ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଲୋକ ମହୋତ୍ସବ ଆବାହକ ଦୀପକ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ମୁଖ୍ୟ ଅତିଥି ପୂଜାରୀ କହିଥିଲେ, ସମ୍ବଲପୁରରେ ୧୯୯୭ ମସିହାରେ ଲୋକ ମହୋତ୍ସବ ଆରମ୍ଭ ହୋଇ ରାଜ୍ୟର ୩୦ ଯାକ ଜିଲାରେ ପହଞ୍ଚିଛି। ଲୋକ ମହୋତ୍ସବ ସାରା ରାଜ୍ୟର କଳାକାରଙ୍କୁ ଯୋଡିବା ସହ ଓଡ଼ିଶାର ଏକତା ପାଇଁ କାର୍ଯ୍ୟ କରୁ ବୋଲି ସେ କହିଥିଲେ। ଏହି ଅବସରରେ ଲୋକ ମହୋତ୍ସବ ସମ୍ବଲପୁର-୨୦୨୬ର ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହାସହ ବରଗଡର ବିଶିଷ୍ଟ ସମ୍ବଲପୁରୀ ବ୍ୟଙ୍ଗକବି ମନମାଷ୍ଟ୍ରେ ଓରଫ ମନୋରଞ୍ଜନ ସାହୁ, ଗବେଷକ ପରମେଶ୍ୱର ମୁଣ୍ଡ ଏବଂ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ଡ. ଶ୍ୟାମସୁନ୍ଦର ଧର ଏବଂ ସନ୍ଧ୍ୟାରାଣୀ ସରକାରଙ୍କୁ ଲୋକମହୋତ୍ସବ ଆୟୋଜନ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଲୋକ ମହୋତ୍ସବର ସହ ସଂଯୋଜକ ସତ୍ୟ ରଞ୍ଜନ ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

ଅପରାହ୍ନ ୪ଟାରୁ ଘୁଡୁକା, ଧୁନକେଲ ଏବଂ କରମା ଭଳି ହଜିବାକୁ ବସିଥିବା ପାରମ୍ପରିକ ଲୋକବାଦ୍ୟ ଏବଂ ଲୋକନୃତ୍ୟ ଲୋକ ମହୋତ୍ସବ ସ୍ଥଳୀରେ ପ୍ରଦର୍ଶନ ଆରମ୍ଭ ହୋଇଥିଲା। ଲୋକ ମହୋତ୍ସବର ପ୍ରଥମ ଦିବସର ସଙ୍ଗୀତ ସନ୍ଧ୍ୟାରେ ମିଳନ ମହାରଣା, ଗଗନ ବାଗ, ସ୍ୱରୁପ କିଶନ ଭୋଇ ଏବଂ ଗୀତାଞ୍ଜଳି ପୋଢ ଲୋକଗୀତ ପରିବେଷଣ କରିଥିଲେ। ସଙ୍ଗୀତ କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ ପ୍ରଫୁଲ କୁମାର ମିତ୍ର ସଂଯୋଜନା କରିଥିଲେ। ପ୍ରଥମ ସନ୍ଧ୍ୟାରେ ବଜନିଆ ସମ୍ବଲପୁର ପକ୍ଷରୁ ଜହ୍ନିଫୁଲ, ହିମାଚଳ ପ୍ରଦେଶ କଳାକାରଙ୍କ ଦ୍ୱାରା ଶୀରମୋର ନାଟୀ, ରାୟଗଡାର କଳାକାରଙ୍କ ଦ୍ୱାରା ଢେମସା, ଉତ୍ତରପ୍ରଦେଶ କଳାକାରଙ୍କ ଚାରକୁଲା, କୋରାପୁଟର ଧୁରୁଆ, ଆସାମର ବିହୁ, ଜୱାନ କ୍ଲବ ସମ୍ବଲପୁର ପକ୍ଷରୁ ରସରକେଲି, ପଞ୍ଜାବର ଭାଙ୍ଗଡା, ବଲାଙ୍ଗୀରର ଡାପ, ମହାରାଷ୍ଟ୍ରର ଲାୱଣୀ, ରାଜସ୍ଥାନର ଖାଲବେଲିଆ, ଗୁଜରାଟର ରଥୁଆ, ଏବଂ ହରିଆଣାର ଘୁମର ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ବଲପୁରୀ ଭାଷାରେ ମାନସ ମିଶ୍ର, ସତ୍ୟ ନାରାୟଣ ସାହୁ, ସ୍ୱାଗତିକା, ମଣ୍ଟୁ, ସନ୍ଧ୍ୟା ଏବଂ ଇଂଲିଶରେ ମୀମାଂସା ପ୍ରୀୟଦର୍ଶିନୀ ରଥ, ଜ୍ୟୋତିରାଦିତ୍ୟ,ଶୁଶ୍ରୀ ସୁଲଗ୍ନା, ଶୁଶ୍ରୀ ଅଭିପ୍ସା ଉପସ୍ଥାପନା କରିଥିଲେ। ଅତିଥିଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ ଏବଂ ଷ୍ଟଲ ଉଦ୍‌ଘାଟନ କରାଯାଇଥିଲା। ଜିଲା ପ୍ରଶାସନ ଏବଂ ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ଲୋକ ମହୋତ୍ସବରେ ଚଳିତ ବର୍ଷ ଦର୍ଶକଙ୍କ ପାଇଁ ଅଧିକ ସ୍ଥାନର ବ୍ୟବସ୍ଥା କରାଯାଇଥିବା ବେଳେ ପୁରା ମଇଦାନକୁ ଲୋକ ମହୋତ୍ସବ ପାଇଁ ସୁସଜ୍ଜିତ କରାଯାଇଛି ।

# ଖଣ୍ଡୋକଟାରେ ୩୫ତମ ଧନୁଯାତ୍ରାର ଶୁଭସ୍ତମ୍ଭ ସ୍ଥାପନ

**କୁଚିଣ୍ଡା,୪।୧(ବିରଞ୍ଚି ଦର୍ଶା)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଖଣ୍ଡୋକଟାରେ ରବିବାର ପୂର୍ବାହ୍ନରେ ୩୫ତମ ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି। ଧନୁଯାତ୍ରା କମିଟି ଉପଦେଷ୍ଟା ତଥା ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକ ଭବ୍ୟ ପରିବେଶରେ ଶୁଭସ୍ତମ୍ଭ ସ୍ଥାପନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ଦୀର୍ଘ ୩୪ବର୍ଷ ଧରି ଖଣ୍ଡୋକଟା ଗ୍ରାମବାସୀଙ୍କ ଉଦ୍ୟମରେ କଳା, ସଂସ୍କୃତି ଓ ପରମ୍ପରାକୁ ପୌରାଣିକ କଥାବସ୍ତୁ ଆଧାରରେ ଜୀବନ୍ତ ରୂପ ଦେଇଆସୁଛନ୍ତି। ଖଣ୍ଡୋକଟାର ଗୋପପୁର ଭାବେ ପରିଚିତ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ଧନୁଯାତ୍ରା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ସମ୍ପାଦକ ଧନିରାମ ନାୟକଙ୍କ ନେତୃତ୍ୱରେ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରା ମଥୁରା ନଗରୀର କଂସ ମଣ୍ଡପରେ ପହଞ୍ଚିଥିଲା। ପଣ୍ଡିତ ପତିତପାବନ ପାଣିଗ୍ରାହୀଙ୍କ ଦ୍ୱାରା ହୋମଯଜ୍ଞ ଓ ପୂଜାର୍ଚ୍ଚନା ପରେ ମନ୍ତ୍ରୀ ନାଏକ ହେବାକୁ ଥିବା ୩୫ତମ ବିରାଟ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରିଥିଲେ। ଏହି ଭବ୍ୟ କାର୍ଯ୍ୟକ୍ରମକୁ ଧନୁଯାତ୍ରା କମିଟି ଉପସଭାପତି ସନ୍ତୋଷ କୁମାର ପୃଷେଠ, ସନ୍ତୋଷ କୁମାର ପଟେଲ, ଅନ୍ୟତମ ସମ୍ପାଦକ ବିକାଶ ଚନ୍ଦ୍ର ନାୟକ, ମନୋଜ କୁମାର ପୃଷେଠ, କୋଷାଧ୍ୟକ୍ଷ ଚନ୍ଦ୍ରମଣି ନାଏକ, ବୀରେନ୍ଦ୍ର ପଟେଲ, ସଭ୍ୟ କୃଷ୍ଣଚନ୍ଦ୍ର ନାୟକ, ବିଶେଶ୍ୱର ସାହୁ, ସରୋଜ ପୃଷେଠ ପ୍ରମୁଖ ପରିଚାଳନା କରିଥିଲେ। ଏହି ଧନୁଯାତ୍ରା ଜାନୁୟାରୀ ୨୮ରୁ ଆରମ୍ଭ ହୋଇ ଫେବୃଆରୀ ୧ରେ ଉଦ୍‌ଯାପିତ ହେବ।



ଖଣ୍ଡୋକଟାରେ ରବିବାର ପୂର୍ବାହ୍ନରେ ଶୁଭ ସ୍ଥାପନ କରାଯାଉଛି।

# ଡା. ରାସେଶ୍ୱରୀ ପାଣିଗ୍ରାହୀ ଟ୍ରଷ୍ଟ ପକ୍ଷରୁ ୭ ଜଣଙ୍କୁ ସହାୟତା

**ସମ୍ବଲପୁର,୪।୧(ପ୍ରମୋଦ ବହିଦାର)**

ଡା. ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ୭ ଜଣଙ୍କୁ ଆର୍ଥିକ ସହାୟତା ଦିଆଯାଇଛି। ରବିବାର ଟ୍ରଷ୍ଟ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧକ୍ଷତା ଓ ସଂସ୍ଥାପିକା ଡା. ପାଣିଗ୍ରାହୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଉକ୍ତ ସହାୟତା ପ୍ରଦାନ ପାଇଁ ରାଶି ମଞ୍ଜୁର ହୋଇଥିଲା। ଚିକିତ୍ସା ପାଇଁ ୨ ଜଣଙ୍କୁ ଯଥାକ୍ରମେ ୨୦ ଓ ୧୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି। ଶିକ୍ଷା ପାଇଁ ଜଣଙ୍କୁ ୩୦ ହଜାର ଓ ଅନ୍ୟ ଜଣଙ୍କୁ ୧୮ ହଜାର ଟଙ୍କା ପ୍ରଦାନ କରାଯାଇଛି। ଜଣଙ୍କୁ ଆସନ୍ତା ଜୁନ୍, ଅନ୍ୟ ଜଣଙ୍କୁ ଆସନ୍ତା ଜୁଲାଇ ଏବଂ ଆଉ ଜଣଙ୍କୁ ଆସନ୍ତା ଡ଼ିସେମ୍ବର ପର୍ଯ୍ୟନ୍ତ ମାସିକ ୩ ହଜାର ଲେଖାଏ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଜଣେ ଛାତ୍ରଙ୍କୁ ଚଳିତ ଶିକ୍ଷା ବର୍ଷରେ ପାଠ୍ୟକ୍ରମ ସମ୍ପୂର୍ଣ୍ଣ ପାଇଁ ୩ ମାସ ପର୍ଯ୍ୟନ୍ତ ସହାୟତା ସ୍ୱରୂପ ମାସିକ ୩ ହଜାର ୬ ଶହ ଲେଖାଏ ମଞ୍ଜୁରି ଦିଆଯାଇଥିଲା। ସମ୍ପାଦକ ସୁଧୀର ପୂଜାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ କୋଷାଧ୍ୟକ୍ଷ ସ୍ୱରୂପ ପୁରୋହିତଙ୍କ ସମେତ ଡା. ପ୍ରମୋଦ ପୁରୋହିତ, ବିପିନ ପଣ୍ଡା, ସୁବ୍ରତ ପଣ୍ଡା ଓ ଶିବ ଶଙ୍କର ନନ୍ଦ ଉପସ୍ଥିତ ଥିଲେ।

# ସମ୍ବଲପୁରୀ ଧନୁଯାତ୍ରାର ଶ୍ରୀକୃଷ୍ଣ ବରଣ



ଛତାବର ଗ୍ରାମ ପକ୍ଷରୁ ଶ୍ରୀକୃଷ୍ଣ ବରଣ ଅବସରରେ ସମ୍ବଲପୁରୀ ଧନୁଯାତ୍ରା କମିଟି ପକ୍ଷରୁ ପୂଜାର୍ଚ୍ଚନା କରାଯାଉଛି।

**ସମ୍ବଲପୁର,୪।୧(ପ୍ରମୋଦ ବହିଦାର)**

ସମ୍ବଲପୁରଠାରେ ଆସନ୍ତା ୧୮ରୁ ୨୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ସମ୍ବଲପୁରୀ ଧନୁଯାତ୍ରାର ତୃତୀୟ ସଂସ୍କରଣ। ଏଥିପାଇଁ ରବିବାର ସମ୍ବଲପୁରୀ ଧାନୁଯାତ୍ରା କମିଟି ପକ୍ଷରୁ ଶ୍ରୀକୃଷ୍ଣ ବରଣ କରାଯାଇଛି। ଚଳିତବର୍ଷ ସମ୍ବଲପୁରୀ ଧନୁଯାତ୍ରାରେ ମାନେଶ୍ୱର ବ୍ଲକ ଅନ୍ତର୍ଗତ ଛତାବର ଗ୍ରାମର ଓମ୍‌ସାଇ ପଣ୍ଡା ଶ୍ରୀକୃଷ୍ଣଙ୍କ ଭୂମିକାରେ ଅଭିନୟ କରିବେ। ରବିବାର ପୂର୍ବାହ୍ନରେ ସମ୍ବଲପୁରୀ ଧନୁଯାତ୍ରା କମିଟି କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ସହିତ ପୂଜକ ଛତାବର ଗ୍ରାମରେ ପହଞ୍ଚି ପୂଜାର୍ଚ୍ଚନା ପୂର୍ବକ ଶ୍ରୀକୃଷ୍ଣଙ୍କୁ ବରଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ଧନୁଯାତ୍ରା କମିଟି ସଭାପତି ସଞ୍ଜୟ ବାବୁ କର୍ତ୍ତା, ପଣ୍ଡିତ ସୁବ୍ରତ ପୁରୋହିତ ପୂଜକ ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସମ୍ପାଦକ ଗୁଣରଞ୍ଜନ ସାଲିମା, ନିର୍ଦ୍ଦେଶକ ବବଲୁ ବାଗ, କଂସ ଭୂମିକାରେ ଅବତୀର୍ଣ୍ଣ ହେଉଥିବା ଫଣୀନ୍ଦ୍ର ପଣ୍ଡା, କୋଷଧକ୍ଷ ନିଶିକାନ୍ତ ବିଶ୍ୱାଳ, ସହସମ୍ପାଦକ ଦୁଷ୍ମନ୍ତ ପଣ୍ଡା ଓ ଲିଲିମା ମଲ୍ଲିକ, ସାଂସ୍କୃତିକ ସମ୍ପାଦକ ଯୋଗେଶ ନନ୍ଦ ଓ ଲଳିତ ମୋହନ ବେବର୍ତ୍ତା, ଗୋପପୁର ସମ୍ପାଦକ ଗଣେଶ ମହତମ, ସୂର୍ଯ୍ୟ ପାଣିଗ୍ରାହୀ, ସୌରୀ ପାଣିଗ୍ରାହୀ, ଘୁନୁ ଚରଣ ପାଢ଼ୀ, ସଞ୍ଜୀବ ଦେହୁରୀ, ରାହୁଲ ଗୁପ୍ତା, ସ୍ୱାଧୀନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗଙ୍ଗାଧର ମଣ୍ଡପ ସମ୍ବଲପୁରରେ କଂସ ଦରବାର, ଚାଉଁରପୁର ଗ୍ରାମକୁ ଗୋପପୁର ତଥା ମହାନଦୀକୁ ଯମୁନା ନଦୀ ରୂପେ ଚିତ୍ରଣ କରାଯିବ ବୋଲି ସମ୍ପାଦକ ସାଲିମା କହିଛନ୍ତି।

# ତୈଳସର୍ବସ୍ୱ

ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲା ଉପରେ ଉତ୍ତର ଆମେରିକୀୟ ରାଷ୍ଟ୍ର ଆମେରିକାର ଆକ୍ରମଣ ୩ ଜାନୁଆରୀ ୨୦୨୬ରେ ବିଶ୍ୱବ୍ୟାପୀ କେବଳ ଏକ ଖବର ହୋଇ ରହିଥାଆନ୍ତା । କିନ୍ତୁ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେସ୍‌ଙ୍କୁ ଆମେରିକୀୟ ସେନା ଉଠାଇନେବା ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆରେ ମାଦୁରୋଙ୍କ ବନ୍ଦୀ ଫଟୋ ପୋଷ୍ଟ କରିବା ଅକଳ୍ପନୀୟ ବଡ଼ ଖବର ପାଲଟିଯାଇଛି । ମାଦୁରୋ ମନମୁଖି ଶାସନ ଚଳାଇବା ଓ ଡ୍ରଗ୍ସ ଚାଲାଣକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ କରି ଆମେରିକା ବାରମ୍ବାର ଭେନେଜୁଏଲା ଶାସକଙ୍କୁ ଚେତାବନୀ ଦେଇ ଆସୁଥିଲା । ହେଲେ ଆମେରିକା ତା'ର ଅସରନ୍ତି ଶକ୍ତି ଚାହିଦାକୁ ମେଣ୍ଟାଇବା ପାଇଁ ଗଣତାନ୍ତ୍ରିକ ପଦ୍ଧତିରେ ଜିତିଥିବା ମାଦୁରୋଙ୍କୁ ଆମେରିକା ସୈନ୍ୟ ଜୋର୍ ଜବରଦସ୍ତ ବନ୍ଦୀ କରି ନ୍ୟୁୟର୍କ ନେଇଗଲେ । ପ୍ରଥମେ ୩୬ ବର୍ଷ ପୂର୍ବେ ଆମେରିକୀୟ ସେନା ଏହିଭଳି ଢଙ୍ଗରେ ପାନାମାର ତତ୍କାଳୀନ ରାଷ୍ଟ୍ରପତି ଜେନେରାଲ ମାନୁଏଲ ନୋରିଏଗାଙ୍କୁ ନିଜ ପ୍ରାସାଦରୁ ଟେକି ନେଇଥିଲା । ନୋରିଏଗାଙ୍କୁ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଏଚ୍‌ଡବ୍ଲ୍ୟୁ ବୁଶ୍ ବନ୍ଦୀ କରିବାର ନିର୍ଦ୍ଦେଶ ଜାରି କରିଥିଲେ । ସେହି ଘଟଣା ଏବେକାର ଭେନେଜୁଏଲା ଭଳି ଡିସେମ୍ବର ୧୯୮୯ ଶେଷ ଓ ଜାନୁଆରୀ ୧୯୯୦ ଆରମ୍ଭରେ ଘଟିଥିଲା । ପାନାମା ହେଉଛି ମଧ୍ୟ–ଆମେରିକୀୟ ଦେଶ । ଅନ୍ୟପଟେ ଭେନେଜୁଏଲା ହେଉଛି ଦକ୍ଷିଣ ଆମେରିକୀୟ ରାଷ୍ଟ୍ର । ଯୁକ୍ତରାଷ୍ଟ୍ର ଆମେରିକା ପୂର୍ବରୁ କେବେହେଲେ କୌଣସି ଦକ୍ଷିଣ ଆମେରିକୀୟ ଦେଶର ଶାସନ ପରିବର୍ତ୍ତନ ପାଇଁ ସିଧାସଳଖ ସେନା ବ୍ୟବହାର କରି ନ ଥିଲା । ଆଜିର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜର ଭାବମୂର୍ତ୍ତିକୁ ଯୁଦ୍ଧ ବିରୋଧୀ ଭାବେ ଦେଖାଇ ଆସିଛନ୍ତି । ଟ୍ରମ୍ପ୍ ବାରମ୍ବାର ଦାବି କରିଚାଲିଛନ୍ତି ଯେ, ପୃଥିବୀର ବିଭିନ୍ନ ଯୁଦ୍ଧକୁ ରୋକିବାରେ ତାଙ୍କର ସକ୍ରିୟ ଭୂମିକା ରହିଛି । କିନ୍ତୁ ଭେନେଜୁଏଲାରେ ଯେଉଁଭଳି ଭାବେ ଆମେରିକା ହସ୍ତକ୍ଷେପ କରି ଶାସନ ବଦଳାଇଦେଲା ତାହା ସେଠାକାର ଜନସାଧାରଣଙ୍କ ପାଇଁ ମାରାତ୍ମକ ହେବ ବୋଲି ଏବେଠାରୁ କହିହେଉଛି । ଏହାର କାରଣ ବୁଝିବାକୁ ଚାହିଁଲେ ଅଳ୍ପ କେତୋଟି ଦଶନ୍ଧିର ଇତିହାସର ପୃଷ୍ଠା ଲେଉଟାଇବାକୁ ପଡ଼ିବ । ଇରାକରେ ସଦ୍ଦାମ ହୁସେନ, ଲିବ୍ୟାରେ ମୁଆମାର ଗଦାଫିଙ୍କଠାରୁ ଆରମ୍ଭ କରି ବିଶ୍ୱର ବିଭିନ୍ନ ସ୍ଥାନରେ ଆମେରିକାର ହସ୍ତକ୍ଷେପ ସବୁବେଳେ ସମ୍ପୃକ୍ତ ଦେଶର ଅର୍ଥନୀତି, ପରିଚାଳନା ବ୍ୟବସ୍ଥା ଏବଂ ସଭ୍ୟ ସମାଜର ସ୍ଥିତିକୁ ବରବାଦ କରିଦେଇଛି ।

କୁହାଯାଉଛି ଯେ ଆମେରିକାର ଏହି ମାଦୁରୋ ବିରୋଧୀ କାର୍ଯ୍ୟାନୁଷ୍ଠାନ ପଛରେ 'ପେଟ୍ରୋ ଡଲାର' ରହିଛି । ଭେନେଜୁଏଲାର ଅର୍ଥନୀତି ତୈଳସର୍ବସ୍ୱ । ଆମେରିକା ଶକ୍ତି ସୂଚନା ପ୍ରଶାସନ ତଥ୍ୟ ଅନୁଯାୟୀ ଭେନେଜୁଏଲା ନିକଟରେ ୩୦୩ ବିଲିୟନ ବ୍ୟାରେଲ ଅଶୋଧିତ ତୈଳ ଅଛି, ଯାହା ବିଶ୍ୱ ତୈଳ ଭଣ୍ଡାରଣର ପ୍ରାୟ ୧୭ ପ୍ରତିଶତ । ଭେନେଜୁଏଲାରେ ବହୁ ପରିମାଣରେ ତୈଳକୁ ଅନିଶା କରି ଆମେରିକା ମାଦୁରୋ ବିରୋଧୀ ପଦକ୍ଷେପ ନେଇଛି । ଅନ୍ୟପକ୍ଷରେ ଆମେରିକାର ହାତମୁଠାରୁ ସ୍ୱାଧୀନ ହେବା ପାଇଁ ମାଦୁରୋ ତାଙ୍କ ଦେଶର ପେଟ୍ରୋଲିୟମକୁ ଆମେରିକୀୟ ଡଲାର ବ୍ୟତୀତ ଅନ୍ୟ ମୁଦ୍ରା ବ୍ୟବହାର କରି ବ୍ୟବସାୟ କରିବାକୁ ଚେଷ୍ଟା କରୁଥିଲେ । ଅନୁରୂପ ଆକାରରେ ମୁଆମାର ଗଦାଫି ମଧ୍ୟ ଏହି ଉଦ୍ୟମକୁ ଆରମ୍ଭ କରିଦେଇଥିଲେ, ଯେଉଁଥିପାଇଁ ତାଙ୍କୁ ଗାଦିଚ୍ୟୁତ କରି ହତ୍ୟା କରିବାରେ ବ୍ରିଟେନ ଓ ଫ୍ରାନ୍ସକୁ ବ୍ୟବହାର କରି ଆମେରିକା ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଥିଲା ।

ଆମେରିକାରୁ ଭେନେଜୁଏଲାର ଦୂରତ୍ୱ ୪,୫୦୧ କିଲୋମିଟର ଓ ଆକାଶ ପଥରେ ଏହା ୨, ୭୯୭ ମାଇଲ । ଗୋଟେ ମହାଦେଶରୁ ଅନ୍ୟ ମହାଦେଶର ଏକ ରାଷ୍ଟ୍ର ଉପରେ ଦୃଷ୍ଟି ପକାଇ ତା'ର ତୈଳ ଭଣ୍ଡାରକୁ ଅକ୍ତିଆର କରିବାର ଚିନ୍ତା ଟ୍ରମ୍ପ୍‌ଙ୍କ ସାମ୍ରାଜ୍ୟବାଦୀ ଚିନ୍ତାଧାରାକୁ ସୂଚାଉଛି । ସମସ୍ତେ ଜାଣନ୍ତି ହ୍ୟୁଗୋ ଚାଭେଜଙ୍କ ପରେ ନିକୋଲାସ ମାଦୁରୋ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ହୋଇ ୫ ମାର୍ଚ୍ଚ ୨୦୧୩ରୁ ୩ ଜାନୁଆରୀ ୨୦୨୬ ଯାଏ ଭେନେଜୁଏଲାକୁ ଶାସନକୁ କରିଆସୁଥିଲେ । ତେବେ ସେଠାକାର ବିରୋଧୀ ନେତ୍ରୀ ମାରିଆ କୋରିନା ମାଚାଡୋ ଦୀର୍ଘବର୍ଷ ଧରି ମାଦୁରୋ ସରକାରଙ୍କୁ ବିରୋଧ କରିଆସୁଛନ୍ତି । ଦେଶରେ ସୁଦୃଢ଼ ଗଣତାନ୍ତ୍ରିକ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟରେ ସେ ନେଉଥିବା ପଦକ୍ଷେପକୁ ସମ୍ମାନ ଜଣାଇ ତାଙ୍କୁ ୨୦୨୫ ସକାଶେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି । ଏଠାରେ ଆଉ ଏକ ବିଷୟକୁ ଅନିଶା କରାଯିବାର ଚିନ୍ତା ଜନ୍ମୁଛି । ମାଚାଡୋ ଯେବେ ଶାନ୍ତି ପୁରସ୍କାର ପାଇବେ ବୋଲି ଘୋଷଣା ହେଲା, ସେହି ଦିନ ସେ ଉକ୍ତ ସମ୍ମାନକୁ ଭେନେଜୁଏଲାବାସୀ ଓ ଟ୍ରମ୍ପ୍‌ଙ୍କୁ ଉତ୍ସର୍ଗ କରିଥିଲେ । ଏଠାରେ କୁହାଯାଇପାରେ ଯେ, ବିଭିନ୍ନ ଶତ୍ରୁ ଦେଶ ମଧ୍ୟରେ ଶାନ୍ତି ସ୍ଥାପନ କରିବାରେ ତାଙ୍କ ଅବଦାନ ରହିଛି ବୋଲି କହି ଟ୍ରମ୍ପ୍ ବାରମ୍ବାର ୨୦୨୫ ନୋବେଲ ଶାନ୍ତି ପୁରସ୍କାର ଲାଗି ଦାବିଦାର ଥିଲେ । ଯେତେବେଳେ ଟ୍ରମ୍ପ୍‌ଙ୍କୁ ସେହି ସମ୍ମାନ ମିଳିଲା ନାହିଁ ଓ ପରୋକ୍ଷରେ ମାଚାଡୋ ତାଙ୍କୁ ଉକ୍ତ ସମ୍ମାନ ଉତ୍ସର୍ଗ କଲେ, ଏଥିରୁ ଉଭୟ ନେତାଙ୍କ ମଧ୍ୟରେ ଭେନେଜୁଏଲା ଆଭ୍ୟନ୍ତରୀଣ ବିଷୟରେ ଭଲ ବୁଝାମଣା ରହିଛି ବୋଲି ଆଲୋଚନା ହେଉଛି । ଏତେ ସତ୍ତ୍ୱେ ଯାହା ନିରାଟ ସତ୍ୟକୁ ଉନ୍ମୋଚନ କରୁଛି ତାହା ହେଲା ଆମେରିକାର ତୈଳ ଭୋକ । ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ଉଠାଇ ନେଇ ଆମେରିକୀୟ ସେନା ଯେଉଁ କାଣ୍ଡ କଲା ତାହା ବାସ୍ତବିକ ନିନ୍ଦନୀୟ । ଅନ୍ୟ ରାଷ୍ଟ୍ରର ସାର୍ବଭୌମତ୍ୱ ଉପରେ ସିଧାସଳଖ ଆକ୍ରମଣ ଓ ତା'ର ଶାସନ ମୁଖ୍ୟଙ୍କୁ ବନ୍ଦୀ କରାଯିବା ଏକବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିରେ ନୂଆ ଦୃଷ୍ଟାନ୍ତ ସୃଷ୍ଟି କରିଛି ।

ଗଣତନ୍ତ୍ର, ବାକ୍ ସ୍ୱାଧୀନତା, ମାନବ ଅଧିକାର ସୁରକ୍ଷା ଭଳି ଦିଗ ବିଷୟରେ ଆମେରିକା ସର୍ବଦା ଭାଷଣ ଦେଇ ଆସିଥାଏ । କିନ୍ତୁ ବାସ୍ତବ କ୍ଷେତ୍ରରେ ସେହି ଦେଶ ନିଜ ସ୍ୱାର୍ଥ ସାଧନ ପାଇଁ ବହୁ ସମୟରେ ମୂଲ୍ୟବୋଧର ଉଲ୍ଲଂଘନ କରିଚାଲିଛି । ମାଦୁରୋଙ୍କ ବିରୋଧରେ ଭେନେଜୁଏଲାରେ କେତେକ ବିକ୍ଷୋଭ ହୋଇଛି । ସେହିଭଳି ଦେଖିବାକୁ ଗଲେ ବୋଧହୁଏ ସବୁ ଦେଶରେ ଶାସକ ବିରୋଧୀ ଜନସାଧାରଣ ସରକାର ବିରୋଧରେ ପ୍ରତିବାଦ କରିଥାଆନ୍ତି । ଭାରତରେ ସେଭଳି ଅନେକ ଥର ହୋଇଛି ଓ ଏବେ ଇରାନରେ ମୁଲ୍ଲା ଶାସନ ବିରୋଧରେ ମଧ୍ୟ ଆନ୍ଦୋଳନ ହେଉଛି । କିନ୍ତୁ ନିଜକୁ କ୍ଷମତାଶାଳୀ ଭାବି ଅନ୍ୟ ଦେଶର ସମ୍ପଦ ଉପରେ ଲୋଭ ରଖି ଯେଉଁଭଳି ଭେନେଜୁଏଲା ଉପରେ ଆମେରିକା ଆକ୍ରମଣ କଲା, ତାହା ଅନ୍ୟ ବଡ଼ ଦେଶକୁ ଅବିଚାର କରିବା ଲାଗି ସୁଯୋଗ ଦେଇଦେଲା ବୋଲି କୁହାଯାଇପାରେ । ଏଭଳି ସ୍ଥଳେ ବିଶ୍ୱ ସମୁଦାୟ ଏହାର କୌଣସି ବଡ଼ ସମାଧାନ ଆଣିବ ବୋଲି ବିଶ୍ୱାସ ହେଉ ନାହିଁ । କାରଣ ଭୂରାଜନୈତିକ ସ୍ଥିତିକୁ ଦେଖିଲେ ସବଳ ରାଷ୍ଟ୍ରଗୁଡ଼ିକ ଦୁର୍ବଳଙ୍କ ଉପରେ ଆଧିପତ୍ୟ ବିସ୍ତାର କରିଚାଲିଛନ୍ତି । ଏଭଳି ସ୍ଥଳେ ନିଜ ଦେଶବାସୀଙ୍କ ଉପରେ ନିର୍ଭର କରେ ସେମାନେ ପରିବର୍ତ୍ତନ କିଭଳି ଚାହୁଁଛନ୍ତି । ଭେନେଜୁଏଲାବାସୀ ଏହି ଘଟଣାରୁ ଶିକ୍ଷା ଗ୍ରହଣ କରିବା ଦରକାର ।

# ସୋମନାଥ ସ୍ୱାଭିମାନ ପର୍ବ ୧୦୦୦ ବର୍ଷ (୧୦୨୬–୨୦୨୬)ର ଏକ ଅତୁଟ ଆସ୍ଥା



ନରେନ୍ଦ୍ର ମୋଦୀ

ସୋମନାଥ... ଏହି ଶବ୍ଦଟିକୁ ଶୁଣିବା ମାତ୍ରେ ଆମମାନଙ୍କ ହୃଦୟ ଓ ମନରେ ଗର୍ବ ଏବଂ ଗୌରବର ଏକ ଭାବନା ଆପେ ଜାଗ୍ରତ ହୋଇଥାଏ । ଏହା ହେଉଛି ଭାରତର ଆତ୍ମାର ଶାଶ୍ୱତ ଆହ୍ୱାନ । ଏହି ଭବ୍ୟ ମନ୍ଦିର ଭାରତର ପଶ୍ଚିମ ତଟରେ ଗୁଜରାଟ ରାଜ୍ୟରେ ପ୍ରଭାସ ପତନ ନାମକ ସ୍ଥାନରେ ଅବସ୍ଥିତ । ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସ୍ତୋତ୍ରମ୍‌ରେ ସାରା ଭାରତରେ ଥିବା ୧୨ଗୋଟି ଜ୍ୟୋତିର୍ଲିଙ୍ଗଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି । ଏହି ସ୍ତୋତ୍ର ଏପରି ଭାବରେ ଆରମ୍ଭ: 'ସୌରାଷ୍ଟ୍ରେ ସୋମନାଥଂ ଚ...' ଯାହା ଦେଶର ପ୍ରଥମ ଜ୍ୟୋତିର୍ଲିଙ୍ଗ ଭାବରେ ସୋମନାଥଙ୍କୁ ଆମ ସଭ୍ୟତା ତଥା ଆଧ୍ୟାତ୍ମିକ ସଙ୍କେତ ଭାବରେ ଉପସ୍ଥାପନ କରେ ।

ଏଥିରେ ଆହୁରି ମଧ୍ୟ କୁହାଯାଇଛି:
ସୋମଲିଙ୍ଗଂ ନରୋ ଦୃଷ୍ଟ୍ୱା ସର୍ବପାପୈ ପ୍ରମୁଚ୍ୟତେ ।
ଲଭତେ ଫଳଂ ମନୋବାଞ୍ଛିତଂ ମୃତଃ ସ୍ୱର୍ଗଂ
ସମାଶ୍ରୟେତ୍ ।।

ଏହାର ଅର୍ଥ ହେଉଛି: କେବଳ ସୋମନାଥ ଶିବଲିଙ୍ଗଙ୍କ ଦର୍ଶନ ମାତ୍ରେ ଜଣେ ବ୍ୟକ୍ତି ତା'ର ସକଳ ପାପରୁ ନିଶ୍ଚିତ ରୂପେ ମୁକ୍ତ ହୋଇଥାଏ ଏବଂ ଏଥି ସହିତ ତା'ର ମନର ସକଳ ସକାରାତ୍ମକ କାମନା ପୂର୍ଣ୍ଣ ହେବା ସହିତ ସେ ମୃତ୍ୟୁ ପରେ ସ୍ୱର୍ଗଲୋକ ପ୍ରାପ୍ତ ହୋଇଥାଏ ।

କ୍ଷୋଭର କଥା, ଏହି ସୋମନାଥ, ଯାହାଙ୍କୁ କୋଟି କୋଟି ଶ୍ରଦ୍ଧାଳୁ ପ୍ରାଚୀନ କାଳରୁ ପୂଜାର୍ଚ୍ଚନା ଓ ଉପାସନା କରିଆସୁଥିଲେ, ତାହାକୁ ବିଦେଶାଗତ ଆକ୍ରମଣକାରୀମାନେ ଆକ୍ରମଣ କରିଥିଲେ, କାରଣ ସେମାନଙ୍କର ଉଦ୍ଦେଶ୍ୟ ଥିଲା ଏହାକୁ ଧ୍ୱଂସ କରିବା, କେବଳ ଏହି ମନ୍ଦିରର ଉପାସନାକୁ ବନ୍ଦ କରିବା ନୁହେଁ ।

ସୋମନାଥ ମନ୍ଦିର ନିମନ୍ତେ ବର୍ଷ ୨୦୨୬ଟି ବିଶେଷ ମହତ୍ତ୍ୱ ବହନ କରେ । ଏହି ମହାନ୍ ପୀଠ ଉପରେ ପ୍ରଥମ ଆକ୍ରମଣ ଘଟିବାର ୧୦୦୦ ବର୍ଷ ପୂରଣ ହୋଇଛି । ୧୦୨୬ ଖ୍ରୀଷ୍ଟାବ୍ଦର ଜାନୁଆରୀ ମାସରେ ଗଜ୍‌ନୀର ମାହମୁଦ ସୋମନାଥ ମନ୍ଦିର ଉପରେ ଆକ୍ରମଣ କରିଥିଲେ ଏବଂ ଆସ୍ଥା ଓ ସଭ୍ୟତାର ଏହି ମହାନ୍ ସଙ୍କେତକୁ ଧ୍ୱଂସ କରିଦେବାକୁ ଚାହିଁଥିଲେ । ଏଥି ନିମନ୍ତେ ଯେତେ ରକ୍ତପାତ ଓ ବର୍ବର ଆକ୍ରମଣ କରାଯାଇପାରେ, ସେ ତାହା ଆପଣାଇଥିଲେ ।

ତଥାପି, ଏହି ଘଟଣାର ୧ ହଜାର ବର୍ଷ ପରେ ସୁଦ୍ଧା, ସେହି ମନ୍ଦିର ପୂର୍ବ ଗୌରବର ସହିତ ସେଠାରେ ଦଣ୍ଡାୟମାନ, କାରଣ ସୋମନାଥ ମନ୍ଦିରର ଭବ୍ୟତାକୁ ବଜାୟ ରଖିବା ସକାଶେ ଅତୀତରେ ଅସଂଖ୍ୟ ପୁନର୍ଗଠନ ପ୍ରୟାସ କରାଯାଇଆସିଛି । ଏଭଳି ଏକ ପ୍ରୟାସର ମାଇଲଖୁଣ୍ଟ ୨୦୨୬ ମସିହାରେ ୭୫ ବର୍ଷ ପୂରଣ କରୁଛି । ସେହିଭଳି ପ୍ରୟାସ ୧୯୫୧ ମସିହା ମେ ୧୧ ତାରିଖ ଦିନ ଏକ ଉତ୍ସବରେ ସମ୍ପାଦନ କରାଯାଇଥିଲା ଏବଂ ତାହା ସମ୍ପାଦନ କରାଯାଇଥିଲା ଭାରତର ତତ୍କାଳୀନ ମହାମହିମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଉପସ୍ଥିତିରେ । ସେଦିନ ଏହି ପୁନଃବିନ୍ୟାସକୃତ ମନ୍ଦିରର ଦ୍ୱାରକୁ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଖୋଲାଯାଇଥିଲା ।

ସୋମନାଥ ମନ୍ଦିର ଉପରେ ପ୍ରଥମ ଆକ୍ରମଣ ଘଟିଥିଲା ୧୦୨୬ ଖ୍ରୀଷ୍ଟାବ୍ଦରେ । ସେତେବେଳେ ଏହି ନଗରୀର ଲୋକମାନଙ୍କ ଉପରେ ନିଷ୍ଠୁର ଆକ୍ରମଣ କରାଯାଇଥିଲା । ସେତେବେଳେ ଏହି ମନ୍ଦିରକୁ ଯେଉଁଭଳି ବୀଭତ୍ସ ଭାବରେ ଧ୍ୱଂସ କରାଯାଇଥିଲା ତାହାର ବିସ୍ତୃତ ବର୍ଣ୍ଣନା ବିଭିନ୍ନ ଐତିହାସିକ ଗ୍ରନ୍ଥଗୁଡ଼ିକରେ ଉଲ୍ଲେଖ ରହିଛି । ଆପଣମାନେ ତାହା ପଢ଼ିଲେ, ଛାତି ଥରିଉଠେ । ଏହାର ପ୍ରତ୍ୟେକ ଧାଡ଼ିରେ ଦୁଃଖ, କ୍ରୂରତା ଭରିରହିଛି ଏବଂ ଏହି ଦୁଃଖ ସମୟ ସହିତ କେବେ ପ୍ରଶମିତ ହୋଇଯାଇ ନାହିଁ ।

ଆପଣମାନେ କଳ୍ପନା କରି ପାରିବେ ଯେ ଭାରତ ଉପରେ ଏହା କି ପ୍ରକାର ପ୍ରଭାବ ପକାଇଥିଲା ଏବଂ ଲୋକମାନଙ୍କ ଭାବନାକୁ କେତେ ଆଘାତ ଦେଇଥିଲା । କାହିଁକି ନା, ସୋମନାଥ ସେମାନଙ୍କ ପାଇଁ ଅଚିନ୍ତନୀୟ ଆଧ୍ୟାତ୍ମିକ ଗୁରୁତ୍ୱ ବହନ କରେ । ଏହି ତଟ ମଧ୍ୟ ସମାଜକୁ ପର୍ଯ୍ୟାପ୍ତ ଆର୍ଥିକ ଶକ୍ତି ଓ ସାମର୍ଥ୍ୟ ଯୋଗାଇ ଆସୁଥିଲା । ଏହି ସମୁଦ୍ର ଦେଇ ବଣିକମାନେ, ନାବିକମାନେ ଭାରତର ଭବ୍ୟ ଗାଥାକୁ ଦୂର ଦୂରାନ୍ତକୁ ବହନ କରି ନେଉଥିଲେ ।

ତଥାପି, ମୁଁ ଗର୍ବର ସହିତ ଏବଂ ବିନା ଦ୍ୱିଧାରେ ଏକଥା କହିବାକୁ ଚାହେଁ ଯେ ସୋମନାଥଙ୍କ ଗାଥା, ଏହା ଉପରେ ବିଦେଶୀ ଲୁଣ୍ଠନକାରୀଙ୍କ ଆକ୍ରମଣର ୧ ହଜାର ବର୍ଷ ବିତି ସାରିଥିଲେ ସୁଦ୍ଧା, ସେହି ଧ୍ୱଂସ ଦ୍ୱାରା ସଂଜ୍ଞା ନିରୂପିତ ହୁଏନାହିଁ । ଭାରତ ମାତାଙ୍କ କୋଟି କୋଟି ସନ୍ତାନଙ୍କ ଅତୁଟ ସାହସ ଦ୍ୱାରା ହିଁ ଏହାର ସଂଜ୍ଞା ନିରୂପିତ ।

ଏହି ମଧ୍ୟଯୁଗୀୟ ବର୍ବରତା ଯାହା ଆଜକୁ ହଜାର ବର୍ଷ ପୂର୍ବେ ୧୦୨୬ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହୋଇଥିଲା, ତାହା ସୋମନାଥ ମନ୍ଦିର ଉପରେ ଅନ୍ୟମାନଙ୍କୁ ବାରମ୍ବାର ଆକ୍ରମଣ କରିବାକୁ 'ପ୍ରେରଣା' ଯୋଗାଇଥିଲା । ଆମର ଜନସାଧାରଣ ଏବଂ ଏହାର ସଂସ୍କୃତିକୁ ଦାସତ୍ୱର ବେଡ଼ିରେ ବାନ୍ଧି ରଖିବା ନିମନ୍ତେ ଏହା ଥିଲା ପ୍ରଥମ ପ୍ରୟାସ । ପ୍ରତ୍ୟେକ ଥର ଏହି ମନ୍ଦିର ଉପରେ ହେଉଥିବା ଆକ୍ରମଣ ବେଳେ, ଆମମାନଙ୍କ ନିକଟରେ ଏହାକୁ ବିରୋଧ କରିବା ଏବଂ ସୁରକ୍ଷା ପ୍ରଦାନ କରିବା ସକାଶେ ମହାନ୍ ବୀର ଓ ବୀରାଙ୍ଗନାମାନେ ଉପଲବ୍ଧ ଥିଲେ ଏବଂ ପ୍ରତ୍ୟେକ ଥର, ପିଢ଼ି ପରେ ପିଢ଼ି, ଆମର ଏହି ମହାନ୍ ସଭ୍ୟତାର ଲୋକମାନେ, ନିଜକୁ ସେଭଳି ଆକ୍ରାନ୍ତାମାନଙ୍କ ବିରୋଧରେ ଠିଆ ହୋଇଥିଲେ ଏବଂ ଧ୍ୱଂସ ମନ୍ଦିରକୁ ପୁନର୍ବାର ଭବ୍ୟତାର ସହିତ ପୁନଃନିର୍ମାଣ ପୂର୍ବକ ଠିଆ କରାଇଥିଲେ । ଏହା ଆମମାନଙ୍କର ପରମ ସୌଭାଗ୍ୟ ଯେ ଅହଲ୍ୟାବାଈ ହୋଲକାରଙ୍କ ଭଳି ମହାନ୍ ବ୍ୟକ୍ତିତ୍ୱ ଯେଉଁ ଭୂମିରେ ଜନ୍ମ ଗ୍ରହଣ କରିଥିଲେ ଆମେ ସେହି ଭୂମିରେ ଭୂମିଷ୍ଠ ହୋଇଛେ । ଅହଲ୍ୟାବାଈ ହୋଲକାର ସୋମନାଥ ମନ୍ଦିରର ପୁନଃନିର୍ମାଣ ନିମନ୍ତେ ଯେଉଁ ଆଦର୍ଶ ପ୍ରୟାସ କରିଥିଲେ ତାହା ପ୍ରଶଂସନୀୟ, ଯାହା ଫଳରେ ଶ୍ରଦ୍ଧାଳୁମାନେ ପୁନର୍ବାର ମନ୍ଦିରରେ ପୂଜାର୍ଚ୍ଚନା କରିପାରିଥିଲେ ।

୧୮୯୦ ଦଶକରେ ସ୍ୱାମୀ ବିବେକାନନ୍ଦ ସୋମନାଥ ମନ୍ଦିର ପରିଦର୍ଶନ କରିଥିଲେ ଏବଂ ତାହା ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ସେ ତାଙ୍କର ସେହି ଅନୁଭବକୁ ୧୮୯୭ ମସିହାରେ ଚେନ୍ନାଇଠାରେ ଏକ ଭାଷଣରେ ପ୍ରଦାନ କରିଥିଲେ । ସେ କହିଥିଲେ, 'ଦକ୍ଷିଣ ଭାରତର କେତେକ ପ୍ରାଚୀନ ମନ୍ଦିର ଏବଂ ଗୁଜରାଟର ସୋମନାଥ ଭଳି ମନ୍ଦିର ଆମମାନଙ୍କୁ ଜ୍ଞାନର ବିପୁଳ ଶିକ୍ଷା ପ୍ରଦାନ କରେ । ସେହିସବୁ ମନ୍ଦିର ଆମମାନଙ୍କୁ ମାନବ ଜାତିର ପ୍ରାଚୀନ ଇତିହାସ ମଧ୍ୟକୁ ଗଭୀର ଭାବରେ ଅନ୍ତର୍କ୍ଷେପଣ ନିମନ୍ତେ ପ୍ରେରିତ କରେ, ଯାହା ଆମେ କୌଣସି ଗ୍ରନ୍ଥରୁ କେବେ ପାଇପାରିବା ନାହିଁ । ଲକ୍ଷ୍ୟ କରିବା କଥା ଯେ ସେହିସବୁ ମନ୍ଦିର କିପରି ଏଭଳି ଆକ୍ରାନ୍ତମାନଙ୍କ ହଜାର ହଜାର ଆକ୍ରମଣର ସ୍ୱାକ୍ଷର ନିଜ ବକ୍ଷରେ ବହନ କରି ରଖିଛନ୍ତି ଏବଂ ଶହ ଶହ ପିଢ଼ି ଧରି ତାହା ଜାରି ରହିଛି । ସେମାନେ ନିରବଚ୍ଛିନ୍ନ ଭାବରେ ଏହାକୁ ଧ୍ୱଂସ କରିଚାଲିଥିଲେ ଏବଂ ସେହି ଧ୍ୱଂସ ସ୍ତୂପ ଭିତରୁ ତାହା ପୁଣି ଥରେ ମୁଣ୍ଡ ଟେକିଥାଏ, ପୁନଃଜାଗରିତ ହୋଇ ଆହୁରି ମଜଭୁତ ହୋଇଥାଏ ! ଏହା ହେଉଛି ଜାତୀୟ ମାନସିକତା, ତାହା ହିଁ ହେଉଛି ରାଷ୍ଟ୍ରୀୟ ଜୀବନ ସ୍ରୋତ । ଏହାକୁ ଅନୁସରଣ କରନ୍ତୁ ଏବଂ ଏହା ଆମକୁ ମହିମାମଣ୍ଡିତ କରିବା ଆଡ଼କୁ ଆଗେଇନିଏ । ଏହାକୁ ତ୍ୟାଗ କରନ୍ତୁ ଏବଂ ଦେଖିବେ, ତୁମର ବିନାଶ ଘଟିବ । ମୃତ୍ୟୁ ହେଉଛି ଏହାର ଏକମାତ୍ର ପରିଣାମ । ବିନାଶ ଏହାର ଏକମାତ୍ର ପରିଣାମ– ଯେଉଁ ମୁହୂର୍ତ୍ତରେ ସେହି ଜୀବନ ସ୍ରୋତରୁ ତୁମେ ଦୂରେଇଯିବ ।

ଦେଶ ସ୍ୱାଧୀନତା ଲାଭ କରିବା ପରେ ସୋମନାଥ ମନ୍ଦିରର ପୁନଃନିର୍ମାଣର ପବିତ୍ର କାର୍ଯ୍ୟ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା । ୧୯୪୭ ମସିହାରେ ସେ ଦୀପାବଳି ସମୟରେ ଯେତେବେଳେ ସେହି ମନ୍ଦିରକୁ ଏକତା ଦର୍ଶନ ପାଇଁ ଯାଇଥିଲେ ଏହାର ଧ୍ୱଂସାବଶେଷ ଦେଖି ସେ ଏତେ ମାତ୍ରାରେ ମ୍ରିୟମାଣ ହୋଇ ପଡ଼ିଥିଲେ ଯେ ସେ ସେହିଠାରେ ଘୋଷଣା କରିଥିଲେ, ଏହି ମନ୍ଦିରର ପୁନଃନିର୍ମାଣ କରାଯିବ । ପରିଶେଷରେ, ୧୯୫୧ ମସିହା ମେ ୧୧ ତାରିଖ ଦିନ, ସେହିଠାରେ ଭବ୍ୟ ସୋମନାଥ ମନ୍ଦିର ଉନ୍ମୋଚିତ, ନିର୍ମିତ ହୋଇ ଏହାର ଦ୍ୱାର ଶ୍ରଦ୍ଧାଳୁମାନଙ୍କ ପାଇଁ ଉନ୍ମୋଚିତ ହୋଇଥିଲା । ଡକ୍ଟର ରାଜେନ୍ଦ୍ର ପ୍ରସାଦ ସେହି ଅବସରରେ ସେଠାରେ ଉପସ୍ଥିତ ଥିଲେ । ମହାନ୍ ସର୍ଦ୍ଦାର ସାହେବ ସେହି ଐତିହାସିକ ଦିନର ଅବସରକୁ ଦେଖିବା ସକାଶେ ସେତେବେଳକୁ ଜୀବିତ ନ ଥିଲେ, କିନ୍ତୁ ତାଙ୍କ ସ୍ୱପ୍ନ ସାକାରିତ ହୋଇ ରାଷ୍ଟ୍ର ସମ୍ମୁଖରେ ସଗର୍ବେ ଦଣ୍ଡାୟମାନ ହୋଇଥିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ, ଏଭଳି ଘଟଣାକ୍ରମରେ ବିଶେଷ ଖୁସି ନ ଥିଲେ । ସେ ଚାହୁଁ ନ ଥିଲେ ଯେ ମାନ୍ୟବର ରାଷ୍ଟ୍ରପତି ତଥା ଅନ୍ୟ ମନ୍ତ୍ରୀଗଣ ଏଭଳି ବିଶେଷ କାର୍ଯ୍ୟକ୍ରମ ସହିତ ଜଡ଼ିତ ହୁଅନ୍ତୁ । ସେ ମତ ପୋଷଣ କରିଥିଲେ ଯେ ଏହା ଭାରତ ସମ୍ପର୍କରେ ଏକ ଖରାପ ଧାରଣା ସୃଷ୍ଟି କରିବ । କିନ୍ତୁ ଡକ୍ଟର ରାଜେନ୍ଦ୍ର ପ୍ରସାଦ ଦୃଢ଼ ଭାବରେ ନିଜ ସିଦ୍ଧାନ୍ତରେ ଅଟଳ ରହିଥିଲେ ଏବଂ ଯାହା ଘଟିଥିଲା, ତାହା ଆଜି ଇତିହାସ । କେ.ଏମ. ମୁନ୍‌ସୀଙ୍କ ପ୍ରୟାସ ବିନା ସୋମନାଥ ମନ୍ଦିର ସମ୍ପର୍କିତ କୌଣସି ପ୍ରସଙ୍ଗ କଦାପି ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯାଇ ପାରିବ ନାହିଁ । ସେ ସକ୍ରିୟତାର ସହିତ ସର୍ଦ୍ଦାର ପଟେଲଙ୍କୁ ସମର୍ଥନ ଜ୍ଞାପନ କରିଥିଲେ । ସୋମନାଥଙ୍କ ସମ୍ପର୍କିତ ତାଙ୍କର ରଚନାବଳୀ, ଏଥିରେ 'ସୋମନାଥ: ଶାଶ୍ୱତ ଧାମ' ପୁସ୍ତକ ସାମିଲ, ଅତୀବ ସୂଚନାଧର୍ମୀ ଏବଂ ଶିକ୍ଷଣୀୟ ।

ମୁନ୍‌ସୀଜୀଙ୍କ ଏହି ପୁସ୍ତକର ନାମ ହିଁ ଆମମାନଙ୍କୁ ଏହା ସୂଚାଏ ଯେ ଆମେ ଏଭଳି ଏକ ସଭ୍ୟତା ଯାହା ଏକ ଶାଶ୍ୱତ ଚିନ୍ତାଧାରା ଏବଂ ବିଚାରବୋଧ ସଦାବେଳେ ଧାରଣ କରିଆସିଛୁ । ଆମେ ଏକଥା ଦୃଢ଼ତାର ସହ ବିଶ୍ୱାସ କରୁ ଯେ ଯାହା ଶାଶ୍ୱତ ତାହା କଦାପି କ୍ଷୟଶୀଳ ନୁହେଁ । ଏହା ଆମର ପ୍ରସିଦ୍ଧ ଗୀତା ଗ୍ରନ୍ଥରେ ମଧ୍ୟ ବର୍ଣ୍ଣିତ ରହିଛି: 'ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି...' । ଆମ ସଭ୍ୟତାର ଅଦମ୍ୟ ଭାବନା ସମ୍ପର୍କରେ ସୋମନାଥ ବ୍ୟତୀତ ଅନ୍ୟ କୌଣସି ଉତ୍ତମ ଉଦାହରଣ ଦିଆଯାଇ ପାରିବ ନାହିଁ, ଯାହା ବର୍ତ୍ତମାନ ସୁଦ୍ଧା ଗୌରବର ସହିତ, ସକଳ ପ୍ରକାର ପ୍ରତିକୂଳ ଶକ୍ତିଙ୍କ ପ୍ରଭାବ ଓ ସଂଘର୍ଷ ସତ୍ତ୍ୱେ ଦଣ୍ଡାୟମାନ ରହିଛି ।

ସେହି ମାନସିକତା ହିଁ ଆମ ରାଷ୍ଟ୍ରର ପରିକଳ୍ପନାରେ ଜଳଜଳ ହୋଇ ଦୃଶ୍ୟମାନ । ଏହା ବୈଶ୍ୱିକ ବିକାଶର ଉଜ୍ଜ୍ୱଳତମ ବିନ୍ଦୁ ଭାବରେ ବିଦ୍ୟମାନ । ଏହା ଶତାବ୍ଦୀ ଶତାବ୍ଦୀ ଧରି ଆକ୍ରମଣ ଏବଂ ଉପନିବେଶବାଦୀ ଲୁଣ୍ଠନର ଶିକାର ହୋଇ ସୁଦ୍ଧା ନିଜକୁ ଅତୁଟ ରଖିପାରିଛି । ଏହା ଆମର ମୂଲ୍ୟବୋଧ ଧାରା ଏବଂ ଜନସାଧାରଣଙ୍କ ପ୍ରତିବଦ୍ଧତା, ଯାହା ଆଜି ଭାରତକୁ ବୈଶ୍ୱିକ ଧ୍ୟାନର କେନ୍ଦ୍ରବିନ୍ଦୁରେ ପରିଣତ କରିଛି । ବିଶ୍ୱ ଆଜି ଆଶା ଓ ସକାରାତ୍ମକ ଭାବନାର ସହିତ ଭାରତକୁ ଦେଖୁଛି । ସେମାନେ ଭାରତର ନବାଚାରଧର୍ମୀ ଯୁବଗୋଷ୍ଠୀଙ୍କ ଉପରେ ପୁଞ୍ଜି ନିବେଶ କରିବାକୁ ଆଗ୍ରହୀ । ଆମର କଳା, ସଂସ୍କୃତି, ସଙ୍ଗୀତ ଏବଂ ଅସୁମାରି ଉତ୍ସବ ଦିନକୁ ଦିନ ବୈଶ୍ୱିକ ହେବାରେ ଲାଗିଛି । ଯୋଗ ଓ ଆୟୁର୍ବେଦ ବିଶ୍ୱବ୍ୟାପୀ ପ୍ରଭାବ ବିସ୍ତାର କରିଚାଲିଛି ଏବଂ ନିରାମୟ ଜୀବନ ଧାରଣକୁ ଶକ୍ତି ଯୋଗାଉଛି । ସବୁଠାରୁ କେତେଗୋଟି ଜଟିଳ ବୈଶ୍ୱିକ ଚାଲେଞ୍ଜର ସମାଧାନ ଭାରତରୁ ହିଁ ଆସିପାରିଛି ।

କାହିଁ କେଉଁ ଅସୁମାରି ଅତୀତଠାରୁ ସୋମନାଥ ବିଭିନ୍ନ ବର୍ଗର ଲୋକମାନଙ୍କୁ ଏକତ୍ରିତ କରିଛି । ଆଜକୁ ଶହ ଶହ ବର୍ଷ ପୂର୍ବେ, କଳିକାଳ ସର୍ବାଙ୍ଗ ହେମଚନ୍ଦ୍ରାଚାର୍ଯ୍ୟ ନାମକ ଜନୈକ ଜୈନ ମୁନି ସୋମନାଥ ମନ୍ଦିରକୁ ଆସିଥିଲେ । କୁହାଯାଏ ଯେ ସେଠାରେ ପ୍ରାର୍ଥନା କରିବା ପରେ, ସେ ଗାନ କରିଥିଲେ, 'ଭବବୀଜାଙ୍କୁରଜନନାରାଗାଦ୍ୟାଃ କ୍ଷୟମୁପଗତା ଯସ୍ୟ' । ଏହାର ଅର୍ଥ ହେଲା ସେହି ଶକ୍ତିଙ୍କୁ ନମସ୍କାର ଯାହାଙ୍କୁ ଦର୍ଶନ ମାତ୍ରେ ସକଳ ପ୍ରକାର ଜାଗତିକ ବୀଜର ବିନାଶ ଘଟେ, ଯାହାଙ୍କ କରୁଣାରୁ ସକଳ ପ୍ରକାର ସାଂସାରିକ ବନ୍ଧନ ଓ ଲୋଭ ମନରୁ ଉଭେଇଯାଏ ।' ଆଜି ସୁଦ୍ଧା, ସୋମନାଥ ସେହି ସାମର୍ଥ୍ୟକୁ ବହନ କରିଛି ଏବଂ ଆମମାନଙ୍କ ମନ ଓ ଆତ୍ମା ଭିତରେ ଏକ ଦିବ୍ୟ ଓ ବିରାଟ ଜାଗରଣ ସୃଷ୍ଟି କରୁଛି ।

୧୦୨୬ ଖ୍ରୀଷ୍ଟାବ୍ଦର ସେହି ପ୍ରଥମ ଆକ୍ରମଣର ଏକ ହଜାର ବର୍ଷ ପରେ, ସୋମନାଥର ସମୁଦ୍ର ତଥାପି ସେହିଭଳି ସ୍ୱରରେ ଉଦ୍‌ଘୋଷଣା କରୁଛି, ଯାହା ଅତୀତରେ କରିଆସୁଥିଲା । ଯେଉଁ ଢେଉ ଆସି ସୋମନାଥଙ୍କ ପାଦରେ ମଥା ପିଟୁଛି, ତାହା ସେହି ଗୋଟିଏ କାହାଣୀ ହିଁ ବଖାଣୁଛି । ଯାହା ହେଉ ନା କାହିଁକି, ସେହି ଢେଉ ଭଳି ତାହା ବାରମ୍ବାର ମଥା ପିଟି ଚାଲିଛି, ସଙ୍ଗୀତ ଗାନ କରିଚାଲିଛି ।

ଅତୀତର ସେହିସବୁ ଆକ୍ରାନ୍ତାମାନେ ବର୍ତ୍ତମାନ ସମୟର ପବନରେ କାହିଁ ରେଣୁ ଭାବରେ କୁଆଡ଼େ ହଜି ଯାଇଛନ୍ତି, ସେମାନଙ୍କର ନାମ କେବଳ ଧ୍ୱଂସ ସହିତ ତୁଳନୀୟ । ଇତିହାସର ପାଦଟିକାରେ ହିଁ ସେମାନେ ରହିଯାଇଛନ୍ତି, ଯଦ୍ୟପି ସୋମନାଥ ସେହିଭଳି ଉଜ୍ଜ୍ୱଳ, ଦୀପ୍ତିମାନ ହୋଇ ଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ ସବୁକିଛି ଆଲୋକିତ କରୁଛି । ତାହା ଆମମାନଙ୍କୁ ସେହି ଶାଶ୍ୱତ ଭାବନାକୁ ସ୍ମରଣ କରାଇ ଦେଉଛି ଯେ ୧୦୨୬ର ଆକ୍ରମଣ ସତ୍ତ୍ୱେ ଆମର ଭାବନା ସେହିଭଳି ଅତୁଟ ରହିଛି ଏବଂ ରହିଥିବ । ସୋମନାଥ ହେଉଛି ଆଶାର ସଙ୍ଗୀତ ଯାହା ଆମକୁ ସୂଚାଏ ଯେ ଘୃଣା ଏବଂ ଧର୍ମାନ୍ଧତା ନିକଟରେ ସାମୟିକ ଶକ୍ତି ଥାଇପାରେ, କିନ୍ତୁ ଆସ୍ଥା ଓ ବିଶ୍ୱାସ ନିକଟରେ ଥିବା ସୁସାମର୍ଥ୍ୟ ହେଉଛି ସେହି ଶାଶ୍ୱତ ଶକ୍ତି ଯାହା ଅନନ୍ତକାଳ ପର୍ଯ୍ୟନ୍ତ ଉଜ୍ଜୀବିତ ରହିଥିବ ।

ଯଦି ସୋମନାଥ ମନ୍ଦିର, ଯାହା ଆଜକୁ ୧ହଜାର ବର୍ଷ ପୂର୍ବେ ଏକଦା ଆକ୍ରମଣର ଶିକାର ହୋଇଥିଲା ଏବଂ ଏହା ପରେ ବାରମ୍ବାର ଆକ୍ରମଣକୁ ଅଙ୍ଗେ ନିଭାଇଥିଲା, ତାହା ଯଦି ପୁଣି ଥରେ ମୁଣ୍ଡ ଟେକି ଠିଆ ହୋଇପାରେ, ତେବେ ଆମେମାନେ ଆମର ମହାନ୍ ରାଷ୍ଟ୍ରକୁ ମଧ୍ୟ ଗୌରବଶାଳୀ କରି ପୁଣି ଥରେ ଠିଆ କରାଇ ପାରିବା, ଯାହା ଆଜକୁ ହଜାର ହଜାର ବର୍ଷ ପୂର୍ବେ ଆମଠାରେ ଥିଲା । ଶ୍ରୀସୋମନାଥ ମହାଦେବଙ୍କ ଆଶୀର୍ବାଦ ସହିତ ଆମେ ଆଗକୁ ପୁନଃସଂକଳ୍ପର ସହ ଅଗ୍ରସର ହେବା ଏବଂ ବିକଶିତ ଭାରତ ନିର୍ମାଣ କରିବା, ଯେଉଁଠାରେ ଆମ ସଭ୍ୟତାର ପ୍ରଜ୍ଞା ଆମକୁ ମାର୍ଗ ପ୍ରଦର୍ଶନ କରିବ ଏବଂ ସମଗ୍ର ବିଶ୍ୱର କଲ୍ୟାଣ ନିମନ୍ତେ ସହାୟକ ହେବ ।

ଜୟ ସୋମନାଥ !

(ଭାରତର ପ୍ରଧାନମନ୍ତ୍ରୀ ଏବଂ ଶ୍ରୀସୋମନାଥ ଟ୍ରଷ୍ଟର ଅଧ୍ୟକ୍ଷ)

# ପ୍ରଦୂଷଣ ଜାଲରେ ଜଳବାୟୁ



ଅରିଜିତ ମିଶ୍ର

ପ୍ରଦୂଷଣ କହିଲେ ସାଧାରଣତଃ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ ଏବଂ ଶବ୍ଦ ପ୍ରଦୂଷଣକୁ ବୁଝାଯାଏ । କିନ୍ତୁ ଏବେ ପ୍ଲାଷ୍ଟିକ ପ୍ରଦୂଷଣ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି । ବାୟୁ ପ୍ରଦୂଷଣ ଏବେ ସମଗ୍ର ପୃଥିବୀରେ ଜନ ଜୀବନକୁ କ୍ଷତି କରି ଚାଲିଛି । ଏହାର ଭୟଙ୍କର ରୂପ ଦିଲ୍ଲୀ ସହରରେ ଦେଖୁଛେ । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବାୟୁ ଗୁଣବତ୍ତା ସୂଚକାଙ୍କ ଅନୁସାରେ ଦିଲ୍ଲୀରେ ବାୟୁର ଗୁଣବତ୍ତା ଅତି ଖରାପ । ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ବାୟୁର ଗୁଣବତ୍ତା ଖରାପ ରହୁଛି । ସେହିପରି ପ୍ରଦୂଷଣର ମାତ୍ରା ଅନୁଗୋଳ ଓ ତାଳଚେର ସହରରେ ବାୟୁ ଗୁଣବତ୍ତା ୩୦୦ ଉପରେ ରହୁଛି । ଏହିପରି ପରିସ୍ଥିତି ସୃଷ୍ଟି ହେବାର ମୁଖ୍ୟ କାରଣ ହେଉଛି ଅମାନିଆ ମଣିଷର ପ୍ରବୃତ୍ତି ।

ବିଶ୍ୱ ଜଳବାୟୁ ସଂଗଠନର ତଥ୍ୟ ଅନୁସାରେ ବିଶ୍ୱ ଉଷ୍ମତା ତୀବ୍ର ରୂପ ଧାରଣ କରିଛି । ୨୦୨୪ ବର୍ଷଟି ବିଗତ ୧୭୫ ବର୍ଷର ପର୍ଯ୍ୟବେକ୍ଷଣ ରେକର୍ଡ ଅନୁସାରେ ସବୁଠାରୁ ଉତ୍ତପ୍ତ ବର୍ଷ ଥିଲା । ପୃଥିବୀର ହାରାହାରି ତାପମାତ୍ରାରେ ୧.୫୫ ଡିଗ୍ରୀ ବୃଦ୍ଧି ଘଟିଛି ୨୦୨୪ରେ । ଭାରତରେ ଏସି କିଣିବାର ମାତ୍ରା ଦିନକୁ ଦିନ ବୃଦ୍ଧି ପାଉଛି, ଯାହାକି ୧୦ ପ୍ରତିଶତ ଭାରତୀୟ ବର୍ତ୍ତମାନ ଏହା ବ୍ୟବହାର କରୁଛନ୍ତି । ସହରଗୁଡ଼ିକରେ ୧୨.୬% ଏବଂ ଗ୍ରାମାଞ୍ଚଳରେ ୧.୨% ଏସି ବ୍ୟବହାର କରୁଛନ୍ତି । ବଜାରରେ ଚାହିଦାକୁ ଲକ୍ଷ୍ୟ କଲେ ଜଣା ପଡ଼େ ଆସନ୍ତା ୨୦୩୦ ମସିହା ବେଳକୁ ଏସି ବ୍ୟବହାରର ମାତ୍ରା ୧୫ ରୁ ୨୦ ପ୍ରତିଶତରେ ପହଞ୍ଚିବ । ତେଣୁ ଏହିପରି ଭାବେ ଯଦି ଏସି ବା ଫ୍ରିଜର ବହୁଳ ବ୍ୟବହାର ବୃଦ୍ଧି ଘଟିବ ତେବେ ବାୟୁମଣ୍ଡଳରେ ଆମର ସିଏଫସିର ମାତ୍ରା ବୃଦ୍ଧି ପାଇ ବାୟୁମଣ୍ଡଳରେ ଥିବା ଓଜନ ସ୍ତରକୁ ଅଧିକ କ୍ଷତି କରିବ ।

କାରଖାନାରୁ ଏବଂ ଯାନବାହନରୁ ନିର୍ଗତ ବିଷାକ୍ତ ଧୂଆଁ ଯେପରି କି ମିଥେନ, ସିଏଫ୍‌ସି, ଅଙ୍ଗାରକାମ୍ଳ ଆଦି ଯାହା ଜଳବାୟୁ ପରିବର୍ତ୍ତନରେ ପ୍ରଭାବ ପକାଉଛି । ନିକଟରେ ସିଓଲ ବିଶ୍ୱବିଦ୍ୟାଳୟର ଏକ ଗବେଷଣାରୁ ଜଣାଯାଇଛି, ଉକ୍ତ ପ୍ଲାଷ୍ଟିକ ପ୍ରଦୂଷଣ ପାଇଁ ଜଳବାୟୁରେ ପରିବର୍ତ୍ତନ ଘଟୁଛି । ସ୍ଥଳଭାଗରେ ପ୍ରାୟତଃ ତିନିଲକ୍ଷ ଜୀବଜନ୍ତୁଙ୍କର ମୃତ୍ୟୁ ଘଟୁଛି କେବଳ ଏହି ପ୍ଲାଷ୍ଟିକ ପ୍ରଦୂଷଣ ନିମନ୍ତେ । ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ପ୍ଲାଷ୍ଟିକ ଜାତ ପଦାର୍ଥ ମାଟିରେ ପୋତି ହୋଇପଡ଼ିବା ଯୋଗୁ ମୃତ୍ତିକାର ଗୁଣବତ୍ତା କମୁଛି ତତ୍‌ସହିତ ମୃତ୍ତିକାର ଜଳଧାରଣ କ୍ଷମତା ହ୍ରାସ ଘଟିବା ସହ ଭୂତଳ ଜଳର ଅବକ୍ଷୟ ହେଉଛି । ଅଶୋଧିତ ତୈଳରୁ ପ୍ଲାଷ୍ଟିକ ଉତ୍ପାଦନ କରିବାକୁ ହେଲେ ଯେଉଁ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଏ ସେଥିରୁ ଅନେକ ବିଷାକ୍ତ ଏବଂ ସବୁଜ ଗୃହ ବାଷ୍ପ ମଧ୍ୟ ଉତ୍ପନ୍ନ ହୋଇ ଜଳବାୟୁକୁ ପ୍ରଭାବିତ କରୁଛି । ତେଣୁ ଏବେଠାରୁ ଜଳବାୟୁ ପରିବର୍ତ୍ତନ ପାଇଁ ସାବଧାନ ହେବାକୁ ପଡ଼ିବ, ନଚେତ ନେଡ଼ିଗୁଡ଼ କହୁଣିକୁ ବୋହିବା ସମ୍ଭାବନା ଯେତେବେଳେ ଆସିବ ଆମର ଭବିଷ୍ୟତ ସମ୍ପୂର୍ଣ୍ଣ ଅନ୍ଧକାର ଭିତରକୁ ଚାଲିଯାଇଥିବ ।

ଅଧ୍ୟାପକ (ଭୂଗୋଳ ବିଭାଗ)
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ,
କଟକ,ମୋ: ୯୦୪୦୩୫୦୦୮୯

## ୫୦ ବର୍ଷ ତଳର ଧରିତ୍ରୀ

### ୫ ଜାନୁଆରୀ ୧୯୭୭

- ଦୈନିକ ହିନ୍ଦୀ ସମ୍ବାଦପତ୍ର 'ହିନ୍ଦୁସ୍ତାନ'ର ସିନିୟର ସ୍ୱତନ୍ତ୍ର ପ୍ରତିନିଧି ଗୌରୀଶଙ୍କର ସହାୟଙ୍କ ୫୮ ବର୍ଷ ବୟସରେ ପରଲୋକ ।
- ୪୨ତମ ସମ୍ବିଧାନ ସଂଶୋଧନ ଆଇନର ୩୬ଟି ଧାରା ବଳବତ୍ତର ବା କାର୍ଯ୍ୟକାରୀ ହୋଇଥିବାବେଳେ ଏଥିମଧ୍ୟରେ ଭାରତ ଏକ 'ସର୍ବଭୌମ ସମାଜବାଦୀ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ର' ହେବାର ଘୋଷଣା ସଂକ୍ରାନ୍ତ ଧାରା ଅନ୍ତର୍ଭୁକ୍ତ ।

## ଚିରନ୍ତନୀ

ଭୁଲି ଜରା ଯଉବନ
ସପନ ବା ଜାଗରଣ
ଅତୀତର ଶତ ସୁଖ ଯାତନା
ଆଗାମୀର ନବ ଆଶା ବାସନା ।
–(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | | | | | |
| | | | 8 | | | 1 | 4 | |
| | | | | | | | 7 | |
| | | 6 | | | | 7 | 2 | |
| 7 | | | | 1 | | | 9 | 5 |
| | | 3 | | | 5 | | | |
| | 3 | | | 2 | 6 | 9 | | |
| | 4 | 2 | | | | | | |
| | 6 | | 5 | | 9 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 1 | 9 | 8 | 5 | 6 | 7 | 3 |
| 3 | 6 | 9 | 2 | 7 | 4 | 8 | 1 | 5 |
| 8 | 5 | 7 | 3 | 6 | 1 | 2 | 9 | 4 |
| 7 | 2 | 4 | 8 | 1 | 3 | 9 | 5 | 6 |
| 9 | 8 | 5 | 7 | 2 | 6 | 4 | 3 | 1 |
| 6 | 1 | 3 | 4 | 5 | 9 | 7 | 2 | 8 |
| 4 | 7 | 2 | 5 | 3 | 8 | 1 | 6 | 9 |
| 5 | 9 | 6 | 1 | 4 | 7 | 3 | 8 | 2 |
| 1 | 3 | 8 | 6 | 9 | 2 | 5 | 4 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗୁଣ୍ଡିଚାଘାଗିରେ କଟକଣା ଲାଗୁ

ମହାଶୟ,

ଘଟଗାଁ ନିକଟରେ ଅଛି ପିକ୍ ନିକ୍ ସ୍ପଟ୍ 'ଗୁଣ୍ଡିଚାଘାଗି' ଜଳପ୍ରପାତ । ବହୁ ପର୍ଯ୍ୟଟକ ଏଠାକୁ ବଣଭୋଜି ପାଇଁ ଆସିଥାନ୍ତି । ଏବେ ନୂଆବର୍ଷରେ ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି । ଗୁଣ୍ଡିଚାଘାଗି ନିକଟରେ ଝୁଲା ପୋଲଟିଏ ଅଛି । ଅନେକ ଅମାନିଆ ଉପର ମୁଣ୍ଡକୁ ଯାଇ ସେଲ୍‌ଫି ନେଉଛନ୍ତି, ଯାହା ଅତ୍ୟନ୍ତ ବିପଦପୂର୍ଣ୍ଣ । ନିକଟରେ ଦୁଇଜଣ ସେହି ପୋଲ ଉପରୁ ଖସି ମୃତ୍ୟୁବରଣ କରିଥିବା ଖବରରୁ ଜଣାପଡ଼ିଛି । ତେଣୁ ଏଭଳି ଦୁର୍ଘଟଣା ଦୂର କରିବା ସକାଶେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ସେଠାରେ ଜଗୁଆଳି ମୁତୟନ କରାଯାଉ । ଏହା ହୋଇପାରିଲେ ହୁଏତ ଲୋକଙ୍କ ଜୀବନହାନି ହେବନି ।

–କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମୁକୁଳା ପଡ଼ିଛି ସୀମାନ୍ତ ଅଞ୍ଚଳ

**ବାରିପଦା,୪।୧**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ଜାମଦା ବ୍ଲକ୍ ଅଞ୍ଚଳରେ ବେଆଇନଭାବେ ଗଚ୍ଛିତ ଝାଡ଼ଖଣ୍ଡ ରାଜ୍ୟର ୧୧୦୦ ବସ୍ତା ଧାନକୁ ପ୍ରଶାସନ ଜବତ କରିଛି। ସମସ୍ତ ଧାନକୁ ଟ୍ରକ୍ ଯୋଗେ ଆଣି ରାଇରଙ୍ଗପୁରସ୍ଥିତ ଏକ ଧାନ ମିଲ୍‌ରେ ରଖାଯାଇଛି। ପ୍ରାୟ ୫୫୦ କୁଇଣ୍ଟାଲ ଧାନ ଜବତ ହୋଇଥିବା ବେଳେ ଏହାର ସରକାରୀ ମୂଲ୍ୟ ୧୭ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ପ୍ରଶାସନର ଏଭଳି ଚଢ଼ାଉ ପରେ ବେପାରୀମାନଙ୍କ ମଧ୍ୟରେ ଛନକା ପଶିଛି। ମାତ୍ର ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକ ମୁକୁଳା ପଡ଼ିଛି। ପ୍ରଶାସନ ପକ୍ଷରୁ ସିସିଟିଭି କିମ୍ବା ଚେକ୍ ପୋଷ୍ଟ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ତାହା କେବଳ କାଗଜ କଲମରେ ସୀମିତ ରହିଛି। ଏହାକୁ ନେଇ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲାପାଳ ହେମକାନ୍ତ ସୟ ଖୁବ୍‌ଶୀଘ୍ର ଚେକ୍ ପୋଷ୍ଟ ନିର୍ମାଣ କରିବା ସହ ସୀମା ସିଲ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।




ଝାଡ଼ଖଣ୍ଡକୁ ସଂଯୋଗ କରୁଥିବା ବହଳଦା–ଚାଇଁବସା ରାଜ୍ୟ ରାଜପଥ ମୁକୁଳା ପଡ଼ିଛି।

- ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଧାନ ଓଡ଼ିଶାରେ
- ସୀମା ସିଲ୍ କରିବାକୁ ନିର୍ଦ୍ଦେଶ ଦେଲେ ଜିଲାପାଳ
- ୧୭ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଧାନ ଜବତ

ସୂଚନା ଅନୁଯାୟୀ, ଜିଲାର ସୀମାକୁ ଲାଗି ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟ ରହିଛି। ଏହି ୨ ରାଜ୍ୟକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ କୌଣସି ଚେକ୍ ପୋଷ୍ଟ ନାହିଁ କିମ୍ବା ସିସି କ୍ୟାମେରା ଲଗାଯାଇ ନାହିଁ। ସେହିପରି ସୀମାନ୍ତରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀ ପଟେ ଧାନ ଆଣି ଜିଲାରେ ରଖାଯାଉଛି। ଏପରିକି ଧାନର ଆମଦାନୀ ଉପରେ କୌଣସି ପ୍ରତିବନ୍ଧକ ରହୁ ନ ଥିବାରୁ ଖୁଲମଖୁଲା ପରିବହନ କରାଯାଉଛି। ଜିଲାର ରାଇରଙ୍ଗପୁର ଉପଖଣ୍ଡ ତିରିଂ–ଝାଡ଼ଖଣ୍ଡ ଜାତୀୟ ରାଜପଥ, ବହଳଦା–ଚାଇଁବସା ରାଜ୍ୟ ରାଜପଥ, ସାରସକଣା ବ୍ଲକ୍ ସୀମାନ୍ତ ପାକଟିଆରୁ ଝାଡ଼ଖଣ୍ଡ ରାଜ୍ୟ ମୂଷାବଣୀ ଓ ଜାମଶୋଳ–ବହଡ଼ାଗୋଡ଼ା ଏବଂ ଜାମଶୋଳାରୁ ପଶ୍ଚିମବଙ୍ଗ ରାଜ୍ୟ ଗୋପୀବଲ୍ଲଭପୁର ରାସ୍ତା, ରାସଗୋବିନ୍ଦପୁର ବ୍ଲକ୍ ସୁବାନଡିହଠାରୁ ପଶ୍ଚିମବଙ୍ଗର ନୟାଗ୍ରାମ ଥାନା ଅଧୀନ ପାଇଲଟଛକ, ମୋରଡ଼ା ବ୍ଲକ୍ ପଳାଶମୁଣ୍ଡୁଳୀରୁ ପଶ୍ଚିମବଙ୍ଗ ଧୂମସାହି, ଶୁଳିଆପଦା ବ୍ଲକ୍ ବାଘଡ଼ାରୁ ପଶ୍ଚିମବଙ୍ଗ ବାଲିଗଡ଼ିଆ, ଚକଶୁଳିଆପଦାରୁ ପଶ୍ଚିମବଙ୍ଗ ଗୋପୀବଲ୍ଲଭପୁର ସଂଯୋଗ ରାସ୍ତାଗୁଡ଼ିକରେ କୌଣସି ଚେକ୍‌ପୋଷ୍ଟ ନ ଥିବା ବେଳେ ସିସି କ୍ୟାମେରା ମଧ୍ୟ ଲଗାଯାଇ ନାହିଁ। ଫଳରେ ଉଭୟ ରାଜ୍ୟରେ ଧାନର ଏମ୍‌ଏସ୍‌ପି ମୂଲ୍ୟ ସହିତ ସବ୍‌ସିଡି ଇନ୍‌ପୁଟ୍ ହାତେଇବା ପାଇଁ ବେଧଡକ ଧାନ ପରିବହନ କରାଯାଉଛି। ଚାଷୀଙ୍କୁ ହାତବାରିସି କରି ଓଡ଼ିଶାରେ ଧାନ ବିକ୍ରିକରି ମାଲାମାଲ ହେବାକୁ ବ୍ୟବସାୟୀମାନେ ବିପୁଳ ପରିମାଣର ଧାନ ଗଚ୍ଛିତକରି ରଖିଛନ୍ତି। ଧାନର କଳାବଜାର ବଢ଼ିବା ସହ ୨ ରାଜ୍ୟର ଧାନ ଏବେ ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ଗଚ୍ଛିତ ରହିଛି। ଏହାକୁ ଅସାଧୁ ଉପାୟରେ ବିକ୍ରି କରିବାର ମସୁଧା ଚାଲିଥିବା ବେଳେ ଜିଲା ପ୍ରଶାସନ ନୀରବତା ଅବଲମ୍ବନ କରିଛି। ଖୁବ୍‌ଶୀଘ୍ର ସୀମାନ୍ତ ରାସ୍ତାଗୁଡ଼ିକ ସିଲ୍ କରାଯିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ନେଇ ଜିଲା ନୋଡାଲ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାଏକ କହିଛନ୍ତି।

## ଜଣେ ଶିକ୍ଷକ, ୩୫ ଛାତ୍ରୀଛାତ୍ର ଜଣ୍ଡିସରେ ଆକ୍ରାନ୍ତ

**ଖୋର୍ଦ୍ଧା,୪।୧(ପ୍ରଭାତ ପାଣିଗ୍ରାହୀ)**

**ଖୋର୍ଦ୍ଧା ଜବାହର ନବୋଦୟ ବିଦ୍ୟାଳୟ**

ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ପିଏମ୍‌ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ସହିତ ୩୫ ଛାତ୍ରୀଛାତ୍ର ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ଏଥିସହ ଏକାଧିକ ପିଲା ଥଣ୍ଡାଜ୍ୱରରେ ପୀଡ଼ିତ ଥିବା ଜଣାପଡ଼ିଛି। ପ୍ରାଥମିକ ଚିକିତ୍ସା ପରେ ପିଲାମାନଙ୍କୁ ଘରକୁ ପଠାଇ ଦିଆଯାଇଛି ବୋଲି ବିଦ୍ୟାଳୟ ଉପାଧ୍ୟକ୍ଷ ନୃସିଂହ ନାଥ ଚକ୍ର ସୂଚନା ଦେଇଛନ୍ତି। ଦୂଷିତ ପାଣି ବ୍ୟବହାରରୁ ଏଭଳି ଘଟଣା ଘଟିଥିବା କେତେଜଣ ଅଭିଭାବକ ଗଣମାଧ୍ୟମରେ କହିଛନ୍ତି। ତେବେ କାହିଁକି ଏତେ ସଂଖ୍ୟକ ଛାତ୍ରୀଛାତ୍ର ଆକ୍ରାନ୍ତ ହୋଇଛନ୍ତି, ସେ ସମ୍ପର୍କରେ ବିଦ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ପିଲାଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି କୌଣସି ବାହାର ଖାଦ୍ୟ କିମ୍ବା ରନ୍ଧା ଖାଦ୍ୟ ଦିଅନ୍ତୁ ନାହିଁ, ବାହାର ଖାଦ୍ୟ ଖାଇବା ଫଳରେ ପିଲାଙ୍କ ଦେହ ଖରାପ ହେବା ସହ ପରିବେଶ ପ୍ରଦୂଷଣ ହେଉଛି ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ନୋଟିସ ବୋର୍ଡରେ ସୂଚନା ଦେଇ ନିଜ ଉପରୁ ଦୋଷ ଖସାଇ ନେଇଛନ୍ତି। ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ପାଇଁ ଅଭିଭାବକମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ଅନ୍ୟପଟେ ପିଲାମାନେ ବ୍ୟବହୃତ କରୁଥିବା ପାଣି ନମୁନା ପରୀକ୍ଷଣ ପାଇଁ ଭୁବନେଶ୍ୱର ପରୀକ୍ଷାଗାରକୁ ପଠାଯାଇଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ବିଦ୍ୟାଳୟ ଉପାଧ୍ୟକ୍ଷ ଚକ୍ର କହିଛନ୍ତି ଯେ, ଗତ ଛୁଟିରେ ପିଲାମାନେ ଘରକୁ ଯାଇ ଫେରିଥିଲେ। ସେଥିରୁ ଜଣଙ୍କର ଦେହ ଖରାପ ଥିଲା। ପରୀକ୍ଷା ପରେ ଜଣ୍ଡିସ ଲକ୍ଷଣ ଦେଖା ଦେବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ନଭେମ୍ବର, ଡିସେମ୍ବର ମାସରେ କେତେଜଣଙ୍କୁ ଥଣ୍ଡା ଜ୍ୱର ହୋଇଥିଲା। ସେମାନଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଅନ୍ୟପିଲାଙ୍କୁ ବ୍ୟାପିବା ଆଶଙ୍କାରେ ପରିବେଶ ସ୍ୱଚ୍ଛତା, ପାଣି ଟାଙ୍କି ନିୟମିତ ସଫା, ବିଶୋଧନ କରାଯାଉଛି। ଏଥିସହିତ ପିଲାଙ୍କୁ କେବଳ ନିଜ ପାଣି ବୋତଲ ବ୍ୟବହାର, ଫୁଟା ପାଣି ପିଇବା ପାଇଁ କୁହାଯାଉଛି। କେହି କାହାରି ଥାଳି ବ୍ୟବହାର କିମ୍ବା ଖାଦ୍ୟ ପ୍ରଦାର୍ଥ ଖାଇବେ ନାହିଁ। ଏପରିକି ଖାଇବା ପୂର୍ବରୁ ଶୌଚ ଯିବା ପରେ ହାତଗୋଡ଼, ମୁହଁକୁ ଭଲଭାବେ ଧୋଇବା, ସଫା ବସ୍ତ୍ର ପରିଧାନ ବ୍ୟବହାର କରିବା ତଥା ନିଜ ପରିବେଶ ସ୍ୱଚ୍ଛତା ଉପରେ ସଚେତନ କରାଯାଉଛି। ସୋମବାର ସମସ୍ତ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ବିଦ୍ୟାଳୟ ପକ୍ଷରୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଚିଠି କରାଯାଇଛି।

## ବିଦ୍ୟୁତ୍ ଆଘାତରେ ଚାଷୀ, ଗୃହିଣୀଙ୍କ ମୃତ୍ୟୁ

**ଆସିକା/ଖଲ୍ଲିକୋଟ,୪।୧**
**(ସୁରେନ୍ଦ୍ର ନାଥ ସାହୁ/ ପ୍ରଶାନ୍ତ କୁମାର ମିଶ୍ର)**

ଗଞ୍ଜାମ ଜିଲାର ପୃଥକ୍ ସ୍ଥାନରେ ବିଦ୍ୟୁତ୍ ଆଘାତରେ ରବିବାର ୨ ଜଣଙ୍କ ମୃତ୍ୟୁ ଘଟିଛି। ଖଲ୍ଲିକୋଟ ଥାନା ଅଞ୍ଚଳରେ ଜଣେ ଗୃହିଣୀ ଓ ଆସିକା ଥାନା ଅଞ୍ଚଳରେ ଜଣେ ଚାଷୀଙ୍କ ଜୀବନ ଯାଇଛି।

ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ ନବରତ୍ନପୁର ଗ୍ରାମର ଚାଷୀ ଡୁବା ମଲିକ(୬୭) ସକାଳେ ନିଜ ଆଖୁ କିଆରିକୁ ପାଣି ମଡାଇବାକୁ ଯାଇଥିଲେ। କୌଣସି ପ୍ରକାରେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଆସିକା ସରକାରୀ ଡାକ୍ତରଖାନାକୁ ଅଣାଯାଇଲା। ସେଠାରେ ଡୁବାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଡୁବାଙ୍କ ପୁଅ ସୂର୍ଯ୍ୟନାରାୟଣ ମଲିକଙ୍କ ଅଭିଯୋଗକ୍ରମେ ପୋଲିସ ଆସିକା ଥାନାରେ ନଂ.୧/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସେହିପରି ଖଲ୍ଲିକୋଟ ଥାନା ଲଙ୍ଗଳେଶ୍ୱର ଗ୍ରାମ ରୋଡ ସାହିର ତ୍ରିନାଥ ନାୟକଙ୍କ ସ୍ତ୍ରୀ ସୁକାନ୍ତି ନାୟକ ପୂର୍ବାହ୍ନରେ ଘରେ କାମ କରୁଥିବା ସମୟରେ ଅସାବଧାନତାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ଗୁରୁତର ହୋଇଥିଲେ। ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଭେଜିପୁଟ ଫାଣ୍ଡି ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## କାବ୍ୟ ଛନ୍ଦର ସ୍ପର୍ଶରେ ଜୀବନ୍ତ ନବୀନଙ୍କ କାରିଗରି

**ତିହିଡ଼ି, ୪।୧(ସଞ୍ଜିତ ବଳ)**

ହାତରେ ହାତୁଡ଼ି ଓ ନିହାଣ। ଠୁକୁ ଠୁକୁ ଶବ୍ଦ ସହ ଗାଇ ଚାଲୁଛନ୍ତି ପ୍ରାଚୀନ କାବ୍ୟ କବିତା। କାବ୍ୟ ଛନ୍ଦର ସ୍ପର୍ଶରେ ଜୀବନ୍ତ ହୋଇଉଠୁଛି ନବୀନଙ୍କ କାରିଗରି। ସାଦାସିଧା ମଣିଷ ଭାବେ ପରିଚିତ ନବୀନଙ୍କ ଭିତରେ ଅନନ୍ୟ ପ୍ରତିଭା ଲୁଚି ରହିଛି। ତାଙ୍କ ମୁହେଁ ମୁହେଁ ରହିଛି କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କଠାରୁ ରାଧାନାଥ ରାୟ, କବିସୂର୍ଯ୍ୟଙ୍କଠାରୁ ଗୋଦାବରୀଶ ମିଶ୍ରଙ୍କ କାବ୍ୟ କବିତା।

ନବୀନଙ୍କ ଭଲ ନାଁ ନବକିଶୋର ବେହେରା(୬୩)। ତାଙ୍କ ଘର ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତର କାଳୀମେଘା ଗ୍ରାମରେ। ସ୍ତ୍ରୀ, ୨ ଝିଅ, ୨ ପୁଅ ଓ ବୋହୂଙ୍କୁ ନେଇ ତାଙ୍କ ପରିବାର। ରାତି ପାହିବା ବେଳକୁ ସେ ନିତ୍ୟକର୍ମ ସାରି ଦେବଦେବୀଙ୍କ ବନ୍ଦନାର ସଂସ୍କୃତ ଶ୍ଳୋକ ଆବୃତ୍ତି କରନ୍ତି। ପରେ ସେ କାଠରେ ବିଭିନ୍ନ ଆବଶ୍ୟକ ସାମଗ୍ରୀ ତିଆରିରେ ଲାଗିପଡ଼ନ୍ତି। ମଝିରେ ଖାଇବା ସମୟକୁ ବାଦ୍ ଦେଲେ ଅପରାହ୍ନ ୩ଟା ଯାଏ ତାଙ୍କର ଏହି କାମ ଚାଲେ। ଆଗକୁ ବିଭିନ୍ନ ସ୍ଥାନରେ ଥିବା ମେଳାରେ ବିକ୍ରି କରିବା ଲକ୍ଷ୍ୟରେ ସେ ଏହି ସାମଗ୍ରୀ ସବୁ ତିଆରି କରନ୍ତି। ପ୍ରାୟ ୬୦/୭୦ ପ୍ରକାର ସାମଗ୍ରୀ ସେ ତିଆରି କରନ୍ତି, ଯାହା ଭିତରେ ଘରୋଇ ଉପକରଣଠାରୁ ଆରମ୍ଭ କରି ଆଧ୍ୟାତ୍ମିକ କାର୍ଯ୍ୟରେ ଲାଗୁଥିବା ବିମାନ, ଖଟୁଲିଠାରୁ ଘଣ୍ଟା ବାଡ଼ି ଓ ଯଜ୍ଞରେ ବ୍ୟବହୃତ ଶ୍ରୁବ ଥାଏ। ଏମିତିକି ତାଙ୍କ ହାତ ତିଆରି ବିଲୁପ୍ତପ୍ରାୟ କୃଷି ଉପକରଣ ନେଇ କେତେକ ସଂଗ୍ରହାଳୟରେ ରଖିଥିବା ସେ କହନ୍ତି। ପୁଅ ୨ଜଣ ରୋଜଗାରକ୍ଷମ ହୋଇଥିଲେ ବି ନିଜର ଗୁଜୁରାଣ ମେଣ୍ଟାଇବାକୁ ସେ ଏହି କାର୍ଯ୍ୟ କରୁଥିବା ନବୀନ କହନ୍ତି। ୯ମ ଶ୍ରେଣୀରେ ପଢୁଥିବା ବେଳେ ପାଠରେ ଡୋରି ବନ୍ଧା ହୋଇଥିଲା। ଜଣେ ମେଧାବୀ ଛାତ୍ର ଭାବେ ୫ମ ଓ ୭ମ ଶ୍ରେଣୀରେ ସେ ବୃତ୍ତି ପରୀକ୍ଷା ଦେଇଥିଲେ। ମାତ୍ର ଶ୍ରେଣୀରେ ବୀଜଗଣିତ ଓ ପାଟୀଗଣିତର ମୋଟା ବହି ଦେଖି ସେ ଭୟ କରିବା ସହ ପାଠପଢ଼ା ଛାଡ଼ି ଦେଇଥିଲେ। ପାଠ ଛାଡ଼ି କିଛି ବର୍ଷ ପରେ ତାଙ୍କର କାଠ କାମ ପ୍ରତି ଆଗ୍ରହ ହେବାରୁ ସେ ଭୁବନେଶ୍ୱର ଯାଇଥିଲେ। ସେଠାରେ ଜଣେ କାରିଗରଙ୍କ ପାଖରେ ସହଯୋଗୀ ଭାବେ କାର୍ଯ୍ୟ କରିବା ପରେ ଅନ୍ୟ ଏକ ସ୍ଥାନରେ କାମ କରି ବିଭିନ୍ନ ଉପକରଣ ତିଆରି କରିବାର କଳା କୌଶଳ ଶିଖିଥିଲେ। ବିବାହ ପରେ ସେ ମୟୂରଭଞ୍ଜ, ଯାଜପୁର ଆଦି ବିଭିନ୍ନ ଜିଲାରେ କାମ କରିଥିଲେ। ଯାଜପୁରର କୁଆଖିଆଠାରେ କାମ କରିବା ବେଳେ ସେ ପିଲାମାନଙ୍କୁ ଉଚ୍ଚଶିକ୍ଷା ଦେବାରେ ସଫଳ ହୋଇଥିଲେ। ୩୦ବର୍ଷ ହେଲା ସେ ଉପକରଣ ତିଆରି କରିଆସୁଛନ୍ତି। କାବ୍ୟ କବିତା ପ୍ରତି ତାଙ୍କର ଆଗ୍ରହ ଯୋଗୁ ସେ ବିଭିନ୍ନ ଲୋକଙ୍କଠାରୁ ଆଣି ରାମାୟଣ, ମହାଭାରତ ସହ ବିଭିନ୍ନ କବିଙ୍କ କାବ୍ୟ ଗ୍ରନ୍ଥ ପଢ଼ିଥିଲେ। ଏହା ପଢ଼ିବା ଭିତରେ ସେ ଅସଂଖ୍ୟ କାବ୍ୟ କବିତା ମନେରଖିଛନ୍ତି। ସେ ଆବୃତ୍ତି କରିବା ସହ ଏହାର ସରଳ ବ୍ୟାଖ୍ୟା ମଧ୍ୟ କରିପାରନ୍ତି। କେଉଁ ରାଗରେ କେଉଁ ସ୍ୱରରେ କବିତା ଆବୃତ୍ତି ହେବ, ତାହା ତାଙ୍କୁ ଜଣାଥିବାରୁ ତାଙ୍କର ଗୀତ ଗାଇବା ଶୈଳୀ ବି ମନ ମୁଗ୍ଧକର ହୋଇଥାଏ। ଏହାବ୍ୟତୀତ ସଂସ୍କୃତରେ ମଧ୍ୟ ସେ କିଛି ଶ୍ଳୋକର ନିର୍ଭୁଲ୍ ଉଚ୍ଚାରଣ କରିପାରନ୍ତି। ବ୍ୟସ୍ତବହୁଳ ଜୀବନ ଭିତରେ ଏତେ ଗ୍ରନ୍ଥ ପଢ଼ିବା ଓ ମନେ ରଖିବା କଷ୍ଟସାଧ୍ୟ ହୋଇଥିଲେ ବି ସେ ଏହା କିପରି ହାସଲ କଲେ, ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ତେବେ ସାଧନା ଥିଲେ ଅନେକ କିଛି ହାସଲ କରିହେବ। କାମରେ ବିଭୋର ଥିବାବେଳେ ସେ ଗୀତ ଗାଆନ୍ତି। ଗୀତର ସ୍ପର୍ଶରେ ଶୁଖିଲା କାଠରେ ଅପରୂପ ସୌନ୍ଦର୍ଯ୍ୟ ଭରିଯାଉଥିବା ତାଙ୍କର ବିଶ୍ୱାସ ବୋଲି ନବୀନ କହନ୍ତି।



ନବୀନ କାଠର ଉପକରଣ ତିଆରି କରୁଛନ୍ତି।

- ୩୦ବର୍ଷ ହେଲା କାଠ ସାମଗ୍ରୀ ତିଆରିରେ ନିମଗ୍ନ
- ମୁହେଁ ମୁହେଁ ରହିଛି ପ୍ରାଚୀନ କାବ୍ୟ, କବିତା


ଓଡ଼ିଶା ସରକାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ

**ଘୋଷଣା**

**File No. ୨୬୪୪/୨୦୨୫** **Dated: ୨୪।୦୯।୨୦୨୫**

No. X-09: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନାକରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: କଲାର, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର–ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୦୩/୨୦୨୨, ତା।୧୧।୦୫।୨୦୨୨ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୨୭୮୮୪ ତା।୨୮।୦୭।୨୦୨୫ରିଖ ଅନୁଯାୟୀ ୩୧।୧୨।୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: କଲାର, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟର ଜୟପୁର–ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.koraput.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଅଛି।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: କୋରାପୁଟ** **ତହସିଲ: ବୈପାରିଗୁଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କଲାର | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା। | | | | | |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: କୋରାପୁଟ** **ତହସିଲ: ବୈପାରିଗୁଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୩୧।୧୨।୨୦୨୫

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, କୋରାପୁଟ

## ଭୂମି ଅନୁସୂଚୀ

**ମୌଜା: କଲାର, ଥାନା: ବୈପାରିଗୁଡ଼ା ନଂ. – ୨୦୬, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟ**
**ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ୍ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧୭ | ରୟତି | ୧୪୩୬ | ୦.୮୦୬ | ୦.୦୪୧ | ଡଙ୍ଗର | କୁଞ୍ଜ ନାୟକ, ରାମଚନ୍ଦ୍ର ନାୟକ, ମଧୁ ନାୟକ, ଗୋବର୍ଦ୍ଧନ ନାୟକ, ପି. ଚନ୍ଦ୍ରଶେଖର ନାୟକ, ଜା: ଭୂମିଆ, ବା: ନିଜଗାଁ, ଦିସାରିଗୁଡ଼ା |
| ୨୫ | ରୟତି | ୧୩୭୫ | ୨.୨୨୧ | ୨.୧୯୨ | ଡଙ୍ଗର | କେଶବ ମିନାର ବାଲିଆ, ପି.: ଧନ ମିନାର ବାଲିଆ, ଜା: ଭୂମିଆ, ବା: ନିଜଗାଁ |
| ୩୨ | ରୟତି | ୧୪୦୦ | ୨.୦୫୧ | ୦.୦୬୮ | ଡଙ୍ଗର | ଗଙ୍ଗା ପୂଜାରୀ, ପି.: ଡମ୍ବରୁ ପୂଜାରୀ, ଜା: ଭୂମିଆ, ବା: ନିଜଗାଁ |
| ୩୬ | ରୟତି | ୧୪୧୨ | ୩.୬୮୨ | ୨.୫୨୩ | ଡଙ୍ଗର | ଗୁରୁ ଗାଦବା, ପି.: ସୁକୁରା ଗାଦବା, ଜା: ଗାଦବା, ବା: ନିଜଗାଁ, ଦିଗାରିଗୁଡ଼ା |
| ୩୭ | ରୟତି | ୧୪୦୮ | ୧.୯୫୨ | ୧.୫୫୮ | ଡଙ୍ଗର | ଗୁରୁ ଗାଦବା, ବୁଦା ଗାଦବା, ପି.: ସୁକୁରା ଗାଦବା, ଜା: ଗାଦବା, ବା: ନିଜଗାଁ, ଦିସାରିଗୁଡ଼ା |
| ୩୭ | ରୟତି | ୧୪୦୯ | ୦.୧୮୮ | ୦.୦୯୫ | ଡଙ୍ଗର | ଗୁରୁ ଗାଦବା, ବୁଦା ଗାଦବା, ପି.: ସୁକୁରା ଗାଦବା, ଜା: ଗାଦବା, ବା: ନିଜଗାଁ, ଦିସାରିଗୁଡ଼ା |
| ୪୯ | ରୟତି | ୧୪୧୦ | ୪.୬୪୫ | ୦.୯୨୦ | ଡଙ୍ଗର | ଗୋରା ମାଠ ପଡ଼ିଆ, ପି.: ଭଗବାନ ମାଠ ପଡ଼ିଆ, ଜା: ଭୂମିଆ, ବା: ନିଜଗାଁ |
| ୫୧ | ରୟତି | ୧୪୦୩ | ୧.୭୬୯ | ୦.୪୫୦ | ଡଙ୍ଗର | ଗୋବର୍ଦ୍ଧନ ସଗରିଆ, ପି.: ରଘୁନାଥ ସଗରିଆ, ଜା: ହରିଜନ, ବା: ନିଜଗାଁ |
| ୫୮ | ରୟତି | ୧୦୧୭ | ୨.୩୯୭ | ୦.୬୫୪ | ଡଙ୍ଗର | ଘାସି ପାମିଆ, ପି.: ଖାଡ଼ି ପାମିଆ, ଜା: ଗାଦବା, ବା: ନିଜଗାଁ ଦିସାରିଗୁଡ଼ା |
| ୬୪ | ରୟତି | ୧୪୬୭ | ୧.୫୬୪ | ୧.୧୪୨ | ଡଙ୍ଗର | ଚନ୍ଦ୍ର ନାୟକ, ପି.: ରାମଚନ୍ଦ୍ର ନାୟକ, ଜା: ରଣା, ବା: କେରାପୁଟ |
| ୬୬ | ରୟତି | ୧୪୦୧ | ୧.୭୧୭ | ୧.୬୨୫ | ଡଙ୍ଗର | ଚନ୍ଦ୍ର ମାଟାମ, ପି.: ଇଛୁ ମାଟାମ, ଜା: ଡମ୍ବ, ବା: ନିଜଗାଁ, ଟାଙ୍ଗିନିଗୁଡ଼ା |
| ୮୭ | ରୟତି | ୧୩୭୯ | ୧.୬୬୫ | ୦.୪୯୧ | ଡଙ୍ଗର | ଜାଇ ପୂଜାରୀ, ପି.: ଡମ୍ବରୁ ପୂଜାରୀ, ଜା: ଭୂମିଆ, ବା: ନିଜଗାଁ |
| ୮୭ | ରୟତି | ୧୩୭୮/ ୨୮୯୮ | ୦.୨୯୨ | ୦.୨୦୮ | ଡଙ୍ଗର | ଜାଇ ପୂଜାରୀ, ପି.: ଡମ୍ବରୁ ପୂଜାରୀ, ଜା: ଭୂମିଆ, ବା: ନିଜଗାଁ |
| ୯୮ | ରୟତି | ୧୪୬୮ | ୨.୫୭୭ | ୦.୧୪୧ | ଡଙ୍ଗର | ଡମ୍ବରୁ ନାୟକ, ଚୈତନ୍ୟ ନାୟକ, ତ୍ରିନାଥ ନାୟକ, ପି.: ଗୁରୁ ମୂର୍ତ୍ତି ନାୟକ, ଜା: ରଣା, ବା: କେରାପୁଟ |
| ୩୪୨/ ୨୯୩ | ରୟତି | ୧୦୨୨ | ୫.୭୩୩ | ୦.୩୭୫ | ଡଙ୍ଗର | ଭଗବାନ ମାଝୀ, ପି.: ଲକ୍ଷ୍ମଣ ମାଝୀ, ଚଞ୍ଚଳା ମାଝୀ, ସ୍ୱା.: ଭଗବାନ ମାଝୀ, ଜା: ଗାଦବ, ବା: ଦୁର୍ଲା (ଲମତାପୁଟ) |
| ୧୦୦ | ରୟତି | ୧୩୮୦ | ୩.୫୪୬ | ୦.୦୬୬ | ଧାନ ଅଣଜଳସେଚିତ ଏକ | ଡମ୍ବରୁ ଶିଶା, ଦୁଦୁରା ଶିଶା, ସନୁ ଶିଶା, ପି.: ଗୁରୁମୂର୍ତ୍ତି ଶିଶା, ଗୁରୁବାରି ଶିଶା, ସ୍ୱା.: ଗୁରୁମୂର୍ତ୍ତି ଶିଶା, ଜା: ଗାଦବା, ବା: ନିଜଗାଁ |
| ୧୦୦ | ରୟତି | ୧୩୮୧ | ୨.୫୭୦ | ୨.୦୦୩ | ଧାନ ଅଣଜଳସେଚିତ ଏକ | ଡମ୍ବରୁ ଶିଶା, ଦୁଦୁରା ଶିଶା, ସନୁ ଶିଶା, ପି.: ଗୁରୁମୂର୍ତ୍ତି ଶିଶା, ଗୁରୁବାରି ଶିଶା, ସ୍ୱା.: ଗୁରୁମୂର୍ତ୍ତି ଶିଶା, ଜା: ଗାଦବା, ବା: ନିଜଗାଁ |
| ୧୦୩ | ରୟତି | ୧୩୭୨ | ୪.୮୪୩ | ୦.୨୧୩ | ଡଙ୍ଗର | ଡମ୍ବରୁ କଡଲି, ପି.: ପୀତବାସ କଡଲି, ଜା: ଭୂମିଆ, ବା: ଗନିପୁଟ |
| ୧୦୯ | ରୟତି | ୧୪୬୪ | ୦.୫୭୧ | ୦.୦୮୭ | ଡଙ୍ଗର | ତ୍ରିନାଥ ନାୟକ, ପି.: ସୁରେନ୍ଦ୍ର ନାୟକ, ଭଗବତି ନାୟକ, ସ୍ୱା.: ସୁରେନ୍ଦ୍ର ନାୟକ, ଜା: ଭୂମିଆ, ବା: ନିଜଗାଁ ଦିଶାରିଗୁଡ଼ା |
| ୧୦୯ | ରୟତି | ୧୪୬୫ | ୦.୬୬୦ | ୦.୦୩୨ | ଡଙ୍ଗର | |
| ୧୧୬ | ରୟତି | ୧୦୨୭ | ୫.୩୩୭ | ୦.୪୭୫ | ଡଙ୍ଗର | ଦହନା ମୁର୍ଜିଆ, ଚନ୍ଦ୍ରମା ମୁର୍ଜିଆ, ପି.: ବୁଦୁ ମୁର୍ଜିଆ, ସମ୍ବାରୁ ମୁର୍ଜିଆ, ଡମାଇ ମୁର୍ଜିଆ, ଭଗବତି ମୁର୍ଜିଆ, ପି.: ଜଗନ୍ନାଥ ମୁର୍ଜିଆ, ଜମୁନା ମୁର୍ଜିଆ, ସ୍ୱା.: ଜଗନ୍ନାଥ ମୁର୍ଜିଆ, ଦଇତାରି ମୁର୍ଜିଆ, ରାମ ମୁର୍ଜିଆ, ବଲ୍ଲଭ ମୁର୍ଜିଆ, ତିଳ ମୁର୍ଜିଆ, ସନିଆ ମୁର୍ଜିଆ, ପି–କେଶବ ମୁର୍ଜିଆ,ଜୟରାମ ମୁର୍ଜିଆ, ପି.: ସୁନା ମୁର୍ଜିଆ, ଲକ୍ଷ୍ମୀ ମୁର୍ଜିଆ, ସ୍ୱା.: ସୁନା ମୁର୍ଜିଆ, ଜା: ଗାଦବା, ବା: ନିଜଗାଁ ଦିଶାରିଗୁଡ଼ା |
| ୧୪୦ | ରୟତି | ୧୩୭୬ | ୨.୦୨୪ | ୦.୩୩୩ | ଡଙ୍ଗର | ନନ୍ଦ ସଗରିଆ, ପି.: ବୁଦୁରା ସଗରିଆ, ଜା: ହରିଜନ, ବା: ନିଜଗାଁ |
| ୧୭୦ | ରୟତି | ୧୦୨୬ | ୩.୪୪୨ | ୧.୧୫୮ | ଡଙ୍ଗର | ବଳରାମ ଗାଦବା, ଜଗବନ୍ଧୁ ଗାଦବା, ପି.: ଶୁକୁରା ଗାଦବା, ପାର୍ବତୀ ଗାଦବା, ସ୍ୱା.: ମାଧବ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୧୭୪ | ରୟତି | ୧୩୭୮ | ୨.୦୫୧ | ୧.୮୧୬ | ଡଙ୍ଗର | ବଲ୍ଲଭ କରଲିଆ, ପି.: ରାମଚନ୍ଦ୍ର କରଲିଆ, ଜା: ଗାଦବା, ବା: ନିଜଗାଁ |
| ୧୯୧ | ରୟତି | ୧୪୭୧ | ୨.୬୫୬ | ୦.୦୫୨ | ଡଙ୍ଗର | ନରସିଂହ ଦିସାରୀ, ପି.: ଲୋକନାଥ ଦିସାରୀ ଓରଫ ରଣା, ଜା: ରଣା, ବା: ନିଜଗାଁ (ଦିଶାରିଗୁଡ଼ା) |
| ୨୦୮ | ରୟତି | ୧୩୭୪ | ୧.୯୨୦ | ୧.୧୮୩ | ଡଙ୍ଗର | ମଙ୍ଗଳା କେନ୍ଦୁ, ପି.: ଅର୍ଜୁନ କେନ୍ଦୁ, ଜା: ଭୂମିଆ, ବା: ନିଜଗାଁ |
| ୨୪୦ | ରୟତି | ୧୩୭୭ | ୨.୦୩୯ | ୧.୨୯୯ | ଡଙ୍ଗର | ରଘୁନାଥ ସଗରିଆ, ପି.: ଲଛମନ ସଗରିଆ, ଜା: ହରିଜନ, ବା: ନିଜଗାଁ |
| ୨୫୭ | ରୟତି | ୧୪୩୯ | ୦.୮୮୦ | ୦.୦୧୨ | ଧାନ ଅଣଜଳସେଚିତ ଦୁଇ | ରାମେଶ୍ୱର ସୁଆବି, ଗୁରୁ ସୁଆବି, ବାଳରାମ ସୁଆବି, ପି.: ଡମ୍ବରୁଧର ସୁଆବି, ଜମିନା ସୁଆବି, ସ୍ୱା.: ଡମ୍ବରୁଧର ସୁଆବି, ଶୁକଦେବ ସୁଆବି, ସନିଆ ସୁଆବି, ଅର୍ଜୁନ ସୁଆବି, କୃଷ୍ଣ ସୁଆବି, ସମରା ସୁଆବି, ପି.: ଭଗବାନ ସୁଆବି, କୁସୁମା ସୁଆବି, ସ୍ୱା.: ଭଗବାନ ସୁଆବି, ବୁଦୁରା ସୁଆବି, ପି.: ଧର୍ନୁଜୟ ସୁଆବି, ଜା: ରଣା, ବା: ନିଜଗାଁ (ଖୁରିଗୁଡ଼ା) |
| ୨୭୦ | ରୟତି | ୧୪୦୨ | ୧.୫୨୭ | ୧.୫୦୩ | ଡଙ୍ଗର | ଲଛମନ ମାଟାମ୍, ପି.: ଲକ୍ଷ୍ମୁ ମାଟାମ୍, ଜା: ହରିଜନ, ବା: ନିଜଗାଁ |
| ୨୮୦ | ରୟତି | ୧୪୩୭ | ୧.୫୭୪ | ୧.୪୦୩ | ଡଙ୍ଗର | ଲୋକନାଥ ମାଟପଡ଼ିଆ, ଭଗବାନ ମାଟପଡ଼ିଆ, ହରିବନ୍ଧୁ ମାଟପଡ଼ିଆ, ପି.: ଅର୍ଜୁନ ମାଟପଡ଼ିଆ, ଭୀମ ମାଟପଡ଼ିଆ, ପି.: ବଳରାମ ମାଟପଡ଼ିଆ, ପର୍ଶୁରାମ ମାଟପଡ଼ିଆ, ବନୁ ମାଟପଡ଼ିଆ, ପି.: ଧନୁ ମାଟପଡ଼ିଆ, ଜା: ଭୂୟାଁ, ବା: ନିଜଗାଁ, ଦିସାରିଗୁଡ଼ା |
| ୨୮୬ | ରୟତି | ୧୪୬୬ | ୩.୧୮୮ | ୨.୬୨୯ | ଡଙ୍ଗର | ସଦନ ନାୟକ, ପି.: ଲଳିତ ନାୟକ, ଭଗବତି ନାୟକ, ସ୍ୱା.: ଲଳିତ ନାୟକ, ଜା: ରଣା, ବା: କେରାପୁଟ |
| ୩୨୬ | ରୟତି | ୧୩୮୫ | ୩.୪୮୪ | ୦.୫୨୨ | ଡଙ୍ଗର | ସୁକ୍ରା ଗାଦବା, ପଦଲାମ ଗାଦବା, ପି.: ମସିହା ଗାଦବା, ପରମାନନ୍ଦ ଗାଦବା, ପି.: କମୁଳ ଗାଦବା, କୁସୁମା ଗାଦବା, ସ୍ୱା.: କମଲୁ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୩୨୬ | ରୟତି | ୧୩୮୯ | ୩.୩୮୩ | ୦.୭୬୪ | ଡଙ୍ଗର | |
| ୩୩୭ | ରୟତି | ୧୦୨୩ | ୨.୫୦୮ | ୦.୭୪୦ | ଡଙ୍ଗର | ସୋମନାଥ ଗାଦବା, ବଳରାମ ଗାଦବା, ଦିନୁ ଗାଦବା, ବୁଦୁ ଗାଦବା, ଗଙ୍ଗା ଗାଦବା, ପି.: ମଙ୍ଗଳା ଗାଦବା, ଚନ୍ଦ୍ରମା ଗାଦବା, ସ୍ୱା.: ମଙ୍ଗଳା ଗାଦବା, ଜା: ଗାଦବା, ବା: ନିଜଗାଁ |
| ୩୩୭ | ରୟତି | ୧୩୮୩ | ୦.୪୯୪ | ୦.୩୧୮ | ଡଙ୍ଗର | |
| ୩୩୭ | ରୟତି | ୧୩୮୪ | ୪.୭୪୪ | ୩.୨୮୮ | ଡଙ୍ଗର | |
| ୩୪୨/ ୨୪ | ରୟତି | ୧୪୩୩ | ୧.୫୫୪ | ୧.୦୯୪ | ଡଙ୍ଗର | ପାର୍ବତୀ ନାୟକ, ପି.: ରତନ ନାୟକ, ଜା: ଭୂୟାଁ (ଭୂମିଆ), ବା: ନିଜଗାଁ ଦିସାରିଗୁଡ଼ା |
| ୩୪୨/ ୨୫ | ରୟତି | ୧୨୮୨ | ୨.୨୧୯ | ୧.୦୧୪ | ଧାନ ଅଣଜଳସେଚିତ ଦୁଇ | ଭଗତ ନାୟକ, ପି.: ପଦନ ନାୟକ, ଜା: ଭୂୟାଁ (ଭୂମିଆ), ବା: ନିଜଗାଁ ଦିସାରିଗୁଡ଼ା |
| ୩୪୨/ ୨୫ | ରୟତି | ୧୨୮୬ | ୪.୨୨୫ | ୧.୧୭୦ | ଡଙ୍ଗର | |
| ୩୪୨/ ୨୫୪ | ରୟତି | ୧୪୩୩/ ୨୧୬୫ | ୩.୦୨୯ | ୦.୨୧୪ | ଡଙ୍ଗର | ଲଛମନ ଗାଦବା, ପି.: ସୁତ ଗାଦବା, ଜା: ଗାଦବା, ବା: ଦିସାରିଗୁଡ଼ା |
| | | ମୋଟ | | ୩୫.୮୭୧ | | |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | |
| ୧୭ | ରୟତି | ୧୪୩୬ | ୦.୮୦୬ | ୦.୫୮୯ | ଡଙ୍ଗର | କୁଞ୍ଜ ନାୟକ, ରାମଚନ୍ଦ୍ର ନାୟକ, ମଧୁ ନାୟକ, ଗୋବର୍ଦ୍ଧନ ନାୟକ, ପି.: ଚନ୍ଦ୍ର ଶେଖର ନାୟକ, ଜା: ଭୂମିଆ, ବା: ନିଜଗାଁ ଦିସାରିଗୁଡ଼ା |
| ୬୫ | ରୟତି | ୧୪୩୧ | ୨.୧୪୯ | ୨.୧୪୯ | ଡଙ୍ଗର | ଚନ୍ଦ୍ରମା ନାୟକ, କନକ ନାଏକ, ପି.: ଡାଲିଆ ନାୟକ, ଜା: ଭୂମିଆ, ବା: ନିଜଗାଁ ଦିସାରିଗୁଡ଼ା |
| ୮୫ | ରୟତି | ୧୪୨୭ | ୩.୧୫୩ | ୩.୧୫୩ | ଡଙ୍ଗର | ଜମୁନା ଗାଦବା, ପି.: ସମରା ଗାଦବା, ଜା: ଗାଦବା, ବା: ନିଜଗାଁ ଦିସାରିଗୁଡ଼ା |
| ୨୫୭ | ରୟତି | ୧୪୩୯ | ୦.୮୮ | ୦.୮୬୮ | ଧାନ ଅଣଜଳସେଚିତ ଦୁଇ | ରାମେଶ୍ୱର ସୁଆବି, ଗୁରୁ ସୁଆବି, ବାଳରାମ ସୁଆବି, ପି.: ଡମ୍ବରୁଧର ସୁଆବି, ଜମୁନା ସୁଆବି, ସ୍ୱା.: ଡମ୍ବରୁଧର ସୁଆବି, ଶୁକଦେବ ସୁଆବି, ସନିଆ ସୁଆବି, ଅର୍ଜୁନ ସୁଆବି, କୃଷ୍ଣ ସୁଆବି, ସମରା ସୁଆବି, ପି.: ଭଗବାନ ସୁଆବି, କୁସୁମା ସୁଆବି, ସ୍ୱା.: ଭଗବାନ ସୁଆବି, ବୁଦୁରା ସୁଆବି, ପି.: ଧନୁର୍ଜୟ ସୁଆବି, ଜା: ରଣା, ବା: ନିଜଗାଁ, ଗୁଡ଼ିଗୁଡ଼ା |
| ୨୫୭ | ରୟତି | ୧୪୫୯ | ୩.୬୦୮ | ୩.୬୦୮ | ଧାନ ଅଣଜଳସେଚିତ ଏକ | ରାମେଶ୍ୱର ସୁଆବି, ଗୁରୁ ସୁଆବି, ବାଳରାମ ସୁଆବି, ପି.: ଡମ୍ବରୁଧର ସୁଆବି, ଜମୁନା ସୁଆବି, ସ୍ୱା.: ଡମ୍ବରୁଧର ସୁଆବି, ଶୁକଦେବ ସୁଆବି, ସନିଆ ସୁଆବି, ଅର୍ଜୁନ ସୁଆବି, କୃଷ୍ଣ ସୁଆବି, ସମରା ସୁଆବି, ପି.: ଭଗବାନ ସୁଆବି, କୁସୁମା ସୁଆବି, ସ୍ୱା.: ଭଗବାନ ସୁଆବି, ବୁଦୁରା ସୁଆବି, ପି.: ଧନୁର୍ଜୟ ସୁଆବି, ଜା: ରଣା, ବା: ନିଜଗାଁ, ଗୁଡ଼ିଗୁଡ଼ା |
| ୨୮୦ | ରୟତି | ୧୪୩୭ | ୧.୫୭୪ | ୦.୧୭୧ | ଡଙ୍ଗର | ଲୋକନାଥ ମାଟପଡ଼ିଆ, ଭଗବାନ ମାଟପଡ଼ିଆ, ହରିବନ୍ଧୁ ମାଟପଡ଼ିଆ, ପି.: ଅର୍ଜୁନ ମାଟପଡ଼ିଆ, ଭୀମ ମାଟପଡ଼ିଆ, ପି.: ବଳରାମ ମାଟପଡ଼ିଆ, ପର୍ଶୁରାମ ମାଟପଡ଼ିଆ, ବନୁ ମାଟପଡ଼ିଆ, ପି.: ଧନୁ ମାଟପଡ଼ିଆ, ଜା: ଭୂୟାଁ (ଭୂମିଆ), ବା: ନିଜଗାଁ ବିସାରିଗୁଡ଼ା |
| ୩୪୨/ ୨୦ | ରୟତି | ୧୪୩୨ | ୧.୪୧୬ | ୧.୪୧୬ | ଡଙ୍ଗର | ସୋମନାଥ ନାଏକ, ପି.: ଡମୁ ନାଏକ, ଜା: ଭୂୟାଁ (ଭୂମିଆ) ବା: ନିଜଗାଁ ଦିସାରିଗୁଡ଼ା |
| ୩୪୨/ ୨୪ | ରୟତି | ୧୪୨୨ | ୦.୫୮୩ | ୦.୫୮୩ | ଧାନ ଅଣଜଳସେଚିତ ଏକ | ପାର୍ବତୀ ନାୟକ, ପି.: ରତନ ନାୟକ, ଜା: ଭୂୟାଁ (ଭୂମିଆ), ବା: ନିଜଗାଁ ଦିସାରିଗୁଡ଼ା |
| ୩୪୨/ ୨୪ | ରୟତି | ୧୪୩୩ | ୧.୫୫୪ | ୦.୨୪୬ | ଡଙ୍ଗର | ପାର୍ବତୀ ନାୟକ, ପି.: ରତନ ନାୟକ, ଜା: ଭୂୟାଁ (ଭୂମିଆ), ବା: ନିଜଗାଁ ଦିସାରିଗୁଡ଼ା |
| ୩୪୨/ ୨୪ | ରୟତି | ୧୨୭୬ | ୧.୧୭୬ | ୧.୧୭୬ | ଡଙ୍ଗର | ପାର୍ବତୀ ନାୟକ, ପି.: ରତନ ନାୟକ, ଜା: ଭୂୟାଁ (ଭୂମିଆ), ବା: ନିଜଗାଁ ଦିସାରିଗୁଡ଼ା |
| ୩୪୨/ ୨୫ | ରୟତି | ୧୨୭୫ | ୧.୪୨୮ | ୧.୪୨୮ | ଡଙ୍ଗର | ଭଗତ ନାୟକ, ପି.: ପଦନ ନାୟକ, ଜା: ଭୂୟାଁ (ଭୂମିଆ), ବା: ନିଜଗାଁ ଦିସାରିଗୁଡ଼ା |
| ୩୪୨/ ୨୫ | ରୟତି | ୧୨୭୪ | ୩.୫୨୯ | ୩.୫୨୯ | ଡଙ୍ଗର | ଭଗତ ନାୟକ, ପି.: ପଦନ ନାୟକ, ଜା: ଭୂୟାଁ (ଭୂମିଆ), ବା: ନିଜଗାଁ ଦିସାରିଗୁଡ଼ା |
| ୩୪୨/ ୩୧୨ | ରୟତି | ୧୨୭୬/ ୩୨୨୩ | ୧.୭୭୯ | ୧.୫୬୫ | ଡଙ୍ଗର | ଉଦୟନାଥ ମୁଣ୍ଡାଗୁଡ଼ିଆ, ପି.: ବଳରାମ ମୁଣ୍ଡାଗୁଡ଼ିଆ, ଜା: ଗାଦବା, ବା: ଦିସାରିଗୁଡ଼ା, ବାଣୁଆଗୁଡ଼ା, କୁନ୍ଦୁରା |
| | | | ମୋଟ | ୨୦.୪୮୧ | | |

| | |
|---|---|
| ଅଧିଗ୍ରହଣ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି | – |
| ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି | ୩୫.୮୭୧ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | ୨୦.୪୮୧ |
| ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ମୁତାବକ ଦିଆଯାଇଥିବା ଅଧିକାର | – |
| | |
| ମୋଟ | ୫୬.୩୫୨ |

**Sd./- Special Land Acquisition Officer**
**Jeypore - Malkangiri New B.G. Rail**
**Link Project-cum-Tahasildar,**
**Boipariguda**

**OIPR-24221/14/0002/2526**

### ବଙ୍ଗାଳି ଶ୍ରମିକଙ୍କ ହତ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ

## ବଙ୍ଗାଳି ଶ୍ରମିକଙ୍କୁ ସୁରକ୍ଷା ଦିଅ: ଅଧୀର ରଞ୍ଜନ

**ସମ୍ବଲପୁର,୪।୧ (ପ୍ରମୋଦ ବହିଦାର)**

ଜୀବିକା ପାଇଁ ଓଡ଼ିଶା ଆସୁଥିବା ବଙ୍ଗାଳି ଶ୍ରମିକଙ୍କ ଉପରେ ଯେକୌଣସି ଅତ୍ୟାଚାରକୁ ସେ ନିନ୍ଦା କରନ୍ତି। ଅନ୍ତତଃ ପଶ୍ଚିମବଙ୍ଗର ଯେକୌଣସି କୋଣରୁ ଓଡ଼ିଶା ଆସୁଥିବା ଶ୍ରମିକଙ୍କ ସୁରକ୍ଷିତ ରହିବାର ହକ୍ ବୋଲି କହିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପଶ୍ଚିମବଙ୍ଗ ପ୍ରଦେଶ କଂଗ୍ରେସ କମିଟି ସଭାପତି ଅଧୀର ରଞ୍ଜନ ଚୌଧୁରୀ। ସମ୍ବଲପୁର ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ କଂଗ୍ରେସ ଜିଲା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସେ ଓଡ଼ିଶା ଆସୁଥିବା ପ୍ରବାସୀ ବଙ୍ଗାଳି ଶ୍ରମିକମାନଙ୍କୁ ସୁରକ୍ଷା ଦେବାକୁ ସେ ରାଜ୍ୟ ସରକାରଙ୍କ ସହିତ ସମ୍ବଲପୁର ପୋଲିସ ନିକଟରେ ଦାବି କରିଛନ୍ତି। ସେ କହୁଛନ୍ତି, ଓଡ଼ିଶାର ଯେ କୌଣସି ସ୍ଥାନରେ ମନ୍ଦିର ହେଉ କି ମସ୍‌ଜିଦ୍ ଅଥବା ଗୁରୁଦ୍ୱାରା ନିର୍ମାଣରେ



ଖବରଦାତା ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ।

ପଶ୍ଚିମବଙ୍ଗ ବିଶେଷ କରି ମୁର୍ଶିଦାବାଦର ଶ୍ରମିକମାନଙ୍କୁ ସ୍ଥାନୀୟ ଠିକାଦାରମାନେ ନିୟୋଜିତ କରିଥାଆନ୍ତି। ଉକ୍ତ ଶ୍ରମିକମାନେ କୁଶଳୀ ହୋଇଥିବାରୁ ସର୍ବଦା ଓଡ଼ିଶାର ଠିକାଦାରମାନଙ୍କ ଡାକରା ପାଇ ଆସିଥାଆନ୍ତି। ଏହାବ୍ୟତୀତ କେତେକ ଫେରିବାଲା ଭାବେ ଓଡ଼ିଶାରେ ବିଭିନ୍ନ ଗ୍ରାମ ବୁଲି ଲୋକଙ୍କ ଆବଶ୍ୟକତା ଅନୁସାରେ ସାମଗ୍ରୀ ବିକ୍ରୟ କରି କିଛି ରୋଜଗାର କରନ୍ତି। ଏଭଳି ଲୋକଙ୍କ ଉପରେ ଆକ୍ରମଣ ଦୁର୍ଭାଗ୍ୟଜନକ। ଓଡ଼ିଶାରେ ଏକ ସମାନ୍ତରାଳ ଶାସକ ଗୋଷ୍ଠୀ ପୋଲିସର ଉର୍ଦ୍ଧ୍ୱକୁ ଯାଇ ବାଂଲାଦେଶୀମାନଙ୍କ ଯାଞ୍ଚରେ ଲାଗିଛନ୍ତି। ଖାଲି ସେତିକି ନୁହେଁ, ଆଇନକୁ ମଧ୍ୟ ନିଜ ହାତକୁ ନେଇ ନାଗରିକତା ଯାଞ୍ଚ ନାମରେ ପ୍ରବାସୀ ବଙ୍ଗାଳି ଶ୍ରମିକଙ୍କୁ ଅନୁପ୍ରବେଶକାରୀ ଭାବି ଅଯଥା ଦଣ୍ଡିତ କରୁଛନ୍ତି। ଖାଲି ସେତିକି ନୁହେଁ ଏଠାରେ ପ୍ରବାସୀ ବଙ୍ଗାଳି ଶ୍ରମିକମାନେ ଭୟଭୀତ ଅବସ୍ଥାର ରହୁଥିବା ବେଳେ ସ୍ଥାନବିଶେଷରେ ସେମାନଙ୍କୁ ପୋଲିସ ଭୟଭୀତ କରି ଏଠାରୁ ବିତାଡ଼ିତ କରୁଛି ବୋଲି ଅଧୀର ରଞ୍ଜନ ଅଭିଯୋଗ କରିଥିଲେ। ଯଦ୍ୱାରା ଓଡ଼ିଶାର ଛବି ଜାତୀୟସ୍ତରରେ ମଳିନ ହେଉଛି ବୋଲି ସେ କହିଥିଲେ। ଏହି ପ୍ରସଙ୍ଗରେ ସେ ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଆଲୋଚନା କରି ଓଡ଼ିଶାରେ ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ନିବେଦନ କରିବେ ବୋଲି କହିଥିଲେ। ଏଥି ପୂର୍ବରୁ ସେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଜୀବିକା ପାଇଁ ସମ୍ବଲପୁର ଆସୁଥିବା ପ୍ରବାସୀ ବଙ୍ଗାଳି ଶ୍ରମିକମାନଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ନିବେଦନ କରିଥିଲେ। ଏହାସହିତ ଦାନିପାଲିରେ ପ୍ରବାସୀ ବଙ୍ଗାଳି ଶ୍ରମିକ ଶେଖ ଜୁଏଲଙ୍କ ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ଦିଗରେ ସହାୟତା କରିବାକୁ ଅନୁରୋଧ କରିଥିଲେ।

## ଡକାୟତି ଉଦ୍ୟମ ପଣ୍ଡ, ୩ ଗିରଫ

**ବୀରମହାରାଜପୁର,୪।୧ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପୋଲିସ ଏକ ଡକାୟତି ଉଦ୍ୟମ ପଣ୍ଡ କରିଛି। ଉଲୁଣ୍ଡା-ସମ୍ବଲପୁର ରାସ୍ତାର ଝାରବାହଲି ଛକ ନିକଟରେ ଡକାୟତି ଉଦ୍ୟମ ପାଇଁ ଯୋଜନା କରୁଥିବା ବେଳେ ପୋଲିସ୍ ଟିମ୍ ଟିମ ଚଢାଉ କରି କାର ଜବତ ସହ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ବରଗଡ ଜିଲା ଭେଡେନ ଅଞ୍ଚଳର ଦେବେନ୍ଦ୍ର ଧର, ଅତାବିରା ଥାନା ପୋଡ଼ବାଦିର ସୁରଜ ମହାପାତ୍ର ଏବଂ ଗଣ୍ଡତୁରୁମର ଅନୀଲ ସେଠ। ସୂଚନା ଅନୁସାରେ ଶନିବାର ସନ୍ଧ୍ୟାରେ ଉକ୍ତ ସ୍ଥାନରେ ଡକାୟତି ପାଇଁ ଯୋଜନା ପ୍ରସ୍ତୁତ ଚାଲିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଉକ୍ତ ସ୍ଥାନରେ ଚଢାଉ କରିଥିଲା। ସେଠାରେ ପୋଲିସକୁ ଦେଖି ୨ଜଣ ଫେରାର ମାରିଥିବା ବେଳେ ଅନ୍ୟ ୩ଜଣଙ୍କୁ କାବୁ କରାଯାଇଥିଲା। କାର ଭିତରୁ ଦୁଇଟି ଛୁରି, ଗୋଟିଏ ଟାଙ୍ଗିଆ, ଦୁଇଟି ଲୁହାଛଡ, ଲଙ୍କାଗୁଣ୍ଡ ଆଦି ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଏନେଇ ଉଲୁଣ୍ଡା ଥାନାରେ ଏକ ମାମଲା (ନଂ.୨/୨୬)ରୁଜୁ କରି ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା ଉଲୁଣ୍ଡା ପୋଲିସ। ଜାମିନ ଆବେଦ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଉଲୁଣ୍ଡା ଥାନା ଅଧିକାରୀ ଲିଙ୍ଗରାଜ ସେଠୀ ସୂଚନା ଦେଇଛନ୍ତି।

---

### ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
### ଘୋଷଣା

**No.5039/2025** **Date:14.11.2025**

No.X-22: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-କୁନ୍ଦ୍ରାଗୁଡ଼ା, ଥାନା-ବୋରିଗୁମ୍ମା, ତହସିଲ-ବୋରିଗୁମ୍ମା, ଜିଲ୍ଲା-କୋରାପୁଟରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି। ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା 707, ତା.04.09.2023 ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା 25884 ତା.15.07.2025 ରିଖ ଅନୁଯାୟୀ ୩୧.୧୨.୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି। ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-କୁନ୍ଦ୍ରାଗୁଡ଼ା, ଥାନା-ବୋରିଗୁମ୍ମା, ତହସିଲ-ବୋରିଗୁମ୍ମା, ଜିଲ୍ଲା-କୋରାପୁଟର ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବସାଇଟ https://koraput.odisha.gov.in. ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-କୋରାପୁଟ ତହସିଲ-ବୋରିଗୁମ୍ମା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | | | | ୨୦.୦୫୬ ଏକର | ଏଥିସହିତ ସଂଲଗ୍ନ କରାଗଲା |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-କୋରାପୁଟ ତହସିଲ-ବୋରିଗୁମ୍ମା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- 31.12.2025 ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-
ଜିଲ୍ଲାପାଳ, କୋରାପୁଟ

### ଭୂମି ଅନୁସୂଚୀ

ମୌଜା:କୁନ୍ଦ୍ରାଗୁଡ଼ା, ଥାନା:ବୋରିଗୁମ୍ମା, ତହସିଲ:ବୋରିଗୁମ୍ମା, ଜିଲ୍ଲା:କୋରାପୁଟ, ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ

| କ୍ରମିକ ସଂଖ୍ୟା | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା (ଏକରରେ) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୮୦୮ | ୨୮୭ | ଧାନ-୨ | ୧.୦୦ | ୦.୧୦୩ | ପି.ସୁକନ୍ୟା ସ୍ୱା:ପି.କ୍ରିଷ୍ଣା ରାଓ, ଜା:କଳିଙ୍ଗ ବୈଶ୍ୟ, ବା:ବୋରିଗୁମ୍ମା |
| ୨ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୯୪ | ୩୧୫ | ଧାନ-୨ | ୧.୭୮ | ୦.୦୩୯ | ସୁଭଦ୍ରା ଆମ୍ମା, ପେରୁମୁ ଆପ୍ପା ରାଓ, ପିତା: ଜାତି: ତେଲେଙ୍ଗା, ବାସ:ବୋରିଗୁମ୍ମା |
| ୩ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୬୪ | ୩୨୨ | ଧାନ-୩ | ୦.୨୩ | ୦.୨୧୫ | ବିଶ୍ୱନାଥ ଗଣ୍ଡା, ପିତା:ସାରଥୀ ଗଣ୍ଡା, ଜାତି:ଡମ୍ବ, ବାସ:ନିଜଗାଁ |
| ୪ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୬୮ | ୩୩୨ | ଧାନ-୨ | ୨.୦୮ | ୦.୫୮୪ | ବୁଟି କୁମ୍ଭାର, ପିତା:ଭାଲୁ କୁମ୍ଭାର, ଜାତି:କୁମ୍ଭାର, ବାସ:ନିଜଗାଁ |
| ୫ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୧୬୦୨ | ୩୩୭ | ଧାନ-୨ | ୧.୬୧ | ୦.୮୦ | ରତନି ଗଉଡ, ସ୍ୱା:ସଦା ଗଉଡ, ଜା:ଗଉଡ, ବା:ପୁରୁଣା କୁନ୍ଦ୍ରାଗୁଡ଼ା |
| ୬ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୯୨୫ | ୩୩୮ | ଧାନ-୧ | ୨.୧୪ | ୧.୨୬ | ଗଉରୀ ଗୌଡ, ସ୍ୱା:ଗଙ୍ଗାଧର ଗୌଡ, ମୋହନ ଗୌଡ, ବିମଳା ଗୌଡ, କ୍ଷୀରୋବନ୍ଧୁ ଗୌଡ, ମଣିମା ଗୌଡ, ପି:ଗଙ୍ଗାଧର ଗୌଡ, ଜା:ଗଉଡ, ବା:କୁନ୍ଦ୍ରାଗୁଡା |
| ୭ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୯୨୫ | ୩୩୯ | ଧାନ-୩ | ୦.୮୦ | ୦.୦୪୫ | ଗଉରୀ ଗୌଡ, ସ୍ୱା:ଗଙ୍ଗାଧର ଗୌଡ, ମୋହନ ଗୌଡ, ବିମଳା ଗୌଡ, କ୍ଷୀରୋବନ୍ଧୁ ଗୌଡ, ମଣିମା ଗୌଡ, ପି:ଗଙ୍ଗାଧର ଗୌଡ, ଜା:ଗଉଡ, ବା:କୁନ୍ଦ୍ରାଗୁଡା |
| ୮ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୫୧୬ | ୩୪୯ | ଧାନ-୧ | ୦.୨୯ | ୦.୦୨୪ | ମୁକ୍ତା ଗୌଡ, ପି:ସଦା ଗୌଡ, ଜା:ଗୌଡ, ବା:କୁନ୍ଦ୍ରାଗୁଡା |
| ୯ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୯୨୬ | ୩୧୩ | ଧାନ-୩ | ୨.୩୮ | ୦.୦୦୧ | ଗୋରା ଗୌଡ, ସ୍ୱାମୀ:ଗୋବର୍ଦ୍ଧନ ଗୌଡ, ଅଭି ଗୌଡ, ଲଳିତ ଗୌଡ, ପିତା:ଗୋବର୍ଦ୍ଧନ ଗୌଡ,ଜାତି:ଗୌଡ, ବାସ:କୁନ୍ଦ୍ରାଗୁଡା |
| ୧୦ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୫୩୪ | ୩୧୯/୮୦୪ | ଧାନ-୨ | ୧.୨୩ | ୦.୦୦୭ | ହରି ହାଲବା, ପିତା:ଧନ୍ଦି ହାଲବା, ଜାତି:ହାଲବା, ବାସ:ଅଂଚଳା |
| ୧୧ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୫୧ | ୪୨୦ | ଧାନ-୩ | ୦.୩୭ | ୦.୧୩୯ | ପିତାମ୍ବର ଗୌଡ, ପି:ପଦମ ଗୌଡ, ସନ୍ତାଇ ଗୌଡ, ସ୍ୱା:ନୀଳାମ୍ବର ଗୌଡ, ପାର୍ବତୀ ଗୌଡ, ପି:ନୀଳାମ୍ବର ଗୌଡ, ରତନ ଗୌଡ, ପି:ନିଲାମ ଗୌଡ, ଜା:ଗଉଡ, ବା:କୁନ୍ଦ୍ରାଗୁଡା |
| ୧୨ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୧୨୯ | ୪୨୬ | ଧାନ-୨ | ୧.୯୨ | ୦.୨୪ | ମୁକୁନ୍ଦ ହରିଜନ, ପିତା:ନାରାୟଣ ହରିଜନ, ଜାତି:ଡମ୍ବ, ବାସ:ନୂଆଗୁଡା |
| ୧୩ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୫୮୨ | ୨୮୨ | ଧାନ-୩ | ୦.୪୧ | ୦.୦୩ | ଅର୍ଜୁନ ପୂଜାରୀ, ପି:ମହାଦେବ ପୂଜାରୀ, ଜା:ଭୂମିଆ, ବା:କୁନ୍ଦ୍ରାଗୁଡ଼ା |
| ୧୪ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୫୬୮ | ୨୮୨/୮୪୧ | ଧାନ-୩ | ୦.୪ | ୦.୦୨୪ | ତମାଇ ଭୂମିଆ, ସ୍ୱାମୀ:ମଦନ ଭୂମିଆ, ତିଳ ଭୂମିଆ, କୈବଲ୍ୟ ଭୂମିଆ, ପିତା:ମଦନ ଭୂମିଆ, ଜାତି:ଭୂମିଆ, ବାସ:ନିଜଗାଁ |
| ୧୫ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୫୭୯ | ୨୮୨/୮୪୫ | ଧାନ-୩ | ୦.୨୧ | ୦.୦୨ | ଗୁରୁବାରି ଭୂମିଆ, ସ୍ୱା:ନୀଳକଣ୍ଠ ଭୂମିଆ, ନାରାୟଣ ଭୂମିଆ, ଦୁର୍ଯ୍ୟୋଧନ ଭୂମିଆ, ପି:ନୀଳକଣ୍ଠ ଭୂମିଆ, ଜା:ଭୂମିଆ, ବା:କୁନ୍ଦ୍ରାଗୁଡ଼ା |
| ୧୬ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୫୮୦ | ୨୮୨/୮୪୬ | ଧାନ-୩ | ୦.୫୦ | ୦.୦୨ | ସଦାଦେଇ ଭୂମିଆ, ଚମ୍ପା ଭୂମିଆ, ପିତା:ସନା ଭୂମିଆ, ଜାତି:ଭୂମିଆ, ବାସ:ନିଜଗାଁ |
| ୧୭ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୭ | ୨୮୮ | ଧାନ-୧ | ୦.୩୫ | ୦.୧୫ | ବସନ୍ତ ଗୌଡ, ପି:ରାମଚନ୍ଦ୍ର ଗୌଡ, ପ୍ରହ୍ଲାଦ ଗୌଡ, ଅର୍ଜୁନ ଗୌଡ, ଧନୁର୍ଜୟ ଗୌଡ, ପି:ଗଙ୍ଗାଧର ଗୌଡ, ଚମ୍ପା ଗୌଡ, ସ୍ୱା:ଗଙ୍ଗାଧର ଗୌଡ, ଜା:ଗଉଡ, ବା:କୁନ୍ଦ୍ରାଗୁଡା |
| ୧୮ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୮୦୮ | ୨୮୮/୫୭୯ | ଧାନ-୧ | ୩.୬୦ | ୦.୭୫ | ପି.ସୁକନ୍ୟା, ସ୍ୱା:ପି.କ୍ରିଷ୍ଣା ରାଓ, ଜା:କଳିଙ୍ଗ ବୈଶ୍ୟ, ବା:ବୋରିଗୁମ୍ମା |
| ୧୯ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୧୩୧ | ୨୮୮/୫୮୨ | ଧାନ-୧ | ୦.୨୫ | ୦.୨୦୮ | ରଘୁନାଥ ଭୂମିଆ, ପିତା-ମୁକୁନ୍ଦ ଭୂମିଆ, ଜାତି:ଭୂମିଆ, ବାସ:ନିଜଗାଁ |
| ୨୦ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୫୩୭ | ୨୮୮/୬୦୭ | ଧାନ-୧ | ୦.୪୮ | ୦.୧୦୭ | ପାଇଡ୍ଡୁଚେଟି କ୍ରିଷ୍ଣା ରାଓ, ପିତା:ପାଇଡ୍ଡୁଚେଟି ଭୀମା ରାଓ, ଜାତି:କଳିଙ୍ଗ ବୈଶ୍ୟ, ବାସ:ବୋରିଗୁମ୍ମା |
| ୨୧ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୯୬୭ | ୨୮୯ | ଧାନ-୧ | ୦.୭୫ | ୦.୪୦୯ | ଯୀଶୁଦାସ କନ୍ଧପାନ, ପି:ହାନେସ କନ୍ଧପାନ, ଜାତି:ଡମ୍ବ, ବାସ:କୁନ୍ଦ୍ରାଗୁଡ଼ା |
| ୨୨ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୭ | ୨୯୦ | ଧାନ-୨ | ୦.୧୦ | ୦.୧୦ | ବସନ୍ତ ଗୌଡ, ପି:ରାମଚନ୍ଦ୍ର ଗୌଡ, ପ୍ରହ୍ଲାଦ ଗୌଡ, ଅର୍ଜୁନ ଗୌଡ, ଧନୁର୍ଜୟ ଗୌଡ, ପି:ଗଙ୍ଗାଧର ଗୌଡ, ଚମ୍ପା ଗୌଡ, ସ୍ୱା:ଗଙ୍ଗାଧର ଗୌଡ, ଜା:ଗଉଡ,ବା:କୁନ୍ଦ୍ରାଗୁଡା |
| ୨୩ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୫୧୧ | ୨୯୦/୭୯୩ | ଧାନ-୨ | ୦.୩୨ | ୦.୩୨୦ | ସେବତି ଭୂମିଆ, ସ୍ୱା:ତିଳ ଭୂମିଆ, କର୍ଣ୍ଣ ଭୂମିଆ, ସୁବର୍ଣ୍ଣ ଭୂମିଆ, ପାର୍ବତୀ ଭୂମିଆ, ସୀତା ଭୂମିଆ, ରୁକୁଣୀ ଭୂମିଆ, ପି:ତିଳ ଭୂମିଆ, ଜା:ଭୂମିଆ, ବା:କୁନ୍ଦ୍ରାଗୁଡା |
| ୨୪ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୧୩୧ | ୨୯୨ | ଧାନ-୨ | ୦.୪୬ | ୦.୪୬ | ରଘୁନାଥ ଭୂମିଆ, ପିତା-ମୁକୁନ୍ଦ ଭୂମିଆ, ଜାତି:ଭୂମିଆ, ବାସ:ନିଜଗାଁ |
| ୨୫ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୮୦୮ | ୨୯୨/୫୮୦ | ଧାନ-୨ | ୦.୩୪ | ୦.୩୪ | ପି.ସୁକନ୍ୟା ସ୍ୱା:ପି.କ୍ରିଷ୍ଣା ରାଓ, ଜା:କଳିଙ୍ଗ ବୈଶ୍ୟ, ବା:ବୋରିଗୁମ୍ମା |
| ୨୬ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୫୮୨ | ୨୯୩ | ଧାନ-୧ | ୧.୬୭ | ୦.୩୩୧ | ଅର୍ଜୁନ ପୂଜାରୀ, ପି:ମହାଦେବ ପୂଜାରୀ, ଜା:ଭୂମିଆ, ବା:କୁନ୍ଦ୍ରାଗୁଡ଼ା |
| ୨୭ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୫୭୯ | ୨୯୩/୮୪୩ | ଧାନ-୧ | ୦.୮୦ | ୦.୪୯ | ଗୁରୁବାରି ଭୂମିଆ, ସ୍ୱା:ନୀଳକଣ୍ଠ ଭୂମିଆ, ନାରାୟଣ ଭୂମିଆ, ଦୁର୍ଯ୍ୟୋଧନ ଭୂମିଆ, ପି:ନୀଳକଣ୍ଠ ଭୂମିଆ, ଜା:ଭୂମିଆ, ବା:କୁନ୍ଦ୍ରାଗୁଡ଼ା |
| ୨୮ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୫୮୦ | ୨୯୩/୮୪୭ | ଧାନ-୧ | ୦.୩୮ | ୦.୧୮ | ସଦାଦେଇ ଭୂମିଆ, ଚମ୍ପା ଭୂମିଆ, ପିତା:ସନା ଭୂମିଆ, ଜାତି:ଭୂମିଆ, ବାସ:ନିଜଗାଁ |
| ୨୯ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୧୫୬୫ | ୩୨୧ | ଧାନ-୨ | ୦.୭୭ | ୦.୦୭ | ଧନପତି ଖ୍ରୀଷ୍ଟିୟାନ, ମାଣିକ ଖ୍ରୀଷ୍ଟିୟାନ, ଡମ୍ବରୁ ଖ୍ରୀଷ୍ଟିୟାନ, ପି:ବିଜୟ ଖ୍ରୀଷ୍ଟିୟାନ, ଜା:ଖ୍ରୀଷ୍ଟିୟାନ, ବା:ଅଞ୍ଚଳା |
| ୩୦ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୯୨୪ | ୩୨୩ | ଧାନ-୨ | ୧.୫୫ | ୦.୫୯୩ | ସେବକ ଦାସ, ପିତା:ପ୍ରଭୁଦାନ ଦାସ, ଜାତି:ଖ୍ରୀଷ୍ଟିୟାନ, ବାସ:କୁନ୍ଦ୍ରାଗୁଡା |
| ୩୧ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୧୬୨ | ୩୨୯/୬୧୨ | ଧାନ-୧ | ୧.୨୦ | ୦.୮୦ | ମଙ୍ଗଳଦାନ ଖ୍ରୀଷ୍ଟିୟାନ, ପିତା:ଆଲିସେବା ଖ୍ରୀଷ୍ଟିୟାନ, ଜାତି:ଡମ୍ବ ଖ୍ରୀଷ୍ଟିୟାନ,ବାସ:ନିଜଗାଁ |
| ୩୨ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୯୬୮ | ୩୩୦ | ଧାନ-୨ | ୧.୧୯ | ୦.୮୧୮ | ସୁରେଶ ଖ୍ରୀଷ୍ଟିୟାନ, ପିତା:ମହାନନ୍ଦ ଖ୍ରୀଷ୍ଟିୟାନ, ଜାତି:ଡମ୍ବ ଖ୍ରୀଷ୍ଟିୟାନ,ବାସ:ନିଜଗାଁ |
| ୩୩ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୧୬୦୨ | ୩୩୬/୧୧୬୭ | ଧାନ-୩ | ୦.୩୯ | ୦.୦୭୬ | ରତନି ଗଉଡ, ସ୍ୱା:ସଦା ଗଉଡ, ଜା:ଗଉଡ, ବା:ପୁରୁଣା କୁନ୍ଦ୍ରାଗୁଡା |
| ୩୪ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୫୬୦ | ୩୪୩ | ଧାନ-୨ | ୦.୯୨ | ୦.୫୦ | ପଦଲାମ ହରିଜନ, ପିତା:ନରସିଂହ ହରିଜନ, ଜାତି:ଡମ୍ବ, ବାସ:ବୋରିଗୁମ୍ମା ତରଫ ନୂଆଗୁଡା |
| ୩୫ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୬୦ | ୩୪୪ | ଧାନ-୧ | ୦.୦୯ | ୦.୦୫ | ବଳି ଗଉଡ, ପିତା:ନାରାୟଣ ଗଉଡ, ଜାତି:ଗଉଡ, ବାସ:ନିଜଗାଁ |
| ୩୬ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୧୦୪୮ | ୩୪୪/୧୨୪୦ | ଧାନ-୧ | ୦.୯୦ | ୦.୦୪ | ମହେନ୍ଦ୍ର ସତନାମି, ଜିତେନ୍ଦ୍ର ସତନାମି, ପି:କୋମଳଲୋଚନ ସତନାମି, ଜା:ଚମାର, ବା:ବୋରିଗୁମ୍ମା |
| ୩୭ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୬୦ | ୩୪୫ | ଧାନ-୨ | ୧.୩୦ | ୦.୯୦ | ବଳି ଗଉଡ, ପିତା:ନାରାୟଣ ଗଉଡ, ଜାତି:ଗଉଡ, ବାସ:ନିଜଗାଁ |
| ୩୮ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୯୨୭ | ୩୪୫/୫୫୦ | ଧାନ-୨ | ୦.୪୦ | ୦.୪୦ | ସନ୍ୟାସୀ ଗଉଡ, ପି:ଗୋବର୍ଦ୍ଧନ ଗଉଡ, ଜା:ଗଉଡ, ବା:କୁନ୍ଦ୍ରାଗୁଡା |
| ୩୯ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୫୭୪ | ୩୪୮/୮୩୭ | ଧାନ-୧ | ୦.୯୪ | ୦.୩୯ | ଧନପତି ଭୂମିଆ, ପିତା:ମୋହନ ଭୂମିଆ, ଜାତି:ଭୂମିଆ, ବାସ:ନିଜଗାଁ |
| ୪୦ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୧୦୭୨ | ୩୫୦ | ଧାନ-୨ | ୧.୩୮ | ୦.୭୪୨ | ସରୋଜିନୀ ରଥ, ସ୍ୱାମୀ:ସଦାଶିବ ରଥ, ଜାତି:ବ୍ରାହ୍ମଣ, ବାସ:ବୋରିଗୁମ୍ମା |
| ୪୧ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୧୫୫୭ | ୪୦୩/୬୨୨ | ଧାନ-୨ | ୧.୦୦ | ୦.୦୭୬ | ସ୍ନିଗ୍ଧା ପାଣିଗ୍ରାହୀ, ସ୍ୱା:ଶ୍ରୀକାନ୍ତ ପାଣିଗ୍ରାହୀ, ଜା:ବ୍ରାହ୍ମଣ, ବା:ମାଣିକେଶ୍ୱରୀ ମାର୍ଗ, ବୋରିଗୁମ୍ମା |
| ୪୨ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୭୯ | ୪୧୮ | ଧାନ-୧ | ୧.୫୩ | ୦.୩୬ | ମୁଦି ଗଉଡ, ପିତା:ବଳରାମ ଗଉଡ, ପ୍ରତିମା ଗଉଡୁଣି, ପିତା:ମୁଦି ଗଉଡ, ଜାତି:ଗଉଡ, ବାସ:ନିଜଗାଁ |
| ୪୩ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୪୭୧ | ୪୧୮/୫୫୪ | ଧାନ-୧ | ୦.୮୨ | ୦.୩୧ | ଲଛମନ ହରିଜନ, ପିତା:ମୁକୁନ୍ଦ ହରିଜନ, ଜାତି:ଡମ୍ବ, ବାସ:ବୋରିଗୁମ୍ମା ତରଫେ ନୂଆଗୁଡା |
| ୪୪ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୧୬୩ | ୪୧୮/୫୫୪/୬୧୪ | ଧାନ-୧ | ୧.୦୦ | ୦.୧୧ | ଲଛମି ହରିଜନ, ପିତା:ମୁକୁନ୍ଦ ହରିଜନ, ଜାତି:ଡମ୍ବ, ବାସ:ନୂଆଗୁଡା, ବୋରିଗୁମ୍ମା |
| ୪୫ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୧୯୨ | ୪୧୮/୫୫୪/୬୩୬ | ଧାନ-୧ | ୧.୦୪ | ୦.୬୬୧ | ଲଛମି ହରିଜନ, ପିତା:ମୁକୁନ୍ଦ ହରିଜନ, ଜାତି:ଡମ୍ବ, ବାସ:ନିଜଗାଁ |
| ୪୬ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୪୩୬ | ୪୧୮/୫୯୩ | ଧାନ-୧ | ୦.୪୬ | ୦.୧୨ | ଲଇଖଣ ଗୌଡ, ପିତା:ଭଗବାନ ଗୌଡ,ଜାତି:ଗୌଡ, ବାସ:ନିଜଗାଁ |
| ୪୭ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୪୩୬ | ୪୧୮/୭୬୪ | ଧାନ-୧ | ୦.୪୦ | ୦.୧୪ | ଲଇଖଣ ଗୌଡ, ପିତା:ଭଗବାନ ଗୌଡ,ଜାତି:ଗୌଡ, ବାସ:ନିଜଗାଁ |
| ୪୮ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୫୧ | ୪୧୯ | ଧାନ-୧ | ୩.୦୦ | ୧.୨୭୪ | ପିତାମ୍ବର ଗୌଡ, ପି:ପଦମ ଗୌଡ, ସନାଇ ଗୌଡ, ସ୍ୱା:ନୀଳାମ୍ବର ଗୌଡ, ପାର୍ବତୀ ଗୌଡ, ପି:ନୀଳାମ୍ବର ଗୌଡ, ରତନ ଗୌଡ, ପି:ନିଲାମ ଗୌଡ, ଜା:ଗଉଡ, ବା:କୁନ୍ଦ୍ରାଗୁଡା |
| ୪୯ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୪୭୦ | ୪୧୯/୫୫୨ | ଧାନ-୧ | ୧.୦୦ | ୦.୬୩୫ | ମୁକୁନ୍ଦ ହରିଜନ, ପିତା:ନାରାୟଣ ହରିଜନ,ଜାତି:ଡମ୍ବ, ବାସ:ବୋରିଗୁମ୍ମା ତରଫେ ନୂଆଗୁଡା |
| ୫୦ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୧୨୯ | ୪୧୯/୫୫୨/୫୯୭ | ଧାନ-୧ | ୧.୦୦ | ୦.୬୩୫ | ମୁକୁନ୍ଦ ହରିଜନ, ପିତା:ନାରାୟଣ ହରିଜନ,ଜାତି:ଡମ୍ବ, ବାସ:ବୋରିଗୁମ୍ମା ତରଫେ ନୂଆଗୁଡା |
| ୫୧ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୭୯ | ୪୨୫ | ଧାନ-୨ | ୧.୩୦ | ୦.୬୮ | ମୁଦି ଗଉଡ, ପିତା:ବଳରାମ ଗଉଡ, ପ୍ରତିମା ଗଉଡୁଣି, ପିତା:ମୁଦି ଗଉଡ, ଜାତି:ଗଉଡ, ବାସ:ନିଜଗାଁ |
| ୫୨ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୯୨୯ | ୪୨୫/୫୫୩ | ଧାନ-୨ | ୧.୪୯ | ୦.୦୮ | ସଦନ ଗଉଡ, ପି:ପଦଲାମ ଗଉଡ, ଜା:ଗଉଡ, ବା:କୁନ୍ଦ୍ରାଗୁଡା |
| ୫୩ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୪୩୬ | ୪୨୫/୫୯୨ | ଧାନ-୨ | ୦.୫୪ | ୦.୨୦ | ଲଇଖଣ ଗୌଡ, ପିତା:ଭଗବାନ ଗୌଡ,ଜାତି:ଗୌଡ, ବାସ:ନିଜଗାଁ |
| ୫୪ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୧୯୪ | ୪୨୫/୫୫୩/୬୩୭ | ଧାନ-୨ | ୦.୧୫ | ୦.୧୧ | ଦୁର୍ଯ୍ୟୋଧନ ଖାତି, ପି:ଧନ ଖାତି, ଜା:ଖାତି, ବା:ଚକ୍ରଲିଗୁଡା |
| ୫୫ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୨୪ | ୪୨୭ | ଧାନ-୧ | ୦.୮୦ | ୦.୬୨ | ଜୋହନ ଖ୍ରୀଷ୍ଟିୟାନ,ପିତା:ଝାକିରିଅ ଖ୍ରୀଷ୍ଟିୟାନ, ଜାତି:ଡମ୍ବ, ବାସ:ନିଜଗାଁ |
| ୫୬ | କୁନ୍ଦ୍ରାଗୁଡ଼ା | ଗ୍ରାମାଞ୍ଚଳ | ୧୨୨/୯୫୨ | ୪୨୭/୧୧୯୦ | ଧାନ-୧ | ୧.୧୭ | ୧.୧୭ | ସାବିନା ଖ୍ରୀଷ୍ଟିୟାନ, ପିତା:ମିଜାଉଇ ଖ୍ରୀଷ୍ଟୀୟାନ, ଜାତି:ଡମ୍ବ, ବାସ:କୁନ୍ଦ୍ରାଗୁଡା |
| ମୋଟ | | | | | | | ୨୦.୦୫୬ | |

ବିଶେଷ ଦ୍ରଷ୍ଟବ୍ୟ: ଭୂମି ଅର୍ଜନରେ ଆସୁନଥିବା କ୍ଷେତ୍ରଫଳ (ଏକରରେ) ୧.୦.୫୬୫

Sd./- Tahasildar-cum-Spl. Land Acquisition Officer
Jeypore-Nabarangpur New BG Rail Link Project, Borigumma

OIPR-24057/14/0015/2526

---

### ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
### ଘୋଷଣା

**No.5072/2025** **Date:17.11.2025**

No.X-23: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-କାଳିଆଗୁଡ଼ା, ଥାନା-ବୋରିଗୁମ୍ମା, ତହସିଲ-ବୋରିଗୁମ୍ମା, ଜିଲ୍ଲା-କୋରାପୁଟରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର, ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା 488/22, ତା.18.06.2022 ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା 27781 ତା.28.07.2025 ରିଖ ଅନୁଯାୟୀ ୩୧.୧୨.୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-କାଳିଆଗୁଡ଼ା, ଥାନା-ବୋରିଗୁମ୍ମା, ତହସିଲ-ବୋରିଗୁମ୍ମା, ଜିଲ୍ଲା-କୋରାପୁଟର ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବସାଇଟ https://koraput.odisha.gov.in. ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-କୋରାପୁଟ ତହସିଲ-ବୋରିଗୁମ୍ମା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କାଳିଆଗୁଡ଼ା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | | | | ୫୯.୮୫୧ ଏକର | ଏଥିସହିତ ସଂଲଗ୍ନ କରାଗଲା |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-କୋରାପୁଟ ତହସିଲ-ବୋରିଗୁମ୍ମା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- 31.12.2025 ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-
ଜିଲ୍ଲାପାଳ, କୋରାପୁଟ

### ଭୂମି ଅନୁସୂଚୀ

ମୌଜା:କାଳିଆଗୁଡ଼ା, ଥାନା:ବୋରିଗୁମ୍ମା, ତହସିଲ:ବୋରିଗୁମ୍ମା, ଜିଲ୍ଲା:କୋରାପୁଟ,
ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ

| କ୍ରମିକ ସଂଖ୍ୟା | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା (ଏକରରେ) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୬୪ | ୨୭୪ | ଡଙ୍ଗର-୨ | ୨.୬୦ | ୧.୭୫୮ | ସମାରୁ ଅମନାତ୍ୟ, ପି-କୁମୁଳି ଅମନାତ୍ୟ, ଜା-ଅମନାତ୍ୟ, ବା-ଗୌଡଗୁଡା |
| ୨ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୬୦ | ୨୭୫ | ଡଙ୍ଗର-୩ | ୧.୧୬ | ୦.୦୬୯ | ରୁପଧର ମୋଚି, ପି-ମଙ୍ଗରା ଅମନାତ୍ୟ, ଜା-ମୋଚି, ବା-ଗୌଡଗୁଡା |
| ୩ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୬୭ | ୨୭୭ | ଡଙ୍ଗର-୨ | ୨.୮୩ | ୦.୨୨୩ | ଶ୍ୟାମ କନ୍ଧ, ପି-ବୁରୁଶୁ କନ୍ଧ, ଜା-କନ୍ଧ, ବା-ଗୌଡଗୁଡା |
| ୪ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୨୭୦ | ୨୭୮/୭୮୦ | ଡଙ୍ଗର-୩ | ୨.୦୦ | ୦.୭୦ | ବୈଦନାଥ ଅମନାତ୍ୟ, ପି-ଜଗବନ୍ଧୁ ଅମନାତ୍ୟ, ଜା-ଅମନାତ୍ୟ, ବା-ଗୌଡଗୁଡା |
| ୫ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୨୪ | ୨୮୪ | ଡଙ୍ଗର-୩ | ୦.୮୩ | ୦.୦୪ | ଧବଳୁ ଗୌଡ, ସୁନାଧର ଗୌଡ, ଡମ୍ବରୁ ଗୌଡ, ପି-ପରଶୁ ଗୌଡ, ଅର୍ଚ୍ଚିତ ଗୌଡ, ପି-ହରି ଗୌଡ, ଜା-ଗୌଡ, ବା-ଟଲାନଗୁଡା |
| ୬ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୧୩୩ | ୨୯୮ | ଡଙ୍ଗର-୨ | ୩.୫୩ | ୨.୦୧ | ପି.ମୋହନ ରାଓ, ପି-ପି.ନରସିଂହଲୁ, ଜା-କୁମଟି, ବା-ଜୟପୁର |
| ୭ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୧୩୩ | ୨୯୯ | ଡଙ୍ଗର-୩ | ୦.୪୬ | ୦.୪୫୨ | ପି.ମୋହନ ରାଓ, ପି-ପି.ନରସିଂହଲୁ, ଜା-କୁମଟି, ବା-ଜୟପୁର |
| ୮ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୨୭ | ୩୦୦ | ଡଙ୍ଗର-୨ | ୩.୫୨ | ୩.୫୨ | ପି.ମୋହନ ରାଓ, ପି-ପି.ନରସିଂହଲୁ, ଜା-କୁମଟି, ବା-ଜୟପୁର |
| ୯ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୨୭ | ୩୦୧ | ଧାନ-୩ | ୧.୭୦ | ୦.୫୬୯ | ପି.ମୋହନ ରାଓ, ପି-ପି.ନରସିଂହଲୁ, ଜା-କୁମଟି, ବା-ଜୟପୁର |
| ୧୦ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୨୭ | ୩୦୨ | ଧାନ-୧ | ୩.୨୮ | ୦.୮୮୪ | ପି.ମୋହନ ରାଓ, ପି-ପି.ନରସିଂହଲୁ, ଜା-କୁମଟି, ବା-ଜୟପୁର |
| ୧୧ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୨୪ | ୩୦୩ | ଧାନ-୧ | ୬.୨୫ | ୨.୮୯୩ | ଧବଳୁ ଗୌଡ, ସୁନାଧର ଗୌଡ, ଡମ୍ବରୁ ଗୌଡ, ପି-ପରଶୁ ଗୌଡ, ଅର୍ଚ୍ଚିତ ଗୌଡ, ପି-ହରି ଗୌଡ, ଜା-ଗୌଡ, ବା-ଜୟପୁର |
| ୧୨ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୧୩୧ | ୩୦୩/୪୬୧ | ଧାନ-୧ | ୫.୮୬ | ୦.୭୫ | କେ.ହରପ୍ରସାଦ ରାଓ, ପି-କେ.ସତ୍ୟନାରାୟଣ, ଜା-କୁମୁଟି, ବା-ଜୟପୁର |
| ୧୩ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୩୫ | ୩୦୩/୪୮୮ | ଧାନ-୧ | ୧.୨୭ | ୧.୨୭ | ପି.ମୋହନ ରାଓ, ପି-ପି.ନରସିଂହଲୁ, ଜା-କୁମଟି, ବା-ଜୟପୁର |
| ୧୪ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୧୭୬ | ୩୦୩/୪୯୨ | ଧାନ-୧ | ୨.୦୦ | ୨.୦୦ | ସମାରୁ ଅମନାତ୍ୟ, ପି-କୁମୁଳି ଅମନାତ୍ୟ, ଜା-ଅମନାତ୍ୟ, ବା-ଗୌଡଗୁଡା |
| ୧୫ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୧୦ | ୩୦୩/୪୬୩ | ଧାନ-୧ | ୦.୯୦ | ୦.୯୦ | କୋଟିନା ରାମଲିଙ୍ଗେଶ୍ୱର ରାଓ, ପି-କୋଟିନା ସତ୍ୟନାରାୟଣ, ଜା-କୁମୁଟି,ବା-ଜୟପୁର |
| ୧୬ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୧୦ | ୩୦୪/୪୬୨ | ଧାନ-୨ | ୦.୧୦ | ୦.୧୦୦ | କୋଟିନା ରାମଲିଙ୍ଗେଶ୍ୱର ରାଓ, ପି-କୋଟିନା ସତ୍ୟନାରାୟଣ, ଜା-କୁମୁଟି,ବା-ଜୟପୁର |
| ୧୭ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୧୩୧ | ୩୦୪/୪୬୦ | ଧାନ-୨ | ୦.୩୯ | ୦.୧୨୪ | କେ.ହରପ୍ରସାଦ ରାଓ, ପି-କେ.ସତ୍ୟନାରାୟଣ, ଜା-କୁମୁଟି, ବା-ଜୟପୁର |
| ୧୮ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୨୪ | ୩୦୫ | ଡଙ୍ଗର-୩ | ୦.୪ | ୦.୦୩୩ | ଧବଳୁ ଗୌଡ, ସୁନାଧର ଗୌଡ, ଡମ୍ବରୁ ଗୌଡ, ପି-ପରଶୁ ଗୌଡ, ଅର୍ଚ୍ଚିତ ଗୌଡ, ପି-ହରି ଗୌଡ, ଜା-ଗୌଡ, ବା-ଜୟପୁର |
| ୧୯ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୨୮୧ | ୩୦୫/୭୮୯/୨ | ଘରବାରି | ୦.୦୪ | ୦.୦୪ | ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମହାପ୍ରଭୁ ବିଜେ ତରଫେ ମନ୍ଦିର ପରିଚାଳନା କମିଟି |
| ୨୦ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୬୫୧ | ୩୧୩ | ଡଙ୍ଗର-୨ | ୧.୭୫ | ୧.୭୩ | ଫରଦିନ ସାମା, ପି-ମହମ୍ମଦ ସାକୁର, ଜା-ମୁସଲମାନ, ବା-ନବରଙ୍ଗପୁର |
| ୨୧ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୧୨୮ | ୩୧୩/୫୯୧ | ଡଙ୍ଗର-୨ | ୧.୭୩ | ୧.୭୩ | ଧନୁର୍ଜୟ ଗାଦବା, ପି-ଲଇଛନ ଗାଦବା, ଜା-ଗାଦବା, ବା-କାଳିଆଗୁଡା |
| ୨୨ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୬୫୪ | ୩୧୪ | ଡଙ୍ଗର-୨ | ୧.୪୮ | ୧.୪୮ | ପି.ସୁଲୋଚନା, ସ୍ୱା-ପି.ତେଜେଶ୍ୱର ରାଓ, ଜା-ବୈଶ୍ୟ, ବା-ନବରଙ୍ଗପୁର |
| ୨୩ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୪୩୫ | ୩୧୬ | ଡଙ୍ଗର-୨ | ୭.୯୩ | ୧.୪୫ | ପି.ରବିପ୍ରସାଦ, ପି-ପି.ଭେଙ୍କେଟ ରାମଣା, ଜା-ବୈଶ୍ୟ, ବା-ନବରଙ୍ଗପୁର |
| ୨୪ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୪୩୩ | ୩୧୬/୧ | ଡଙ୍ଗର-୨ | ୭.୩୦ | ୧.୪୪୫ | ପି.ଶରନ କୁମାର, ପି-ପି.ଭେଙ୍କେଟରାମଣା, ଜା-ବୈଶ୍ୟ, ବା-ନବରଙ୍ଗପୁର |
| ୨୫ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୪୩୨ | ୩୧୮ | ଡଙ୍ଗର-୨ | ୬.୫୨ | ୬.୪୨ | ପି.ତେଜେଶ୍ୱର ରାଓ, ପି-ପି.ଭେଙ୍କେଟରାମଣା, ଜା-ବୈଶ୍ୟ, ବା-ନବରଙ୍ଗପୁର |
| ୨୬ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୬୫୧ | ୩୧୯ | ଡଙ୍ଗର-୩ | ୧.୫୮ | ୧.୩୨ | ଫରଦିନ ସାମା, ପି-ମହମ୍ମଦ ସାକୁର, ଜା-ମୁସଲମାନ, ବା-ନବରଙ୍ଗପୁର |
| ୨୭ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୨୫୯ | ୩୧୯/୪୭୫ | ଡଙ୍ଗର-୩ | ୧.୦୦ | ୦.୫୭୭ | ମଲ୍ଲିକା ଖାତୁନ, ସ୍ୱା-ମହମ୍ମଦ ସାକୁର, ଜା-ମୁସଲମାନ, ବା-ନବରଙ୍ଗପୁର |
| ୨୮ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୬୨୮ | ୪୨୧ | ଡଙ୍ଗର-୨ | ୦.୬୫ | ୦.୩୪୭ | ପି.କ୍ରିଷ୍ଣା ରାଓ, ପି.ପି.ନରସିଂହଲୁ, ଜା-କୁମୁଟି, ବା-ଜୟପୁର |
| ୨୯ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୩୦୬ | ୪୨୩ | ଧାନ-୩ | ୦.୮୨ | ୦.୧୮୧ | ପି.କ୍ରିଷ୍ଣା ରାଓ, ପି.ପି.ନରସିଂହଲୁ, ଜା-କୁମୁଟି, ବା-ଜୟପୁର |
| ୩୦ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୧୩୫ | ୪୨୭ | ଡଙ୍ଗର-୨ | ୧୩.୩୦ | ୧୦.୩୨୧ | ପି.ନରସିଂହ ମୂର୍ତ୍ତୀ, ପି-ନମନଞ୍ଜୟ ନାଇଡୁ, ଜା-ବାଲାଜୀ, ବା-ଜୟପୁର |
| ୩୧ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୨୫୯ | ୪୨୮ | ଡଙ୍ଗର-୨ | ୦.୭୪ | ୦.୭୪ | ମଲ୍ଲିକା ଖାତୁନ, ସ୍ୱା-ମହମ୍ମଦ ସାକୁର, ଜା-ମୁସଲମାନ, ବା-ନବରଙ୍ଗପୁର |
| ୩୨ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୨୫୯ | ୪୨୯ | ଡଙ୍ଗର-୨ | ୧.୯୬ | ୧.୯୬ | ମଲ୍ଲିକା ଖାତୁନ, ସ୍ୱା-ମହମ୍ମଦ ସାକୁର, ଜା-ମୁସଲମାନ, ବା-ନବରଙ୍ଗପୁର |
| ୩୩ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୬୫୫ | ୪୨୯/୪୭୬ | ଡଙ୍ଗର-୨ | ୧.୪୬ | ୧.୪୬ | ମହମ୍ମଦ ଆଫତାବ ଆଲମ, ପି-ମହମ୍ମଦ ସାକୁର, ଜା-ମୁସଲମାନ, ବା-ନବରଙ୍ଗପୁର |
| ୩୪ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୪୩୪ | ୪୩୦ | ଡଙ୍ଗର-୨ | ୦.୭୬ | ୦.୫୬୯ | ପି.ସୂରିୟାକୁମାରୀ, ସ୍ୱା-ପି.ଭେଙ୍କେଟରାବଣା, ଜା-ବୈଶ୍ୟ, ବା-ନବରଙ୍ଗପୁର |
| ୩୫ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୬୪୩ | ୪୩୨ | ଡଙ୍ଗର-୨ | ୨.୭୧ | ୨.୭୧ | ମହମ୍ମଦ ମେହତାବ ଆଲମ, ପି-ମହମ୍ମଦ ସାକୁର, ଜା-ମୁସଲମାନ,ବା-ନବରଙ୍ଗପୁର |
| ୩୬ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୩୧୯ | ୪୩୩ | ଡଙ୍ଗର-୨ | ୦.୭୩ | ୦.୭୩ | କୁନ୍ଦ ଗାଦବା, ସ୍ୱା-ପଦଲାମ ଗାଦବା, ଲୋକନାଥ ଗାଦବା, ମିନ ଗାଦବା, ପି-ଶତ୍ରୁଘ୍ନ ଗାଦବା, ଜା-ଗାଦବା, ବା-କନ୍ହେଇଜବା |
| ୩୭ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୩୧୮ | ୪୩୩/୮୧୧ | ଡଙ୍ଗର-୨ | ୦.୭୪ | ୦.୪୦୬ | ମୋତି ଗାଦବା, ପି-ପଦଲାମ ଗାଦବା, ଖଗପତି ଗାଦବା, ପି-ରାମଚନ୍ଦ୍ର ଗାଦବା, ଜା-ଗାଦବା, ବା-କନ୍ହେଇଜବା |
| ୩୮ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୬୫୫ | ୪୩୪ | ଡଙ୍ଗର-୨ | ୩.୫୯ | ୩.୫୯ | ମହମ୍ମଦ ଆଫତାବ ଆଲମ, ପି-ମହମ୍ମଦ ସାକୁର, ଜା-ମୁସଲମାନ, ବା-ନବରଙ୍ଗପୁର |
| ୩୯ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୬୪୩ | ୪୩୫ | ଡଙ୍ଗର-୩ | ୨.୦୦ | ୧.୯୫୩ | ମହମ୍ମଦ ମେହତାବ ଆଲମ, ପି-ମହମ୍ମଦ ସାକୁର, ଜା-ମୁସଲମାନ,ବା-ନବରଙ୍ଗପୁର |
| ୪୦ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୪ | ୪୩୬ | ଡଙ୍ଗର-୩ | ୧.୯୦ | ୦.୦୩୭ | ଆଲମ ଆଦିନାରାୟଣା, ପି-ଆଲମ ଲାଛନା, ଜା-ତେଲେଙ୍ଗା, ବା-ଚଲାଣଗୁଡା |
| ୪୧ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୩୧୯ | ୪୪୦ | ଡଙ୍ଗର-୩ | ୦.୩୫ | ୦.୦୯ | କୁନ୍ଦ ଗାଦବା, ସ୍ୱା-ପଦଲାମ ଗାଦବା, ଲୋକନାଥ ଗାଦବା, ମିନ ଗାଦବା, ପି-ଶତ୍ରୁଘ୍ନ ଗାଦବା, ଜା-ଗାଦବା, ବା-କନ୍ହେଇଜବା |
| ୪୨ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୩୧୮ | ୪୪୦/୮୧୦ | ଡଙ୍ଗର-୩ | ୦.୩୫ | ୦.୦୮୪ | ମୋତି ଗାଦବା, ପି-ପଦଲାମ ଗାଦବା, ଖଗପତି ଗାଦବା, ପି-ରାମଚନ୍ଦ୍ର ଗାଦବା, ଜା-ଗାଦବା, ବା-କନ୍ହେଇଜବା |
| ୪୩ | କାଳିଆଗୁଡ଼ା | ଗ୍ରାମାଞ୍ଚଳ | ୭୯/୩୧୯ | ୪୪୧ | ଧାନ-୧ | ୨.୬୮ | ୦.୧୮୬ | କୁନ୍ଦ ଗାଦବା, ସ୍ୱା-ପଦଲାମ ଗାଦବା, ଲୋକନାଥ ଗାଦବା, ମିନ ଗାଦବା, ପି-ଶତ୍ରୁଘ୍ନ ଗାଦବା, ଜା-ଗାଦବା, ବା-କନ୍ହେଇଜବା |
| ମୋଟ | | | | | | | ୫୯.୮୫୧ | |

ବିଶେଷ ଦ୍ରଷ୍ଟବ୍ୟ: କ୍ଷେତ୍ର ଯାଞ୍ଚ ଅନୁଯାୟୀ ଖାତା ସଂଖ୍ୟା ୭୯/୨୭ ର ପ୍ଲଟ ସଂଖ୍ୟା-୩୦୦ରେ ଅଧିଗ୍ରହଣ ହେବାକୁ ଥିବା ମୋଟ ଜମିର ରକବା ଏକର ୩.୫୨ ଏବଂ ଖାତା ସଂଖ୍ୟା-୭୯/୨୫୯ ର ପ୍ଲଟ ସଂଖ୍ୟା-୪୨୮ରେ ଅଧିଗ୍ରହଣ ହେବାକୁ ଥିବା ମୋଟ ଜମିର ରକବା ଏକର ୦.୭୪ ।

Sd./- Tahasildar-cum-Spl. Land Acquisition Officer
Jeypore-Nabarangpur New BG Rail Link Project, Borigumma

OIPR-24057/14/0017/2526

# ଲାଞ୍ଚ ନେଇ ସିଆର୍ଆର୍ଆଇ ଥାନା ଅଧିକାରୀ ଗିରଫ


ଭୁବନେଶ୍ୱର ଶିଶୁପାଳଗଡ଼ସ୍ଥିତ ଥାନାଧିକାରୀ ବିଜୟ କୁମାର ବାରିକଙ୍କ ଘରୁ ଜବତ ଟଙ୍କା।

## ମଦ ଦୋକାନୀଙ୍କଠୁ ଟଙ୍କା ନେବା ବେଳେ ଧରାପଡ଼ିଲେ

- ସରକାରୀ କ୍ୱାର୍ଟର୍ସରୁ ମିଳିଲା ନଗଦ ୪.୯୬ ଲକ୍ଷ, ଦାମୀ ସାମଗ୍ରୀ
- ଜାମିନ ନାମଞ୍ଜୁର ପରେ ଜେଲ ଗଲେ ଇନ୍ସପେକ୍ଟର ବିଜୟ


ଗିରଫ ଥାନାଧିକାରୀ ବିଜୟ କୁମାର ବାରିକ

**ଭୁବନେଶ୍ୱର, ୪।୧ (ସତ୍ୟଜିତ ରାଉତ)/ କଟକ (କାର୍ତ୍ତିକ ସାହୁ)**

କମିଶନରେଟ୍ ପୋଲିସର କଟକ ସହରାଞ୍ଚଳ ପୋଲିସ ଜିଲା ଅଧୀନ ସିଆର୍ଆର୍ଆଇ ଥାନା ଅଧିକାରୀ ବିଜୟ କୁମାର ବାରିକ ଭିଜିଲାନ୍ସ ଜାଲରେ ଫସିଛନ୍ତି। ରବିବାର ସକାଳେ ଭୁବନେଶ୍ୱର ରାଜମହଲ ଛକ ନିକଟରେ ଜଣେ ଲାଇସେନ୍ସପ୍ରାପ୍ତ ମଦ ବ୍ୟବସାୟୀଙ୍କଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ବିଜୟଙ୍କୁ ଭିଜିଲାନ୍ସ ଟିମ୍ ଗିରଫ କରିଛି। ତାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏନେଇ ଭିଜିଲାନ୍ସ ସେଲ୍ ଡିଭିଜନ ଥାନା ପକ୍ଷରୁ ଏକ ମାମଲା (ନଂ.୧/୨୦୨୬) ପଞ୍ଜୀକୃତ ହୋଇଛି। ଅଭିଯୁକ୍ତ ବିଜୟଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ବିଜୟଙ୍କ ଅଫିସ ଚାମ୍ବର ଓ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ସରକାରୀ କ୍ୱାର୍ଟର୍ସରେ ଚଢ଼ାଉ କରାଯାଇଥିଲା। ତେବେ ସରକାରୀ କ୍ୱାର୍ଟର୍ସରୁ ୪ ଲକ୍ଷ ୯୬ ହଜାର ୧୨୦ ଟଙ୍କା ଜବତ କରାଯାଇଛି। ଏଥିସହ ତାଙ୍କ ନିକଟରୁ ବିଭିନ୍ନ ଦାମୀ ଘଣ୍ଟା ମଧ ଠାବ କରାଯାଇଛି। ସେହିପରି ଶିଶୁପାଳଗଡ଼ରେ ଥିବା ବିଜୟଙ୍କ ୩ ମହଲା କୋଠା ଓ କେନ୍ଦ୍ରାପଡ଼ା ଜିଲା ଡେରାବିଶସ୍ଥିତ ପୈତୃକ ଗାଁରେ ନବନିର୍ମିତ ୨ ମହଲା କୋଠା ମଧ ଠାବ କରାଯାଇଛି। ଭିଜିଲାନ୍ସର ସୂଚନା ଅନୁଯାୟୀ, ଅଭିଯୋଗକାରୀ ମଦ ବ୍ୟବସାୟୀ ଜଣକ କଟକ ସିଆର୍ଆର୍ଆଇ ଥାନା ଅଞ୍ଚଳରେ ମଦ ଦୋକାନ କରିଛନ୍ତି। ତାଙ୍କୁ ବିଭିନ୍ନ ସମୟରେ ଥାନାଧିକାରୀ ବିଜୟ ଟଙ୍କା ଦାବି କରିବା ସହ ବ୍ୟବସାୟ ଚଳାଇ ନ ଦେବାକୁ ଧମକ ଦେଉଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ମଦ ବ୍ୟବସାୟୀ ଜଣକ ଭିଜିଲାନ୍ସ ନିକଟରେ ଶନିବାର ଅଭିଯୋଗ କରିଥିଲେ। ଯୋଜନା ମୁତାବକ ସକାଳ ପ୍ରାୟ ୮ଟା ବେଳେ ରାଜମହଲ ଛକ ରାସ୍ତାରେ ମଦ ବ୍ୟବସାୟୀଙ୍କଠାରୁ ବିଜୟ ଟଙ୍କା ନେବା ପରେ ପ୍ୟାଣ୍ଟ ପକେଟ୍‌ରେ ରଖିଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ୍ ସେଠାରେ ଚଢ଼ାଉକରି ବିଜୟଙ୍କୁ କାବୁ କରିଥିଲା। ତେବେ ବିଜୟଙ୍କ ଆର୍ଥିକ ନିବେଶ ଓ କାରବାର ନେଇ ଭିଜିଲାନ୍ସ ଅଧିକ ଯାଞ୍ଚ ଚଳାଇଛି। ୨୦୧୨ ସେପ୍ଟେମ୍ବର ୨୧ରେ ଅଭିଯୁକ୍ତ ବିଜୟ ସବ୍‌ଇନ୍ସପେକ୍ଟର (ଏସ୍ଆଇ) ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ। ୨୦୧୪ ଜାନୁଆରୀରୁ ୨୦୧୯ ଫେବୃଆରୀ ଯାଏ ସେ ବୌଦ୍ଧ ଜିଲାର ବିଭିନ୍ନ ଥାନାରେ ଏସ୍ଆଇ ଭାବେ କାର୍ଯ୍ୟ କରିଥିଲେ। ୨୦୧୯ ମାର୍ଚ୍ଚରେ ବିଜୟ ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇ ଭୁବନେଶ୍ୱର ନୟାପଲ୍ଲୀ ଥାନାରେ ଅବସ୍ଥାପିତ ହୋଇଥିଲେ। ସେ ଆଇଆଇସି ଭାବେ ୨୦୨୧ ନଭେମ୍ବରରୁ ଟୁଇନ୍ ସିଟି କମିଶନରେଟ୍ ପୋଲିସରେ କାର୍ଯ୍ୟ କରିଥିଲେ। ୨୦୨୪ ଫେବୃଆରୀରୁ ବିଜୟ କଟକ ସିଆର୍ଆର୍ଆଇ ଥାନା ଅଧିକାରୀ ଭାବେ ଦାୟିତ୍ୱ ନେଇଥିଲେ।

# ଦିନରେ ମିଟର ରିଡର, ରାତିରେ ଚୋରି

## ୪ ଚୋରି ଘଟଣାର ୨ ଅଭିଯୁକ୍ତ ଗିରଫ

**ପାରଳାଖେମୁଣ୍ଡି,୪।୧ (ଗିରିଧାରୀ ପରିଚ୍ଛା)**


ଗିରଫ ହୋଇଥିବା ୨ ଅଭିଯୁକ୍ତ ।

ଗଜପତି ଜିଲାର ଦୁଇଟି ଥାନା ଅଞ୍ଚଳରେ ହୋଇଥିବା ୪ଟି ଚୋରି ମାମଲାର ଫର୍ଦ୍ଦାଫାଶ କରିଛି ପୋଲିସ। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପାରଳାଖେମୁଣ୍ଡି ସହର କଣ୍ଡରାସାହିର ଦୁର୍ଗା ପ୍ରସାଦ ବେଣିଆ (୨୮) ଓ ଦେବୀ ମଣ୍ଡଳ (୩୫)। ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ରବିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଦୁର୍ଗାଙ୍କ ସହଯୋଗୀ ହେଉଛନ୍ତି ଦେବୀ। ଦୁର୍ଗା ଟିପିଏସ୍ଓଡିଏଲ୍‌ର ମିଟର ରିଡର ଭାବେ କାର୍ଯ୍ୟ କରନ୍ତି। ସେ ମିଟର ରିଡିଂ ପାଇଁ ଘରକୁ ଘର ବୁଲିବା ସମୟରେ କାହା ଘରେ କେତେ ଦିନ ହେଲା ତାଲା ପଡିଛି, କିଏ କେତେ ଦିନ ହେଲା ଘରେ ନାହିଁ, ତାହାର ତଥ୍ୟ ସଂଗ୍ରହ କରନ୍ତି। ତଦନୁଯାୟୀ ଯୋଜନାବଦ୍ଧ ଭାବେ ସହଯୋଗୀ ଦେବୀଙ୍କ ସହ ସେ ସମ୍ପୃକ୍ତ ଘରେ କଳାକନା ବୁଲାଉଥିଲେ। ତେବେ ଉଭୟଙ୍କୁ ସିସିଟିଭି ଫୁଟେଜ୍ ଧରାଇ ଦେଇଛି ବୋଲି ଏସ୍‌ପି କହିଛନ୍ତି।

ଏସ୍‌ପିଙ୍କ ସୂଚନାନୁଯାୟୀ, ଦୁଇ ଅଭିଯୁକ୍ତ ଗତ ଜୁନ ୨୨ରେ ପାରଳାଖେମୁଣ୍ଡି ଗଜେନ୍ଦ୍ର ସାହିର ବ୍ୟବସାୟୀ ସନ୍ଦୀପଙ୍କ ଘରେ ପଶି ୧୦ କେଜିରୁପା ଓ ୩୩ ଗ୍ରାମ ସୁନା ଅଳଙ୍କାର ଲୁଟି ନେଇଥିଲେ। ସେହିପରି ଗୁରାଣ୍ଡି ଥାନା ଅନ୍ତର୍ଗତ ମଧୁର ନାରାୟଣପେଟା ଗ୍ରାମର ବ୍ୟବସାୟୀ ଟି. ଲବକୁମାର ନଭେମ୍ବର ୧୪ରେ ସପରିବାର ତିରୁପତି ଯାଇଥିଲେ। ଏହି ଦୁଇ ଅଭିଯୁକ୍ତ ଲବଙ୍କ ଭେଣ୍ଟିଲେଟର ଭାଙ୍ଗି ଘରେ ପଶି ୧ଲକ୍ଷ ଟଙ୍କା, ୨ ତୋଳା ସୁନା ଅଳଙ୍କାର ସହ ରୁପାର ସାମଗ୍ରୀ ଚୋରି କରି ନେଇଯାଇଥିଲେ। ଡିସେମ୍ବର ୧୨ରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ବାଟଗୌଡସାହି ଛକଠାରେ ରହୁଥିବା ବରିଷ୍ଠ ଖବରଦାତା ଦିଜେନ୍ଦ୍ରନାଥ ପାଢ଼ୀଙ୍କ ଘରେ କେହି ପରିବାର ଲୋକେ ନ ଥିବା ସୁଯୋଗରେ ଅଭିଯୁକ୍ତ ଦ୍ୱୟ ରାତି ୮ଟାରେ ସ୍କାଏ ଲାଇଟ ଭାଙ୍ଗି ପଶିଥିଲେ। ଏହାପରେ ଲକର ଭାଙ୍ଗି କିଛି ସୁନାଗହଣା ଏବଂ ୨୫ ହଜାର ଟଙ୍କା ଚୋରି କରି ନେଇଯାଇଥିଲେ। ଏନେଇ ଡିସେମ୍ବର ୧୩ରେ ଥାନାରେ ଅଭିଯୋଗ ହୋଇଥିଲା। ପରେ ଡିସେମ୍ବର ୨୭ରେ କୁମୁଟି ସାହିର କେ.ନାରାୟଣ ରାଓଙ୍କ ଘରେ ପଶି ଏହି ଦୁଇ ଦୁର୍ବୃତ୍ତ ୧ କେଜି ୫୦୦ ଗ୍ରାମର ରୁପା ସାମଗ୍ରୀ ସହ ୪୦ ହଜାର ଟଙ୍କା ଚୋରି କରିନେଇଥିଲେ। ତଦନ୍ତ ବେଳେ ସିସିଟିଭି ଫୁଟେଜ ଓ ଟେକ୍ନୋଲୋଜି ବ୍ୟବହାର କରି ପୋଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ଅଭିଯୁକ୍ତଙ୍କ ପାଖରୁ ୧୧୪ ଗ୍ରାମ ସୁନା, ୯ କିଲୋ ରୁପା, ୩୩ ହଜାର ଟଙ୍କା, ୨ଟି ମୋବାଇଲ ଫୋନ, ଗୋଟିଏ ହାର୍ଲେ ଡେଭିଡସନ ବାଇକ୍ ଓ ଗୋଟିଏ ସ୍କୁଟି ଜବତ କରାଯାଇଥିବା ଏସ୍‌ପି ପଣ୍ଡା କହିଛନ୍ତି। ଖବରଦାତା ସମ୍ମିଳନୀରେ ଉପଆରକ୍ଷୀ ଅଧୀକ୍ଷକ ଅମିତାଭ ପଣ୍ଡା, ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନନ୍ଦ ନାୟକ, ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି, ଗୁରାଣ୍ଡି ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦାଦାଙ୍କ ଠେଙ୍ଗାମାଡ଼ରେ ପୁତୁରା ମୃତ, ୨ ଗିରଫ

**କେନ୍ଦ୍ରାପଡ଼ା, ୪।୧ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସଦର ଥାନା ଚକ୍ରୋଡ଼ା ପଞ୍ଚାୟତର ନରିଲୋ ଗ୍ରାମରେ ଶନିବାର ରାତିରେ ଜମିବାଡ଼ି ବିବାଦରୁ ଦାଦାଙ୍କ ଠେଙ୍ଗାମାଡ଼ରେ ପୁତୁରା ଉପେନ୍ଦ୍ର ଓଝାଙ୍କ ମୃତ୍ୟୁ ଘଟିଛି। ଏଥିସହ ଉପେନ୍ଦ୍ରଙ୍କ ମା' ସଞ୍ଜୁକ୍ତା ଓ ବାପା ସରୋଜକାନ୍ତ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି।

ଉପେନ୍ଦ୍ରଙ୍କ ସ୍ତ୍ରୀ ସୁଷମାଙ୍କ ଅଭିଯୋଗ ଅନୁଯାୟୀ, ରାଜକିଶୋର ଓଝା ଓ ସରୋଜକାନ୍ତ ଓଝା ୨ ଭାଇ। ଉଭୟଙ୍କ ମଧ୍ୟରେ ପ୍ରାୟ ୮ବର୍ଷ ଧରି ଜମି ବିବାଦ ଲାଗିରହିଛି। ସରୋଜକାନ୍ତ ବିବାଦୀୟ ଜମି ଉପରେ ଗୃହ ନିର୍ମାଣ କରୁଥିବା ରାଜକିଶୋର ଅଭିଯୋଗ କରିଥିଲେ। ଶନିବାର ସନ୍ଧ୍ୟାରେ ଗ୍ରାମବାସୀଙ୍କ ସହଯୋଗରେ ଏହି ବିବାଦ ସମାପ୍ତ ପାଇଁ ଉଭୟ ପରିବାର ବସିଥିଲେ। ତେବେ ଗ୍ରାମବାସୀଙ୍କ ସମାଧାନରେ ରାଜକିଶୋର ପରିବାର ସହମତି ପ୍ରକାଶ ନ କରି ସଭାସ୍ଥଳରୁ ପଳାଇ ଯାଇଥିଲେ। କିଛି ସମୟ ପରେ ରାଜକିଶୋର, ସ୍ତ୍ରୀ ପ୍ରଣତି, ପୁଅ ଉମାକାନ୍ତ ଓ ଝିଅ ତପିନା ହାତରେ ଠେଙ୍ଗା, ଶାବଳ ଆଦି ଧରି ସରୋଜକାନ୍ତଙ୍କ ପରିବାର ଉପରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସରୋଜକାନ୍ତ, ସଞ୍ଜୁକ୍ତା ଓ ଉପେନ୍ଦ୍ର ଗୁରୁତର ହୋଇଥିଲେ। ଗ୍ରାମବାସୀ ସେମାନଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଉପେନ୍ଦ୍ରଙ୍କ ମୃତ୍ୟୁ ହୋଇଛି। ଏହି ଆକ୍ରମଣ ଘଟଣା ସିସିଟିଭିରେ ରହିଥିବା ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୭/୨୬ରେ ମାମଲା ରୁଜୁ କରିଛି। ଅପରପକ୍ଷରେ ରାଜକିଶୋରଙ୍କ ସ୍ତ୍ରୀ ପ୍ରଣତିଙ୍କ ଅଭିଯୋଗ ଅନୁଯାୟୀ, ବିବାଦୀୟ ଜମି ଉପରେ ଗୃହ ନିର୍ମାଣକୁ ବିରୋଧ କରିବାରୁ ସରୋଜକାନ୍ତଙ୍କ ପରିବାର ଆକ୍ରମଣ କରିଛନ୍ତି। ପୋଲିସ ଏହି ଅଭିଯୋଗକୁ ଭିତ୍ତିକରି ନଂ. ୬/୨୬ରେ ମାମଲା ରୁଜୁ କରିଛି। ଏ ସମ୍ପର୍କରେ ଥାନା ଅଧିକାରୀ ଶୁଭେନ୍ଦୁ ସାହୁଙ୍କୁ ପଚାରିବାରେ ଉଭୟପକ୍ଷଙ୍କ ଅଭିଯୋଗ ପତ୍ରକୁ ଭିତ୍ତିକରି ତଦନ୍ତ କରାଯାଉଛି। ଘଟଣାରେ ସମ୍ପୃକ୍ତ ରାଜକିଶୋରଙ୍କ ସ୍ତ୍ରୀ ପ୍ରଣତି ଓ ପୁଅ ଉମାକାନ୍ତଙ୍କୁ ଗିରଫ କରାଯାଇଛି ବୋଲି ସେ କହିଛନ୍ତି। ରାଜକିଶୋରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

# ବୋମା ଖାଇ ବାର୍ହା ମୃତ, ୩ ଗିରଫ

**ଭଞ୍ଜନଗର,୪।୧(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ଘୁମୁସର ଉତ୍ତର ବନଖଣ୍ଡ ଅନ୍ତର୍ଗତ ବେଲଗୁଣ୍ଠା ରୋଡ କନ୍ଧସାହି ନିକଟରୁ ପୋଲିସ ରବିବାର ୩ ଜଣ ବାରହା ଶିକାରୀଙ୍କୁ ଗିରଫ କରି ବନ ବିଭାଗକୁ ହସ୍ତାନ୍ତର କରିଛି। ଏଥିସହ ମୃତ ବାରହାକୁ ମଧ ହସ୍ତାନ୍ତର କରାଯାଇଛି। ପରେ ବନ ବିଭାଗ ବାର୍ହାର ବ୍ୟବଚ୍ଛେଦ କରି ତଦନ୍ତ ଜାରି ରଖିଛି। କେତେଜଣ ଯୁବକ ବାର୍ହା ଶିକାର ପାଇଁ ଲୋହରାଖଣ୍ଡି ନଦୀରେ ବୋମାରେ ମାଂସଗୁଣ୍ଡ ବୋଳି ବିଛାଇଥିଲେ। ଗୋଟିଏ ବାର୍ହା ଉକ୍ତ ବୋମାକୁ ମାଂସ ଗୁଳା ଭାବି ଖାଇବା ପରେ ଏହା ଫୁଟି ଯାଇଥିଲା। ଫଳରେ ବାର୍ହାର ମୁହଁରେ ବୋମା ଫାଟିଯିବା ସହ ସେଠାରେ ତାହାର ମୃତ୍ୟୁ ହୋଇଥିଲା। ପରେ ଅଭିଯୁକ୍ତମାନେ ବାରହା ମାଂସ କାଟିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସୂଚନା ପାଇ ପୋଲିସ ଘଟଣା ସ୍ଥଳରେ ଚଢାଉ କରି ୩ ଜଣଙ୍କୁ ଧରିଥିଲା।

# କାର୍ ପାଇଁ ନବବଧୂଙ୍କୁ ହତ୍ୟା ଅଭିଯୋଗ


ସଞ୍ଜନା ମିସ୍ତ୍ରୀ

**ଉମରକୋଟ,୪।୧ (ସନ୍ତୋଷ ଶତପଥୀ)**

ବିବାହକୁ ମାତ୍ର ଦେଢ଼ ବର୍ଷ ହୋଇଛି । କାନ୍ଥରେ ଲେଖା ହୋଇଥିବା ଚିତା ନ ଲିଭିବା ପୂର୍ବରୁ ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ରବିବାର ସକାଳେ ଜବତ କରିଛି। ମୃତ ମହିଳା ହେଲେ ନବରଙ୍ଗପୁର ଜିଲା ଉମରକୋଟ ଡିଏନ୍‌କେରେ ରହୁଥିବା ଅନୁପମ ଚାନ୍ଦଙ୍କ ସ୍ତ୍ରୀ ସଞ୍ଜନା ମିସ୍ତ୍ରୀ (୨୫)। ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁ ଘର ଲୋକେ କହୁଥିବାବେଳେ ଯୌତୁକରେ ଏକ କାର ଆଣିବା ପାଇଁ ଦାବି କରି ଆମ ଝିଅକୁ ହତ୍ୟା କରାଯାଇଥିବା ସଞ୍ଜନାଙ୍କ ବାପା ପ୍ରଭାସ କୁମାର ମିସ୍ତ୍ରୀ ଉମରକୋଟ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ସଞ୍ଜନାଙ୍କ ସ୍ୱାମୀ ଅନୁପମଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ପ୍ରଭାସଙ୍କ ଅଭିଯୋଗ ଅନୁଯାୟୀ, କାବୁଲ ଚାନ୍ଦଙ୍କ ସାନପୁଅ ଅନୁପମ ୧୫।୭।୨୦୨୪ରେ ବଙ୍ଗୀୟ ରୀତିନୀତି ଅନୁସାରେ ରାଇଘର ନିକଟସ୍ଥ ପାରୁଆ ଗ୍ରାମ ପଞ୍ଚାୟତର ଛତାବେଡ଼ା ଗ୍ରାମର ପ୍ରଭାସଙ୍କ ଝିଅ ସଞ୍ଜନାଙ୍କୁ ବିବାହ କରିଥିଲେ। ସଞ୍ଜନା ଜଣେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ। ବାହାଘରର ମାତ୍ର ୧୦ ଦିନ ପରେ ଅନୁପମଙ୍କ ସହ ତାଙ୍କ ପରିବାର ଲୋକେ ଯୌତୁକରେ ଏକ କାର ଆଣିବାକୁ ଦାବି କରି ସଞ୍ଜନାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ। କାର ନ ଆଣିଲେ ତାଙ୍କୁ ଜୀବନରେ ମାରିଦେବେ। ତେଣୁ ତାଙ୍କୁ ସେଠାରୁ ନେଇଯାଅ ବୋଲି ବୋଲି ଶନିବାର ରାତିରେ ସଞ୍ଜନା ତାଙ୍କ ଦାଦାଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଘଟଣାର ସମାଧାନ ପାଇଁ ପ୍ରଭାସ ରବିବାର ଆସିବାକୁ ବାହାରିଥିଲେ। ହେଲେ ରବିବାର ସକାଳ ୬ଟାରେ ସଞ୍ଜନା ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ଲୋକେ ଦେଇଥିଲେ ବୋଲି ପ୍ରଭାସ କହିଛନ୍ତି। ଆମ ଝିଅ ଆତ୍ମହତ୍ୟା କରି ନାହିଁ, ବରଂ ଶାଶୁ ଘର ଲୋକେ ମିଶିକି ତାକୁ ମାରି ଦେଇଛନ୍ତି ବୋଲି ସେ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଶ୍ୱଶୁର କାବୁଲ ବୋହୂକୁ ନିର୍ଯାତନା ଦେବା କଥାକୁ ଖଣ୍ଡନ କରିଛନ୍ତି। ପୁଅ ଓ ବୋହୂ ଭିତରେ ସମ୍ପର୍କ ଭଲ ଥିଲା, କିନ୍ତୁ କେଉଁ କାରଣ ପାଇଁ ସେ ଆତ୍ମହତ୍ୟା କରିଛନ୍ତି ଆମେ ଜାଣିନାହୁଁ ବୋଲି କାବୁଲ କହିଛନ୍ତି। ଏ ନେଇ ପୋଲିସ ନଂ.୨/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଛି । ଘଟଣାସ୍ଥଳରେ ନବରଙ୍ଗପୁର ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛି।


**OFFICE OF THE MUNICIPAL COUNCIL, SONEPUR**

Ph-06654-220475, e-Mail : sonepurm.hud@nic.in

Letter No.3323/Dt.31.12.2025

**CORRIGENDUM NOTICE**

**No.C-1981** : In continuation to this office bid identification No-SNP-MUN-33/2025-26 invited vide this office TCN No-3294 Dt.24.12.2025, partial modification/addition of TCN has been made as follows.

| Tender Sl. No. | Name of the Work | Class of Contractor as per Original TCN | Class of Contractor as per Corrigendum |
|---|---|---|---|
| 2. | Development of Nuabandha W.No-5 & 7 in Sonepur Municipality | B or Equivalent | B & A |

**Instruction to Bidder**

The Bidder must be provided experience of Minimum Quantity of more than 75% earth work on embankment of pond, river, canal & road work in any Finanacial Year in the Last Five Year i.e. 2020-21 to 2024-25.

The other term & conditions as per DTCN are remain Un-changed and can be seen in Govt.website i.e. www.tendersodisha.gov.in.

Sd./- Executive Officer
Sonepur Municipality

OIPR-13098/11/0039/2526



**GOVERNMENT OF ODISHA** No.B-925

**OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR**

Phone/Fax : 0680-2233996, e-mail : sernb2.ganjam@gmail.com

INVITATION FOR BIDS (IFB)[e-Procurement]

**TENDER CALL NOTICE**

**Bid Identification No. SC (R&B)-GM-II-26/2025-26 No. Dated.29.12.2025**

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Double cover system (composite) to be received in **ONLINE MODE** only for the work as detailed below :
2) Nature of Work : Building work
3) No. of work : 01 No.
4) Tender Cost : Rs.10,000/-
5) Class of Contractor : 'B' Class
6) Availability of bid documents in the website : From 07.01.2026 10.00 AM to 20.01.2026 4.00 P.M.
7) Date of opening of Bid : 21.01.2026 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in
9) The bidders must submit all the original uploaded documents within 03 days from opening of the tender.

Sd./- S. Panigrahi
Superintending Engineer
Ganjam (R&B) Division No.II

OIPR-34080/11/0045/2526



**THE ODISHA AGRO INDUSTRIES CORPORATION LTD.**

(A Govt. of Odisha Undertaking)

95-Satya Nagar, Bhubaneswar-7, https://odishaagro.nic.in/

**Invitation for Bids**

**Bid Identification No. M.D./OAIC-64 (E&I)/2025-26**

**No.CAD-2923** : The Managing Director, Odisha Agro Industries Corporation Ltd., Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only for the following works.

| Sl. No. | Name of Work | Value of work (Excluding GST) | Bid Security (In ₹) | Cost of document | Period of completion | Class of Bidder |
|---|---|---|---|---|---|---|
| 1. | Construction of Labor Rest Shed and Amenity Center" At - Barmunda, Bhubaneswar | Rs.17,85,000/- | 1% i.e. Rs.17,850/- | ₹ 7,080/- | 1 (One) Calendar Month | 'C' & 'B' Class |

1. Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period **dt.05.01.2026 to 17:00 Hours of dt.27.01.2026**.
2. Online bids shall be received till **17:00 Hours of dt.27.01.2026**.
3. Bid Security amount & cost of bid document are to be remitted online through a process as mentioned in DTCN.
4. The technical bids will be opened at **11:30 hours of dt.28.01.2026** in the Office of the Managing Director, The Odisha Agro Industries Corporation Ltd., 95-Satyanagar, Bhubaneswar.
5. The bidder must possess compatible **Digital Signature Certificate (DSC)** of Class II or Class - III.
6. The authority reserves the right to reject any or all bids without assigning any reason thereof.

Sd./- Managing Director
OAIC Ltd., Bhubaneswar

OIPR-01047/11/0065/2526



**OFFICE OF THE DIVISIONAL FOREST OFFICER, SAMBALPUR FOREST DIVISION**

NEAR JAIL CHOWK, SAMBALPUR - 768001

E-mail: dfo.sambalpur@odisha.gov.in

**SHORT TENDER NOTICE**

**Tender No. 02** **Dated: 02.01.2026**

No. MM-466: Divisional Forest Officer, Sambalpur Forest Division on behalf of Governor of Odisha invites sealed tenders from reputed intending Manufacturing Firms/Dealers/Suppliers having valid GSTN and PAN Registration No. for procurement and installation of **"Puffed Rice Machine and Foot Operated Sewing Machine with Stand and Table"** for Sambalpur Forest Division. The tender papers with detailed terms and conditions documents can be downloaded from website **https://sambalpur.odisha.gov.in** from 11.00 hours of 06.01.2026 to 17.00 hours of 20.01.2026. The non-refundable cost of tender paper of Rs.2,000/- (Two thousand) only to be deposit through Demand Draft in favour of Divisional Forest Officer, Sambalpur Forest Division payable at Sambalpur. The tender papers can be submitted at the below mentioned address on or before 20.01.2026 till 05.00 P.M. by Speed Post/Registered Post/by Hand only. The tender will be opened in the office of the undersigned on 21.01.2026 at 11.00 A.M.

The undersigned reserves the right to accept or reject any or all the tenders without assigning any reason thereof.

Sd./- Divisional Forest Officer
Sambalpur Forest Division

OIPR-08104/11/0034/2526



**ଓଡ଼ିଶା ସରକାର**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ**

**ଘୋଷଣା**

File No.2820/2025 Date:4.10.2025

**No.X-15**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଘୋଷର୍ଲା**, ଥାନା-ବୋଇପାରିଗୁଡା, ତହସିଲ-କୁନ୍ଦରା, ଜିଲ୍ଲା-କୋରାପୁଟରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି । ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା 302, ତା.11.05.2022 ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା 27817 ତା. 28.07.2025 ରିଖ ଅନୁଯାୟୀ ୩୧.୧୨.୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି । ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଘୋଷର୍ଲା**, ଥାନା-ବୋଇପାରିଗୁଡା, ତହସିଲ-କୁନ୍ଦରା, ଜିଲ୍ଲା-କୋରାପୁଟର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ ଜିଲ୍ଲା ୱେବସାଇଟ୍ https://koraput.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଅଛି ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା-କୋରାପୁଟ ତହସିଲ:କୁନ୍ଦରା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଘୋଷର୍ଲା | ଗ୍ରାମାଞ୍ଚଳ | ୧ | ୩୬୪ | ଧାନ ଅଣ ଜଳସେଚିତ ଏକ | ୧.୭୮୭ | ୦.୩୧୨ | ପାନାଗାଣ୍ଡି ଆଦିନାରାୟଣ, ପି-ପାନାଗାଣ୍ଡି ସାମାୟା, ଜା-ତେଲଙ୍ଗା, ବା-ହାଟଖୁରୁପି |
| | | ୧ | ୩୬୫ | ଧାନ ଅଣ ଜଳସେଚିତ ଏକ | ୧.୦୨୧ | ୦.୦୮ | ପାନାଗାଣ୍ଡି ଆଦିନାରାୟଣ, ପି-ପାନାଗାଣ୍ଡି ସାମାୟା, ଜା-ତେଲଙ୍ଗା, ବା-ହାଟଖୁରୁପି |
| | | ୬୬ | ୧୭୨ | ଧାନ ଅଣ ଜଳସେଚିତ ଏକ | ୦.୫୫୧ | ୦.୦୩୧ | ଏ ପଦ୍ମାବତୀ, ପି-ତେଡା ଆପଲସ୍ୱାମୀ, ଜା-ପଦ୍ମଶାଳି, ବା-ହାଟଖୁରୁମି |
| | | ୬୬ | ୩୬୩ | ଧାନ ଅଣ ଜଳସେଚିତ ଏକ | ୩.୦୨୭ | ୦.୫୬୩ | ଏ ପଦ୍ମାବତୀ, ପି-ତେଡା ଆପଲସ୍ୱାମୀ, ଜା-ପଦ୍ମଶାଳି, ବା-ହାଟଖୁରୁମି |
| | | ୮୦ | ୧୭୧ | ଧାନ ଅଣ ଜଳସେଚିତ ଏକ | ୩.୫୧୬ | ୦.୯୬୬ | ବାଲ୍ୟ କୃଷ୍ଣ ପାଣିଗ୍ରାହୀ, ପି-ସଦାଶିବ ପାଣିଗ୍ରାହୀ, ଜା-ବ୍ରାହ୍ମଣ, ବା-ଦିଗାପୁର |
| | | ୮୦ | ୧୭୩ | ଧାନ ଅଣ ଜଳସେଚିତ ଏକ | ୨୧୪୫ | ୦.୨୯୭ | ବାଲ୍ୟ କୃଷ୍ଣ ପାଣିଗ୍ରାହୀ, ପି-ସଦାଶିବ ପାଣିଗ୍ରାହୀ, ଜା-ବ୍ରାହ୍ମଣ, ବା-ଦିଗାପୁର |
| | | ୧୭୨/ ୫୫ | ୧୬୧ | ଧାନ ଅଣ ଜଳସେଚିତ ଏକ | ୩୦୦୯ | ୧୧୬୩ | ବିଷ୍ଣୁପ୍ରିୟା ପାଢୀ, ସ୍ୱା-ହରିଶ୍ଚନ୍ଦ୍ର ପାଢୀ, ଜା-ବ୍ରାହ୍ମଣ, ବା-ଦିଗାପୁର |
| | | ୧୭୨/ ୫୫ | ୧୭୧/ ୫୪୦ | ଧାନ ଅଣ ଜଳସେଚିତ ଏକ | ୦.୫୬୮ | ୦.୧୨ | ବିଷ୍ଣୁପ୍ରିୟା ପାଢୀ, ସ୍ୱା-ହରିଶ୍ଚନ୍ଦ୍ର ପାଢୀ, ଜା-ବ୍ରାହ୍ମଣ, ବା-ଦିଗାପୁର |
| | | ୧୭୨/ ୫୫ | ୧୭୩/ ୫୩୯ | ଧାନ ଅଣ ଜଳସେଚିତ ଏକ | ୦.୩୭୫ | ୦.୧ | ବିଷ୍ଣୁପ୍ରିୟା ପାଢୀ, ସ୍ୱା-ହରିଶ୍ଚନ୍ଦ୍ର ପାଢୀ, ଜା-ବ୍ରାହ୍ମଣ, ବା-ଦିଗାପୁର |
| | | | | | | **3.632** | |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା-କୋରାପୁଟ ତହସିଲ:କୁନ୍ଦରା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ:୩୧.୧୨.୨୦୨୫

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ମନୋଜ ମହାଜନ
ଜିଲ୍ଲାପାଳ,କୋରାପୁଟ

OIPR-24057/14/0016/2526



**OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM, BERHAMPUR** No. O-1873

E-Mail: eerw_gm1@yahoo.co.in

**Government of Odisha, e-Procurement Notice**

**Bid Identification No. Online Tender // 21 // SERWDG-I / 2025-26**

**Letter No. 6986//RWDG-I/BAM//** **Date: 24.12.2025**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.81.03 lakhs |
| 3 | Period of Completion | : | 09 (Nine) Calendar Months as shown in Column No. 06 of Annexure |
| 4 | Date & Time of Availability of Bid Documents in the Portal | : | From 04.01.2026 at 11.00 A.M. to 21.01.2026 upto 5.00 P.M. |
| 5 | Last Date/Time for Receipt of Bids in the Portal | : | 21.01.2026 upto 5.00 P.M. |
| 6 | Name and Address of the Officer Inviting Bid | : | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website **https://www.tendersodisha.gov.in**.

Sd./- Executive Engineer
R.W. Division-I, Ganjam, Berhampur

OIPR-25085/11/0047/2526



**WORKS DEPARTMENT** No. B-903

**OFFICE OF THE SUPERINTENDING ENGINEER, BHADRAK (R&B) DIVISION**

e-mail: bhadrakrnbdivision@gmail.com

**Government of Odisha "e" Procurement Notice**

**Bid Identification No. SE (R&B) BDK-30/2025-26**

**No. 10239** **Dt.24.12.2025**

Nature of Works : Civil Works and EI Works
Number of Works : 6 (Six) Nos.
Amount put to Tender : Rs.3.70 to 47.00 lakhs
Class of Contractor : B&HT Class
Date & time of availability of bid documents in the portal : 05.01.2026 at 11.00 A.M.
Last date/time of receipt of bid in the portal : 12.01.2026 upto 05.00 P.M.
Date of Opening of Bid : Dt.13.01.2026 at 11.30 A.M.
Name & address of the Office Inviting Bid : Superintending Engineer, Bhadrak (R&B) Division

The bidders have to participate in ONLINE bidding only.
Further details can be seen from the e-procurement portal **"http//tendersodisha.gov.in"**.
All future corrigendum will be available on ONLINE mode only.

Sd./- Superintending Engineer
Bhadrak (R&B) Division

OIPR-34079/11/0033/2526

# ହାତୀ ଭୟ: ରେଳ ଷ୍ଟେଶନରେ ଆଶ୍ରୟ ନେଲେ ଲୋକେ

**ଲାଠୋର,୪।୧ (ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ରେଞ୍ଜ୍ ଅଧୀନ ବେନ୍ଦେର ଅଞ୍ଚଳକୁ ୨୯ ଟିକିଆ ହାତୀପଲ ପ୍ରାୟ ୨୦ ଦିନ ହେବ ଆସି ଉପଦ୍ରବ ଜାରି ରଖିଛନ୍ତି। ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଥିବାବେଳେ ହାତୀପଲ ଘର ଭାଙ୍ଗି ଧାନ, ଚାଉଳ ଖାଇ ନଷ୍ଟ କରିଦେଉଛନ୍ତି। ଏଥିଯୋଗୁ ଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ହେଲେ ବନ ବିଭାଗ ହାତୀ ଘଉଡ଼ାଇବାରେ ସମ୍ପୂର୍ଣ୍ଣ ଭାବେ ସଫଳ ହୋଇପାରୁନାହିଁ। ଶନିବାର ସନ୍ଧ୍ୟାରେ ଲାଠୋର ରେଞ୍ଜ୍ ଅଧୀନ ପିପଲବାହାଲ ଗ୍ରାମର କେତେଜଣ ଲୋକ ହାତୀପଲ ଗ୍ରାମମୁଣ୍ଡ ନାଳରେ ଥିବା ପ୍ରଚାରକରି ବାଣ ଫୁଟାଇଥିଲେ।

### ଜଙ୍ଗଲରେ ହାତୀ, ବିଦ୍ୟୁତ୍ କାଟ୍ ହେଉଛି ଟାଉନରେ

ଏଥିରେ ଲୋକମାନେ ଭୟଭୀତ ହୋଇ ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗ ହାତୀପଲଙ୍କ ସ୍ଥିତି ଜାଣିବା ପାଇଁ ଡ୍ରୋନ୍ ସାହାଯ୍ୟରେ ଯାଞ୍ଚ ଆରମ୍ଭ କରିଥିଲା। ଫଳରେ ଆହୁରି ଭୟଭୀତ ହେବା ସହ ଜୀବନ ରକ୍ଷା ପାଇଁ ଲାଠୋର କଲୋନିପଡ଼ା, ଷ୍ଟେଶନ ପଡ଼ା ଏବଂ ପଞ୍ଚାୟତପଡ଼ା ଅଧିବାସୀ ରେଳ ଷ୍ଟେଶନ ସମେତ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ। ସେହି ସମୟରେ ପ୍ରକୃତରେ ହାତୀପଲ ପିପଲବାହାଲ ନାଳଠାରୁ ଅନେକ ଦୂର ଧାଉଁରାଖମନ ଜଙ୍ଗଲରେ ଥିବା ବନ ବିଭାଗ ପରେ ସ୍ପଷ୍ଟ କରିଥିଲା। ବନ ବିଭାଗ ସହ ଯୋଗସୂତ୍ର ରକ୍ଷାକରି ହାତୀପଲଙ୍କ ପ୍ରକୃତ ସ୍ଥିତି ଜାଣିବା ପରେ ବିଦ୍ୟୁତ୍ ଯୋଗାଣ ସଂସ୍ଥା ବିଦ୍ୟୁତ୍ କାଟ୍ କରିବା କଥା। ହେଲେ ବନ ବିଭାଗ ସଜାଗ ପାଇଁ ସୂଚନା ପ୍ରଦାନକଲେ ମଧ୍ୟ ବିଦ୍ୟୁତ୍ ଯୋଗାଣ ସଂସ୍ଥା ମନ ମୁତାବକ ହାତୀ ନାମରେ ରାତିତମାମ ବିଦ୍ୟୁତ୍ କାଟ୍ କରୁଛି। ହାତୀ ନାମରେ ଶନିବାର ସନ୍ଧ୍ୟାରେ ବିଦ୍ୟୁତ୍ ଯୋଗାଣ ସଂସ୍ଥା ଲାଠୋର କଲୋନିପଡ଼ା ଫିଡରରୁ ବିଦ୍ୟୁତ୍ କାଟ୍ କରି ଦେଇଥିଲା। ଏଥିଯୋଗୁ ପିପଲବାହାଲ ଗ୍ରାମ ଏବଂ ଲାଠୋର ଗ୍ରାମର ଅଧା ଉପଭୋକ୍ତା ୧୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅନ୍ଧାରରେ ରହିଥିଲେ। ଗୋଟିଏ ପଟେ ହାତୀପଲ ଭୟ ଓ ଅନ୍ୟପଟେ ଅନ୍ଧାର ଶନିବାର ରାତି ସଙ୍ଗିନ ପରିସ୍ଥିତ ସୃଷ୍ଟି କରିଥିଲା। ରବିବାର ସକାଳେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇଥିଲା। ବିଦ୍ୟୁତ୍ କାଟ୍ ଯୋଗୁ ଜଳଯୋଗାଣ ବ୍ୟାହତ ହେବା ସହ ଘରୋଇ ଉଦ୍ୟୋଗୀ ତଥା ବିଭିନ୍ନ ଅନୁଷ୍ଠାନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏନେଇ ବିଦ୍ୟୁତ୍ ଯୋଗାଣ ସଂସ୍ଥାର ସେକ୍ସନ ଅଫିସର ସମ୍ବିତ ପରିଡ଼ାଙ୍କୁ ପଚାରିବାରୁ ବନ ବିଭାଗର ସୂଚନା ଅନୁସାରେ ଆମେ ବିଦ୍ୟୁତ୍ କାଟ୍ କରୁଛୁ ବୋଲି ସଫେଇ ଦେଇଥିଲେ। ଅପରପକ୍ଷେ ବନ ବିଭାଗ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ହାତୀପଲଙ୍କୁ ଯଥାଶୀଘ୍ର ନ ଘଉଡ଼ାଇଲେ ବନ ବିଭାଗ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।



ବଲାଙ୍ଗୀର ଜିଲା ଲୋଇସିଂହା ବସ୍ଷ୍ଟାଣ୍ଡଠାରେ ଶନିବାର ରାତିରେ ଏକ କାର ଭାରସାମ୍ୟ ହରାଇ ଦୋକାନ ଉପରକୁ ମାଡ଼ିଯାଇଛି।

## ସଂକ୍ଷେପରେ

### ବାଳକଙ୍କୁ ଅପହରଣ ଅଭିଯୋଗ

**ପାଟଣାଗଡ଼,୪।୧ (ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ଲରମ୍ବା ଥାନା ବାଗମୁଣ୍ଡ ପଞ୍ଚାୟତ ଅଧୀନ କୋଦୋପାନି ଗ୍ରାମର ଘନଶ୍ୟାମ ବରିହା(୧୨)ଙ୍କୁ ଅପହରଣ କରାଯାଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ଘନଶ୍ୟାମ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨/୨୬) ରୁଜୁକରି ତଦନ୍ତ ଚଳାଇଛି। ସୁଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ଘନଶ୍ୟାମ ଗ୍ରାମର ଅନତି ଦୂରରେ ଥିବା ଏକ ନଦୀକୁ ଶୌଚ ପାଇଁ ଯାଇଥିଲେ। ହେଲେ ସେ ଘରକୁ ନ ଫେରିବାରୁ ତାଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ଇତିମଧ୍ୟରେ ୨ ଦିନ ବିତିଯାଇଥିଲେ ମଧ୍ୟ ଘନଶ୍ୟାମଙ୍କ ପତ୍ତା ମିଳିପାରିନାହିଁ। ତାଙ୍କୁ ୨ ଜଣ ଯୁବକ ବାଇକ୍‌ରେ ବସାଇ ଅପହରଣ କରି ନେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧୀର ରଞ୍ଜନ ମିଶ୍ରଙ୍କ ପରଲୋକ

**ବଲାଙ୍ଗୀର,୪।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ତୁଳସୀ ନଗର ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧୀର ରଞ୍ଜନ ମିଶ୍ର (୬୧)ଙ୍କ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା



ଅସୁସ୍ଥ ଥିଲେ। ଶୁକ୍ରବାର ତାଙ୍କ ଶରୀର ଅଧିକ ଅସୁସ୍ଥ ହେବାରୁ ବରଗଡ଼ର ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା, ଦୁଇପୁଅ ପ୍ରତ୍ୟୁଷ, ପ୍ରତୀକ ଏବଂ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ବିଭୂତିପଡ଼ା ଶ୍ମଶାନରେ ସୁଧୀରଙ୍କ ଅନ୍ତିମ ସତ୍କାର କରାଯାଇଥିଲା। ବଡପୁଅ ପ୍ରତ୍ୟୁଷ ମୁଖାଗ୍ନି ଦେଇଥିଲେ। ସୁଧୀର ଆଦର୍ଶ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ। ପରଲୋକ ଖବର ପାଇବା ପରେ ବହୁ ବୁଦ୍ଧିଜୀବୀ, ପୁରାତନ ଛାତ୍ର ଏବଂ ଶିକ୍ଷକ ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ୬ରେ ଦେଓଗାଁ ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ

**ଦେଓଗାଁ,୪।୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଆସନ୍ତା ୬ ତାରିଖରେ ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପର୍ଣ୍ଣ କରିବା ପାଇଁ ବ୍ଲକ୍ କାର୍ଯ୍ୟାଳୟ ସଭାକକ୍ଷରେ ବିଡିଓ ପ୍ରିୟରଞ୍ଜନ କୁମାରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ୨୬ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରମାର ପାରମ୍ପାରିକ ଲୋକନୃତ୍ୟ, ଲୋକବାଦ୍ୟ, ଲୋକ ସଙ୍ଗୀତ ପରିବେଷଣ କରାଯିବ। ବୈଠକରେ ଏବିଡିଓ ପୁଷ୍ପାଞ୍ଜଳି ନାଏକ, ସୁଦାମ ଚରଣ ବିଶି, ଓଡ଼ିଶା ଜୀବିକା ମିଶନ୍‌ର ବ୍ଲକ ସଂଯୋଜିକା ସବ୍ୟାରଣୀ ମହାଲିଙ୍ଗ, ବରିଷ୍ଠ କଳାକାର ଉପେନ୍ଦ୍ର ଥନାପତି, ରାଜେନ୍ଦ୍ର ନନ୍ଦ, ନିରଞ୍ଜନ ଦଣ୍ଡସେନା, ମହାଦେବ ମେହେର, ଗଣ୍ଡାରାମ କପାଟ, ଧନଞ୍ଜୟ ସାମଲ, ଭୀମ ସାଗର, ସତ୍ୟନାରାୟଣ ନନ୍ଦ, ଯୌବନ ନନ୍ଦ, ଶତର କୁମାର ପୁଟେଲଙ୍କ ସମେତ ଅନ୍ୟମାନେ ଉପସ୍ଥିତଥିଲେ ।

# ଭାଲେର ଧନୁଯାତ୍ରା ଉଦ୍‌ଯାପିତ



ଧନୁଯାତ୍ରାରେ ମଞ୍ଚାସୀନ କଂସ ମହାରାଜ ଓ ଅନ୍ୟମାନେ।

**ବଲାଙ୍ଗୀର,୪।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ୍ ଅନ୍ତର୍ଗତ ଭାଲେରଠାରେ ଚାଲିଥିବା ୧୦୬ତମ ଧନୁଯାତ୍ରା ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ଅନ୍ୟତମ ଅତିଥି ଭାବେ ହାସ୍ୟ ଅଭିନେତା ହରି ମହାପାତ୍ର ଯୋଗଦେଇଥିଲେ। ଶେଷଦିନରେ କୃଷ୍ଣ ଓ ବଳରାମଙ୍କ ସହ ଅକ୍ରୁରଙ୍କ ମଥୁରା ଆଗମନ, ମୁଷ୍ଟିକ ବଧ ଓ କଂସ ବଧ ନାଟକ ପରିବେଷଣ କରାଯାଇଥିଲା। କଂସ ଭୂମିକାରେ ଜଗଦାନନ୍ଦ ମିଶ୍ର ଚମତ୍କାର ଅଭିନୟ କରି ଦର୍ଶକଙ୍କୁ ଆକୃଷ୍ଟ କରିଥିଲେ। ବିଭିନ୍ନ ଭୂମିକାରେ ତାଳଚେର ଶବର, ଉମେଶ ନାଏକ, ବିନାୟକ ନାଏକ, ଲକ୍ଷ୍ମୀନାରାୟଣ ପଟେଲ, ଶୁଭଙ୍କର ନାଏକ, ଓମ୍ ନାଏକ, ପ୍ରିତମ ନାଏକ ଅଭିନୟ କରିଥିଲେ। ଯାତ୍ରା ଆୟୋଜନରେ ପ୍ରେମାନନ୍ଦ ଥପା, ଦିଗସେନ ପଟେଲ, ଗୋକୁଳାନନ୍ଦ ନାଏକ, ମେହେମୁଦ୍ଦିନ ଖାଁ, ନୀଳାଚଳ ପଟେଲ, ବିଭୁଦତ୍ତ ପଟେଲ, ରୋଶନ୍ ଥପା, ବିଶ୍ୱଜିତ୍ ଷାଣ୍ଡ, ସୁବାସ ମଟାରୀ, ବିଶେଶ୍ୱର ନାଏକ, ବିମ୍ବାଧର ପଟେଲ ଓ ଗ୍ରାମବାସୀଙ୍କ ସମେତ ସମଲେଶ୍ୱରୀ ଗଣନାଟ୍ୟ ଭାଲେରର କଳାକାରମାନେ ସହଯୋଗ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଭାଲେର ଗାଁର ସାଂସ୍କୃତିକ ଜୀବନ ଯାତ୍ରାରେ ଧନୁଯାତ୍ରାର ମହତ୍ୱ ସମ୍ପର୍କରେ କହିଥିଲେ। ସଭା ମଞ୍ଚରେ ଭାଲେର ଧନୁଯାତ୍ରା କମିଟି ସଭାପତି ରାଜକିଶୋର ନାଏକ, ଉପସଭାପତି ଭାଗିରଥି ସେଠ୍, ସମ୍ପାଦକ ସୁମନ୍ତ ନାଏକ, ସହସମ୍ପାଦକ ମନ ରାଉତ, କୋଷାଧ୍ୟକ୍ଷ ସୁବଳ ନାଏକ, ସରପଞ୍ଚ ପ୍ରଦୀପ ନନ୍ଦ, କମିଟି ଉପଦେଷ୍ଟା ବିଦ୍ୟୁଶେଖର ନନ୍ଦ, ଜୟକୃଷ୍ଣ ନାଏକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆଥ୍‌ଲେଟିକ୍ ଆସୋସିଏଶନର ବାର୍ଷିକ ସାଧାରଣ ସଭା

**ଟିଟିଲାଗଡ଼,୪।୧ (ଶରତ ମିଶ୍ର)**

ଟିଟିଲାଗଡ଼ ଆଥ୍‌ଲେଟିକ ଆସୋସିଏଶନର ବାର୍ଷିକ ସାଧାରଣ ସଭା ସ୍ଥାନୀୟ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସୋସିଏଶନ ସଭାପତି ରାଧାକାନ୍ତ ପାଢ଼ୀ ସଭାପତିତ୍ୱକରି ସଂଘର କାର୍ଯ୍ୟ ଉପରେ ବକ୍ତବ୍ୟ ଦେଇଥିଲେ। ସମ୍ପାଦକ ଶୁଭ୍ରାଂଶୁ ଦାସ ବିବରଣୀ ପାଠ, କୋଷାଧ୍ୟକ୍ଷ ଆୟବ୍ୟୟର ହିସାବ ଦେଇଥିବାବେଳେ ଉପାଧ୍ୟକ୍ଷ ଘିନୁ ଆଡୟୁଏଡ ସଂଘକୁ ଆହୁରି ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଗତ ମାସରେ ବଲାଙ୍ଗୀରରେ ହୋଇଥିବା ଆଥ୍‌ଲେଟିକ୍ ମିଟ୍ କାର୍ଯ୍ୟକ୍ରମରେ ଭାଗନେଇ ବିଜୟୀ ହୋଇଥିବା କୃତୀ କ୍ରୀଡ଼ାବିତ୍‌ଙ୍କୁ ଧନ୍ୟବାଦ ଜଣାଇ ଦିଆଯାଇଥିଲା। ଏଥିସହ ସାମାଜିକ କର୍ମୀ ଦୀପକ ସାହୁଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ, ଉକ୍ତ ଆଥ୍‌ଲେଟିକ୍ ମିଟ୍‌ରେ ଟିଟିଲାଗଡ଼ ସଂଘ ପକ୍ଷରୁ ମୋଟ ୪୨ ଜଣ ପ୍ରତିଯୋଗୀ ଭାଗନେଇଥିଲେ। ଆସନ୍ତା ୧୮ରେ ହେବାକୁଥିବା ମାରାଥନ୍ ଦୌଡ଼ ସଫଳ କରିବା ପାଇଁ ସଭାରେ ସଭାପତି ପାଢ଼ୀ ଆହ୍ୱାନ ଦେଇଥିଲେ। ସଭାରେ ଅନେକ ସାଧାରଣ ସଭ୍ୟ ଯୋଗଦେଇଥିଲେ। ସଂଘ ସହସଚିବ ପଦ୍ମନାଭ ବେହେରା ଧନ୍ୟବାଦ ଦେଇଥିଲେ।

# ସମ୍ବଲପୁରୀ ଧନୁଯାତ୍ରାର ଶ୍ରୀକୃଷ୍ଣ ବରଣ



ଶ୍ରୀକୃଷ୍ଣ ବରଣ ଅବସରରେ ସମ୍ବଲପୁରୀ ଧନୁଯାତ୍ରା କମିଟି ପକ୍ଷରୁ ପୂଜାର୍ଚ୍ଚନା କରାଯାଉଛି।

**ସମ୍ବଲପୁର,୪।୧ (ପ୍ରମୋଦ ବହିଦାର)**

ସମ୍ବଲପୁରଠାରେ ଆସନ୍ତା ୧୮ରୁ ୨୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ସମ୍ବଲପୁରୀ ଧନୁଯାତ୍ରାର ତୃତୀୟ ସଂସ୍କରଣ। ଏଥିପାଇଁ ରବିବାର ସମ୍ବଲପୁରୀ ଧାନୁଯାତ୍ରା କମିଟି ପକ୍ଷରୁ ଶ୍ରୀକୃଷ୍ଣ ବରଣ କରାଯାଇଛି। ଚଳିତବର୍ଷ ସମ୍ବଲପୁରୀ ଧନୁଯାତ୍ରାରେ ମାନେଶ୍ୱର ବ୍ଲକ ଅନ୍ତର୍ଗତ ଛତାବର ଗ୍ରାମର ଓମ୍‌ସାଇ ପଣ୍ଡା ଶ୍ରୀକୃଷ୍ଣଙ୍କ ଭୂମିକାରେ ଅଭିନୟ କରିବେ। ରବିବାର ପୂର୍ବାହ୍ନରେ ସମ୍ବଲପୁରୀ ଧନୁଯାତ୍ରା କମିଟି କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ସହିତ ପୂଜକ ଛତାବର ଗ୍ରାମରେ ପହଞ୍ଚି ପୂଜାର୍ଚ୍ଚନା ପୂର୍ବକ ଶ୍ରୀକୃଷ୍ଣଙ୍କୁ ବରଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ଧନୁଯାତ୍ରା କମିଟି ସଭାପତି ସଞ୍ଜୟ ବାବୁ କର୍ତ୍ତା, ପଣ୍ଡିତ ସୁବ୍ରତ ପୁରୋହିତ ପୂଜକ ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସମ୍ପାଦକ ଗୁଣରଞ୍ଜନ ସାଲିମା, ନିର୍ଦ୍ଦେଶକ ବବଲୁ ବାଗ, କଂସ ଭୂମିକାରେ ଅବତୀର୍ଣ୍ଣ ହେଉଥିବା ଫଣୀନ୍ଦ୍ର ପଣ୍ଡା, କୋଷଧକ୍ଷ ନିଶିକାନ୍ତ ବିଶ୍ୱାଳ, ସହସମ୍ପାଦକ ଦୁଷ୍ମନ୍ତ ପଣ୍ଡା ଓ ଲିଲିମା ମଲ୍ଲିକ, ସାଂସ୍କୃତିକ ସମ୍ପାଦକ ଯୋଗେଶ ନନ୍ଦ ଓ ଲଳିତ ମୋହନ ବେବର୍ତ୍ତା, ଗୋପପୁର ସମ୍ପାଦକ ଗଣେଶ ମହତମ, ସୂର୍ଯ୍ୟ ପାଣିଗ୍ରାହୀ, ସୌରୀ ପାଣିଗ୍ରାହୀ, ଘୁନୁ ଚରଣ ପାଢ଼ୀ, ସଞ୍ଜୀବ ଦେହୁରୀ, ରାହୁଲ ଗୁପ୍ତା, ସ୍ୱାଧୀନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗଙ୍ଗାଧର ମଣ୍ଡପ ସମ୍ବଲପୁରରେ କଂସ ଦରବାର, ଚାଉଁରପୁର ଗ୍ରାମକୁ ଗୋପପୁର ତଥା ମହାନଦୀକୁ ଯମୁନା ନଦୀ ରୂପେ ଚିତ୍ରଣ କରାଯିବ ବୋଲି ସମ୍ପାଦକ ସାଲିମା କହିଛନ୍ତି।

# କୋଶଲୀ ଫିଲ୍ମ 'ନୋ ଗିଲ୍‌ଟ ନୋ ସରି' ପ୍ରଦର୍ଶିତ



ନାଟ୍ୟକ୍ରାନ୍ତିର ବାର୍ଷିକ ଉତ୍ସବରେ ଉପସ୍ଥିତ କୋଶଲୀ ଚଳଚ୍ଚିତ୍ରର ଅଭିନେତା, ନିର୍ଦ୍ଦେଶକ ଓ ସହଯୋଗୀ।

### ନାଟ୍ୟକ୍ରାନ୍ତି ଅନୁଷ୍ଠାନର ବାର୍ଷିକ ଉତ୍ସବ

**ବଲାଙ୍ଗୀର,୪।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ନାଟ୍ୟକ୍ରାନ୍ତି ଅନୁଷ୍ଠାନର ବାର୍ଷିକ ଉତ୍ସବ ସ୍ଥାନୀୟ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଞ୍ଜୟ ଶେଖର ଭୋଇଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ମଞ୍ଚ ସମର୍ପଣ କରାଯାଇଥିଲା। ଅନୁଷ୍ଠାନ ସଭାପତି ରାଜେନ୍ଦ୍ର କୁମାର ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଯୋଗେଶ୍ୱର ସାହୁ, ଉପସଭାପତି ପ୍ରଫେସର ତରୁଣ କୁମାର ମିଶ୍ର ଓ ସମ୍ପାଦକ ସୁରେନ୍ଦ୍ର କୁମାର ତ୍ରିପାଠୀ ମଞ୍ଚାସୀନ ଥିଲେ । ନାଟ୍ୟକାର ଅବ୍‌ଦୁଲ ଜମାଲ ଖାନ୍ ନାଟ୍ୟକ୍ରାନ୍ତିର ବିଶେଷତ୍ୱ ଏବଂ ଆଭିମୁଖ୍ୟ ଉପରେ କହିଥିଲେ। ଏହି ଅବସରରେ ନାଟ୍ୟକ୍ରାନ୍ତି ପକ୍ଷରୁ କୋଶଲୀ କ୍ଷୁଦ୍ର ଚଳଚ୍ଚିତ୍ର 'ନୋ ଗିଲ୍‌ଟ ନୋ ସରି' ପରିବେଷିତ ହୋଇଥିଲା। ନାଟ୍ୟକାର ଅବ୍‌ଦୁଲ ଜମାଲ ଖାନଙ୍କ କାହାଣୀ, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନାରେ ଏହି ଚଳଚ୍ଚିତ୍ର ପ୍ରସ୍ତୁତ ହୋଇଛି। ସଭା ମଞ୍ଚରେ ଅଭିନେତା ଆକ୍ରମ ଦୁରାନି, ବନ୍ଦନା, ସଙ୍ଗୀତା ଦାଶ, ତରୁଣ ମିଶ୍ର, ସୁରେନ୍ଦ୍ର ତ୍ରିପାଠୀ, ଧୀରେନ୍ଦ୍ର ନାରାୟଣ ସିଂଦେଓ, ନୀଳାଞ୍ଚଳ ଚିରଗୁନ, ବିମଳ ଚକ୍ରବର୍ତ୍ତୀ, ଗୁରୁଦାସ ସିଂ, ଶରତ ହୋତା, ସତ୍ୟ ସିଂଦେଓ, ସୌରଭ ଶତପଥୀ, ଚଳଚ୍ଚିତ୍ରର ସହନିର୍ଦ୍ଦେଶକ ଅଜିତ୍ ପ୍ରଧାନ, ଚିତ୍ର ଉତ୍ତୋଳନ ଓ ସମ୍ପାଦନା କରିଥିବା ରାମ ସାହୁ, ସଙ୍ଗୀତ ନିର୍ଦ୍ଦେଶକ କ୍ରିଷ୍ଣା ସାହୁ ଉପସ୍ଥିତ ଥିଲେ। ଏହାପରେ ନାଟ୍ୟକାର ଅବ୍‌ଦୁଲ ଜମାଲ ଖାନ୍‌ଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ହିନ୍ଦୀ ନାଟକ 'ଟୁଟା ହୁଆ ସିତାରା' ପ୍ରଦର୍ଶିତ ହୋଇଥିଲା। ଏଥିରେ ଜମାଲ ଖାନ୍ ଓ ସଙ୍ଗୀତା ଦାଶ ଅଭିନୟ କରିଥିଲେ । ଚଳଚ୍ଚିତ୍ର ଏବଂ ନାଟକକୁ ବହୁ ଦର୍ଶକ ଉପଭୋଗ କରିଥିଲେ।

# ଶ୍ରୀରାମାଭିଷେକ ମହୋତ୍ସବ ଉଦ୍‌ଯାପିତ

**ଦେଓଗାଁ,୪।୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ କୁଲିଆବାହାଲରେ ଚାଲିଥିବା ୨୫ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ଶ୍ରୀରାମାଭିଷେକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ରାମାଭିଷେକ, ପାରାୟଣ, ନେତ୍ରୋତ୍ସବ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଶ୍ରୀରାମଚନ୍ଦ୍ରଙ୍କ ପହଣ୍ଡି କାର୍ଯ୍ୟକ୍ରମ ସହ ଗ୍ରାମରେ ଶତାଧିକ ଭକ୍ତଙ୍କ ଗହଣରେ ଶ୍ରୀରାମ ରଥ ପରିକ୍ରମା କରିଥିଲା। ଏଥିରେ ପୁରାଣ ବ୍ୟାସ ଭାବେ ପ୍ରଶାନ୍ତ ମିଶ୍ର ଯୋଗଦେଇଥିବାବେଳେ ପୂଜକ ଭାବେ ପରମେଶ୍ୱର ତ୍ରୀପାଠି ଦାୟୀତ୍ୱ ତୁଲାଇଥିଲେ। କର୍ତ୍ତାଭାବେ ହଳଧର ସିଂ ଚିନ୍ଦା ଓ ତାଙ୍କ ପତ୍ନୀ ସନ୍ଧ୍ୟାରାଣୀ ସିଂ ଚିନ୍ଦା ଦାୟୀତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଦଣ୍ଡନୃତ୍ୟ ପରିବେଷିତ ହୋଇଥିଲା। ହୃଷୀକେଶ ସିଂ ଚିନ୍ଦା, ଛବିଳ ମୋହନ ସିଂ ଚିନ୍ଦା, ତ୍ରିଲୋଚନ ସିଂ ଚିନ୍ଦା, ଦିଲୀପ କୁମାର ସାହୁ, କିଶୋର ମାଝୀଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିପରି ବଡ଼ବନ୍ଧ ପଞ୍ଚାୟତ ଅନ୍ତର୍ଗତ ସିଲେଟକାନୀରେ ମଧ୍ୟ ଶ୍ରୀରାମରଥ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ କଳିକେଶ ନାରାୟଣ ସିଂଦେଓ, ବିଧାୟକଙ୍କ ବ୍ଲକ୍ ପ୍ରତିନିଧି ଶୁଶିଳ କୁମାର ଚାନ୍ଦ, ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର ପ୍ରମୁଖ ଯୋଗଦେଇଥିଲେ।



କୁଲିଆବାହାଲରେ ଶ୍ରୀରାମରଥ ପରିକ୍ରମା କରାଯାଉଛି।

# ଖ୍ରୀଷ୍ଟିୟାନା ନାଗଙ୍କୁ ପ୍ରଥମ ଲୋଇସିଂହା ସୁନ୍ଦରୀ ମୁକୁଟ



ର୍ୟାମ୍ପ ଶୋ'ରେ ଭାଗ ନେଇଥିବା ପ୍ରତିଯୋଗୀ।

### ଲୋଇସିଂହା ମହୋତ୍ସବ ଉଦ୍‌ଯାପିତ

**ଲୋଇସିଂହା,୪।୧ (ସୁଶାନ୍ତ ବାରିକ)**

ପୌଷ ପୂର୍ଣ୍ଣିମା ଅବସରରେ ବଲାଙ୍ଗୀର ଜିଲା ଲୋଇସିଂହା ଦୁର୍ଗାମଣ୍ଡପରେ ୨ଦିନ ଧରି ଚାଲିଥିବା ୧୬ତମ ଲୋଇସିଂହା ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ପିଲାଙ୍କୁ ନେଇ ପ୍ରଥମଥର ର୍ୟାମ୍ପ ଶୋ' ତଥା ଲୋଇସିଂହା ସୁନ୍ଦରୀ ପ୍ରତିଯୋଗିତା ହୋଇଥିଲା। ଏଥିରେ ଲୋଇସିଂହା ସମେତ ବିଭିନ୍ନ ଅଞ୍ଚଳରୁ ୧୬ ଜଣ ପ୍ରତିଯୋଗୀ ଭାଗନେଇଥିଲେ। ଲୋଇସିଂହା ଢୋଲମହୁଲର ଖ୍ରୀଷ୍ଟିୟାନା ନାଗ ପ୍ରଥମ ଲୋଇସିଂହା ସୁନ୍ଦରୀ ମୁକୁଟ ହାସଲ କରିଥିଲେ। ସେହିପରି ବାଳକ ବର୍ଗରେ ଅନୁଷ୍ଠିତ କବାଡ଼ି ପ୍ରତିଯୋଗିତାର ଫାଇନାଲରେ ସମ୍ବଲପୁରକୁ ହରାଇ ଛତିଶଗଡ଼ ମହାସମୁନ୍ଦ ଦଳ ଚାମ୍ପିୟନ ହୋଇ ଟ୍ରଫି ସହିତ ୧୫ ହଜାର ଟଙ୍କା ପୁରସ୍କାର ଗ୍ରହଣ କରିଥିଲେ। ବାଳିକା ବର୍ଗରେ ଅନୁଷ୍ଠିତ କବାଡ଼ି ପ୍ରତିଯୋଗିତାରେ ବଲାଙ୍ଗୀରକୁ ହରାଇ ସମ୍ବଲପୁର ଟିମ୍ ଚାମ୍ପିୟନ ହୋଇ ଟ୍ରଫି ସହ ୧୦ ହଜାର ଟଙ୍କା ପୁରସ୍କାର ଗ୍ରହଣ କରିଛି। ସେହିପରି ଉତ୍ସବରେ ଅନୁଷ୍ଠିତ ୧୬ଟି ପ୍ରତିଗୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଏଥିସହ ଅବସରପ୍ରାପ୍ତ ବନ ଅଧିକାରୀ ରାଜକିଶୋର ନାଏକ, ନନ୍ଦକିଶୋର ନାଏକ, ଯୁବ ପ୍ରଶାସକ ଅମିତ ମେହେର, ବିଶିଷ୍ଟ କଳାକାର ଶଙ୍କର ବେହେରା, ମହେନ୍ଦ୍ର ସାହୁ, ପ୍ରଭାକର ସାହୁ ଓ ସାରଙ୍ଗ ଭୋଇଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବ ଅବସରରେ ୨ ଦିନ ଧରି ସନ୍ଧ୍ୟା ସମୟରେ ସାଂସ୍କୃତିକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ ସଭାରେ ଅଞ୍ଚଳର ପ୍ରତିଷ୍ଠିତ ରାଜନେତା ଓ ବ୍ୟକ୍ତିବିଶେଷ ଯୋଗଦେଇ ମହୋତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ଆୟୋଜକ କମିଟି ସଭାପତି ପ୍ରଣବ କିଶୋର ସିଂ ରାଏ, କାର୍ଯ୍ୟକାରୀ ସଭାପତି ଭୂତନାଥ ନାଏକ, ସମ୍ପାଦକ ରବୀନ୍ଦ୍ର ପୁଟେଲ, ଆନନ୍ଦ ପୁଟେଲ, ପ୍ରଶାନ୍ତ ସାହୁ, ଭୂଳାନାଥ ସାହୁ, ସୁଶୀଲ ବିଶ୍ୱାଳ, ପ୍ରକାଶ ମହାରଣା ପ୍ରମୁଖ ମହୋତ୍ସବର ପୁରୋଧା ଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମହିଳାଙ୍କ କୀର୍ତ୍ତନ, ହାସ୍ୟ ଅଭିନେତା ହରିଭାଇଙ୍କ କମେଡିର ଭରପୂର ମଜା ନେଇଥିଲେ ଦର୍ଶକ।

# ସମସ୍ତେ ସାହିତ୍ୟିକ ହେଲେ ପୃଥିବୀ ଯୁଦ୍ଧଶୂନ୍ୟ ହୋଇଯିବ

**ସୋନପୁର, ୪।୧ (ମୃତ୍ୟୁଞ୍ଜୟ ଶତପଥୀ)**



ଡ. ପ୍ରୀତିଧାରା ସାମଲ ଓ ଡ. ନୃପରାଜ ସାହୁଙ୍କୁ ମହୁରି ସମ୍ମାନ ପ୍ରଦାନ କରାଯାଉଛି।

## ଅଷ୍ଟାଦଶ ମହୁରି ମହୋତ୍ସବ

### ଡ. ପ୍ରୀତିଧାରା ସାମଲ ଓ ଡ. ନୃପରାଜ ସାହୁଙ୍କୁ ମହୁରି ସମ୍ମାନ

ମଣିଷ ମନର ଆବେଗକୁ ପରିପ୍ରକାଶ କରିବା ପାଇଁ ସାହିତ୍ୟ ହିଁ ଏକମାତ୍ର ଉପଯୁକ୍ତ ମାଧ୍ୟମ। ସାହିତ୍ୟ ସାଧନା ସୁଖ, ଦୁଃଖ, ଅଭାବ ଓ ଅସୁବିଧା ଦେଖେନାହିଁ। ସେହିପରି ସାହିତ୍ୟରେ ଶବ୍ଦ, ଛନ୍ଦ, ଅଳଙ୍କାର ଅପେକ୍ଷା ଭାବ ହିଁ ମୁଖ୍ୟ ଉପଜୀବ୍ୟ ହୋଇଥାଏ। ଜୀବନକୁ ଛୁଇଁ ଛୁଇଁ ଯାଉଥିବା ପ୍ରସଙ୍ଗ ସବୁକୁ ନିଜର ପ୍ରତିଟି ପୃଷ୍ଠାରେ ତୋଳି ଧରି ମହୁରି ଆଜି ସାହିତ୍ୟ ଜଗତରେ ଏକ ଭିନ୍ନ ପରିଚୟ ତିଆରି କରିଛି। କବି, ଲେଖକ, ସାହିତ୍ୟିକ ସମସ୍ତଙ୍କୁ ନିଜର କରି ପାରୁଥିବା ମହୁରି ପତ୍ରିକା ସତରେ ସାହିତ୍ୟ ଜଗତରେ ଅନବଦ୍ୟ ଓ ଅନନ୍ୟ ବୋଲି ରବିବାର ସୁବର୍ଣ୍ଣପୁର ସ୍ଥିତ ସଂସ୍କୃତି ଭବନଠାରେ ଅନୁଷ୍ଠିତ ଅଷ୍ଟାଦଶ ମହୁରି ମହୋତ୍ସବ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଳାହାଣ୍ଡି କବିତା ଆନ୍ଦୋଳନର ଶାଶ୍ୱତ ସ୍ପନ୍ଦନ ମହୁରି ସାହିତ୍ୟ ପତ୍ରିକା ପକ୍ଷରୁ ଏହାର ଅଷ୍ଟାଦଶ ବାର୍ଷିକ ଉତ୍ସବ ସୁବର୍ଣ୍ଣପୁରଠାରେ ଅନୁଷ୍ଠିତ ହୋଇଥିଲା। ଏହା ସହିତ ସୁବର୍ଣ୍ଣପୁର ମାଟିରେ ମହୁରିର ମଧୁର ମୂର୍ଚ୍ଛନା ସମସ୍ତଙ୍କୁ ବିମୋହିତ କରିଛି। ମହୁରିର ମୁଖ୍ୟ ସମ୍ପାଦକ ଡ. ଭବାନୀଶଙ୍କର ନିଆଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟଅତିଥିଭାବେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗଦେଇ ସମସ୍ତେ ସାହିତ୍ୟିକ ହୋଇଗଲେ ଏ ପୃଥିବୀ ଯୁଦ୍ଧଶୂନ୍ୟ ହୋଇଯିବ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତାଭାବେ ବରିଷ୍ଠ ଲେଖକ ପ୍ରଫେସର ନାରାୟଣ ପଣ୍ଡା ଯୋଗଦାନ କରି ସାହିତ୍ୟ ଓ ପ୍ରକୃତି ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଗାଳ୍ପିକ ତଥା ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ, କବି ଡ. ପ୍ରୀତିଧାରା ସାମଲ ମଞ୍ଚାସୀନ ଥିଲେ। ମହୁରିର ସମ୍ପାଦକ ତଥା ଗାଳ୍ପିକ ସୁକାନ୍ତ ସାହୁ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସୁଶୀଲ କୁମାର ସଭା ପରିଚାଳନା କରିଥିଲେ। ଏହି ଅବସରରେ ଡ. ପ୍ରୀତିଧାରା ସାମଲଙ୍କୁ ମହୁରି ସମ୍ମାନ-୨୦୨୪ ଓ ଡ. ନୃପରାଜ ସାହୁଙ୍କୁ ମହୁରି ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ ହୋଇଥିଲା ରାଜ୍ୟସ୍ତରୀୟ କବିତା ପାଠୋତ୍ସବ। ମହାନଦୀ ସାହିତ୍ୟ ସଂସଦ ସଭାପତି ଡ. ସୌରଭ ରଞ୍ଜନ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର, ଉଲୁଣ୍ଡା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବାଶିଷ ପାଣିଆ, ଶିକ୍ଷାବିତ ଓ ଗବେଷକ ଡ. ଅନିରୁଦ୍ଧ କୁରକୁରିଆ ଓ ଅଧ୍ୟାପିକା ଡ. ଇତିଶ୍ରୀ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। କବି ଲକ୍ଷ୍ମୀ ନାରାୟଣ ସାହୁ, ରଞ୍ଜିତା ପଣ୍ଡା କବିତା ପାଠ ଉତ୍ସବର ସଂଯୋଜନା କରିଥିଲେ। ଏହି ଅବସରରେ କବି ଡ. ପୁରୁଷୋତ୍ତମ ମିଶ୍ର, ମନୋଜ ସାହୁ, ଅଦ୍ୱୈତ କୁମାର ପଣ୍ଡା, ଦ୍ୱିତୀକୃଷ୍ଣ ପଣ୍ଡା, ଆଶିଷ କୁମାର ମିଶ୍ର, ପ୍ରଭୁଦତ୍ତ ରଥ, ପ୍ରଦ୍ୟୁମ୍ନ କୁମାର ସାହୁ, ରାଧେଶ୍ୟାମ ମିଶ୍ର, କ୍ଷୀରୋଦ ବିଶ୍ୱାଳ, ଇନ୍ଦ୍ରାବତୀ ପାଣ୍ଡେ, ଡ. ଧୀରେନ୍ଦ୍ର କୁମାର ନାୟକ ଓ ଶୁଭେନ୍ଦୁ ମେହେର ଆଦିଙ୍କ ସହ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ୩୦ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଆଞ୍ଜଳିନା ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ଅଶ୍ୱିନୀ ମେହେର, ସୋନପୁର ଉପଜିଲାପାଳ ଡ. ସୌମ୍ୟାରୂପା ରଥ, ଜିଲା ପଞ୍ଚାୟତ ତଥା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀଙ୍କ ସହିତ ଜିଲାସ୍ତରୀୟ ଅନ୍ୟାନ୍ୟ ଅଧିକାରୀଗଣ, ବହୁସଂଖ୍ୟକ କବି ଲେଖକ ତଥା ସାହିତ୍ୟପ୍ରେମୀ ଜନସାଧାରଣ ସାମିଲ ହୋଇଥିଲେ। ଏହି ଉତ୍ସବରେ ସୁବର୍ଣ୍ଣପୁର ସହରର ବୁଦ୍ଧିଜୀବୀ ବୃନ୍ଦ, ବରିଷ୍ଠ ନାଗରିକ, ସ୍ୱଚ୍ଛ ଭାରତ ସଙ୍ଗଠନ ଓ ସହରର ବିଭିନ୍ନ ସଙ୍ଗଠନର ପ୍ରତିନିଧି, ମହାବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ୧୯ରୁ ସର୍ବଭାରତୀୟ ଲାଲମନି କ୍ରିକ୍‌ଫେଷ୍ଟ



ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦିଆଯାଉଛି।

**ସୋନପୁର, ୪।୧ (ମୃତ୍ୟୁଞ୍ଜୟ ଶତପଥୀ)**

## ରାଜ୍ୟ ଓ ରାଜ୍ୟ ବାହାରୁ ୯ ଦଳ ଅଂଶଗ୍ରହଣ କରିବେ

ସର୍ବଭାରତୀୟ ୩୭ତମ ଲାଲମନି ସ୍ମାରକୀ କ୍ରିକ୍‌ଫେଷ୍ଟ ୨୦୨୬ ଜାନୁଆରୀ ୧୯ ସୋମବାରଠାରୁ ଆରମ୍ଭ ହେବ। ୨୬ତାରିଖରେ ଫାଇନାଲ ମ୍ୟାଚ୍ ରଙ୍ଗାରଙ୍ଗ ପରିବେଶରେ ଅନୁଷ୍ଠିତ ହେବ। ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମରେ ଓଡ଼ିଶାର ଏହି ସମ୍ମାନ ଜନକ କ୍ରିକେଟ୍ ଟୁର୍ନାମେଣ୍ଟ ଆୟୋଜିତ ହେବାକୁ ଯାଉଛି। ଗ୍ରୀନ୍ ଟର୍ଫ ଉଇକେଟ୍‌ରେ ମ୍ୟାଚ୍ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଜାରି ରହିଥିବା ଜିଲା କ୍ରିକେଟ୍‌ସଂଘ କାର୍ଯ୍ୟାଳୟରେ ସଂଘ ପକ୍ଷରୁ ରବିବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିପାଇଁ ଚଳିତ ବର୍ଷ ବ୍ୟୟ ଅଟକଳ ୨୫ଲକ୍ଷ ଟଙ୍କା ରଖାଯାଇଛି। ୧୮ ତାରିଖ ସନ୍ଧ୍ୟାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜିଲା କ୍ରିକେଟ୍ ସଂଘ ସଭାପତି ରାମଶଙ୍କର ସାହୁ କହିଛନ୍ତି। ଏହି ଟୁର୍ନାମେଣ୍ଟରେ ଓଡିଶାରୁ ୫ଟି ଓ ବାହାର ରାଜ୍ୟରୁ ୪ଟି ଦଳ ଭାଗ ନେବେ। ପ୍ରତ୍ୟହ ସନ୍ଧ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଉଦ୍‌ଯାପନୀ ଉତ୍ସବରେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳାଳି, ଅଭିନେତ୍ରୀ ଅଭିନେତା ଓ ରାଜନେତା ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବ ବର୍ଷମାନଙ୍କ ଭଳି ମ୍ୟାଚ୍‌ଗୁଡିକ ଟି/୨୦, ଟି/୧୦ ଓ ସୁପର ୨ ଓଭର ବିଶିଷ୍ଟ ଫର୍ମାଟ୍‌ରେ ହେବ। ଏହି ଖବରଦାତା ସମ୍ମିଳନୀରେ କ୍ରିକେଟ୍ ସଂଘର ସମ୍ପାଦକ ପ୍ରଦୀପ ସେଠୀ, ଉପସଭାପତି ବି.ସତ୍ୟନାରାୟଣ ରାଓ ଓ କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ପାତ୍ର ପ୍ରମୁଖ ଯୋଗଦେଇ କ୍ରିକ୍‌ଫେଷ୍ଟ ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବରୁ ଫାଇନାଲ ମ୍ୟାଚ୍ ରବିବାର ଆୟୋଜିତ ହେଉଥିଲା। ତେବେ ୩୬ ବର୍ଷ ପରେ ପ୍ରଥମ ଥର ପାଇଁ ଚଳିତ ବର୍ଷ ସୋମବାର ଟୁର୍ନାମେଣ୍ଟ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଆୟୋଜିତ ହେବ ବୋଲି ଜଣାପଡିଛି। ଏହି ସମ୍ମିଳନୀରେ ଜିଲା କ୍ରିକେଟ୍ ସଂଘର କର୍ମକର୍ତ୍ତା ଓ ୯ଟି ଫ୍ରାଞ୍ଚାଇଜ୍‌ର ପ୍ରତିନିଧି ଉପସ୍ଥିତ ଥିଲେ।

# ସରକାରଙ୍କ ନିର୍ଦ୍ଦେଶକୁ ରାଜସ୍ୱ ଅମଲା ସଂଘର ସ୍ୱାଗତ

**ସୋନପୁର, ୪।୧ (ମୃତ୍ୟୁଞ୍ଜୟ ଶତପଥୀ)**

ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକୁ ରାଜସ୍ୱ ଅମଲା ସଂଘ ସ୍ୱାଗତ କରିଛି। ଜିଲାସ୍ତରୀୟ କାର୍ଯ୍ୟାଳୟ ଅମଳା ମାନଙ୍କର ପଦବୀ ପୁନର୍ଗଠନ ନିମନ୍ତେ ରାଜ୍ୟ ସରକାର ମାର୍ଚ୍ଚ ୨୦୨୧ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ତେବେ ସେହି ଦିନଠାରୁ ଅମଳାମାନଙ୍କ ପଦୋନ୍ନତି ସ୍ଥଗିତ ହୋଇ ରହିଛି। ଯଦ୍ୱାରା ଜିଲାସ୍ତରୀୟ କାର୍ଯ୍ୟାଳୟ ଅମଳାମାନଙ୍କର ପଦୋନ୍ନତି ସ୍ଥଗିତ ହୋଇ ରହିବା ଦ୍ୱାରା ଅନେକ ଅମଳା ବିନା ପଦୋନ୍ନତିରେ ଅବସର ମଧ୍ୟ ଗ୍ରହଣ କରିଥିଲେ। ରାଜସ୍ୱ ଅମଳା ସଂଘର ନେତୃତ୍ୱ ଏହି ବିଷୟରେ ଅନେକ ଥର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଏହି ବିଷୟକୁ ସରକାର ଗୁରୁତ୍ୱର ସହ ନେଇଥିଲେ। ଗତ ୨ତାରିଖରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଓ ସରକାରଙ୍କ ଅତିରିକ୍ତ ଶାସନ ସଚିବ(ରାଜସ୍ୱ) ଦେବରଞ୍ଜନ କୁମାର ସିଂହ ସହିତ ରାଜ୍ୟ ସରକାରଙ୍କ ଅଧିକାରୀ ଓ ରାଜସ୍ୱ ଅମଲା ସଂଘ ନେତୃତ୍ୱ ଉପସ୍ଥିତ ରହି ଆଲୋଚନା କରିଥିଲେ। ଜିଲାସ୍ତରୀୟ କାର୍ଯ୍ୟାଳୟ ଅମଳାମାନଙ୍କର ପଦବୀ ପୁନର୍ଗଠନ, ଦରମାରେ ଥିବା ଅସଙ୍ଗତି ଏବଂ ତା୧୧।୮।୨୦୨୫ରିଖ ଠାରୁ ତା୨୫।୮।୨୦୨୫ରିଖ ମଧ୍ୟରେ ହୋଇଥିବା ଆନ୍ଦୋଳନ ସମୟର ବନ୍ଦ ହୋଇଥିବା ଦରମା ପ୍ରଦାନ କରିବା ସକାଶେ ଆଲୋଚନା ହୋଇଥିଲା। ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ପୂଜାରୀ ଦେଇଥିବା ପ୍ରତିଶ୍ରୁତି ମୁତାବକ ସ୍ଥଗିତ ଥିବା ଦରମା ଏବଂ ପଦୋନ୍ନତିକୁ ପୁନର୍ବାର ଦେବା ପାଇଁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପତ୍ର ସଂଖ୍ୟା ୨୦୭/ତା୨।୧।୨୦୨୬ରିଖ ଅନୁଯାୟୀ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ ଓ ରାଜସ୍ୱ ଅମଲା ସଂଘ ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ସୁବର୍ଣ୍ଣପୁର ଜିଲା ଅଧ୍ୟକ୍ଷ ନୀଳମ୍ବର ଶତପଥୀ, ଜିଲା ଉପାଧ୍ୟକ୍ଷ ସହଦେବ ମେହେର ଓ ସମ୍ପାଦକ ବନମାଳୀ ମେହେର ସ୍ୱାଗତ କରିଛନ୍ତି।



ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳି।

# ବ୍ଲକ୍‌ପାଣ୍ଠର ସୋନପୁର ଫାଇନାଲରେ

**ଅମରପାଲି, ୪।୧ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାରେ ପ୍ରଥମ ଜୀବନ ଓ ମଞ୍ଜୁଲୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବାନ୍ଧଶିଳ୍ପୀ ଡୋଲାମଣି ମେହେର, ଅବସରପ୍ରାପ୍ତ ଶିକ୍ଷକ ତ୍ରିପୁରାରି ରଥ, ଅଖିଳ ପଧାନ, ଯୋଗାଣ ସହାୟକ ଭାରତ ଖମାରି ଏବଂ ଶିକ୍ଷାବିତ୍ ହୃଷୀକେଶ ମେହେର ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ରୟାଲ ଟାଇଗର ସୁବଳୟା ଏବଂ ରାମଏକ୍ସୁଆର ବୌଦ୍ଧ ମଧ୍ୟରେ ହୋଇଥିଲା। ସୁବଳୟା ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ ଉଇକେଟ ହରାଇ ୧୨୬ ରନ କରିଥିଲା। ଜବାବରେ ବୌଦ୍ଧ ଦଳ ୮ ଓଭରରେ ୩ ଉଇକେଟ ହରାଇ ୧୨୦ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବିଡ଼ିସିସି ବୌଦ୍ଧ ଓ ବ୍ଲକ୍‌ପାଣ୍ଠର ସୋନପୁର ମଧ୍ୟରେ ହୋଇଥିଲା। ବୌଦ୍ଧ ଦଳ ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ସମସ୍ତ ଉଇକେଟ ହରାଇ ୬୦ରନ କରିଥିଲା। ଜବାବରେ ସୋନପୁର ଦଳ ୬ ଓଭରରେ ୬ଉଇକେଟ ହରାଇ ଆବଶ୍ୟକ ୬୧ ରନ କରି ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚ ବିଜେତା ରୟାଲ ଟାଇଗର ସୁବଳୟା ଓ ଦ୍ୱିତୀୟ ମ୍ୟାଚ ବିଜେତା ବ୍ଲକ ପାଣ୍ଠର ସୋନପୁର ମଧ୍ୟରେ ସେମି ଫାଇନାଲ ମ୍ୟାଚ ଖେଳା ହୋଇଥିଲା। ସୋନପୁର ଦଳ ପ୍ରଥମେ ବ୍ୟାଟିଂ କରି ୪ଓଭରରେ ଗୋଟିଏ ଉଇକେଟ ହରାଇ ୪୪ରନ ସଂଗ୍ରହ କରିଥିଲା। ଜବାବରେ ସୁବଳୟା ଦଳ ୪ ଓଭରରେ ୫ ଉଇକେଟ ହରାଇ ୪୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ସୋନପୁର ଦଳ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚଗୁଡ଼ିକୁ ବିଜୁ ମେଘ ଓ ମଧୁ ମେହେର ପରିଚାଳନା କରିଥିଲେ। ସୁଧୀର ମହାକୁର ସ୍କୋରିଂ ଏବଂ ବିନୋଦ ମହାକୁର ଧାରା ବିବରଣୀ ପ୍ରଦାନ କରିଥିଲେ। ସୋନପୁର ଦଳର ଅନିଲ ପଧାନଙ୍କୁ ପୁରସ୍କୃତ କରାଯାଇଥିଲା।

# ପୂର୍ବତନ ତରଭା ନଗରପାଳଙ୍କ ସ୍ୱାମୀଙ୍କ ପରଲୋକ

**ତରଭା, ୪।୧ (ମାନଭଞ୍ଜନ ମିଶ୍ର)**



କମଳ କୁମାର ଅଗ୍ରୱାଲ।

ସୁବର୍ଣ୍ଣପୁର ଜିଲା ତରଭା ଏନଏସିର ପୂର୍ବତନ ଅଧ୍ୟକ୍ଷା ମୋନିକା ଅଗ୍ରୱାଲଙ୍କ ସ୍ୱାମୀ ଲୁଗା ବ୍ୟବସାୟୀ କମଳ କୁମାର ଅଗ୍ରୱାଲ (୪୭)ଙ୍କ ରବିବାର ତାଙ୍କର ସୋନପୁର ଶାନ୍ତିପଡାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ କିଡ୍‌ନୀ ଓ ହୃଦରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁବେଳେ ପତ୍ନୀ ମୋନିକା, ଏକମାତ୍ର ପୁଅ ସୁଜଳ, ବଡଭାଇ ରତନ, ବିମଳ, ପୁତୁରା ତରଭା ଉପନଗରପାଳ ଗଗନ ଅଗ୍ରୱାଲ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। କମଳଙ୍କ ମରଶରୀର ତରଭା ବାସଭବନକୁ ଅଣାଯିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ତରଭା ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ସୁଜଳ ମୁଖାଗ୍ନି ପ୍ରଦାନ କରିଥିଲେ। କମଳଙ୍କ ବିୟୋଗ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ଶ୍ରୀମତ ଭଗବତ ଗୀତା ପ୍ରଚାର ସମିତି ପାଳିଲା ପୁଷପୁନି

**ତରଭା, ୪।୧ (ମାନଭଞ୍ଜନ ମିଶ୍ର)**

ତରଭା ଶ୍ରୀମତ ଭଗବତ ଗୀତା ପ୍ରଚାର ସମିତି ତରଫରୁ ଶିବତୁଳାସ୍ଥିତ ଅନ୍ଧ, ମୂକ ଓ ବଧିର ବିଦ୍ୟାଳୟରେ ପୁଷପୁନି ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷ କୁଶ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ତରଭା ଏନଏସିର ପୂର୍ବତନ ଅଧ୍ୟକ୍ଷ ଶୈଳେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଜୟପ୍ରକାଶ ନାରାୟଣ ସାହୁ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜେନ୍ଦ୍ର ରଣା, ଶ୍ରୀହରି ବିଦ୍ୟାଳୟ ସମୂହର ମୁଖ୍ୟ ଓ ରାଜେଶ ମେହେର ଉପସ୍ଥିତ ଥିଲେ। ତରଭା ବ୍ଲକ ଅଧ୍ୟକ୍ଷ ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ କମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଆଇନଜୀବୀ ଦେବେନ୍ଦ୍ର ବିଜୟ ସାହୁ, ମୁଖ୍ୟବକ୍ତା ଆଧ୍ୟାତ୍ମିକ ଗବେଷକ ଶ୍ୟାମସୁନ୍ଦର ଦାସ, ସମ୍ମାନିତ ଅତିଥି ବ୍ରଜବର ମେହେର, ଭାଗବତ ମିଶ୍ର, ଭାରତ ମିଶ୍ର, କୁଶ ମିଶ୍ର ଓ ରାଜେନ୍ଦ୍ର ରଣା ମଞ୍ଚାସୀନ ଥିଲେ। ସମିତି ଅଧ୍ୟକ୍ଷ ମିଶ୍ର ପୁଷପୁନି ମହତ୍ତ୍ୱ ଓ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସମିତି ତରଫରୁ ସୌମିତ୍ରି ନାଏକଙ୍କୁ ମାନସ ଭୂଷଣ, ବରିଷ୍ଠ ଗାୟକ ଶ୍ୟାମ ସୁନ୍ଦର ସାହୁଙ୍କୁ ଗାୟକରତ୍ନ ଓ କବି ଗରିବ ମଲ୍ଲିକଙ୍କୁ କବିରତ୍ନ ଉପାଧିରେ ବିଭୂଷିତ କରାଯାଇଥିଲା। ଏହା ସହ ରାଜେଶ ଦଣ୍ଡସେନାଙ୍କୁ ଲବ କୁମାର ମିଶ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଉଦ୍‌ଯାପନୀ ଦିବସରେ ଜୁଗାର ଶୋଭାଯାତ୍ରା

**ବିନିକା, ୪।୧ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ମହାନଦୀ ମଧ୍ୟରେ ମା' ବାଇକାନୀ ଓ ସପ୍ତଭଗିନୀ ଦେବୀଙ୍କ ମନ୍ଦିର ରହିଛି। ପୌଷ ପୂର୍ଣ୍ଣିମାରେ କୈବର୍ତ୍ତ ସମାଜ ପକ୍ଷରୁ ଦୁଇଦିନ ଧରି ପୂଜାର୍ଚ୍ଚନା ସହିତ ଯାତ୍ରା ହୋଇଥିଲା। ରବିବାର ବାଇକାନୀ ଯାତ୍ରାର ଉଦ୍‌ଯାପନୀ ଉତ୍ସବରେ ବିନିକା କୈବର୍ତ୍ତ ସମାଜ ପକ୍ଷରୁ ଏକ ଜୁଗାର ଯାତ୍ରା ବାହାରିଥିଲା। ଶତାଧିକ ମହିଳା ବିଭିନ୍ନ ପ୍ରକାରର ପିଠା, ଫଳ ଏବଂ ଲିଆଗୁଡରେ ତିଆରି ଜୁଗାରକୁ ସହର ପରିକ୍ରମା କରି ଡଙ୍ଗାରେ ମହାନଦୀ ମଝିରେ ଥିବା ମା'ଙ୍କ ପୀଠକୁ ଯାଇଥିଲେ। କୌଣସି ଅଘଟଣ ଏଡାଇବା ପାଇଁ ବର୍ଦ୍ଧକ ଓ ପୋଲିସ ନଦୀକୁ ଯିବା ବାରଣ କରାଯାଇଥିଲା। ଭକ୍ତଙ୍କ ପୂଜା ଓ ଦର୍ଶନ ପାଇଁ ବ୍ରିଜ ଉପରେ ବ୍ୟବସ୍ଥା କରାଯାଇଥିଲା। ଫଳରେ ବ୍ରିଜ ଉପରେ ଭକ୍ତଙ୍କ ଭିଡ଼ ଜମିଥିଲା।



ରବିବାର ଯାତ୍ରାର ଉଦ୍‌ଯାପନୀ ଦିବସରେ ମହିଳାମାନେ ଜୁଗାର ଯାତ୍ରାରେ ଯାଉଛନ୍ତି।

# ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତିକୁ ଗୁରୁତ୍ୱ

**ତରଭା, ୪।୧ (ମାନଭଞ୍ଜନ ମିଶ୍ର)**

## କନ୍ଧ ସମାଜ ବୈଠକ

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସିଂହାରୀ ପଞ୍ଚାୟତ କଳାବତୀପୁର ମହୁଲ ବୁଲେଇଠାରେ କନ୍ଧ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କନ୍ଧ ସମାଜ ବ୍ଲକ ସଭାପତି ଶିବ ପ୍ରସାଦ କୁଅଁର ଏଥିରେ ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତର ମୁଖ୍ୟ ଝାକରଙ୍କ ଦ୍ୱାରା ମା' କନ୍ଧେନ ବୁଢ଼ୀ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। କନ୍ଧ ସମାଜରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥି ସହ ନୂତନ ବର୍ଷର ପ୍ରଥମ ବୈଠକରେ ଜଙ୍ଗଲ ଜମିପଟାରେ ଥିବା ବିଭିନ୍ନ ସ୍ଥାନରେ କନ୍ଧ ସମାଜର ଦେବଦେବୀ ପୀଠସ୍ଥଳର ଉନ୍ନତୀକରଣ, ସମାଜରେ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଉନ୍ନତି କିପରି ହୋଇପାରିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ଲକରେ ଆଦିବାସୀ କନ୍ଧ ସମାଜର ଉନ୍ନତି ନେଇ ଶୀଘ୍ର ପୂର୍ଣ୍ଣାଙ୍ଗ ନୂତନ କମିଟି ଗଠନ ନେଇ ପ୍ରସ୍ତାବ ନିଆଯାଇଥିଲା। କନ୍ଧ ସମାଜ କେନ୍ଦ୍ରୀୟ ଉପସଭାପତି ବଳଭଦ୍ର କୁଅଁର, ପ୍ରଫୁଲ୍ଲ ଭୋଇ, ଉଦୟ ନାଥ ମାଝୀ, ମଦନ କୁଅଁର, ଗୌରାଙ୍ଗ କୁଅଁର, ଦୁର୍ଯ୍ୟୋଧନ କୁଅଁର, ଅନନ୍ତ କୁଅଁର, ଲକ୍ଷ୍ମୀଧର ମାଝୀ, ତରଭା ବ୍ଲକ କନ୍ଧ ସମାଜର ମିଡ଼ିଆ ସେଲ ସଭାପତି ସାଧବ କୁଅଁରଙ୍କ ସମେତ ତରଭା ବ୍ଲକର ବିଭିନ୍ନ ପଞ୍ଚାୟତରେ ସଭ୍ୟ ଉପସ୍ଥିତ ଥିଲେ। ପୁରତନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକ ପୂର୍ବରୁ ମା' କନ୍ଧେନ ବୁଢ଼ୀ ପୀଠରେ ପୂଜାର୍ଚ୍ଚନା କରାଯାଉଛି।

# ମଣ୍ଡିରେ ଧାରଣା ଦେଲେ ଚାଷୀ

**ବୀରମହାରାଜପୁର, ୪।୧ (ଯୁଗଳ କିଶୋର ମିଶ୍ର)**





ହିଲୁଙ୍ଗ ମଣ୍ଡିରେ ଧାନବସ୍ତା ଉପରେ ବସି ଚାଷୀମାନେ ଧାରଣା ଦେଉଛନ୍ତି।

ସୁବର୍ଣ୍ଣପୁର ଜିଲା ବୀମହାରାଜପୁର ବ୍ଲକରେ ଧାନ କିଣାବିକାକୁ ନେଇ ଚାଷୀ ଅସନ୍ତୋଷ ଦେଖା ଦେଉଛି। କେତେକ ଟୋକନ ସମସ୍ୟା ତ କେତେବେଳେ ଧାନର କଟନି ଛଟିନିକୁ ନେଇ ମଣ୍ଡିରେ ଚାଷୀ ତାର ଅମଳ ଧାନ ପକାଇ ଶୀତ କାକରରେ ଜଗି ବସିଛି। ଦିନେ କି ଦୁଇଦିନ ନୁହେଁ ଏକମାସ ହେଲା ମଣ୍ଡିରୁ ଉଠୁନାହିଁ ଧାନ। ଫଳରେ ଅସନ୍ତୁଷ୍ଟ ଚାଷୀ ବ୍ଲକ ଅନ୍ତର୍ଗତ ହିଲୁଙ୍ଗ ମଣ୍ଡିରେ ରବିବାର ଧାରଣା ଦେଇଛନ୍ତି। ଜିଲାରେ ଗତ ଡିସେମ୍ବର ୯ରୁ ଆରମ୍ଭ ହୋଇଛି ଖରିଫ ଧାନକିଣା। କେବଳ ହିଲୁଙ୍ଗ ମଣ୍ଡିରେ ଠିକ ଭାବେ ଧାନକିଣା ହୋଇପାରିନାହିଁ। ଗତବର୍ଷ ଖରିଫ ଋତୁରେ ଏହି ମଣ୍ଡିରୁ ୮୦ ହଜାର କ୍ୱିଣ୍ଟାଲ ଧାନ କିଣା ଯାଇଥିବାବେଳେ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ଏହି ମଣ୍ଡିରୁ ୨୫ ହଜାର ୧୫୯ କ୍ୱିଣ୍ଟାଲ ଧାନକ୍ରୟ କରିବାକୁ ଟାର୍ଗେଟ ଦିଆଯାଇଛି। ସେହିଭଳି ମଣ୍ଡିରେ ଧାନବିକ୍ରି କରିବାକୁ ୧୨୫ଜଣ ୭୫ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ହେଲେ ମଣ୍ଡି ଆରମ୍ଭ ହେବାର ଏକମାସ ମଧ୍ୟରେ ମାତ୍ର ୧୮୦ ଜଣ ଚାଷୀଙ୍କର ୯ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି। ଏହି ମଣ୍ଡିରୁ ଧାନକ୍ରୟ କରିବାକୁ ୧୨ମିଲରଙ୍କୁ ଟ୍ୟାଗ କରାଯାଇଥିଲେ ବି ମିଲର୍‌ମାନେ ଠିକ୍‌ଭାବେ ଆସୁ ନ ଥିବାରୁ ମଣ୍ଡିରେ ଅଚଳାବସ୍ଥା ଦେଖାଦେଇଛି। ବର୍ତ୍ତମାନ ମଣ୍ଡିରେ ୨୪ ହଜାର ବ୍ୟାଗ ଧାନ ଖୋଲା ଆକାଶ ତଳେ ପଡି ରହିଛି ବି ଚାଷୀଙ୍କ ଦୁଃଖ ବୁଝିବାକୁ କେହିନାହାଁନ୍ତି। ଯେଉଁଥିପାଇଁ ଆଜି ଅସନ୍ତୋଷ ଚାଷୀ ମଣ୍ଡିରେ ଧାରଣାରେ ବସିବା ସହ ନାରାବାଜି କରୁଥିବା ଦେଖିବାକୁ ମିଳିଥିଲା। ଏନେଇ ମଣ୍ଡିରେ ଧାନ ରଖିଥିବା ଚାଷୀ ବିକ୍ରମ ସିଂ ଓ ପୃଥ୍ୱୀରାଜ ସିଂ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଅତି ଶୀଘ୍ର ଧାନ ନ ଉଠିଲେ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି କହିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ହେମଗିର,୪।୧(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅଧୀନ ସେଣ୍ଟର ସ୍କୁଲ ନିକଟରେ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କନିକା ଗ୍ରାମର ଚିନ୍ତାମଣି କାଲୋ (୨୨)। ସୂଚନା ଅନୁସାରେ, ରବିବାର ଚିନ୍ତାମଣି ଗର୍ଜନବାହାଲରୁ କାମ ସାରି ଗାଁକୁ ବାଇକ ଯୋଗେ ଫେରୁଥିବା ବେଳେ ସେଣ୍ଟର ସ୍କୁଲ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଗୁରୁତର ଅବସ୍ଥାରେ ଉଦ୍ଧାର କରି ତାଙ୍କୁ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଉପାନ୍ତ ଗାଁରେ ଦନ୍ତା ଉପଦ୍ରବ

ବଡ଼ଗାଁ,୪।୧(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ୍ ଅଧୀନ ଉପାନ୍ତ ଅଞ୍ଚଳରେ ଏକ ଗୋଠଛଡ଼ା ଦନ୍ତା ହାତୀ ଉପଦ୍ରବ କରିଆସୁଛି। କିଛି ମାସ ବ୍ୟବଧାନ ପରେ ପୁଣି ଉକ୍ତ ହାତୀ ଉପଦ୍ରବ ଆରମ୍ଭ କରିଛି। ହାତୀଟି ବଡ଼ଗାଁ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ବାଦୁଲପାନୀ ଗ୍ରାମରେ ପଶି ଶନିବାର ରାତି ୮ଟା ସମୟରେ ଅନନ୍ଦମାସି ହାଁସଦାଙ୍କ ଘର ଭାଙ୍ଗିଥିଲାବେଳେ ହାତୀବନ୍ଧା ଗ୍ରାମର ଦଏଜନ ବାଙ୍କରାଙ୍କ ଘର ଭାଙ୍ଗି ଚାଉଳ ଖାଇଯାଇଛି। ସନ୍ଧ୍ୟା ହେଲେ ହାତୀ ଗାଁମୁହାଁ ହେଉଥିବାରୁ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ଏହି ଗୋଠ ଛଡ଼ା ଦନ୍ତା ମାସେ ତଳେ ବନଶିକାର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗିଥିଲାବେଳେ ୧୫ ଦିନ ତଳେ ବାମଡେରା ଗ୍ରାମରେ ପଶି ଲୋକଙ୍କ ବାଡ଼ିରୁ ପନିପରିବା ଖାଇ ଓ ଦଳିଚକଟି ନଷ୍ଟ କରି ଦେଇଥିଲା। ଏହି ହାତୀଟି ଲୋକଙ୍କୁ ଗୋଡାଉଥିବା ଓ ଜଙ୍ଗଲ ପାର୍ଶ୍ୱ କେତେକ ଗ୍ରାମରେ ଘର ଓ ଫସଲ ନଷ୍ଟ କରିଥିବା ସ୍ଥାନୀୟ ସରପଞ୍ଚ ଶ୍ୟାମସୁନ୍ଦର ଲାକ୍ରା କହିଛନ୍ତି। ସୂଚନାଯୋଗ୍ୟ, ସବଡେଗାରୁ ବଡ଼ଗାଁ ବ୍ଲକ୍ ମଧ୍ୟରେ ଥିବା ଝାଡ଼ଖଣ୍ଡ ସୀମାନ୍ତ ଗ୍ରାମରେ ଦନ୍ତା ହାତୀଟି ଉପଦ୍ରବ କରିଆସୁଛି। ଲୋକେ ଶନିବାର ଘଉଡ଼ାଇବାରୁ ହାତୀକୁ ଝାଡ଼ଖଣ୍ଡ ପଟକୁ ଯାଇଥିବା ଗ୍ରାମବାସୀ କହିଛନ୍ତି।

# ୫ ଗୋରୁ ବେପାରୀ ଗିରଫ

ସୁନ୍ଦରଗଡ,୪।୧(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ଜିଲା ତଳସରା ଥାନା ଅନ୍ତର୍ଗତ ତୁମୁଲିଆ-ଭଣ୍ଡାରୀ ଶଙ୍କରା ରାସ୍ତାରେ ପୋଲିସ ପାଟ୍ରୋଲିଂ ଗାଡି ଉପରକୁ ପଥର ମାଡ଼ ଘଟଣାରେ ୫ ଗୋରୁ ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରଞ୍ଜିତ ବନଛୁଆ(୨୭), ରୋମାଞ୍ଚ ଆପାଟ(୩୦), କାହ୍ନା ପ୍ରଧାନ(୩୨), ପଅବୀଣ ରାଉତ(୨୪) ଏବଂ ଅଜିତ ବନଛୁଆ(୩୨)। ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଅନ୍ୟମାନେ ଫେରାର ଅଛନ୍ତି। ପୋଲିସ ୮୩ଟି ବଳଦ ଉଦ୍ଧାର କରି ସ୍ଥାନୀୟ ତୁମୁଲିଆ ସରପଞ୍ଚଙ୍କ ଜିମା ଦେଇଛି ବୋଲି ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଏ ନେଇ ତଳସରା ଥାନାରେ ଏକ ମାମଲା (ନଂ.୭/୨୬) ରୁଜୁ ହୋଇଛି।



ଗିରଫ ଅଭିଯୁକ୍ତ।

ସୂଚନା ଅନୁସାରେ, ତଳସରା ଥାନା ଅନ୍ତର୍ଗତ ତୁମୁଲିଆ-ଭଣ୍ଡାରୀ ଶଙ୍କରା ରାସ୍ତାର କୁକୁଡ଼ା ଫାର୍ମ ନିକଟରେ ଗତ ଶନିବାର ରାତିରେ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଉକ୍ତ ରାସ୍ତା ଦେଇ ବହୁ ସଂଖ୍ୟକ ଗୋରୁଚାଲାଣ ହେଉଥିବା ପୋଲିସ ଟିମ୍ ଦେଖିବାକୁ ପାଇଥିଲା। ଗୋରୁଙ୍କୁ ନେଇଯାଉଥିବା ବ୍ୟବସାୟୀମାନଙ୍କୁ ପୋଲିସ ଅଟକାଇ ପଚରାଉଚରା କରିବା ବେଳେ ହଠାତ୍ ପୋଲିସ ଟିମ୍ ଉପରକୁ ପଥରମାଡ ହୋଇଥିଲା। ଏତାପରେ ଘଟଣାସ୍ଥଳରେ ଗୋଚାଲାଣକାରୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ତଳସରା ଥାନାରୁ ସ୍ୱତନ୍ତ୍ର ଫୋର୍ସ ସେଠାରେ ପହଞ୍ଚି ୫ ଗୋରୁଚାଲାଣକାରୀଙ୍କୁ ଗିରଫ କରିଥିଲେ। ଅପରପକ୍ଷେ ତଳସରା ଥାନା ଅଞ୍ଚଳରେ କିଛି ଗୋରୁବେପାରୀ ସାଧାରଣ ଲୋକଙ୍କ ସହାୟତାରେ ବେଆଇନ ଗୋରୁଚାଲାଣ କରୁଥିବା ଅଭିଯୋଗ ହୋଇଆସୁଛି। ଏ ଦିଗରେ ପୋଲିସ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ଗୋ ସୁରକ୍ଷା ସଗଠନ ପକ୍ଷରୁ ଦାବି କରାଯାଇଛି।

### ପୋଲିସ ପାଟ୍ରୋଲିଂ ଟିମ୍‌କୁ ପଥର ମାଡ଼ ଘଟଣା

# ବୃତ୍ତି ପରୀକ୍ଷାରେ ସଫଳତା



ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ସୁନ୍ଦରଗଡ଼, ୪।୧ (ଜୟ ନାରାୟଣ ମେଣ୍ଟୁଲି)

ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସୁନ୍ଦରଗଡ଼ ଜିଲା ମାଳିଡିହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରି ସବଡେଗା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ବ୍ଲକସ୍ତରରେ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବୈଷ୍ଣବ ସିଂ ଦ୍ୱିତୀୟ ଓ ଛବିନା ନେଗୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବେବି ନାଏକ ତୃତୀୟ ଓ ପୁନମ ନାଏକ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ କମିଟି, ପ୍ରଧାନ ଶିକ୍ଷକ ସୁଶୀଲ କୁମାର ନାଏକ ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଛାତ୍ରୀଛାତ୍ର ଏବଂ ତାଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉଲ୍ଲେଖନୀୟ, ଏହି ବିଦ୍ୟାଳୟରୁ ପ୍ରତିବର୍ଷ ତୃତୀୟ ଓ ପଞ୍ଚମ ଶ୍ରେଣୀରୁ ଦୁଇଜଣ ଲେଖାଏଁ ଛାତ୍ରୀ ଛାତ୍ର ବୃତ୍ତି ହାସଲ କରିଆସୁଥିବା ପରମ୍ପରା ରହିଛି।

# ପୁଷ୍‌ପୁନି ଭେଟ୍‌ଘାଟ୍ ପାଳିତ



ପୁଷପୁନି ଭେଟ୍‌ଘାଟରେ ଉପସ୍ଥିତ ଅତିଥିବୃନ୍ଦ।

ସୁନ୍ଦରଗଡ,୪।୧(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ସୁର୍ ଅନୁଷ୍ଠାନ ପକ୍ଷରୁ ଶନିବାର ସନ୍ଧ୍ୟାରେ ପଶ୍ଚିମ ଓଡ଼ିଶାର ଅନ୍ୟତମ କୃଷିଭିତ୍ତିକ ପର୍ବ ପୁଷ୍‌ପୁନି ଭେଟ୍‌ଘାଟ୍ ପାଳିତ ହୋଇଯାଇଛି। ସୁନାରୀପଡାସ୍ଥିତ ଶ୍ରୀଭାଗବତ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟ ଅତିଥି, ପୂର୍ବତନ ବିଧାୟିକା କୁସୁମ ଟେଟେ, ପୌରାଧ୍ୟକ୍ଷା ତନୟା ମିଶ୍ର, ପୌର ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡା, ଦେବେନ ଅମାତ, ଶିବଶଙ୍କର ଭିଡ୍ରିଆ, ଡକ୍ଟର ଚିରବ୍ରତ ଦତ୍ତ, ବିଶ୍ୱରଞ୍ଜନ ହୋତା, ସଚିନ୍ଦ୍ର ବିଶ୍ୱକର୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସୁର୍ ଅନୁଷ୍ଠାନର ସଭାପତି ଚୈତାଳୀ ଦତ୍ତଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ପାଦକ ଭୂପେନ୍ ଅମାତ ବିବରଣୀ ପାଠ ଉପଦେଷ୍ଟା ସମୀର କର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ବିଧାୟିକା ଟେଟେଙ୍କ ସାଦ୍ରିଓ ସମ୍ବଲପୁରୀ ଭାଷାରେ ପୁଷ୍‌ପୁନି ଗୀତ ଓ ନାଚ କାର୍ଯ୍ୟକ୍ରମର ଆକର୍ଷଣ ଥିଲା। କଣ୍ଠଶିଳ୍ପୀ ଜୟଦେବ ତନ୍ତୀ, ଯୋଗମାୟା ମିଶ୍ର, ସୂରଜ ପଟେଲ, ମିତ୍ରଭାନୁ ଚିତା, ପୁଷ୍ପିତା ବରେଇ, ମଞ୍ଜୁ ପୃଷ୍ଟି, ମନୋଜ ସାହୁ ପ୍ରମୁଖ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ଏହି ଅବସରରେ ପାରମ୍ପରିକ ଛେର୍‌ଛେରା ମଗାଯାଇ ପୁଷ୍‌ପୁନି ପରମ୍ପରାକୁ ଉଜ୍ଜୀବିତ କରାଯାଇଥିଲା। ଏଥିସହିତ ଅନୁଷ୍ଠାନ ପକ୍ଷରୁ ସମସ୍ତଙ୍କୁ ପାରମ୍ପରିକ ପିଠାପଣା ପରଶାଯାଇଥିଲା। ଅନୁଷ୍ଠାନର ଅଭିନବ କର, ଇଜି ଶୁକ୍ଳାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଆଞ୍ଜେଲା କୁଜୁରଙ୍କ ପରଲୋକ

ବାଲିଶଙ୍କରା,୪।୧(ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକ ସଉନାମରା ପଞ୍ଚାୟତ ଆମ୍ବପଡ଼ାର ସ୍ୱର୍ଗୀୟ ଖ୍ରୀଷ୍ଟ ତୋଫର କୁଜୁରଙ୍କ ସ୍ତ୍ରୀ ସମାଜସେବୀ ଆଞ୍ଜେଲା କୁଜୁରଙ୍କ ହୃଦ୍‌ଘାତରେ ରବିବାର ପରଲୋକ ହୋଇଛି। ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସେ ତାଙ୍କ ଝିଅ ଅନୁପମା କୁଜୁର ଓ ଜ୍ୱାଇଁ ଅନିଲ କୁମାର ଏକ୍କାଙ୍କ ବାସଭବନ ସୁନ୍ଦରଗଡ଼ରେ ଥିବାବେଳେ ହଠାତ ତାଙ୍କୁ ହୃଦ୍‌ଘାତ ହୋଇଥିଲା। ତାଙ୍କ ମରଶରୀର ସଉନାମରା ଗ୍ରାମରେ ଧର୍ମୀୟ ରୀତିନୀତିରେ ସଂସ୍କାର କରାଯାଇଥିଲା। ସ୍ୱର୍ଗୀୟ ଖ୍ରୀଷ୍ଟ ତୋଫାର କୁଜୁରଙ୍କ ବଡ ଭାଇ ଫ୍ରାନ୍‌ସିସ କୁଜୁର, ସାନ ଭାଇ ଚନ୍ଦ୍ର ପ୍ରସାଦ କୁଜୁରଙ୍କ ସ୍ତ୍ରୀ ସୁଫିଆ କୁଜୁର, ବଡ ପୁଅ ବିନୟ କୁଜୁରଙ୍କ ସ୍ତ୍ରୀ ବିନ୍ତି କୁଜୁର, ସାନପୁଅ ବିକାଶ କୁଜୁରଙ୍କ ସ୍ତ୍ରୀ ମାର୍ଥା କୁଜୁର, ଝିଅ ଅନୁପମା କୁଜୁର, ଜ୍ୱାଇଁ ଅନିଲ କୁମାର ଏକ୍କାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଡିଜେଲ ଚୋରି ଅଭିଯୋଗ, ୨ ଗିରଫ





ସଦର ଥାନାରେ ଗିରଫ ଦୁଇ ଅଭିଯୁକ୍ତ।

ସୁନ୍ଦରଗଡ,୪।୧ (ଜୟ ନାରାୟଣ ମେଣ୍ଟୁଲି)

ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେରେ ଛିଡା ହୋଇଥିବା ଟ୍ରକ, ଟ୍ରେଲରରୁ ଡିଜେଲ କରୁଥିବା ଅଭିଯୋଗରେ ସୁନ୍ଦରଗଡ ସଦର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଝାରସୁଗୁଡା ଜିଲା ବ୍ରଜରାଜନଗର ୱାର୍ଡ ନଂ.୯ର ଭୋନ୍ଦୁ ଚୌହାନ ଓ ଓରିଏଣ୍ଟ ଗାନ୍ଧୀ ଛକର ବିଶ୍ୱଜିତ ନାଏକ। ଉଭୟଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ପୋଲିସ ଉଭୟଙ୍କ ନିକଟରୁ ୪୦ଲିଟର ଡିଜେଲ, ଏକ ଟାଟା ସଫାରୀ ଗାଡ଼ି (ସିଜି୦୪ଟିଏ/୫୪୦୦), ମୋବାଇଲ ଫୋନ ଓ ଛୁରି ଜବତ କରିଛି। ଏ ନେଇ ସଦର ଥାନାରେ ଏକ ମାମଲା (ନଂ.୪/୨୬) ରୁଜୁ କରିଛି।

### ଆଜବେଷ୍ଟସ ଭାଙ୍ଗି ଚୋରି, ଅଳଙ୍କାର ଛିନ୍‌ତାଇ ମାମଲା

# ମହିଳା କ୍ରେତାଙ୍କ ସମେତ ୫ ଗିରଫ

ରାଉରକେଲା,୪।୧(ସଙ୍ଗୀତା ଜେନା)

ଗତ ସେପ୍ଟମ୍ବର ୧୦ ତାରିଖ ସନ୍ଧ୍ୟାରେ ରାଉରକେଲା ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୮ ଅଞ୍ଚଳର ଜଣଙ୍କ ଘର ଆଜବେଷ୍ଟସ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଚୋରି ହୋଇଥିଲା। ଏହି ଘଟଣାରେ ରାଉରକେଲା ପୋଲିସ ୨ ମହିଳା କ୍ରେତାଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସେକ୍ଟର-୧୫ ମଲ୍ଲିକ ବସ୍ତିର ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ(୨୩) ଓ ଚୋରି ସୁନା କିଣିଥିବା ୨ମହିଳା। ପୋଲିସ ଏକ ମାମଲା (ନଂ.୨୦୭/୨୫) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ରବିବାର ମଧ୍ୟାହ୍ନ ୧୨ଟାରେ ସେକ୍ଟର-୭ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ପ୍ରଦାନ କରାଯାଇଛି। ଅଭିଯୁକ୍ତ ପୂର୍ଣ୍ଣଙ୍କ ବିରୋଧରେ ସେକ୍ଟର-୭, ସେକ୍ଟର-୧୯ ଓ ସେକ୍ଟର-୧୫ ଥାନାରେ ୧୪ଟି ଆପରାଧିକ ମାମଲା ରହିଛି। ଖବରଦାତା ସମ୍ମିଳନୀରେ ଡିଏସ୍‌ପି ଯୋଗେଶ ପଣ୍ଡା ସୂଚନା ପ୍ରଦାନ କରି କହିଲେ, ଅଭିଯୋଗକାରୀ ରତ୍ନାକର କିଷାନ (୫୩) ଘଟଣାଦିନ ପତ୍ନୀଙ୍କ ସହ ଆମ୍ବାଗାନ ମାର୍କେଟ ଯାଇଥିଲେ। ଅଭିଯୁକ୍ତ ଘରର ଆଜବେଷ୍ଟସ ଭାଙ୍ଗି ଅଳଙ୍କାର ଓ ଟଙ୍କା ଚୋରି କରିନେଇଥିଲେ। ତଦନ୍ତ ବେଳେ ଅଭିଯୁକ୍ତଙ୍କଠାରୁ ୨ଟି ଘଡି, ମୋବାଇଲ, ୧ହଳ କାନଫୁଲ, ୧ଲକ୍ଷ ୫ ହଜାର ନଗଦ ରାଶି, ୨ଟି ମୁଦି, ଗୋଟିଏ ହାର ଓ ଅନ୍ୟ ଗହଣା ଜବତ ହୋଇଥିଲା ବୋଲି ଡିଏସ୍‌ପି ପଣ୍ଡା କହିଥିଲେ।

ଅନୁରୂପ ଭାବେ ଗତ ଡିସେମ୍ବର ୩୧ ତାରିଖ ଅପରାହ୍ନ ୧ଟା ୪୦ରେ ଅଭିଯୋଗକାରିଣୀ କୋଏଲନଗର ନିବାସୀ ପୂଜା ରୱାନୀ(୨୦) ବ୍ୟାଙ୍କରୁ ଟଙ୍କା ଉଠାଇ ଘରକୁ ଯାଉଥିବା ବେଳେ ୨ ଜଣ ଦୁର୍ବୃତ୍ତ ତାଙ୍କଠାରୁ ବ୍ୟାଗ୍ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୪/୨୬) ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଦ୍ୱୟ ହେଲେ ସେକ୍ଟର-୧୬ ଜଗନ୍ନାଥପାଲୀର ଅଭିଷେକ ନାଗ(୨୨) ଓ ସେକ୍ଟର-୬ ଗୁଣ୍ଡିଚାମନ୍ଦିର ପଛପଟେ ରହୁଥିବା ସୁବ୍ରତ ସ୍ୱାଇଁ(୨୨)। ସେମାନଙ୍କ ନିକଟରୁ ନଗଦ ୨୬୮୦ ଟଙ୍କା, ୨ଟି ବ୍ୟାଗ ଏବଂ ଅଭିଯୋଗକାରୀଙ୍କ ଜରୁରୀ କାଗଜପତ୍ର ଜବତ ହୋଇଛି। ଏ ନେଇ ସେକ୍ଟର-୧୯ ଥାନା ପରିସରରେ ଅପରାହ୍ନ ୧ଟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏସ୍‌ପି ଯୋଗେଶ ପଣ୍ଡା ସୂଚନା ଦେଇଥିଲେ। ସେକ୍ଟର-୧୯ ଥାନା ଅଧିକାରୀ ବୈଦ୍ୟନାଥ ସାହୁ ଓ ଝିରପାଣି ଥାନାଧିକାରୀ ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

### ୩୮ତମ ଲୋକନାଟକ ମହୋତ୍ସବ ଉଦ୍‌ଘାଟିତ

# ନାଟକ 'କମ୍ପାନୀ ସରକାର' ମଞ୍ଚସ୍ଥ



ପରିବେଷିତ ନାଟକର ଏକ ଦୃଶ୍ୟ।

ରାଉରକେଲା,୪।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସିଭିକ୍ ସେଣ୍ଟରରେ କଲଚରାଲ୍ ଏକାଡେମୀ, ରାଉରକେଲା ଆୟୋଜିତ ୩୮ତମ ଲୋକନାଟକ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପଶୁପତିନାଥ ଚାଟାର୍ଜିଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ କାଶୀନାଥ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିପିୟୁଟି ଉପକୁଳପତି ପ୍ରଫେସର ଅମୀୟ କୁମାର ରଥ ମୁଖ୍ୟଅତିଥି ଏବଂ ବରିଷ୍ଠ ନାଟ୍ୟକାର ପ୍ରଫୁଲ୍ଲ କୁମାର ସାମଲ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ଶ୍ରୀକାନ୍ତ ମହାନ୍ତି ମାନପତ୍ର ପାଠ କରିଥିଲେ। ପରେ ଉତ୍କଳ ସାଂସ୍କୃତିକ ଶିଳ୍ପୀ ଅନୁଷ୍ଠାନର କଳାକାରମାନେ ଲୋଚନ ପାତ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'କମ୍ପାନୀ ସରକାର' ମଞ୍ଚସ୍ଥ କରିଥିଲେ। ନାଟକର କଥାବସ୍ତୁ ହୀରାକୁଦ ଜଳଭଣ୍ଡାର ମଧ୍ୟରେ ଥିବା ଗୋରୁଦ୍ୱୀପ ବା 'କ୍ୟାଟଲ ଆୟରଲ୍ୟାଣ୍ଡ'ରୁ ମହାନଦୀ ଶଯ୍ୟାର ତଳମୁଣ୍ଡ ପର୍ଯ୍ୟନ୍ତ ଜନଜୀବନ ତଥା ଜୈବମଣ୍ଡଳକୁ ପ୍ରଭାବିତ କରୁଥିବା କଥା ଏବଂ ତାରି ଆଧାରରେ ଆମ ଦେଶବାସୀଙ୍କ ପାଇଁ ସାମ୍ପ୍ରତିକ ପରିସ୍ଥିତିରେ ସାମାଜିକ ଓ ଅର୍ଥନୈତିକ ଆଶଙ୍କାର ସାଙ୍କେତିକ ବାର୍ତ୍ତା ବହନ କରିଥିଲା। ଶେଷରେ କୃପାସିନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ହକି ପ୍ରତିଯୋଗିତା: ତଳସରା ଚାମ୍ପିୟନ

ବାଲିଶଙ୍କରା,୪।୧(ହୃଦାନନ୍ଦ ବାରିକ)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ରାମପୁର ପଞ୍ଚାୟତର ନିମଡ଼ିହି ରାମ ରାଜ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୯ତମ ହକି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୂର୍ବତନ ରାମପୁର ସମିତି ସଭ୍ୟ ରୋଶନ ଦିବାକର ଏକ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳିବା ଦ୍ୱାରା ସୁସ୍ଥ ଶରୀର ଗଠନ ହେବା ସହ ପରସ୍ପର ଖେଳାଳିଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇଥାଏ ବୋଲି ମତ ଦେଇଥିଲେ। ଜଗନ୍ନାଥ ଶେଖର ଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ମୋଟ୍ ୩୨ଟି ହକି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ତଳସରା ଓ ଦେଓଗାଁ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୨-୧ ଗୋଲରେ ତଳସରା ଚାମ୍ପିୟନ ହୋଇଥିଲା। ଅତିଥିମାନେ ଚାମ୍ପିୟନ ତଳସରା ଦଳକୁ ଖାସି ଓ ଟ୍ରଫି ଏବଂ ରନର୍ସ ଦେଓଗାଁ ଦଳକୁ ଖାସି ଓ ଟ୍ରଫି ପ୍ରଦାନ କରିଥିଲେ। ଯୋଶନ ଖାଲଖୋ, ଅଜୟ ତିର୍କି, ନିଲାମ ଖାଖା ଖେଳ ପରିଚାଳନା କରିଥିଲେ। କ୍ଲବର ସଦାନନ୍ଦ ଖାଖା, ରାଜେଶ ମିଞ୍ଜ, ଅମିତ ମିଞ୍ଜ ପ୍ରମୁଖ ସହଯୋଗ କରିଥିଲେ।



ଫାଇନାଲ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳି।

# ଓଡ଼ିଶା ବାଳିକା ଦଳକୁ ବ୍ରୋଞ୍ଜ ପଦକ

### ଜାତୀୟ ସିପକଟାକ୍ରୋ ପ୍ରତିଯୋଗିତା

ସୁନ୍ଦରଗଡ,୪।୧(ଜୟ ନାରାୟଣ ମେଣ୍ଟୁଲି)

ପଞ୍ଜାବର ଲଭଲି ପ୍ରଫେଶନାଲ ବିଶ୍ୱବିଦ୍ୟାଳୟରେ ୨୯ତମ କନିଷ୍ଠ ଜାତୀୟସ୍ତରୀୟ ସିପକଟାକ୍ରୋ ପ୍ରତିଯୋଗିତା ଜାନୁୟାରୀ ୧ରୁ ଆରମ୍ଭ ହୋଇଛି। ଓଡ଼ିଶା ଦଳରେ ସୁନ୍ଦରଗଡ଼ର ୭ ଜଣ ଖେଳାଳି ବାଳିକା ବାଳକ ବିଭାଗରେ ସାମିଲ ହୋଇଛନ୍ତି। ଉକ୍ତ ପ୍ରତିଯୋଗିତାରେ ୨୯ଟି ରାଜ୍ୟରୁ ବାଳିକା ବାଳକ ଖେଳାଳି, କୋଚ୍, ମ୍ୟାନେଜର, ରେଫରି, ଟେକ୍ନିକାଲ ଅଫିସର ଓ ଫେଡେରେଶନର ସଭ୍ୟଙ୍କ ସମେତ ପ୍ରାୟ ୭୦୦ ଜଣ ଭାଗ ନେଇଛନ୍ତି। କ୍ୱାଡ୍ ଖେଳରେ ଓଡ଼ିଶାର ବାଳିକା ବିଭାଗର ଖେଳାଳି ୮ଟି ରାଜ୍ୟର ଖେଳାଳିଙ୍କୁ ପରାଜିତ କରି ରବିବାର ସେମି ଫାଇନାଲରେ ନାଗାଲାଣ୍ଡଠାରୁ ପରାଜିତ ହୋଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବାଳିକା ବିଭାଗରେ ଓଡ଼ିଶା କୋଚ୍ ଦାୟିତ୍ୱରେ ସୁନ୍ଦରଗଡ଼ର ଲିପ୍ସା ଷଡଙ୍ଗୀ ଓ କଟକର ସ୍ମରଣିକା ଦାସ ଦାୟିତ୍ୱ ନେଇଛନ୍ତି। ପ୍ରତିଯୋଗିତା ପୂର୍ବରୁ ଓଡ଼ିଶା ଦଳ ସୁନ୍ଦରଗଡ଼ର ଯୋଗୀମାଲ ଗ୍ରାମପଞ୍ଚାୟତ ନିକଟସ୍ଥ ତେନ୍ତୁଳିଡିପା ହନୁମାନ ମନ୍ଦିର ପ୍ରାଙ୍ଗଣରେ ୨୦ ଦିନ ତାଲିମ ନେଇଥିଲେ। ଓଡ଼ିଶା ଟିମ୍‌ର ମ୍ୟାନେଜର ଭାବେ ସୁଶାନ୍ତ କୁମାର ଷଡ଼ଙ୍ଗୀ ଦାୟିତ୍ୱ ନେଇଛନ୍ତି। ସମସ୍ତ ଖେଳାଳିଙ୍କୁ ଓଡ଼ିଶା ରାଜ୍ୟ ସିପକ୍‌ଟାକ୍ରୋ ସଂଘ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁ, ଉପ ସଭାପତି ପ୍ରଭାସ ଶୁଭଦର୍ଶନ ମହାନ୍ତି ଓ ସଞ୍ଜୟ ନାଏକ, ସୁନ୍ଦରଗଡ଼ ଜିଲା ସିପକ୍‌ଟାକ୍ରୋ ସଂଘ ଏବଂ ଯୋଗୀମାଲ ଜନସେବା ସମିତିର ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।



ଅତିଥିମାନଙ୍କ ସହିତ ବ୍ରୋଞ୍ଜ ପଦକ ହାସଲ କରିଥିବା ଖେଳାଳି।

# ଲୋକକଳାର ଝଙ୍କାରରେ ପ୍ରକମ୍ପିତ ଚତୁର୍ଥ ସନ୍ଧ୍ୟା

ଜିଲା ମହୋତ୍ସବ ଦୁଲଦୁଲି

ଝାରସୁଗୁଡ଼ା,୪।୧(ଆଶିଷ ରଞ୍ଜନ ଦାଶ)

ସ୍ଥାନୀୟ ବିଟିଏମ ସ୍କୁଲ ପଡ଼ିଆଠାରେ ଆୟୋଜିତ ଝାରସୁଗୁଡ଼ା ଜିଲା ସାଂସ୍କୃତିକ ମହୋତ୍ସବ ଦୁଲଦୁଲି-୨୦୨୬ର ଚତୁର୍ଥ ସନ୍ଧ୍ୟା ଏକ ଭବ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଶତାଧିକ କଳାକାରଙ୍କ କଳା ନୈପୁଣ୍ୟ ଏବଂ ବିଶିଷ୍ଟ ଅତିଥିମାନଙ୍କ ଗାରିମାମୟ ଉପସ୍ଥିତି ଏହି ସନ୍ଧ୍ୟାକୁ ସ୍ମରଣୀୟ କରିଥିଲା।

ଏହି ସାଂସ୍କୃତିକ ସଭାରେ ଏନ.ଏଲ.ସି ଇଣ୍ଡିଆ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ପ୍ରକଳ୍ପ ମୁଖ୍ୟ ସନ୍ତୋଷ ସିଏସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଝାରସୁଗୁଡ଼ା ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ବ୍ଲକ ଅଧ୍ୟକ୍ଷା ଚିତ୍ରେଶୀ ପଟେଲ, ଓ.ପି.ଜି.ସି ବନହରପାଲିର ନିର୍ଦ୍ଦେଶକ ଏ.ଆର ଦାସ ଏବଂ ପୁନର୍ବାସ ଓ ଥଇଥାନ ପ୍ରକଳ୍ପ ନିର୍ଦ୍ଦେଶକ ଲଳିତ ସୋରେନ ଯୋଗଦେଇଥିଲେ। ଶେଷରେ ଦୁଲଦୁଲି କମିଟିର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ସେନାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଚତୁର୍ଥ ସନ୍ଧ୍ୟାର ପ୍ରାରମ୍ଭରେ ହିର୍ମାର 'ମା' ପରୁହାଣ ଦେବୀ ଲୋକନାଟ୍ୟ' ଦଳ ଓ କିର୍ମିରା ଦେଓପାନର ବିଣାପାଣି କର୍ମା ନାଚ' ଦଳ ପକ୍ଷରୁ ପାରମ୍ପରିକ ଲୋକନୃତ୍ୟ ପରିବେଷିତ ହୋଇଥିଲା। ଏହାପରେ ଜଗତସିଂହପୁରର ମା ଶାରଳା ଘଟ ନୃତ୍ୟ, ରାଜସ୍ଥାନର ପ୍ରସିଦ୍ଧ ଭବାଇ ଓ ଚାରି ନୃତ୍ୟ ଏବଂ ଜାମ୍ମୁର ପାରମ୍ପରିକ କୁଦ ନୃତ୍ୟ ଦର୍ଶକଙ୍କୁ ବିଭିନ୍ନ ପ୍ରାନ୍ତର ସଂସ୍କୃତି ସହ ପରିଚିତ କରାଇଥିଲା। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା ସୁବର୍ଣ୍ଣପୁରର 'ନଟରାଜ କଳା ପରିଷଦ'ର ସମ୍ବଲପୁରୀ ଲୋକନୃତ୍ୟ ଏବଂ ଆସାମର ବିଶିଷ୍ଟ କଳାକାର କାକୋଲି ହଜାରିକାଙ୍କ ଦ୍ୱାରା ପରିବେଷିତ ବିହୁ ନୃତ୍ୟ। ଏଥିସହ ଓଡ଼ିଆ କଳା ଜଗତର ପ୍ରଜ୍ଞା ଖଟୁଆ ଓ ଶଙ୍କରଙ୍କ ହାସ୍ୟରସାତ୍ମକ କାର୍ଯ୍ୟକ୍ରମ ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଏହି ଅବସରରେ ଆରଟିଓ ଆଇଇସି ପକ୍ଷରୁ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷିତ ହୋଇଥିଲା।

ଦୁଲଦୁଲି ମଞ୍ଚରେ କଳାକାରଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରାଯାଉଛି।



## ଦୁଲଦୁଲି ମଞ୍ଚରେ ସମ୍ବଲପୁରୀ ଫ୍ୟୁଜନ ଲହରମନିର ପ୍ରଦର୍ଶନ



ସମ୍ବଲପୁରୀ ପୋଷାକ ପରିଧାନ କରି ପ୍ରଦର୍ଶନ କରୁଛନ୍ତି।

ଝାରସୁଗୁଡ଼ା,୪।୧(ଆଶିଷ ରଞ୍ଜନ ଦାଶ)

ଲୋକକଳାର ପ୍ରସିଦ୍ଧ ଦୁଲଦୁଲି ମଞ୍ଚର ତୃତୀୟ ଦିବସରେ ଓଡ଼ିଶାର ଐତିହ୍ୟବାହୀ ସମ୍ବଲପୁରୀ ହସ୍ତତନ୍ତ କଳାର ଏକ ଗୌରବମୟ ଝଲକ ଦେଖିବାକୁ ମିଳିଛି। ଚତୁର୍ଥ ଥର ପାଇଁ ଆୟୋଜିତ ଏହି ସ୍ୱତନ୍ତ୍ର ସମ୍ବଲପୁରୀ ମିଶ୍ରିତ ପୋଷାକ ପ୍ରଦର୍ଶନୀ ଲହରମନି ସମ୍ବଲପୁରୀ ଫ୍ୟୁଜନ ମାଧ୍ୟମରେ ପାରମ୍ପରିକ ବସ୍ତ୍ରକୁ ଏକ ଆଧୁନିକ ତଥା ରୁଚିପୂର୍ଣ୍ଣ ରୂପରେ ଉପସ୍ଥାପନ କରାଯାଇଛି। ଆଲୋକ ଚନ୍ଦ୍ର ପାଣିଗ୍ରାହୀଙ୍କ ସଂଯୋଜନାରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପୋଷାକ ଡିଜାଇନର୍ ଗୁଞ୍ଜୀ ସାହୁଙ୍କ ସୃଜନଶୀଳ ପରିକଳ୍ପନା ଏକ ମୁଖ୍ୟ ଆକର୍ଷଣ ସାଜିଥିଲା। ଏହି ମଞ୍ଚରେ ସମ୍ବଲପୁରୀ ଫ୍ୟୁଜନ ପୋଷାକରେ ପ୍ରଦର୍ଶନ କରି ହସ୍ତତନ୍ତର ବୈଶିଷ୍ଟ୍ୟକୁ ଲୋକଲୋଚନକୁ ଆଣିଥିଲେ।

**ହସ୍ତତନ୍ତ କଳାର ପ୍ରଚାର ପାଇଁ ଏକ ଅନନ୍ୟ ପ୍ରୟାସ**

ପାରମ୍ପରିକ ସମ୍ବଲପୁରୀ ଶାଢ଼ୀରୁ ଆରମ୍ଭ କରି ଆଧୁନିକ ଗାଉନ ଏବଂ ଫ୍ୟୁଜନ ପୋଷାକ ପର୍ଯ୍ୟନ୍ତ ସବୁକିଛି ଏହି 'ଲହରମନ' କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିଲା। ଏହି ଲହରୀମନି କାର୍ଯ୍ୟକ୍ରମ କେବଳ ପାରମ୍ପରିକ କଳାର ସଂରକ୍ଷଣ କରୁନାହିଁ, ବରଂ ସ୍ଥାନୀୟ ବୁଣାକାର ଓ କାରିଗରମାନଙ୍କୁ ଆନ୍ତର୍ଜାତୀୟ ବଜାରରେ ଏକ ସ୍ୱତନ୍ତ୍ର ପରିଚୟ ଦେବାରେ ସହାୟକ ହେଉଛି। ପାରମ୍ପରିକ ବେଶଭୂଷାକୁ ଏଭଳି ଅଭିନବ ଢଙ୍ଗରେ ଉପସ୍ଥାପନ କରି ଦୁଲଦୁଲି ମଞ୍ଚ ଓଡ଼ିଆ ଅସ୍ମିତା ଓ ହସ୍ତତନ୍ତର ପ୍ରଚାର ପ୍ରସାରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି।

# ଗୋହତ୍ୟା, ଗୋଚାଲାଣ ଅଭିଯୋଗରେ ୫ଗିରଫ

ଜମନକିରା,୪।୧(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡପାଲି ଫାଣ୍ଡି କଦଳିପାଳ ନିକଟ ଗୋଟିଏ ସ୍ଥାନରେ ଗୋହତ୍ୟା ଏବଂ ଅନ୍ୟ ଏକ ସ୍ଥାନରେ ଗୋଚାଲାଣ ଅଭିଯୋଗରେ ରବିବାର ପୋଲିସ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏନେଇ ଜମନକିରା ଥାନାରେ ୨ ଟି ପୃଥକ ମାମଲା ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରେସବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ଗୋହତ୍ୟା ଅଭିଯୋଗରେ ବିରିଗୁଡ଼ାର ଅଜୟ ଟପୋ, ଅସୁରଖୋଲର ଫୁଲକୁମାର ଯୋଜୋ ଏବଂ ବାରିହୁଡ଼ାର ସିଲ୍ଭରଷ୍ଟାର ସୋରେନଙ୍କୁ ଗିରଫ କରାଯାଇଥିବାବେଳେ ଏଥିରେ ସମ୍ପୃକ୍ତ ଥିବା ଚମ୍ପୁ ମାଝୀ ଫେରାର ଅଛନ୍ତି। ସେହିପରି ଗୋଚାଲାଣ ଅଭିଯୋଗରେ ଦେବଗଡ଼ ଜିଲା ଗୋରୁଡୁଖମନର ପରମା ଉଦାବର ଏବଂ ଦେବଗଡ଼ ଜିଲା ରେଙ୍ଗାଲବେଡାର ହରିହର ସାହୁଙ୍କୁ ଗିରଫ କରାଯାଇଥିବା ବେଳେ ସଞ୍ଜୟ କୁଲୁ ଫେରାର ଅଛନ୍ତି।

ପୋଲିସ ସୂଚନା ଅନୁଯାଇ, ଶନିବାର ରାତି ପ୍ରାୟ ୮ଟାରେ ଗୌଡପାଲି ଫାଣ୍ଡି ଅନ୍ତର୍ଗତ ବନମାଳ ଗାଁର ଜଣେ ବ୍ୟକ୍ତି ଗାଁକୁ ଫେରୁଥିବା ବେଳେ ବିରିଗୁଡ଼ା ଗାଁ ପାଖ ଜଙ୍ଗଲରେ ୩ ଜଣ ଗୋହତ୍ୟା କରି ମାଂସ କରୁଥିବା ଜାଣି ଗାଁ ଲୋକଙ୍କୁ କହିଥିଲେ। ଗାଁ ଲୋକେ ସେଠାରେ ପହଞ୍ଚି ୩ଣଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ୩ ଜଣଙ୍କୁ ଗିରଫ କରିବା ସହ ଗୋହତ୍ୟାରେ ବ୍ୟବହୃତ ଟାଙ୍ଗିଆ, କତୁରୀ, ଛୁରି, ପନଖି ସହ ଗୋ ମାଂସ ଜବତ କରିଥିଲା। ସେହିପରି ରବିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ନିକଟସ୍ଥ ଏକ ଧାର୍ମିକସ୍ଥଳ ପାଖରେ ଏକ ମହିନ୍ଦ୍ରା ମାକ୍ସୋରେ ୪ଟି ଗାଈ ଲଦା ହୋଇଥିବା ଖବର ପାଇ ପୋଲିସ ପହଞ୍ଚି ପରମା ଓ ହରିହରଙ୍କୁ ଆବଶ୍ୟକ କାଗଜ ପତ୍ର ମାଗିଥିଲେ। କିନ୍ତୁ ସେମାନେ ତାହା ଦେଖାଇ ପାରି ନଥିଲେ। ପୋଲିସ ଉଭୟଙ୍କୁ ଗିରଫ କରିବା ସହ ବ୍ୟବହୃତ ଗାଡ଼ି ଜବତ କରିଥିଲା। ଉଦ୍ଧାର ୪ ଗାଈକୁ ଚିପିଲିମା ଗୋଶାଳାରେ ଛାଡି ଦିଆଯାଇଥିବା ପୋଲିସ କହିଛି।



ପୋଲିସ ଦ୍ୱାରା ଗିରଫ ୫ ଅଭିଯୁକ୍ତ।

**ସଂକ୍ଷେପରେ**

## ଉତ୍ସବ ପ୍ରଧାନପାଟ ପାଇଁ ପ୍ରଚାର ପ୍ରସାର ସବ୍‌କମିଟି ବୈଠକ

ଦେବଗଡ଼,୪।୧(ଶଶାଙ୍କ ଶେଖର ଝାଙ୍କର)

ଉତ୍ସବ ପ୍ରଧାନପାଟ-୨୦୨୬ ପାଇଁ ପ୍ରଚାର ପ୍ରସାର ସବ୍‌କମିଟି ବୈଠକ ରବିବାର ଜିଲା ସୂଚନା ଓ ଲୋକ ସମ୍ପର୍କ ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ଉତ୍ସବ ପ୍ରଧାନପାଟର ପ୍ରଚାର ପ୍ରସାର ପାଇଁ ବଜେଟ୍ ପ୍ରସ୍ତୁତ କରାଯିବା ସହ ଉତ୍ସବରେ ସଚେତନତା ସୃଷ୍ଟି ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ପ୍ରଚାର ପ୍ରସାର ସବ୍‌କମିଟିର ପ୍ରଫୁଲ୍ଲ କୁମାର ନାୟକ, ସଦସ୍ୟ ସିଦ୍ଧାର୍ଥ ଗୁରୁ, ଶଶାଙ୍କ ଶେଖର ଝାଙ୍କର, ଗିକେଶ୍ୱର ଗୁରୁ, ଶକ୍ତି ସୌରଭ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟରୁ ଚୋରି ଅଭିଯୋଗରେ ଅଭିଯୁକ୍ତ ଗିରଫ



ଗିରଫ ଅଭିଯୁକ୍ତ ସହ ଜବତ ସାମଗ୍ରୀ।

ଲଖନପୁର,୪।୧(ଗୌତମ ସାହୁ)

ଲଖନପୁର ଥାନା ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ବିଛୁଆପଡ଼ାରୁ ଚୋରି ଘଟଣାରେ ଜଣେ ଅଭିଯୁକ୍ତକୁ ପୋଲିସ ରବିବାର କୋର୍ଟ ଚାଲାଣ କରିଛି। ସେ ଜଣକ ହେଲେ ଦୀପକ ଭୋଇ। ଅଭିଯୁକ୍ତ ନିକଟରୁ ପୋଲିସ ଦୁଇଟି ସାମସାଙ୍ଗ ଟେବଲେଟ, ଗୋଟିଏ ସ୍ପିକର, କିବୋର୍ଡ, ମାଉସ, କଡେଇ, ପ୍ରେସର କୁକୁର ଆଦି ଚୋରୀ ସାମଗ୍ରୀ ଜବତ କରିଛି। ସରକାରୀ ପ୍ରାଥମିକ ବିଦ୍ୟାଳୟ ବିଛୁଆପଡ଼ାର ଅଫିସ ଗୃହ ଏବଂ ରୋଷେଇ ଘର ଓ ଏକ ନୂତନ ଶ୍ରେଣୀଗୃହର ତାଲା ଭଙ୍ଗା ଯାଇଥିବା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପ୍ରଧାନ ଗତ ୨ ତାରିଖ ସକାଳେ ଦେଖିବା ପରେ ବିଦ୍ୟାଳୟରୁ ଚୋରି ହୋଇଥିବା ଜାଣି ପାରି ଲଖନପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିବା ବେଳେ ଅପରାହ୍ନ ସାଢ଼େ ୪ଟାରେ ଅଭିଯୁକ୍ତଙ୍କୁ ଗୋର୍ଟ ଚାଲାଣ କରାଯାଇଥିବା ଲଖନପୁର ପୋଲିସ ସୂଚନା ଦେଇଛି।

# ସାବିତ୍ରୀ ବାଈ ଫୁଲେଙ୍କ ଜୟନ୍ତୀ ପାଳିତ

ଝାରସୁଗୁଡ଼ା,୪।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବ୍ଲକ ହିର୍ମା ପଞ୍ଚାୟତର ହିର୍ମାଠାରେ ଗଣ୍ଡା ସମାଜ ବିକାଶ ପରିଷଦ ଝାରସୁଗୁଡ଼ା ତରଫରୁ କ୍ରାନ୍ତିଜ୍ୟୋତି ମାତା ସାବିତ୍ରୀ ବାଈ ଫୁଲେଙ୍କ ୧୯୬ତମ ଜୟନ୍ତୀ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ଜୟନ୍ତୀ ପାଳନ ସଭାରେ ସଂଗଠନର ସଭାପତି ରବୀନ୍ଦ୍ର ସୋହେଲା ସଭାପତିତ୍ୱ କରିଥିଲେ। ଏଥିରେ ସଂଗଠନର ଉପଦେଷ୍ଟା ସମାଜସେବୀ ଦୟାସାଗର କୁମୁରା, ହିର୍ମା ମହିଳା ସମିତିର ସଭାନେତ୍ରୀ ନଳିନୀ କଣ୍ଟା, ସମ୍ପାଦିକା ସନ୍ତୋଷିନୀ କଣ୍ଟା ତଥା ସିଆର୍‌ପି ଚନ୍ଦ୍ରକାନ୍ତି ଲୁହା ମଞ୍ଚାସୀନ ଅତିଥି ଥିବା ବେଳେ ସଂଗଠନର ଉପସଭାପତି ଧୀମାନ ଚିନ୍ତାମଣି ସାମନ୍ତରା ମଞ୍ଚ ପରିଚାଳନା କରିଥିଲେ। ଭାରତବର୍ଷରେ ଶୁଦ୍ର ଏବଂ ସମଗ୍ର ନାରୀ ସମାଜକୁ ଶିକ୍ଷାରୁ ବଞ୍ଚିତ ରଖାଯାଇଥିବା ବେଳେ ସମସ୍ତଙ୍କୁ ଶିକ୍ଷାର ଅଧିକାର ଦେବା ଲାଗି ଜ୍ୟୋତିବାଈ ଫୁଲେ ଓ ମାତା ସାବିତ୍ରୀ ବାଈ ଫୁଲେଙ୍କ ସଂଘର୍ଷ ବିଷୟରେ ଆଲୋଚନା କରିବା ସହ ୧୮୪୮ରେ ଖୋଲିଥିବା ପ୍ରଥମ ବାଳିକା ବିଦ୍ୟାଳୟ ତଥା ପରିତ୍ୟକ୍ତା ବିଧବା ମହିଳା ଅବହେଳିତ ବ୍ୟକ୍ତିଙ୍କ ଥଇଥାନ, ଅଲୋ ସନ୍ତାନମାନଙ୍କ



ସାବିତ୍ରୀ ବଈ ଫୁଲେଙ୍କ ଜୟନ୍ତୀରେ ଉପସ୍ଥିତ ଅତିଥି।

ଯତ୍ନ ସହିତ ରୋଗୀସେବା ଭଳ ମହନୀୟ କାମଗୁଡିକ ବିଷୟରେ ଚର୍ଚ୍ଚା ହୋଇଥିଲା। ଏଥିରେ ହିର୍ମା ଗାଁର ବାଳିକାମାନେ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସଂଗଠନର ସମ୍ପାଦକ ରବୀନ୍ଦ୍ର ବାଦୀ, ସହ ସମ୍ପାଦକ ଦୁଃଖନାଶନ ଘୁଘର, କୋଷାଧ୍ୟକ୍ଷ ତେଜରାଜ ଲୁହା, ତୀର୍ଥ ଲୁହା, ଅଶ୍ୱିନୀ କୁମ୍ଭାର, ସୁବୋଧ ମାଳି, ତରଣୀସେନ ବୁଢ଼ା, ଦୋଳଗୋବିନ୍ଦ ଦେହେରିଆ, ଉମାଶଙ୍କର ଦିହିରିଆ, ଗଣେଶ୍ୱର ଉର୍ମା, ମଙ୍ଗଳୁ ମାଳି, ମନୋଜ ଘୁଘର, ଗୋବିନ୍ଦ ରନବିଡା, ନାରାୟଣ ସିଂହ ପ୍ରମୁଖ ତଥା ହିର୍ମା ଗାଁର ଗଣ୍ଡା ପଡ଼ାବାସୀମାନେ ବିଶେଷ ସହଯୋଗ କରିଥିଲେ। ଏହାସହିତ ଚିଠୁଆ ପଡା ଝାରସୁଗୁଡ଼ାଠାରେ ଥିବା ଫୁଲେ ପାଠଶାଳାରେ ମଧ୍ୟ ପାଠଶାଳାର ପ୍ରତିଷ୍ଠାତା ପ୍ରଭାକର ଓରାମଙ୍କ ତତ୍ତ୍ୱାବଧାନରେ ମାତା ସାବିତ୍ରୀ ବାଈ ଫୁଲେଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ଅତିଥିଭାବେ ଛାତ୍ର ସାମ୍ମୁଖ୍ୟ ସଭାପତି ଅସୀମ ପଟେଲ, ଅନୁସୂଚିତ ଜାତି ଜନଜାତି ମିଳିତ କ୍ରିୟାନୁଷ୍ଠାନ କମିଟିର ସାଧାରଣ ସମ୍ପାଦକ ଲିଙ୍ଗରାଜ ପ୍ରଧାନ, ସମାଜସେବୀ ଶଙ୍କର ପୋଢ଼, ସମାଜସେବୀ ସୁରୁ ଦିହିରିଆ, ସମାଜସେବୀ ତ୍ରିଲୋଚନ ଉନସେନା ଅତିଥିଭାବେ ଯୋଗ ଦେଇଥିଲେ।

## ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତ ଜେଲଗଲେ

ସମ୍ବଲପୁର,୪।୧(ପ୍ରମୋଦ ବହିଦାର)

ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ କାନିଜଟରୀରେ ଶନିବାର ଘଟିଥବା ନାବାଳିକା ବଳାତ୍କାର ଘଟଣାରେ ଅଟକ ଥିବା ଅଭିଯୁକ୍ତ ଗୋପାଳ ମେହେର(୭୦)ଙ୍କୁ ରବିବାର ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ମଣ୍ଡଳ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ କ୍ଷେତରାଜପୁର ଥାନାରେ ଏକାଧିକ ଆପରାଧିକ ମାମଲା ରହିଥିବା ନେଇ ପୋଲିସ ସୂତ୍ରରୁ ସୂଚନା ମିଳିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନାରୁ ପ୍ରକାଶ ଯେ, ପୀଡ଼ିତା ନାବାଳିକାଙ୍କ ବୟାନ ଓ ପରିବାର ଲୋକଙ୍କ ଏତଲା କ୍ରମେ କ୍ଷେତରାଜପୁର ଥାନାରେ ଭାରତୀୟ ନ୍ୟାୟ ସଂହିତ ଦଫା ୬୪(୨) ୬ ପୋକ୍‌ସେ ଆଇନ୍‌ରେ ଏକ ମାମଲା(ନଂ.୧/୨୬) ରୁଜୁ କରି ପୋଲିସ ଘଟଣାର ତଦନ୍ତ କରିଥିଲା। ତଦନ୍ତ ତଥା ଡାକ୍ତରୀ ରିପୋର୍ଟରୁ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ନିଶ୍ଚିତ ହେବା ପରେ ଅଟକ ଥିବା ଅଭିଯୁକ୍ତଙ୍କୁ ରବିବାର ପୋଲିସ ଗିରଫ କରିଥିଲା।

# ଘର ଭାଙ୍ଗିଲା ଦନ୍ତା

ଲଖନପୁର,୪।୧(ଗୌତମ ସାହୁ)

**କ୍ଷତିପୂରଣ ଦାବି କଲେ ଗ୍ରାମବାସୀ**

ଲଖନପୁର ବ୍ଲକ ବେହେରାଗୁଡ଼ା ବାବାଡେରାରେ ରୁକ୍ମଣ କାଲୋଙ୍କ ଏକ ଘର ରବିବାର ଭୋର୍‌ରେ ବଣୁଆ ଦନ୍ତା ହାତୀ ଭାଙ୍ଗି ଦେଇଛି। ଭୋର୍ ପ୍ରାୟ ୪ଟାରୁ ୫ଟା ମଧ୍ୟରେ ହାତୀଟି ବାବାଡେରା ରୁକ୍ମଣ କଲୋଙ୍କ ଘରକୁ ଆସି ଉତ୍ପାତ ମଚାଇଥିଲା। ଘରର କାନ୍ଥ, ଆଜ୍‌ବେଷ୍ଟସ ଭାଙ୍ଗିଦେବା ସହ ଘରେ ଲାଗିଥିବା ଗଛଗୁଡ଼ିକୁ ଶୁଣ୍ଢ ସାହାଯ୍ୟରେ ଟାଣି ଫିଙ୍ଗି ଦେଇଛି। ରୁକ୍ମଣ କାଲୋଙ୍କୁ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବା ସହ ହାତୀକୁ ଜଙ୍ଗଲ ମଧ୍ୟକୁ ପଠାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅନ୍ୟପଟେ ଏହି ବଣୁଆ ଦନ୍ତା ଗତ କିଛିଦିନ ହେଲା ବେହେରାଗୁଡ଼ା, ଶୂଳଦିଆ, ଜୁନିଅନ ଅଞ୍ଚଳରେ ଘୂରି ବୁଲୁଥିବାରୁ ଲୋକେ ଭୟଭୀତ ଅଛନ୍ତି। ହାତୀଟି ଲୋକଙ୍କ ବାଡିରେ ପଶି କଦଳୀଗଛ ଭାଙ୍ଗିବା ସହ ବିଭିନ୍ନ ଫସଲ ନଷ୍ଟ କରୁଛି। ତେଣୁ ଏହି ହାତୀକୁ ଗାଁ ଏବଂ ବିଲବାଡିରୁ ଦୂରେଇ ରଖିବା ପାଇଁ ଆଖପାଖ ଗାଁରେ ଲୋକେ ନିଆଁ ଜଳି ରାତିସାରା ଜଗି ରହୁଛନ୍ତି।



ବଣୁଆ ହାତୀ ନଷ୍ଟ କରିଥିବା ଘର।

## ଶ୍ରୀରାମଙ୍କ ସ୍ୱର୍ଣ୍ଣ ଧନୁଶକୁ ଦେବଗଡ଼ରେ ସ୍ୱାଗତ

ଦେବଗଡ଼,୪।୧(ଶଶାଙ୍କ ଶେଖର ଝାଙ୍କର)

ରାଉରକେଲାରୁ ଅଯୋଧ୍ୟା ଅଭିମୁଖେ ନିଆଯାଉଥିବା ଶ୍ରୀରାମଙ୍କ ସ୍ୱର୍ଣ୍ଣ ଧନୁଶକୁ ରବିବାର ଦେବଗଡ଼ରେ ସ୍ୱାଗତ କରାଯାଇଛି। ଅପରାହ୍ନ ପ୍ରାୟ ୫ଟାରେ ଉକ୍ତ ଧନୁ ସୁସଜ୍ଜିତ ଯାନରେ ଆସି ଦେବଗଡ଼ସ୍ଥିତ ଶ୍ରୀ ଗୋପାଳଜୀ ମନ୍ଦିରରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଭଜନ ଓ ସଙ୍କୀର୍ତ୍ତନର ତାଳେ ତାଳେ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ଏହି ସମୟରେ ବିଭିନ୍ନ ସାହି ଏବଂ ଛକରେ ଜନସାଧାରଣଙ୍କ ଦ୍ୱାରା ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଶୋଭାଯାତ୍ରାରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ, ଭାଜପା ଜିଲା ସାଧାରଣ ସମ୍ପାଦକ ମୀନକେତନ ପ୍ରଧାନ, ସରୋଜ କୁମାର ପାଢୀ, ଭାଜପା ଜିଲା ଉପସଭାପତି ଯୋଗେଶ ଚନ୍ଦ୍ର ପ୍ରଧାନ, ସତ୍ୟ ନାରାୟଣ ପାଣି, ଭାଜପା ଜିଲା ସମ୍ପାଦିକା ପ୍ରିତୀ ପରିମିତା ବେହେରା, ଛତିଶ୍ରୀ ମିଶ୍ର, ଦେବଗଡ଼ ନଗର ଭାଜପା ସଭାପତି ରାଜେନ୍ଦ୍ର କୁମାର ଆଚାର୍ଯ୍ୟ, ମୋତିଲାଲ ଶର୍ମା, ପ୍ରଭାସ ଚନ୍ଦ୍ର ମିଶ୍ରଙ୍କ ସମେତ ବିଶ୍ୱହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବଜରଙ୍ଗ ଦଳ, ହିନ୍ଦୁ ଜାଗରଣ ସାମୁଖ୍ୟ ଓ ଗୋପାଳଜୀ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ସାମିଲ ହୋଇଥିଲେ।



ଦେବଗଡ଼ରେ ସ୍ୱର୍ଣ୍ଣ ଧନୁଶକୁ ସ୍ୱାଗତ କରାଯାଉଛି।

# ସନ୍ଥକବିଙ୍କ କାବ୍ୟ, ସାହିତ୍ୟ ଉପରେ ଆଲୋଚନା

ଦେବଗଡ଼,୪।୧(ଶଶାଙ୍କ ଶେଖର ଝାଙ୍କର)

ସମ୍ବଲପୁର ଜିଲା ରେଢାଖୋଲସ୍ଥିତ ସନ୍ଥକବି ଭୀମଭୋଇ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଦେବଗଡ଼ ଜିଲା ବରିଷ୍ଠ ନାଗରିକ ଫୋରମ୍ ସହଯୋଗରେ ସ୍ଥାନୀୟ ଜିଲା ବରିଷ୍ଠ ନାଗରିକ ଫୋରମ୍ କାର୍ଯ୍ୟାଳୟ ପରିସରରେ ରବିବାର 'ସନ୍ଥକବି ଭୀମଭୋଇଙ୍କ ସାହିତ୍ୟରେ ମାନବବାଦର ଚେତନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସନ୍ଥକବି ଭୀମଭୋଇ ମେମୋରିଆଲ ଟ୍ରଷ୍ଟ ସଭାପତି ବିଜୟ ମହାନ୍ତିଙ୍କ ସଭାପତିତ୍ୱ ଏବଂ ବରିଷ୍ଠ ନାଗରିକ ଫୋରମ୍‌ର ସହସମ୍ପାଦକ ଅଶୋକ କୁମାର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଜିଲା ବରିଷ୍ଠ ନାଗରିକ ଫୋରମ୍‌ର ସଭାପତି ରାମଚନ୍ଦ୍ର ମହାପାତ୍ର, ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସ୍ୱାମୀ ମଦନ ବାବା ଓ ମୁଖ୍ୟବକ୍ତା ଭାବେ ସମ୍ବଲପୁରସ୍ଥିତ ସରକାରୀ ମହିଳା କଲେଜର ସହକାରୀ ପ୍ରଫେସର ଅଖିଳ ବିଶ୍ୱାଳ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଦେବଗଡ଼ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଗାଳ୍ପିକ, ସାହିତ୍ୟିକ, କବୟିତ୍ରୀ ଓ କବି ଯୋଗଦେଇ ସନ୍ଥକବିଙ୍କ ମହାନ କାବ୍ୟ କୃତି ଓ ସାହିତ୍ୟରେ ରହିଥିବା ମାନବବାଦର ଚେତନା ସମ୍ବନ୍ଧରେ ଆଲୋଚନା କରିଥିଲେ। ଜିଲା ବରିଷ୍ଠ ନାଗରିକ ଫୋରମ୍‌ର ସମ୍ପାଦକ ଗୌରହରୀ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଦେବଗଡ଼ର ସାହିତ୍ୟିକ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥୀ, ଦେବଗଡ଼ ଜିଲା ନାଗରିକ କମିଟି ସଭାପତି ସୁଶୀଳ କୁମାର କପରଦାର, ବରିଷ୍ଠ ଖବରଦାତା ମିତ୍ରଭାନୁ ମହାପାତ୍ର, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିଭୁତି ଗଙ୍ଗଦେବ, ବିଶ୍ୱସ୍ରଷ୍ଟା ଗଠନ ଭବନର ପ୍ରତିଷ୍ଠାତା ଭ୍ରାତୃକୁମାର ପ୍ରଫୁଲ୍ଲ, ସୁଦର୍ଶନ ଦାଶ, ଯୁଧୀଷ୍ଠିର ଦାଶ, ସାହିତ୍ୟିକ ଫକୀର ମୋହନ ଦେହୁରୀ, ସୁରଥୀ ପ୍ରଧାନ, ନିରଞ୍ଜନ ଦ୍ୱିବେଦୀ, ଦୁଃଖବନ୍ଧୁ ବେହେରା, ଡ. ଭାରତ ଭୂଷଣ ନନ୍ଦ, ଲଳିତ ମୋହନ ସାହୁ, ଅଧାପକ ଚିତରଞ୍ଜନ ଦାସ, ଜିଲା ବରିଷ୍ଠ ନାଗରିକ ଫୋରମ୍‌ର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

**'ସନ୍ଥକବି ଭୀମଭୋଇଙ୍କ ସାହିତ୍ୟରେ ମାନବବାଦର ଚେତନା' ଶୀର୍ଷକ ଆଲୋଚନାଚକ୍ର**



ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଶନିବାର ସମ୍ପନ୍ନ ହେବା ପରେ କଂସ ମହାରାଜା ଭୂମିକାରେ ଅଭିନୟ କରିଥିବା ସୁଶୀଲ ମେହେର ରବିବାର ପୁରୀ ଆସି ମହୋଦଧିରେ ସ୍ନାନ କରି ପ୍ରାୟଶ୍ଚିତ କରୁଛନ୍ତି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ଖଡ଼ିଆଳ ରାଜା ଜିତାମିତ୍ର ପ୍ରସାଦ ସିଂଦେଓଙ୍କ ପରଲୋକ

**ଖଡ଼ିଆଳ, ୪।୧ (ସୁଜିତ କୁମାର ପ୍ରଧାନ)**

ବିଶିଷ୍ଟ ଐତିହାସିକ, ଗବେଷକ ତଥା ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଡ. ଜିତାମିତ୍ର ପ୍ରସାଦ ସିଂଦେଓଙ୍କ ରବିବାର ପରଲୋକ ହୋଇଯାଇଛି। ଅପରାହ୍ନ ୧ଟାରେ ମଧ୍ୟାହ୍ନଭୋଜନ ପରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଆଉ କିଛି ସମୟ ଭିତରେ ତାଙ୍କ ଖଡ଼ିଆଳସ୍ଥିତ ରାଜଭବନରେ ପରଲୋକ ହୋଇଯାଇଥିଲା। ତାଙ୍କୁ ୮୦ ବର୍ଷ ହୋଇଥିଲା। ସ୍ତ୍ରୀ ରାଣୀ ରାଜଶ୍ରୀ ଦେବୀ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ।

୧୯୪୬ ଅଗଷ୍ଟ ୨୯ରେ ଜିତାମିତ୍ର ସିଂଦେଓ ଖଡ଼ିଆଳଠାରେ ଜନ୍ମଗ୍ରହଣ କରିଥିଲେ। ରେଭେନ୍‌ଶା କଲେଜରୁ ଉଚ୍ଚଶିକ୍ଷା ଲାଭ କରିଥିବା ଜିତାମିତ୍ର ଜଣେ ଲବ୍ଧପ୍ରତିଷ୍ଠିତ ଐତିହାସିକ ଓ ସାହିତ୍ୟାନୁରାଗୀଭାବେ ଜଣାଶୁଣା ଥିଲେ। ନୂଆପଡ଼ା ଜିଲାର ଅନେକ ଐତିହାସିକ ସ୍ଥଳୀକୁ ସେ ନିଜର ଗବେଷଣା ମାଧ୍ୟମରେ ଲୋକଲୋଚନକୁ ଆଣିଛନ୍ତି। ସେ ୧୯ଖଣ୍ଡ ଇତିହାସ ଏବଂ ପ୍ରତ୍ନତାତ୍ତ୍ୱିକ ବିଷୟ ସମ୍ପର୍କିତ ପୁସ୍ତକ ରଚନା କରିଛନ୍ତି। ତାଙ୍କ ରଚିତ କଲ୍‌ଚରାଲ ପ୍ରୋଫାଇଲ ଅଫ୍ ସଉଥ୍ କୋଶଳ ଏକ ଅନବଦ୍ୟ କୃତି। ଏହି ଗବେଷଣା ପୁସ୍ତକଟି ଅନେକ ବିଶ୍ୱବିଦ୍ୟାଳୟର ରେଫରେନ୍ସ ପୁସ୍ତକ ଭାବେ ସ୍ୱୀକୃତି ଲାଭ



ଜିତାମିତ୍ର ପ୍ରସାଦ ସିଂଦେଓ

କରିଥିଲା। ଏହାସହିତ ଜଗନ୍ନାଥ କଲ୍ଟ, ତାନ୍ତ୍ରିକ ଆର୍ଟ ଅଫ ଓରିଶା, ତାନ୍ତ୍ରିକ ହେଡୋନଇଜିମ ଇନ ମହାନଦୀ ଭ୍ୟାଲି, କ୍ୟାରେକ୍ଟର ଆସାସିନେଶନ ଇନ ଓରିଶା ସମେତ ଅନେକ ଗବେଷଣା ପୁସ୍ତକ ଏବଂ ପ୍ରବନ୍ଧ ରଚନା କରି ସେ ଇତିହାସ, ପ୍ରତ୍ନତତ୍ତ୍ୱ ଏବଂ ଗବେଷଣା କ୍ଷେତ୍ରକୁ ନୂଆ ଧାରା ଦେଇଛନ୍ତି। ସାମଗ୍ରିକ ଗବେଷଣା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ତାଙ୍କୁ ସମ୍ମାନଜନକ ଡକ୍ଟରେଟ ଓ ସଂସ୍କୃତ ବିଶ୍ୱବିଦ୍ୟାଳୟ ତିରୁପତି ପକ୍ଷରୁ ଡି.ଲିଟ୍ ପ୍ରଦାନ କରାଯାଇଥିଲା। ଖଡ଼ିଆଳ ସାହିତ୍ୟ ସମିତିର ସେ ସଭାପତି ଥିଲେ। ଖଡ଼ିଆଳ ରାଜା ଅନୁପ ସିଂଦେଓଙ୍କ ମୃତ୍ୟୁ ପରେ ୨୦୦୪ ମସିହାରେ ଜିତାମିତ୍ରଙ୍କର ରାଜ୍ୟାଭିଷେକ ହୋଇଥିଲା।

ଜିତାମିତ୍ରଙ୍କ ୨ପୁଅ ଯୁବରାଜ ଦେବଦେବ ସିଂଦେଓ, ରାଜକୁମାର ଆମ୍ବରୀଶ ସିଂଦେଓ ଏବଂ ଗୋଟିଏ ଝିଅ ରାଜକୁମାରୀ ଶ୍ରୀକଳା ଦେବୀ ଅଛନ୍ତି। ସୋମବାର ପୂର୍ବାହ୍ନ ୧୦ଟାରେ ଯୁବରାଜ ଦେବଦେବ ସିଂଦେଓଙ୍କ ରାଜ୍ୟାଭିଷେକ ହେବା ପରେ ଜିତାମିତ୍ରଙ୍କ ଶେଷକୃତ୍ୟ ନଦୀଘାଟ ନେହେନାଠାରେ ଅନୁଷ୍ଠିତ ହେବ ବୋଲି ରାଜବାଟୀ ପକ୍ଷରୁ ସ୍ଥିରୀକୃତ ହୋଇଛି। ଜିତାମିତ୍ରଙ୍କ ବିୟୋଗରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ ଗଭୀର ଶୋକପ୍ରକାଶ କରିଛନ୍ତି।

## ମହାପ୍ରଭୁଙ୍କୁ କ୍ଷମା ପ୍ରାର୍ଥନା କଲେ କଂସ ମହାରାଜା

**ପୁରୀ,୪।୧ (ଅଜିତ୍ କୁମାର ମହାନ୍ତି)**

ବରଗଡ଼ରେ ଦୀର୍ଘ ୧୧ଦିନ ଧରି ଚାଲିଥିବା ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ପୌଷପୂର୍ଣ୍ଣିମା ଶନିବାର ଅବସରରେ କଂସବଧ ସହ ଶେଷ ହୋଇଛି। ଏହାପରେ ରବିବାର କଂସ ମହାରାଜା ଭୂମିକାରେ ଅଭିନୟ କରିଥିବା ସୁଶୀଲ ମେହେର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରି କ୍ଷମା ପ୍ରାର୍ଥନା କରିବା ସହ ମହୋଦଧିରେ ସ୍ନାନ କରି ପ୍ରାୟଶ୍ଚିତ କରିଛନ୍ତି। ବରଗଡ଼ ଧନୁଯାତ୍ରାରେ କୃଷ୍ଣ ଜନ୍ମ ଠାରୁ ଆରମ୍ଭ କରି କଂସବଧ ପର୍ଯ୍ୟନ୍ତ ବିଭିନ୍ନ ଲୀଳା ପ୍ରଦର୍ଶିତ ହୋଇଥିଲା। ସୁଶୀଲ କଂସ ଭୂମିକାରେ ଅଭିନୟ କରି ଶ୍ରୀକୃଷ୍ଣ ଓ ବଳରାମଙ୍କୁ ଅନେକ କଟୁକଥା କହିବା ସହ ମାରିବା ନିମନ୍ତେ ଉଦ୍ୟମ କରିଥିଲେ। ତେଣୁ ଧନୁଯାତ୍ରା ସରିବା ପରେ ପରମ୍ପରା ଅନୁଯାୟୀ, ପୁରୀ ଆସି ପ୍ରାୟଶ୍ଚିତ କରିଛନ୍ତି। ସୁଶୀଲ ପ୍ରଥମେ ଗୋବର୍ଦ୍ଧନ ମଠ ଯାଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟି କ୍ଷମା ପ୍ରାର୍ଥନା କରିବା ସହ ଆଶିଷ ନେଇଥିଲେ। ସେଠାରୁ ସମୁଦ୍ରକୁ ଯାଇ ବୁଡ଼ ପକାଇବା ସହ ପଇତା ବିସର୍ଜନ କରି ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଓ ନମସ୍କାର କରିଥିଲେ। ପରେ ଶ୍ରୀମନ୍ଦିର ଯାଇ ଅଭିନୟରେ କରିଥିବା ପାପର କ୍ଷମା ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ। ଏନେଇ ସୁଶୀଲ କହିଛନ୍ତି, ସୁରୁଖୁରୁରେ ଚଳିତ ବର୍ଷର ବରଗଡ଼ ଧନୁଯାତ୍ରା ସମ୍ପନ୍ନ ହୋଇଛି। ଆମର ପରମ୍ପରା ଅନୁଯାୟୀ, ପୁରୀ ଆସି ମହାପ୍ରଭୁଙ୍କ ନିକଟରେ ଶରଣାପନ୍ନ ହୋଇ କ୍ଷମା ପ୍ରାର୍ଥନା ସହ ମହୋଦଧିରେ ସ୍ନାନ କରି ପ୍ରାୟଶ୍ଚିତ କରିଛି। ଏହାଦ୍ୱାରା ମନକୁ ଶାନ୍ତି ମିଳେ।

## ହାତୀ ଆକ୍ରମଣରେ ଜଣେ ମୃତ

**କାମାକ୍ଷାନଗର, ୪।୧ (ସୁଧୀର କୁମାର ପରିଡ଼ା)**

ଢେଙ୍କାନାଳ ଜିଲା କୋଟଗରା ଗ୍ରାମପଞ୍ଚାୟତରେ ରହୁଥିବା ଓଡ଼ିଶାର ବିଲୁପ୍ତ ଜନଜାତି ମୁଣ୍ଡପୋତା କେଳା ରାମ ପଧାନ(୬୩)ଙ୍କ ରବିବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ରାମ କିଛିବର୍ଷ ହେବ କୋଟଗରାର ଏକ ଆମ୍ବତୋଟାରେ କୁଡିଆ କରି ସପରିବାରେ ରହି ଆସୁଥିଲେ। ଗ୍ରାମଗ୍ରାମରେ ଧୁଡୁକି ବଜାଇ ମାଗିବା ସହ ମୂଲ ମଜୁରି କରି ସେ ବଞ୍ଚୁଥିଲେ। ସେ ଘରକୁ ଫେରୁଥିବାବେଳେ ହାତୀ ଆକ୍ରମଣ କରିଥିଲା। ଖବରପାଇ ଗ୍ରାମବାସୀ ଚିକିତ୍ସା ପାଇଁ ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ODISHA PUBLIC SERVICE COMMISSION
### Loka Seva Ayog Bhavan, Cuttack

**NOTICE**

No. 109/P.S.C., Dt. 03.01.2026
(1R-25-2024/25, DR-V)

**Assistant Professors in different disciplines of Govt. Engineering Colleges, (Advt. No.35 of 2023-24)**

**No.-D-293** : It is for information of all concerned that, the Commission has decided to conduct the Written Examination for recruitment to the posts of **Assistant Professors in different disciplines of Govt. Engineering Colleges**, pursuant to Advertisement No.35 of 2023-24 in two days i.e. on **22.03.2026 (Sunday and 23.03.2026 (Monday)**. The detailed programme of Written Examination will be notified later.

The concerned candidates are advised to visit the website of O.P.S.C. (www.opsc.gov.in) regularly for further updates.

OIPR-12002/11/0358/2526 — Sd./- Secretary

## ODISHA PUBLIC SERVICE COMMISSION
19, Dr. P.K. Parija Road, Cuttack - 753001

**NOTICE**

No. 123/PSC, Dt.03.01.2026
(2PG-12-25/26, DR-I)

**1st Addendum to Advt. No. 05 of 2025-26 for Odisha Civil Services Examination - 2025**

| | |
|---|---|
| I. | Odisha Civil Services Examination, 2025 |
| II. | No. of Vacancies - 465 (154-w) |

No. D-294: Government in G.A. & P.G. Department have revised the vacancies for OCSE, 2025 by additional 151 (50-w) posts (Odisha Administrative Service-14, Odisha Revenue Service-113, Odisha Welfare Service-16, Odisha Transport Service-08) taking the total vacancy position of Advertisement No. 05 of 2025-26 from 314 (104-w) to **465 (154-w)**.
Hence, this addendum to Para-2 of Advertisement No. 05 of 2025-26 is issued.

**2. VACANCY POSITION:** As per the revised requisition filed by the G.A. & P.G. Department, Government of Odisha, **the vacancy position for the post of Odisha Civil Services, 2025 is 465 (154-w)**. The detailed revised vacancy position in respect of different Services/Posts is available in the website of the Commission vide Notice No. 118/PSC, Dt.03.01.2026.

**3.** Besides this, all other terms and conditions of Advertisement No. 05 of 2025-26 shall remain unchanged.

**Cuttack**
**Date: 03.01.2026**
**OIPR-12002/11/0360/2526**

**Sd./- Secretary**
**Odisha Public Service Commission**
**Cuttack**

## OFFICE OF THE NOTIFIED AREA COUNCIL, NILGIRI, BALASORE

**No.08** — **Date. 02.01.2026**

**"e" Procurement Notice**

**BID Identification No.NLGN_04-MSBY/2025-26**

**No.C-1986** : The Executive Officer, Nilgiri NAC, Nilgiri invites Percentage Rate bids in Single Cover Systems for the following work detailed in the table from the Class of Contractors as mentioned in Col.7 of table registered with the State Governments and contractors of equivalent Grade/Class registered with Central Government/MES/Railways having experience and expertise in Design, Construction, Testing & Commissioning of Similar Type of Works and fulfilling minimum eligibility criteria as stated here under and other detailed qualifying requirements given in the DTCN to be eventually drawn up in the Standard P-1 Contract Form of Odisha PWD. The bidders may submit their E.M.D. Amount and paper cost as mentioned in DTCN. Affidavit and attested copies of PAN, GSTN, CDMS registration certificate and Registration certificate must be submitted through online. The technical bids will be opened on dt. 15.01.2026 at 11.00 AM in the office of the undersigned. The bidders should have necessary portal enrolment (with own digital signature certificate). The registered bidders outside Odisha state can also participate in this on-line tender process after necessary portal enrolment but shall have to subsequently undergo registration with appropriate authority of the state government within a month of acceptance of bid.

1. Name of the Work : Construction of Civil work
2. No. of works : 6 Nos.
3. Estimated Cost : Rs.1.0 Lakh to 6 Lakh
4. Period of Completion : 30 days
5. Date & Time of availability of Bid documents in the Portal : 05.01.2026 at 10.00 A.M. to 13.01.2026 up to 5 P.M.
6. Last date & time for receipt of bids in the portal : 13.01.2026 up to 5 P.M.
7. Bids received online shall be opened on : 15.01.2026 at 11.00 A.M.
8. Name and adddress of the officer inviting Bid : Executive Officer, Nilgiri NAC

Further details can be seen from the procurement portal i.e. www.tendersodisha.gov.in

**Sd./- Executive Officer**
**Nilgiri NAC**

**Tenderer** — **Executive Officer**
**OIPR-13179/11/0044/2526**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

**Corrigendum**

**No.5803/Date.26.12.2025**

**1st Corrigendum to Bid Identification No. Tender-Online-C.C.43 of 2025 Dated 29.11.2025 invited vide this office Lr. No.5360 dated 29.11.2025**

**No.O-1929** : The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender-Online-C.C.-43 of 2025 Dt.29.11.2025 issued vide this office Lr.No.5360 Dt.29.11.2025 is here by rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender on-line for bidding | Date & Time of opening of tender | |
|---|---|---|---|---|
| | | Up to | Technical Bid | Financial Bid |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.43 of 2025 | 16.01.2026 up to 5.00 P.M. | 17.01.2026 at 11.00 A.M. | To be intimated lateron |

All other conditions remain unaltered.

**Sd./- Chief Construction Engineer**
**Central Rural Works Circle, Bhubaneswar**

**OIPR-25082/11/0049/2526**

## GOVERNMENT OF ODISHA
## DEPARTMENT OF WATER RESOURCES

**No.A-1232**

**Office of the Additional Chief Engineer, Rushikulya Bahuda Basin, Berhampur - 760004**
**e-mail id : se_sicbam@yahoo.com**

**e-Procurement Notice No. ACE, RBB - 05/2025-26**

1. Type of Work : Flood Protection Works. 2. Total No. of Works : 01 (One) No. 3. Amount put to tender : **Rs.393.66** Lakh. 4. Period of Completion : **09** (Nine) calendar months. 5. Class of Contractor : **'A'**

| Procurement Officer | Bid Identification No. | Name of Work | Bid Amount (Rs. in lakh) | Availability & Submission of Bid On-line |
|---|---|---|---|---|
| **Additional Chief Engineer, Rushikulya Bahuda Basin, Berhampur** | **ACE, RBB (BNID) - 05/2025-26** | **Improvement to RFB of river Rushikulya near village Pakidi under Aska Block** | **393.66** | **From 08.01.2026, 10.00 A.M. to 22.01.2026, 5.00 P.M.** |

Date of opening of the Technical Bid : **27.01.2026 at 11.30 A.M.**
Further details can be seen from the Govt. website **www.tendersodisha.gov.in**

**Sd./- Additional Chief Engineer,**
**Rushikulya Bahuda Basin, Berhampur**

**OIPR-32411/11/0033/2526**

## OFFICE OF THE REGISTRAR VIKRAM DEV UNIVERSITY

**NH-26, JEYPORE, DIST: KORAPUT,ODISHA, PIN - 764001**
**www.vikramdevuniversity.ac.in**

**No. 020 /VDU/Estt/2026** — **Date : 03.01.2026**

**CORRIGENDUM**

**No.CAD-2925** : With reference to this office Advertisement No.3286/VDU/2025 Dated 31.12.2025 the subject "Commerce & Sociology" in the 2nd row of the Schedule for 08.01.2026 of the Advertisement may be read as **"Commerce Only"** instead of "Commerce & Sociology". Further the subject "Geography" in the 5th row of the schedule for 12.01.2026 may be read as **"Geography and Home Science"** instead of "Geography" only.

Other terms and condition remain unchanged.

**Sd./- REGISTRAR,**
**OIPR-11133/11/0018/2526** — **Vikram Dev University, Jeypore**

## GOVT. OF ODISHA

**No. O-1899**

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BHAWANIPATNA

**Ph.: 06670-235504, E_Mail: serwbpt@yahoo.com**
**Bid Identification No.: BPT/Online-16/2025-26, Date: 30.12.2025**

**NOTICE INVITING TENDERS FOR ROAD WORKS IN ODISHA, NATIONAL COMPETITIVE BIDDING THROUGH e-Procurement**

1. Name of the Work : Periodical Renewal work of 5 yeras post DLP PMGSY Roads in the District Nuapada
2. No. of Works : 03 Nos.
3. Location Details : Nuapada District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/- per set
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of Technical Bid |
|---|---|---|---|
| From | To | | |
| 05.01.2026 11.00 A.M. | 20.01.2026 5.00 P.M. | 19.01.2026 | 21.01.2026 at 11.00 A.M. |

Further details can be seen from the website **"www.tendersorissa.gov.in"**.

**Sd./- Chief Construction Engineer**
**OIPR-25102/11/0039/2526** — **Rural Works Circle, Bhawanipatna**

## OFFICE OF THE NOTIFIED AREA COUNCIL, BANPUR

**Bid Reference No. E.O.-N.A.C.-BNR-01/2025-26**
**Tender Call Notice No. 03 / Dt.02.01.2026**

No. C-1984: The Executive officer on behalf of Banpur NAC invites percentage basis tender from the registered contractors in offline.

1. Type of Works : Civil construction works as in the D.T.C.N.
2. Total No. of Works : 20 Nos.
3. Tender Amount Cost : As per DTCN
4. Period of Completion : 90 days
5. Date and time of availability of Bid Documents in the office : From 11.00 A.M. of Dt.05.01.2026 to 5.00 P.M. of Dt.13.01.2026
6. Date and time for submission of Original documents in office : 15.01.2026 from 11.00 A.M. to 1.00 P.M.
7. Date & time of opening of tender : Dt.15.01.2026 at 3.00 P.M.

Further amendments, corrigendum or other communication regarding this letter will be available by office notice and print media.

**Sd./- Executive Officer, Banpur NAC**
**OIPR-13177/11/0011/2526**

## ODISHA HYDRO POWER CORPORATION LTD.
### O/o. Sr. GENERAL MANAGER
### HIRAKUD HYDRO ELECTRIC PROJECT

**POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA**
**Phone: 0663-2950721(O), 2950765, E-Mail: srgmhps_burla@yahoo.co.in**
**CIN: U40101OR1995SGC003963**

**No. HHEP/PUR-42/Vol-IV/68** — **Date: 02.01.2026**

**OPEN TENDER CALL NOTICE No. HHEP-02/2026**

No. CAD-2908: Sealed tenders are invited in two part bids (i) Technical Bid & (ii) Price Bid in separate sealed envelopes from the reputed manufacturers/authorised dealers/channel partners/reputed suppliers for supply of the following pump motor sets with fully automatic star-delta starter including installation, testing & commissioning as mentioned below.

| Description of Work | Cost of tender Paper (Non-refundable) in Rs. | Period of sale/ download of tender document | Last date & time of receipt of tender | Date & time of Opening of Techno Commercial Bid | EMD in shape of DD/BC only (Refundable) in Rs. |
|---|---|---|---|---|---|
| Supply of 37 KW (50 HP) Vertical Turbine type pump motor set with fully automatic star-delta starter including installation, testing & commissioning | 7080/- (Rs.6,000/- + GST @ 18%) | From 05.01.2026 (11.00A.M.) to 19.01.2026 upto 03.00 P.M. | 19.01.2026 upto 03.30 P.M. | 19.01.2026 at 04.00 P.M. | 39,000/- |

For details of the tender documents, terms and conditions please visit our website **www.ohpcltd.com**.

**OIPR-04007/11/0087/2526** — **Sd./- C&P Head, HHEP, Burla**

## OFFICE OF THE MUNICIPAL COUNCIL, KHORDHA

**At/P.O./Dist.: Khordha, Phone No.: 06755-220674**
**No. C-1982 E-Mail: khurda_municipality@yahoo.co.in**
**No. 8133** — **Date: 31.12.25**

1. The Executive Officer, Khordha Municipality invites Percent Rate Bids from the intending registered eligible contractors of State Government/Municipality registered contractor/local contractors having Line Department Registration for execution of different works mentioned below in prescribed forms in conformity with Detail Tender Call Notice as per the Norms.
2. The key dates & basic information relating to the tender are as follow clause:

| Sl. No. | Details of Activites | Remarks |
|---|---|---|
| 1. | Availability of Bid Document | From 11.00 A.M. on Dated 02.01.2026 to 5.00 P.M. on Dated 08.01.2026 (in the Cash Section of Khordha Municipality with Payment of Tender paper Cost as per DTCN) |
| 2. | Last date for submission of Bid Documents and receipt of Hard Copy of tender document | Upto 12.30 P.M. on Dated 09.01.2026 (Last date for receipt of Bid documents in the Tender Box available in Khordha Municipality) |
| 3. | Date of Opening of Bid | From 02.30 P.M. on Dated 09.01.2026 in the Chamber of O/o. the Executive Officer, Khordha Municipality |
| 4. | Cost of Tender document & Bid Security | As specified in the DTCN |
| 5. | Postal Address for sending Bids & further correspondence | Executive Officer, Khordha Municipality, Dist.: Khordha, PIN - 752055 E-mail: **khurda_municipality@yahoo.co.in** |

**Sd./- Executive Officer, Khordha Municipality**
**OIPR-13082/11/0055/2526**

## ODISHA PUBLIC SERVICE COMMISSION CUTTACK

**NOTICE**

**No. 79 / P.S.C., Dt. 03.01.2026**
1E-25-2025/26 (DR-III)

**Recruitment to the post of Post Graduate Teacher in Discipline - English (Advertisement No.25 of 2023-24)**

**No.D-292** : In continuation to this Office Notice No. 8253/PSC, dtd. 29.11.2025, it is for information of all "shortlisted candidates" that the **Document Verification and Interview/ Personality Test** for recruitment to the post of **Post Graduate Teacher** in **English Discipline**, pursuant to Advertisement No. 25 of 2023-24 will be held from **15.01.2026 to 21.01.2026 (except 18.01.2026)** in the Office of OPSC, 19, Dr. P.K. Parija Road, Cuttack- 753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | ROLL NO. of candidates |
|---|---|---|---|
| 15.01.2026 | 08.30 A.M. | 10.30 A.M. | 101683, 101687, 101692, 101703, 101708, 101711, 101732, 101735, 101736, 101756, 101758, 101766, 101770, 101778, 101788, 101790, 101794, 101802, 101806, 101809, 101815, 101816, 101822, 101824, 101828, 101834, 101837, 101839, 101841, 101853, 101858, 101860, 101861, 101863, 101864, 101865, 101873, 101878, 101879, 101882, 101883, 101892, 101909, 101912, 101913, 101918, 101919 & 101923 **= 48 Candidates** |
| | 12.30 P.M. | 02.30 P.M. | 101928, 101935, 101937, 101942, 101944, 101961, 101966, 101978, 101979, 101984, 101985, 201084, 201092, 201118, 201122, 201146, 201152, 201155, 201163, 201169, 201175, 201177, 201186, 201187, 201189, 201196, 201203, 201213, 201220 & 201228 **= 30 Candidates** |
| 16.01.2026 | 08.30 A.M. | 10.30 A.M. | 201229, 201231, 201238, 201240, 201255, 201264, 201273, 201288, 201296, 201302, 201318, 201323, 201328, 201357, 201362, 290017, 303953, 303957, 303984, 303988, 303992, 303995, 303998, 304003, 304009, 304011, 304021, 304022, 304031, 304034, 304036, 304042, 304048, 304054, 304064, 304077, 304087, 304092, 304097, 304105, 304110, 304119, 304121, 304122, 304123, 304125, 304126 & 304133 **= 48 Candidates** |
| | 12.30 P.M. | 02.30 P.M. | 304142, 304144,304145, 304150, 304160, 304162, 304163, 304164, 304175, 304176, 304190, 304202, 304210, 304212, 304224, 304231, 304232, 304235, 304236, 304237, 304240, 304254, 304259, 304262, 304267, 304271, 304272, 304273, 304274 & 304284 **= 30 Candidates** |
| 17.01.2026 | 08.30 A.M. | 10.30 A.M. | 304287, 304289, 304291, 304298, 304304, 304305, 304306, 304312, 304313, 304323, 304324, 304328, 304337, 304344, 304350, 304351, 304365, 304376, 304381, 304385, 304390, 304400, 304410, 304420, 304421, 304429, 304430, 304434, 304439, 304448, 304472, 304478, 304480, 304489, 304495, 304496, 304498, 304499, 304502, 304504, 304506, 304508, 304510, 304513, 304528, 304549, 304568 & 304580 **= 48 Candidates** |
| | 12.30 P.M. | 02.30 P.M. | 304582, 304590, 304594, 304595, 304596, 304597,' 304599, 304603, 304608, 304611, 304614, 304615, 304616, 304633, 304635, 304636, 304643, 304645, 304651, 304653, 304655, 304660, 304661, 304667, 304670, 304673, 304679, 304688, 304697 & 304699 **= 30 Candidates** |
| 19.01.2026 | 08.30 A.M. | 10.30 A.M. | 304701, 304708, 304710, 304715, 304716, 401672, 401678, 401684, 401685, 401691, 401698, 401705, 401708, 401709, 401713, 401716, 401720, 401721, 401727, 401732, 401733, 401736, 401754, 401766, 401776, 401782, 401787, 401788, 401792, 401797, 401806, 401816, 401817, 401822, 401824, 401826, 401833, 401840, 401862, 401870, 401874, 401877, 401880, 401882, 401886, 401893, 401898 & 401900 **= 48 Candidates** |
| | 12.30 P.M. | 02.30 P.M. | 401901, 401908, 401913, 401919, 401927, 401929, 401930, 401933, 401938, 401947, 401952, 401955, 401961, 401963, 401968, 401971, 401977, 401994, 401999, 402017, 490043, 501977, 501986, 501988, 501993, 502000, 502004, 502018, 502021 & 502039 **= 30 Candidates** |
| 20.01.2026 | 08.30 A.M. | 10.30 A.M. | 502044, 502048, 502050, 502052, 502055, 502057, 502064, 502072, 502073, 502074, 502087, 502089, 502091, 502094, 502095, 502101, 502102, 502105, 502107, 502112, 502117, 502120, 502124, 502131, 502132, 502140, 502142, 502144, 502149, 502151, 502159, 502163, 502168, 502171, 502173, 502182, 502183, 502185, 502192, 502202, 502205, 502207, 502212, 502217, 502230, 502234, 502235 & 502236 **= 48 Candidates** |
| | 12.30 P.M. | 02.30 P.M. | 502238, 502240, 502241, 502244, 502248, 502249, 502252, 502261, 502266, 502275, 502279, 502281, 502282, 502290, 502295, 502297, 502310, 502311, 502312, 502315, 502320, 502321, 502326, 502327, 502332, 502333, 502334, 502341, 502344 & 502345 **= 30 Candidates** |
| 21.01.2026 | 08.30 A.M. | 10.30 A.M. | 502346, 502361, 502362, 502367, 502374, 502384, 502391, 502393, 502395, 502396, 502398, 502399, 502404, 502409, 502413, 502415, 502421, 502423, 502424, 502425, 502427, 502429, 502436, 502441, 502444, 502453, 502454, 502459, 502472, 502476, 502477, 502478, 502480, 502488, 502489, 502494, 502499, 502507, 502514, 502516, 502518, 502519, 502522, 502528, 502542, 502544, 502546 & 502548 **= 48 Candidates** |
| | 12.30 P.M. | 02.30 P.M. | 502557, 502559, 502561, 502562, 502566, 502573, 502574, 502577, 502582, 502583, 502592, 502596, 502604, 502605, 502607, 502609, 502617, 502622, 502623, 502628, 502629, 502632, 502634, 502636, 502637, 502641, 502658, 502660, 502671 & 590018 **= 30 Candidates** |

**N.B. -** The candidates are advised to report at the office of the Commission **30 minutes** before the commencement of Document Verification in each 'time slot' allotted in the 'scheduled programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No** at the **Top Right-hand Corner**.
   *(Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/OTP etc through OPSC e-Chayan Portal via www.opscechayan.in)*
2. Four **(04)** "passport size photographs" (Unsigned & Unattested) which have been uploaded with 'application form'.
3. **Matriculation Certificate** in support of declaration of Age.
4. **Bachelors Degree** Certificate.
5. **Post-Graduation Certificate/ Master's Degree** Certificate in the subject concerned in respect of Educational Qualification prescribed.
6. **B.Ed.** Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. **Caste Certificate by birth** in support of claim as **SEBC/ST/SC** whichever applicable. (which has been **uploaded** with online Application Form)
10. **Odia Test Pass** Certificate from the 'competent authority' wherever applicable.
11. Permanent Disability Certificate (indicating percentage of 'permanent disability' i.e. **40% and more**), wherever applicable
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any "civil post" after retirement from military service, wherever applicable
13. Identity Card for **Sports persons** issued by the Director of Sports Odisha, wherever applicable
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with "passport size photograph" (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

**OIPR-12002/11/0359/2526** — **Sd./- Secretary**

## ଭେନେଜୁଏଲା ଉପରେ ଆମେରିକାର କବ୍‌ଜା ପ୍ରଭାବ

# ସୁନା, ରୁପା ମୂଲ୍ୟ ବୃଦ୍ଧି ଆଶଙ୍କା

ଭୁବନେଶ୍ୱର,୪।୧(ଅନୁରାଧା ମହାରଣା)

ବର୍ଷ ଆରମ୍ଭରୁ ବିଶ୍ୱର ସର୍ବବୃହତ୍ ତୈଳ ସଂରକ୍ଷଣ ଥିବା ଭେନେଜୁଏଲା ଏବେ ଏକ ବଡ଼ ଅନ୍ତର୍ଜାତୀୟ ସଂଘର୍ଷର କେନ୍ଦ୍ର ପାଲଟିଛି। ଭେନେଜୁଏଲା ଉପରେ ଆମେରିକାର କବ୍‌ଜା ପ୍ରଭାବ ସିଧାସଳଖ ସାମଗ୍ରୀ ବଜାର ଉପରେ ପଡୁଛି। ଯେତେବେଳେ ବିଶ୍ୱରେ ଯୁଦ୍ଧ କିମ୍ବା ରାଜନୈତିକ ଅସ୍ଥିରତା ଦେଖାଦିଏ, ଲୋକମାନେ ବିପଦପୂର୍ଣ୍ଣ ଷ୍ଟକ୍ ବଜାରରୁ ଟଙ୍କା କାଢ଼ି ସୁନା ଏବଂ ରୁପା ଭଳି 'ନିରାପଦ ନିବେଶ'ରେ ପୁଞ୍ଜି ବିନିଯୋଗ କରନ୍ତି। ଏହି କାରଣରୁ ୨୦୨୬ ଆରମ୍ଭରେ ସୁନା ମୂଲ୍ୟ ବୃଦ୍ଧି ପାଇଛି। ଭୂରାଜନୈତିକ ଉତ୍ତେଜନା ସମୟରେ ସୁନାକୁ ସର୍ବଦା 'ନିରାପଦ ନିବେଶ' ଭାବରେ ବିବେଚନା କରାଯାଏ। ଭେନେଜୁଏଲା ଘଟଣା ପରେ ନିବେଶକମାନେ ଭୟ କରୁଛନ୍ତି ଯେ ରୁଷିଆ ଏବଂ ଉତ୍ତର କୋରିଆ ଭଳି ଦେଶଗୁଡ଼ିକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ବିଶ୍ୱ ଉତ୍ତେଜନାକୁ ଆହୁରି ବୃଦ୍ଧି କରିପାରନ୍ତି। ଯଦି ଏହି ଉତ୍ତେଜନା ଜାରି



ରହେ, ତେବେ ଏମ୍‌ସିଏକ୍ସରେ ସୁନା ମୂଲ୍ୟ ପୁଣି ଥରେ ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିବ ବୋଲି ବିଶ୍ୱାସ କରାଯାଉଛି। ଜାନୁଆରୀ ୨ ତାରିଖରେ ଏମ୍‌ସିଏକ୍ସରେ ସୁନା ୧୦ ଗ୍ରାମ ପିଛା ୧,୩୭,୦୯୮ ରେ ବିକ୍ରି ହେଉଥିଲା। ରୁପା ସୁନା ଅପେକ୍ଷା ଆହୁରି ଅଧିକ ଲାଭ ପାଇଛି। ଏହା କେବଳ ଏକ ସୁରକ୍ଷିତ ନିବେଶ ନୁହେଁ, ବରଂ କାରଖାନା (ବୈଦ୍ୟୁତିକ ଯାନ, ସୌରଶକ୍ତି)ରୁ ବଢୁଥିବା ଚାହିଦା ଏହାକୁ ଅଧିକ ମହଙ୍ଗା କରୁଛି। ଏମ୍‌ସିଏକ୍ସରେ ରୁପା ମୂଲ୍ୟ ମଧ୍ୟ ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିପାରେ। ଚାଇନାରେ ଯୋଗାଣ ଅଭାବ ଏବଂ ନୂତନ ନିୟମ ମଧ୍ୟ ମୂଲ୍ୟକୁ ଇନ୍ଧନ ଦେଇଛି। ଏହା ଉଲ୍ଲେଖନୀୟ ଯେ ଜାନୁଆରୀ ୨ ରେ ଏମ୍‌ସିଏକ୍ସରେ ରୁପା ମୂଲ୍ୟ ୨,୪୪,୯୯୯ ପ୍ରତି କିଲୋଗ୍ରାମରେ ପହଞ୍ଚିଛି। ସୂଚନା ଥାଉକି, ଗତ କିଛି ମାସ ଧରି ସୁନା ଏବଂ ରୁପା ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିଛି। ମୂଲ୍ୟ ସାମାନ୍ୟ ସଂଶୋଧନ ହେବା ପରେ ଭେନେଜୁଏଲା ସଙ୍କଟ ଉଭା ହୋଇଛି। ଏପରି ପରିସ୍ଥିତିରେ ସୁନା ଏବଂ ରୁପା ମୂଲ୍ୟ ପୁଣି ଥରେ ବୃଦ୍ଧି ପାଇବା ଆଶଙ୍କା କରାଯାଉଛି।

## ୱାଲ୍‌ଟିୟର ମଣ୍ଡଳରେ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

ଭୁବନେଶ୍ୱର,୪।୧(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ ୱାଲ୍‌ଟିୟର ମଣ୍ଡଳରେ ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଏହି ମଣ୍ଡଳ ଅଧୀନରେ କିଛି ଟ୍ରେନ୍ ବାତିଲ କରାଯାଇଛି। ଏହି ସମୟ ମଧ୍ୟରେ କିଛି ପାସେଞ୍ଜର ଏବଂ ଏକ୍ସପ୍ରେସ୍ ଟ୍ରେନ ବାତିଲ ହୋଇଥିବାବେଳେ କେତେକ ଟ୍ରେନ୍‌ର ମାର୍ଗ ଓ ସମୟ ପରିବର୍ତ୍ତନ କରାଯାଇଛି। ଜାନୁଆରୀ ୫, ୧୨ ଓ ୧୯ ତାରିଖରେ ୫୮୫୨୮/୫୮୫୨୭ ବିଶାଖାପାଟଣା-ରାୟପୁର-ବିଶାଖାପାଟଣା ପାସେଞ୍ଜର, ୫୮୫୩୭/୫୮୫୩୮ ବିଶାଖାପାଟଣା-କୋରାପୁଟ-ବିଶାଖାପାଟଣା ପାସେଞ୍ଜର ଓ ବିଶାଖାପାଟଣା-କୋରାପୁଟ ଇଣ୍ଟରସିଟି ଏକ୍ସପ୍ରେସ୍ ବାତିଲ ରହିବ। ସେହିପରି ଜାନୁଆରୀ ୬, ୧୩ ଓ ୨୦ ତାରିଖରେ ୧୮୫୧୧ କୋରାପୁଟ-ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ୍ ବାତିଲ ରହିବା ନେଇ ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ୧୮୦୦୬ ଜଗଦଲପୁର-ହାଓଡା ସମଲେଶ୍ୱରୀ ଏକ୍ସପ୍ରେସ୍ ଜାନୁଆରୀ ୧୯ରେ ଜଗଦଲପୁରରୁ ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ବିଳମ୍ବରେ ଛାଡିବ। ଚଳାଚଳରେ ପରିବର୍ତ୍ତନ ହୋଇଥିବା ଅନ୍ୟାନ୍ୟ ଟ୍ରେନ୍ ମଧ୍ୟରେ ୧୭୨୪୩ ଗୁଣ୍ଟୁର-ରାୟଗଡ଼ା ଏକ୍ସପ୍ରେସ୍, ୨୦୮୨୯ ଦୁର୍ଗ-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସ୍, ୧୮୩୦୧ ସମ୍ବଲପୁର-ରାୟଗଡା ଇଣ୍ଟରସିଟି ଏକ୍ସପ୍ରେସ୍, ୧୭୨୪୪ ରାୟଗଡ଼ା-ଗୁଣ୍ଟୁର ଏକ୍ସପ୍ରେସ୍, ୨୦୮୩୦ ବିଶାଖାପାଟଣା ଦୁର୍ଗ ବନ୍ଦେ ଭାରତ ଏକ୍ସପ୍ରେସ୍ ଓ ୧୮୩୦୨ ରାୟଗଡା ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ ରହିଛି। ଯାତ୍ରୀମାନଙ୍କୁ ଟ୍ରେନ୍ ସେବାରେ ଉପରୋକ୍ତ ପରିବର୍ତ୍ତନଗୁଡ଼ିକୁ ଧ୍ୟାନଦେବାକୁ ଏବଂ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି।

# Classified Everyday
0674-2580101, 9692975378



### REAL ESTATE
### SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023




**Professional body massage & steam-bath. Please contact TRUPTI SPA CENTER, PH.- 9861550765.** D-3012

All types of physiotherapy and massage. Contact: 9556924059/ 7656969134. D-3013

### AFFIDAVIT

By virtue of an affidavit sworn before the Executive Magistrate, Jharsuguda, No.- 9548, Dtd.- 10.09.2024, I, Sambhu Prasad Choudhury, R/o. At- Mangal Bazar, Bangali Pada, Ward No. 20, P.S./ Dist.- Jharsuguda, Odisha, PIN- 768201 declare that, I have changed the name of my daughter from Sushmita, D/o.- Sampu Patel to Rimjhim Kumari, D/o.- Shambhu Prasad Choudhury. Henceforth, she shall be known as Rimjhim Kumari, D/o.- Shambhu Prasad Choudhury for all purposes.

Shambhu Prasad Choudhury
D-3024

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

IN THE COURT OF CIVIL JUDGE SENIOR DIVISION BHADRAK.
C.S. NO. 1160/2024

1- Najar Emam Bije Bahudarada, 2- Sri Rakesh Kumar Nayak, aged about 30 years, S/o.- Sri Gadadhar Nayak. 3- Sri Satyanshu Sekhar Rout, aged about 41 years, S/o.- Late Golak Chandra Rout, 4- Sekh Isak, Aged about 65 years, S/o.- Late Sekh Rushtam, 5- SK Gora, aged about 38 years, S/o.- SK Seraj.
All are of Vill./Post- Bahudarda, P.S.- Bahudarda, P.S.- Bhadrak(R), Bhadrak.
................Plaintiffs

Vers

1- Najar Emam Bije Nijgaon, At/Post- Bahudarda, P.S.- Bhadrak(R), Bhadrak. 2- Najar Emam Bije Nijgaon Marfat Farid Khan, aged about 65 years, S/o.- Late Meharban Khan, At- Mirzapur, P.O./P.S.- Purnabazar, Dist.- Bhadrak. 3- Sri. Naresh Kumar Sahoo, aged about 40 years, S/o.- Umakanta Sahoo. 4- Smt. Sunanda Sahoo, aged about 39 years, W/o.- Naresh Kumar Sahoo, 5- Smt. Anadi Kalyani Singh, aged about 34 years, W/o.- Rajesh Kumar Sahoo, Defendants No.- 3 to 5 are of Village- Bankasahi, P.O./Dist.- Bhadrak (Town), Bhadrak. 6- Sri. Sailemdra Kumar Rout, aged about 47 years, S/o.- Late Gayadhar Rout, At- Kuansh, (Near Town Police Station), P.O./Dist.- Bhadrak (Town), Bhadrak. 7- SK. Abdul Ahesan, aged about 47 years, S/o.- SK. Abdul Sahid, At- Yusufpur (Chaddak Mahala), P.O./P.S.- Purnabazar, Dist.- Bhadrak. 8- Sahenaj Bano, aged about 37 years, W/o.- SK Abdul Rafique, At- Yusufpur (Chaddak Mahala), P.O./P.S.- Purnabazar, Dist.- Bhadrak. 9- Anora Bibi, aged about 37 yeras, W/o.- Sekh Asgar Ali, At- Mirzapur (Patnasahi) Chhadak Mahala, P.O./P.S.- Purnabazar, Dist.- Bhadrak. A/P- B-87, D.C Enclave, Old Halbatpur, Sentdevi Nagar Colony, Hailatpur, Goutam Buddha Nagar Uttar Pradesh, PIN-201009. 10- Ramesh Chandra Jena, aged about 59 years, S/o.- Late Jagabandhu Jena. 11- Sekh Jalo, aged about 35 years, S/o.- Sekh Isak. 12- Nijamuddin Khan, aged about 38 years, S/o.- Abdul Afar Khan. 13- Sekh Samser, aged about 61 years, S/o.- Sekh Haddi. 14- Birendra Jena, aged about 55 years S/o.- Gandhi Jena. 15- Gangadgar Nayak, aged about 55 years, S/o.- Late Krushna Ch. Nayak. 16- Soni Bibi, aged about 39 years, W/o.- SK Salim. 17- Arakhita Das aged about 38 years, S/o.- Late Chakradhar Das.
Defendents No.- 10 to 17 are of Vill./P.O.- Bahudarda, P.S.- Bhadrak(R), Dist.- Bhadrak.
...................Defendants

ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର ୧ ରୁଲ୍ ୮ ଅନୁଯାୟୀ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି ନିମ୍ନ ତଫସିଲ ବୃତ୍ତିପକ୍ଷେ ଆମ୍ଭେ ବାଦୀ ବହୁଦରଡ଼ା ଗ୍ରାମର ରିପ୍ରେଜେଣ୍ଟେଟିଭ ଭାବରେ ଅତ୍ର ମୋକଦ୍ଦମା ନିମ୍ନ ତଫସିଲ ଦାବୀରେ ଆଗତ କରିଅଛୁ ଓ ଗ୍ରାମର କେତେକ ଅଧିବାସଙ୍କୁ ପକ୍ଷଭୁକ୍ତ କରିଅଛୁ ଓ ତାହା ତା୦୭।୦୨।୨୬ରିଖକୁ ଧାର୍ଯ୍ୟ ଅଛି। ଯଦି ଅନ୍ୟ କୌଣସି ଗ୍ରାମବାସୀ କିମ୍ବା ସର୍ବସାଧାରଣଙ୍କ ଆପତ୍ତି ଅଭିଯୋଗ ଥାଏ ତେବେ ସେମାନେ ଉକ୍ତ ତାରିଖରେ ମୋକଦ୍ଦମାରେ ପକ୍ଷଭୁକ୍ତ ହୋଇ ଆପତ୍ତି ଅଭିଯୋଗ କରିପାରିବେ। ନଚେତ୍ ଆଇନ ଅନୁଯାୟୀ ଉଚିତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

PRAYER

Hence prayed that-
A- That, let a decree for easementary and customary right in favour of the plaintiff and defendants No.- 11 to 17 and general public be decreed. B- That, the sale deed dated 9.01.2018 vid deed No.- 10231800332 and 02.03.2022 vide deed No.- 10232201017 and 04.07.2018 vide deed No.- 10231803140 and on 04.07.2018 vide deed No.- 10231803139 and on 04.07.2018 vide deed No.- 10231803138 and on 19.07.2018 vid deed No.- 10233180382. Be declared null and void and not acted upon. C- That, the defendants No.- 2 to 10 be permanent injected in the peaceful possession of deity s land (suit Land) not to obstruct in any manner in seva puja and ceremonial observation of the festival and do any unlawful activities and to would the religious sentiment of the devotees. D. That the cost of the suit be decreed in favour of the plaintiffs. E. That, Any other relief the plaintiffs entitled be decreed in their favour.

SCHEDULE SUIT LAND

Dist.- Bhadrak, MZ- Bahudarda, P.S.- Bhadrak(R)
Consolidation Khata No.- 835

| | |
|---|---|
| Plot No.- 2615 | A0.57 dec. |
| Plot No.- 2630 | A0.23 dec. |
| Plot No.- 3527 | A0.61 dec. |

Corresponds to M.S. Khata No.- 655

| | |
|---|---|
| Plot No.- 2073 | A0.57 dec. |
| Plot No.- 2008 | A0.23 dec. |
| Plot No.- 2466/4287 | A0.61 dec. |

Further correspondents to C.S. Khata No.- 5

| | |
|---|---|
| Plot No.- 1988 | A0.24 dec. |
| Plot No.- 2051 | A0.61 dec. |
| Plot No.- 2333 | A0.82 dec. |

Sd./- Civil Judge, Senior Division, Bhadrak
D-3025

In the Court of the Additional Commissioner, Settlement & Consolidation, Bargarh
Settlement Revision Case No. 242 of 2024

Gurudwarasingh Sahab Balangir r/t president Surinder Singh, S/o.- Sarwan Singh ................Petitioner

Vrs.

Kanakabardhan Singhdeo S/o.- Rajaraj Singhdeo and others ...........Opp. Parties

To,
1. Kanakabardhan Singhdeo, 2. Shreebardhan Singhdeo both are S/o.- Rajaraja Singhdeo, 3. Mitrabindha Debi, 4. Satyarajeswari, Both are D/o.- Rajaraja Singhdeo, 5. Ananga Uday Singhdeo, S/o.- Rajendra Narayan Singhdeo, 6. Krishna Kumari Singhdeo, D/o.- Rajendra Narayan Singhdeo, All are R/o.- Balangir [Sailashree Palace], P.S./Tahasil/Dist.- Balangir ..................O.Ps

NOTICE THROUGH PAPER PUBLICATION U/O 5 RULE 20 CIVIL PROCEDURE CODE, 1908

The above petitioner has filed the above noted case against the above O.Ps for recording of the case land mentioned below on the strength of Regd. Gift Deed bearing No.427 dated 31.01.1977. However, due to communication deficiency the notices have not been served to the opposite parties. Hence this newspaper publication. The case land consists Hal Plot No.- 76 (P), Area- Ac.0.115 dec under Hal Khata No.- 182 of Mouza- Balangir Kha, P.S./Tah.- Balangir, Dist.- Balangir.

Hence, the O.Ps are to appear in this Court in person or through Advocate on 30.01.2026 at 11.00 AM by filing Counter in response to the said revision petition failing which the said revision case will be heard and determined Ex-Party in your absence as per law.

Given under my hand and seal of the Court on this 31st December 2025.

Sd./- ADDL. COMMISSIONER
SETTLEMENT & CONSOLIDATION,
BARGARH
D-3026

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ସୁଷମା ମହାନ୍ତି
ନୀଳକଣ୍ଠପୁର, ଧର୍ମଶାଳା, ଯାଜପୁର
ଆବିର୍ଭାବ: ୧୭।୦୫।୧୯୩୨
ତିରୋଧାନ: ୨୬।୧୨।୨୦୨୫
-:ଶ୍ରଦ୍ଧାଞ୍ଜଳି ସହ:-
ପୁତ୍ର- ଚିତ୍ତରଞ୍ଜନ ମହାନ୍ତି
ନାତି- ସିଦ୍ଧାର୍ଥ, ନାତୁଣୀବୋହୂ- ଅର୍ପିତା, ମହାନ୍ତି ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-3027

### ୨୦ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଆଶୁତୋଷ ପ୍ରଧାନ
ଅଳଗୁମ, ପୁରୀ
ଆବିର୍ଭାବ: ୨୫।୧୨।୧୯୭୨
ତିରୋଧାନ: ୦୫।୦୧।୨୦୦୬
ତୋ ଆତ୍ମା ଚିରଶାନ୍ତି ଲାଭକରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବାପା, ବୋଉ, ମାମୁ, ମାଈଁ, ଅପା, ପିଉସା, ମଉସା, ମାଉସୀ, ଭାଇ, ଭଉଣୀ, ସାଙ୍ଗ, ବନ୍ଧୁ ଓ ପରିବାରବର୍ଗ।
ଧ-3028

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

## ଡିସେମ୍ବରରେ ୧୨, ୩୯୨ ସୋନାଲିକା ଟ୍ରାକ୍ଟର ବିକ୍ରି

ଭୁବନେଶ୍ୱର,୪।୧(ଅନୁରାଧା ମହାରଣା)

ସୋନାଲିକା ଟ୍ରାକ୍ଟର୍ସ ୨୦୨୫ ଡିସେମ୍ବରରେ ଏହାର ସର୍ବୋଚ୍ଚ ୧୨,୩୯୨ ଟ୍ରାକ୍ଟର ବିକ୍ରୟ ରେକର୍ଡ ହାସଲ କରିଛି। ଉନ୍ନତ ଜ୍ଞାନକୌଶଳରେ ନିର୍ମିତ ଟ୍ରାକ୍ଟର ୧୮ ଲକ୍ଷରୁ ଅଧିକ ଚାଷୀଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ହୋସିଆରପୁରରେ ବିଶ୍ୱର ନମ୍ବର ୧ ପ୍ଲାଣ୍ଟରେ କମ୍ପାନୀର ଉତ୍ପାଦନ କ୍ଷମତା ଏକ ବିସ୍ତୃତ ଚ୍ୟାନେଲ ପାର୍ଟନର ନେଟ୍‌ୱର୍କ ସହିତ ମିଳିତ ଭାବରେ କ୍ଷେତ୍ରଗତ ଦକ୍ଷତା ବୃଦ୍ଧି କରୁଥିବା ଉନ୍ନତ ଟ୍ରାକ୍ଟରଗୁଡ଼ିକର ସମୟାନୁସାରେ ଉପଲବ୍ଧତା ସୁନିଶ୍ଚିତ କରୁଛି। ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଡିସେମ୍ବର ସୁଦ୍ଧା



୧୨,୩୯୨ ଟ୍ରାକ୍ଟରର ସର୍ବାଧିକ ବିକ୍ରୟ ଆମର ନୂତନ ସଫଳତା, ବିଭିନ୍ନ କୃଷି ପରିସ୍ଥିତିରେ ଆମର ଅଭିନବ ଟ୍ରାକ୍ଟର ସହିତ ଡିୟୁଏମ୍ ପ୍ରଦାନ କରିବା ଉପରେ ଆମର ଦୀର୍ଘକାଳୀନ ଧ୍ୟାନକୁ ଆହୁରି ଦୃଢ଼ କରୁଛି। ଗତ ବର୍ଷ ତୁଳନାରେ ରବି ବୁଣା କ୍ଷେତ୍ର ଯଥେଷ୍ଟ ବୃଦ୍ଧି ପାଇଛି, ଯାହା ଏକ ପ୍ରତିଶ୍ରୁତିପୂର୍ଣ୍ଣ ଫସଲ ଭବିଷ୍ୟତ ଏବଂ ଅଭିନବ ଯନ୍ତ୍ରପାତି ଦ୍ୱାରା ସ୍ଥିର ଅଭିବୃଦ୍ଧିକୁ ସୂଚିତ କରୁଛି।

## ଘର ବିକ୍ରି ୫% ହ୍ରାସ, ସେଲ୍‌ସ ଭାଲ୍ୟୁ ୧୧% ବୃଦ୍ଧି

ଭୁବନେଶ୍ୱର,୪।୧(ଅନୁରାଧା ମହାରଣା)

୨୦୨୫ ବର୍ଷ ରିଅଲ ଇଷ୍ଟେଟ ବଜାର ପାଇଁ ଆହ୍ୱାନପୂର୍ଣ୍ଣ ରହିଥିଲା। ଆନାରକ ଏବଂ ପ୍ରପ୍‌ଇକ୍ୱିଟି ସମେତ ଅନେକ ରିପୋର୍ଟ ଅନୁଯାୟୀ, ୨୦୨୫ରେ ବିକ୍ରୟ ପରିମାଣ ୫% ହ୍ରାସ ପାଇଛି, ତଥାପି ମୋଟ ବିକ୍ରୟ ମୂଲ୍ୟ ଅର୍ଥାତ୍ ସେଲସ୍ ଭାଲ୍ୟୁ ୧୧% ବୃଦ୍ଧି ପାଇଛି। ସରଳ ଭାଷାରେ କହିବାକୁ ଗଲେ, ଡେଭଲପରମାନେ କମ୍ ଘର ବିକ୍ରି କରିଛନ୍ତି କିନ୍ତୁ ରାଜସ୍ୱରେ ବୃଦ୍ଧି ଦେଖିଛନ୍ତି। ବିକ୍ରୟ ପରିମାଣରେ ହ୍ରାସ ଏବଂ ବିକ୍ରୟ ମୂଲ୍ୟ ବୃଦ୍ଧିର ମୁଖ୍ୟ କାରଣ ହେଉଛି ପ୍ରିମିୟମାଇଜେଶନ। ଏହାର ସ୍ପଷ୍ଟ ଅର୍ଥ ହେଉଛି ଯେ ବଜାରରେ ବିଳାସପୂର୍ଣ୍ଣ ଏବଂ ମହଙ୍ଗା ଘରଗୁଡ଼ିକ ସୁଲଭ ଏବଂ ଶସ୍ତା ଘରଗୁଡ଼ିକୁ ବଦଳାଇ ଦେଇଛି। କ୍ରେଡାଇ ଏବଂ ସିଆରଇ ମ୍ୟାଟ୍ରିକ୍ସ ପକ୍ଷରୁ ଡେଭେଲପର ସେଣ୍ଟିମେଣ୍ଟ ସର୍ଭେ ୨୦୨୬ ଏବଂ ସ୍କୋୟାର ୟାର୍ଡ ରିପୋର୍ଟ, ଡେଭଲପରମାନଙ୍କ ସଂଘ, ସ୍ପଷ୍ଟ ଭାବରେ ସୂଚିତ କରିଛି ଯେ, ପ୍ରିମିୟମ ଏବଂ ବିଳାସପୂର୍ଣ୍ଣ ଘର ଚାହିଦା ଶୀର୍ଷରେ ରହିଛି। ୨୦୨୬ରେ ବଜାର ମୂଲ୍ୟ-ନେତୃତ୍ୱାଧୀନ ଅଭିବୃଦ୍ଧି ପରିଲକ୍ଷିତ ହେବ। ଏହାର ଅର୍ଥ ହେଉଛି ଉଚ୍ଚମାନର ଘରଗୁଡ଼ିକର ଚାହିଦା କିଛି ପରିମାଣରେ ସାଚ୍ୟୁରେଟ୍ ହୋଇପାରେ, ଯାହା ମିଡ୍ ସେଗ୍‌ମେଣ୍ଟ ଘରଗୁଡ଼ିକୁ ବଜାରର ମୁଖ୍ୟ ଆଧାର ହେବ। ଏହା ସ୍ଥିର ପରିମାଣ ଏବଂ ବଜାର ଆକାରରେ ବୃଦ୍ଧି ମଧ୍ୟ ଆଣିବ। ଡେଭଲପରମାନେ ଅନୁଭବ କରୁଛନ୍ତି ଯେ ବଜାର କେବଳ ବିଳାସପୂର୍ଣ୍ଣ ପ୍ରକଳ୍ପ ଦ୍ୱାରା ପରିଚାଳିତ ହୋଇପାରିବ ନାହିଁ, ତେଣୁ ୨୦୨୬ ମସିହାରେ ମଧ୍ୟବିତ୍ତ ବର୍ଗ ପାଇଁ ନୂତନ ଲଞ୍ଚ ଆଶା କରାଯାଉଛି।

## ୫%ରୁ ୯% ବୃଦ୍ଧି ପାଇବ ଟୋଲ୍ ସଂଗ୍ରହ

ଭୁବନେଶ୍ୱର,୪।୧(ଅନୁରାଧା ମହାରଣା)

### ରେଟିଂ ଏଜେନ୍ସି ଆଇସିଆର୍‌ଏ ରିପୋର୍ଟ

ଆଗାମୀ ବର୍ଷଗୁଡ଼ିକରେ ଭାରତରେ ଟୋଲ ସଡ଼କ କ୍ଷେତ୍ର ସ୍ଥିର ଏବଂ ସକାରାତ୍ମକ ଦୃଷ୍ଟିକୋଣ ଦେଖିବ ବୋଲି ଆଶା କରାଯାଉଛି। ଏକ ରିପୋର୍ଟ ଅନୁଯାୟୀ, ଦେଶର ଟୋଲ୍ ଆଦାୟ ୨୦୨୬ ଆର୍ଥିକ ବର୍ଷରେ ୫% ରୁ ୯% ବୃଦ୍ଧି ପାଇବାର ଆଶା କରାଯାଉଛି। ଏହି ବୃଦ୍ଧିର ପ୍ରଭାବ ପରବର୍ତ୍ତୀ ବର୍ଷ, ଅର୍ଥାତ୍ ୨୦୨୭ ଆର୍ଥିକ ବର୍ଷରେ ଦେଖିବାକୁ ମିଳିବ, ଯେଉଁଠାରେ ଟୋଲ ରୋଡ କ୍ଷେତ୍ର ସ୍ଥିର ରହିବ ବୋଲି ଆକଳନ କରାଯାଇଛି। ରେଟିଂ ଏଜେନ୍ସି ଆଇସିଆରଏ, ଦ୍ୱାରା ପ୍ରକାଶିତ ଏହି ରିପୋର୍ଟରେ କୁହାଯାଇଛି ଯେ ବର୍ତ୍ତମାନର ଆର୍ଥିକ ପରିସ୍ଥିତି ସତ୍ତ୍ୱେ, ଟୋଲ ରୋଡ କ୍ଷେତ୍ର ଦୃଢ଼ ରହିଛି। ଟ୍ରାଫିକ ଅଭିବୃଦ୍ଧି, ଉନ୍ନତ ସଂଗ୍ରହ ବ୍ୟବସ୍ଥା ଏବଂ କାର୍ଯ୍ୟକ୍ଷମ ଖର୍ଚ୍ଚ ନିୟନ୍ତ୍ରଣ ଭଳି କାରଣଗୁଡ଼ିକ ଏହି କ୍ଷେତ୍ରରେ ସନ୍ତୁଳିତ ଅଭିବୃଦ୍ଧି ସୁନିଶ୍ଚିତ କରିବ ବୋଲି ଆଶା କରାଯାଉଛି। ରିପୋର୍ଟ ଅନୁଯାୟୀ, ଭବିଷ୍ୟତରେ ଟୋଲ୍ ସଂଗ୍ରହରେ ଉନ୍ନତି ଜାରି ରହିବ। ଆଇସିଆର୍‌ଏର ସେକ୍ଟର ମୁଖ୍ୟ ଏବଂ ସହାୟକ ଉପାଧ୍ୟକ୍ଷ ଏମ୍. ରାଜଶେଖର ରେଡ୍ଡି କହିଛନ୍ତି ଯେ ଦୁର୍ବଳ ପାଇକାରୀ ମୁଦ୍ରାସ୍ଫୀତି ହାର (ଡବ୍ଲ୍ୟୁପିଆଇ) ଯୋଗୁ ଆର୍ଥିକବର୍ଷ୨୭ ରେ ଟୋଲ ହାର ବୃଦ୍ଧି ସୀମିତ ହୋଇପାରେ। ନୂତନ ପ୍ରକଳ୍ପ ପାଇଁ ଟୋଲ୍ ହାର ହାରାହାରି ପ୍ରାୟ ୩.୨% ବୃଦ୍ଧି ପାଇବାର ଆକଳନ କରାଯାଇଛି। ପୁରୁଣା ପ୍ରକଳ୍ପ କ୍ଷେତ୍ରରେ ଏହି ବୃଦ୍ଧି ୧.୬% ରୁ ୨% ପର୍ଯ୍ୟନ୍ତ ହୋଇପାରେ। ଏହା ଉପରେ ଆଧାର କରି, ୨୦୨୭ ଆର୍ଥିକ ବର୍ଷରେ ଟୋଲ ଆଦାୟ ବୃଦ୍ଧି ୫% ରୁ ୮% ମଧ୍ୟରେ ରହିବ। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ବର୍ଦ୍ଧିତ ଟୋଲ ଆଦାୟ ଏବଂ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ହ୍ରାସ ଯୋଗୁ ବିଓଟି ଟୋଲ୍ ରାସ୍ତା ପ୍ରକଳ୍ପ ପାଇଁ ଋଣ କଭରେଜ ମେଟ୍ରିକ୍ସ ସନ୍ତୋଷଜନକ ରହିବ। ଏହା କ୍ଷେତ୍ରରେ ନିବେଶକ ଏବଂ ବ୍ୟାଙ୍କ ବିଶ୍ୱାସ ବଜାୟ ରଖିବ। ଟୋଲ୍ ସଂଗ୍ରହରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ) ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏନ୍‌ଏଚ୍‌ଏଆଇ ଆର୍ଥିକ ବର୍ଷ-୨୦୨୬ ର ପ୍ରଥମ ୯ ମାସରେ ଟୋଲ-ଅପରେଟ-ଟ୍ରାନ୍ସଫର (ଟିଓଟି) ବଣ୍ଡଲ ମାଧ୍ୟମରେ ୧୨,୩୫୭ କୋଟି ଟଙ୍କା ସଂଗ୍ରହ କରିଛି। ଏହା ଆର୍ଥିକ ବର୍ଷ ୨୦୧୯ ପରଠାରୁ ଟିଓଟିରୁ ମୋଟ ରାଜସ୍ୱ ୧,୦୪,୯୯୦ କୋଟି ଟଙ୍କାକୁ ବୃଦ୍ଧି କରିଛି। ରିପୋର୍ଟ ଅନୁଯାୟୀ, ଯଦି ଅତିରିକ୍ତ ବଣ୍ଡଲ ଜାରି କରାଯାଏ, ତେବେ ଏହି ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି ସଂଖ୍ୟା ପ୍ରାୟ ୧.୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିପାରେ। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ଏପ୍ରିଲରୁ ଅକ୍ଟୋବର ୨୦୨୫ ମଧ୍ୟରେ ୩,୪୬୮ କିଲୋମିଟର ରାସ୍ତା ନିର୍ମାଣ ହୋଇଛି, ଯାହା ଗତ ବର୍ଷର ସମାନ ଅବଧିରେ ୩,୯୨୦ କିଲୋମିଟର ଥିଲା। ସମ୍ପୂର୍ଣ୍ଣ ଆର୍ଥିକ ବର୍ଷ ପାଇଁ ରାସ୍ତା ନିର୍ମାଣ ୯,୦୦୦ରୁ ୯,୫୦୦ କିଲୋମିଟର ମଧ୍ୟରେ ହେବ ବୋଲି ଆକଳନ କରାଯାଇଛି। ଏହା ଆର୍ଥିକ ବର୍ଷ ୨୫ରେ ୧୦,୬୬୦ କିଲୋମିଟର ଥିଲା। ତଥାପି ରେଟିଂ ଏଜେନ୍ସି ବିଶ୍ୱାସ କରୁଛି ଯେ, ସରକାର ପ୍ରଦାନ କରିଥିବା ରାସ୍ତା କଂଷ୍ଟ୍ରାକ୍ଟସର ଦୈର୍ଘ୍ୟ ଆର୍ଥିକ ବର୍ଷ-୨୦୨୬ରେ ୮,୫୦୦ ରୁ ୯,୦୦୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିପାରେ, ଯାହା ଆର୍ଥିକ ବର୍ଷ ୨୫ରେ ଆକଳନ କରାଯାଇଥିବା ୭,୫୦୦ ରୁ ୮,୦୦୦ କିଲୋମିଟର ଥିଲା।

## ଅତ୍ୟଧିକ ଚିନ୍ତା ଓ ମସ୍ତିଷ୍କର କାର୍ଯ୍ୟଧାରା

କଥାରେ ଅଛି– ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି। ଅନେକ କାରଣରୁ ଆମେ ଅଧିକ ଚିନ୍ତା କରିଥାଉ। ବେଳେବେଳେ ଏପରି ଚିନ୍ତାଗ୍ରସ୍ତ ହୋଇଯାଉ ଯେ ତାହା ଆମର ଦୈନନ୍ଦିନ ଜୀବନଶୈଳୀକୁ ଅନେକାଂଶରେ ପ୍ରଭାବିତ କରିଥାଏ। ତେବେ ଅତ୍ୟଧିକ ଚିନ୍ତା କରିବା ଦ୍ୱାରା ତାହା ମସ୍ତିଷ୍କର କାର୍ଯ୍ୟଧାରାକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ସିଓଲ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ସେମାନେ ଏଭଳି କଥା ଜାଣିପାରିଛନ୍ତି। ଆବଶ୍ୟକତାଠାରୁ ଅଧିକ ଚିନ୍ତା କରୁଥିବା କେତେକ ବ୍ୟକ୍ତିଙ୍କର ମସ୍ତିଷ୍କର କାର୍ଯ୍ୟଧାରାକୁ ସେମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଶେଷରେ ଏମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ମସ୍ତିଷ୍କର କାର୍ଯ୍ୟଧାରା ଏହାଦ୍ୱାରା ପ୍ରଭାବିତ ହେଉଥିବାର ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ତା'ସହ ଅତ୍ୟଧିକ ଚିନ୍ତାଠାରୁ ନିଜକୁ ଯେତେସମ୍ଭବ ଦୂରେଇ ରଖିବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଏଥିପାଇଁ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।





## ଆଣ୍ଟିବାୟୋଟିକ୍ ଖାଉଥିଲେ...

କେତେକ ରୋଗରୁ ଉପଶମ ପାଇବା ଲାଗି ଡାକ୍ତର ଔଷଧ ସହ ଆଣ୍ଟିବାୟୋଟିକ୍ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ରୋଗର କାରଣକୁ ଭଲ ଭାବରେ ତର୍ଜମା କରି ସେ ଏଭଳି ନିଷ୍ପତ୍ତି ନେଇଥାଆନ୍ତି। ତେଣୁ କୌଣସି ରୋଗ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରୁଥିବା ବେଳେ ନିଜର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ତାଙ୍କୁ ବିଶଦ ଭାବରେ ଅବଗତ କରାନ୍ତୁ। କେତେକ ବ୍ୟକ୍ତି ରୋଗରୁ ଉପଶମ କରିବା ମାତ୍ରେ ଆଣ୍ଟିବାୟୋଟିକ୍ ଖାଇବା ମନକୁ ମନ ବନ୍ଦ କରିଦିଅନ୍ତି। ହେଲେ ଏଭଳି ଅଭ୍ୟାସ ବଦଳାନ୍ତୁ। ଏ ନେଇ ମନରେ କିଛି ପ୍ରଶ୍ନ ଥିଲେ ଡାକ୍ତରଙ୍କ ସହ ପୁନଃ ପରାମର୍ଶ କରନ୍ତୁ। ଯେତେଦିନ ପର୍ଯ୍ୟନ୍ତ ସେ ଆଣ୍ଟିବାୟୋଟିକ୍ ଖାଇବାକୁ ପରାମର୍ଶ ଦେଇଛନ୍ତି ତାହାକୁ ସେପର୍ଯ୍ୟନ୍ତ ଚାଲୁ ରଖନ୍ତୁ। ଔଷଧ ବିଷୟରେ ମନରେ କିଛି ବି ପ୍ରଶ୍ନ ଆସୁଥିଲେ ସେଗୁଡ଼ିକୁ ପରାମର୍ଶ ସମୟରେ ହିଁ ସମାଧାନ କରନ୍ତୁ। ସବୁଠାରୁ ଖାସ୍ କଥା ହେଲା, ଆଣ୍ଟିବାୟୋଟିକ୍ ମନକୁ ମନ କିଣି ଖାଆନ୍ତୁ ନାହିଁ। ଏହାପୂର୍ବରୁ ନିଶ୍ଚୟ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ବାତମାରିବା ସମୟରେ...

►ମନେରଖିବା କଥା ଯେ ରୋଗୀଠାରେ ବାତମାରିବା ଲକ୍ଷଣ ଅସ୍ଥାୟୀ ଏବଂ ତାହା ମନକୁ ମନ ଉପଶମ ହୋଇଯାଏ। ତେଣୁ ସେହି ବାତମାରିବା ସମୟରେ ହିଁ ରୋଗୀ ଉପରେ ତୀକ୍ଷ୍ଣ ନଜର ରଖନ୍ତୁ।

►ରୋଗୀକୁ ବାତମାରିଲା ବେଳେ ତା' ପାଖରୁ ଚେୟାର୍, ଟେବୁଲ୍ ଭଳି କଠିନ ଜିନିଷପତ୍ର ଏବଂ ଧାରୁଆ ଓ ମୁନିଆ ପଦାର୍ଥ ତୁରନ୍ତ ହଟେଇ ନେବା ଉଚିତ।

►ବାତମାରିବା ବନ୍ଦ କରିବା ପାଇଁ ରୋଗୀକୁ ମାଡ଼ି ବସି ଧରିବା ନିରାପଦ ନୁହେଁ। ରୋଗୀକୁ କଡ଼ମାଡ଼ି ଶୁଆଇ ଦିଅନ୍ତୁ। ଏହାଦ୍ୱାରା ତା'ର ଶ୍ୱାସକ୍ରିୟା ସାବଲୀଳ ରୁହେ।

►ବାତମାରିବା ସମୟରେ ତା' ପାଟିରେ କୌଣସି ଆଙ୍ଗୁଠି, କାଠି କି ଚାମଚ ଭର୍ତ୍ତି କରନ୍ତୁ ନାହିଁ।

►ଏହି ସମୟରେ ନିଜେ ଶାନ୍ତ ରୁହନ୍ତୁ। ବାତମାରିବା ବନ୍ଦ ହୋଇ ଚେତା ଫେରିଆସିଲେ ତାକୁ ସାନ୍ତ୍ୱନା ଦିଅନ୍ତୁ।

►କିନ୍ତୁ ବାତମାରିବା ବନ୍ଦ ନ ହେଲେ, ବାରମ୍ବାର ବାତମାରିଲେ କିମ୍ବା ଚେତା ନ ଫେରିଲେ ଆମ୍ବୁଲାନ୍ସ ଡକାଇ ରୋଗୀକୁ ତୁରନ୍ତ ହସ୍ପିଟାଲ୍ ନେଇଯାଆନ୍ତୁ।



# ପେଟମରା ବେମାରି



ଡା. ନିତ୍ୟାନନ୍ଦ ସ୍ୱାଇଁ

"ପ୍ରଧାନତଃ ହେଲିକୋବ୍ୟାକ୍ଟର ପାଇଲୋରୀ ନାମକ ଜୀବାଣୁ ସଂକ୍ରମଣ, ଷ୍ଟେରଏଡ୍ ହୋଇ ନ ଥିବା ପ୍ରଦାହରୋଧୀ ଔଷଧଗୁଡ଼ିକର ବେଶିଦିନ ଧରି ସେବନ ଏବଂ କେତେକ କ୍ଷେତ୍ରରେ ଅତ୍ୟଧିକ ମାନସିକ ଚାପ ବା ଷ୍ଟ୍ରେସ୍ ଯୋଗୁ ପେଟମରା ବେମାରି ଜାତ ହୋଇଥାଏ। ଉପରୋକ୍ତ କାରକ ପାକସ୍ଥଳୀରେ କ୍ଷରିତ ଅମ୍ଳର ସନ୍ତୁଳନକୁ ବିପର୍ଯ୍ୟସ୍ତ କରିଦେବା ଫଳରେ ସୃଷ୍ଟି ହୁଏ ଗାଷ୍ଟ୍ରାଇଟିସ୍ ବା ପାକସ୍ଥଳୀ ପ୍ରଦାହ, ପେପ୍ଟିକ ଅଲସର ବା ପାକସ୍ଥଳୀ କିମ୍ବା ଗ୍ରହଣୀ(ଡୁଓଡେନମ୍)ରେ ଘାଆ ଏବଂ ଜିଇଆର୍‌ଇଡି ବା ଗାଷ୍ଟ୍ରୋଏସୋଫାଜିଆଲ ରିଫ୍ଲକ୍ସ ଡିଜିଜ। ଏହି କାରଣଗୁଡ଼ିକ ଯଥାଯଥ ଚିହ୍ନଟ କରିପାରିଲେ ସୁଗମ ହୋଇଯାଏ ଚିକିତ୍ସା। ପାକସ୍ଥଳୀରେ ସୃଷ୍ଟ ଘାଆକୁ କୁହାଯାଏ ଗ୍ୟାଷ୍ଟ୍ରିକ ଅଲସର ଓ ଗ୍ରହଣୀରେ ହୋଇଥିବା ଘାଆକୁ କୁହାଯାଏ ଡୁଅଡେନାଲ ଅଲସର।"

ପେଟମରା ବେମାରିକୁ ଡାକ୍ତରୀ ଭାଷାରେ କହନ୍ତି 'ଏସିଡ୍ ପେପ୍ଟିକ୍ ଡିଜିଜ'। ଏହାକୁ ମଧ୍ୟ ଏସିଡ୍–ରିଲେଟେଡ୍ ଡିଜଅର୍ଡର ବା ଅମ୍ଳ ସମ୍ପର୍କିତ ରୋଗ ବୋଲି କୁହାଯାଏ। ଏକାଧିକ ଅବସ୍ଥା ଏହାର ଅନ୍ତର୍ଭୁକ୍ତ। ଏହିସବୁ କ୍ଷେତ୍ରରେ ପାକସ୍ଥଳୀରେ ଅସ୍ୱାଭାବିକ ଭାବରେ ବେଶି ପରିମାଣର ଏସିଡ୍ ବା ଅମ୍ଳ କ୍ଷରିତ ହୋଇଥାଏ ଓ ତାହାର ପ୍ରତିକୂଳ ପ୍ରଭାବ ପକେଇଥାଏ ପରିପାକ ତନ୍ତ୍ରରେ। ଏସିଡ୍ ପେପ୍ଟିକ ଡିଜିଜରେ ସମ୍ପୃକ୍ତ ଥାଏ ପାକସ୍ଥଳୀରୁ କ୍ଷରିତ ପେପ୍ଟିକ ନାମକ ଏନ୍‌ଜାଇମ୍ ଏବଂ ଶ୍ଳେଷ୍ମାଝିଲ୍ଲି ପ୍ରତିରୋଧକ। ପେପ୍ଟିକ ଅଲସର ମଧ୍ୟ ଏସିଡ୍ ପେପ୍ଟିକ ଡିଜଅର୍ଡର ଅନ୍ତର୍ଭୁକ୍ତ।

### ପେଟମରା ବେମାରି ହୁଏ କାହିଁକି

ପ୍ରଧାନତଃ ହେଲିକୋବ୍ୟାକ୍ଟର ପାଇଲୋରୀ ନାମକ ଜୀବାଣୁ ସଂକ୍ରମଣ, ଷ୍ଟେରଏଡ୍ ହୋଇ ନ ଥିବା ପ୍ରଦାହରୋଧୀ ଔଷଧଗୁଡ଼ିକର ବେଶିଦିନ ଧରି ସେବନ ଏବଂ କେତେକ କ୍ଷେତ୍ରରେ ଅତ୍ୟଧିକ ମାନସିକ ଚାପ ବା ଷ୍ଟ୍ରେସ୍ ଯୋଗୁ ପେଟମରା ବେମାରି ଜାତ ହୋଇଥାଏ। ଉପରୋକ୍ତ କାରକ ପାକସ୍ଥଳୀରେ କ୍ଷରିତ ଅମ୍ଳର ସନ୍ତୁଳନକୁ ବିପର୍ଯ୍ୟସ୍ତ କରିଦେବା ଫଳରେ ସୃଷ୍ଟି ହୁଏ ଗାଷ୍ଟ୍ରାଇଟିସ୍ ବା ପାକସ୍ଥଳୀ ପ୍ରଦାହ, ପେପ୍ଟିକ ଅଲସର ବା ପାକସ୍ଥଳୀ କିମ୍ବା ଗ୍ରହଣୀ(ଡୁଓଡେନମ୍)ରେ ଘାଆ ଏବଂ ଜିଇଆର୍‌ଇଡି ବା ଗାଷ୍ଟ୍ରୋଏସୋଫାଜିଆଲ ରିଫ୍ଲକ୍ସ ଡିଜିଜ। ଏହି କାରଣଗୁଡ଼ିକ ଯଥାଯଥ ଚିହ୍ନଟ କରିପାରିଲେ ସୁଗମ ହୋଇଯାଏ ଚିକିତ୍ସା। ପାକସ୍ଥଳୀରେ ସୃଷ୍ଟ ଘାଆକୁ କୁହାଯାଏ ଗାଷ୍ଟ୍ରିକ ଅଲସର ଓ ଗ୍ରହଣୀରେ ହୋଇଥିବା ଘାଆକୁ କୁହାଯାଏ ଡୁଅଡେନାଲ ଅଲସର।





**ହେଲିକୋବ୍ୟାକ୍ଟର ପାଇଲୋରୀ ବା ଏଚ.ପାଇଲୋରୀ ସଂକ୍ରମଣ :** ଏହା ହେଉଛି ଏକ ଅତି ସାଧାରଣ ଜୀବାଣୁ ସଂକ୍ରମଣ ଯାହା ଗାଷ୍ଟ୍ରାଇଟିସ୍ ଏବଂ ପେପ୍ଟିକ ଅଲସର କରାଇଥାଏ।

**ନନ୍–ଷ୍ଟିରଏଡାଲ ଆଣ୍ଟିଇନ୍‌ଫ୍ଲାମେଟୋରୀ ଡ୍ରଗ୍ସ (ଏନ୍‌ଏସ୍‌ଏଆଇଡି) :** ଆସ୍ପିରିନ୍ ଓ ଇବ୍ୟୁପ୍ରୋଫେନ୍ ଭଳି ଷ୍ଟିରଏଡ୍ ହୋଇ ନ ଥିବା ପ୍ରଦାହରୋଧୀ ଔଷଧକୁ ଦୀର୍ଘ ଦିନ ଧରି ବ୍ୟବହାର କଲେ ତାହା ପାକସ୍ଥଳୀ ଝିଲ୍ଲୀରେ କ୍ଷତ ସୃଷ୍ଟି କରି ରୋଗ କରେ।

**ଷ୍ଟ୍ରେସ୍ ବା ଅସ୍ୱାଭାବିକ ମାନସିକ ଚାପ ବୃଦ୍ଧି :** ପ୍ରତ୍ୟକ୍ଷ ଭାବରେ ନ ହେଲେ ମଧ୍ୟ ଷ୍ଟ୍ରେସ୍ ବା ମାନସିକ ଚାପ ଅଧିକ ହୋଇଗଲେ ତାହା ରୋଗର ଲକ୍ଷଣଗୁଡ଼ିକର ତୀବ୍ରତାକୁ ବୃଦ୍ଧି କରିଥାଏ।

ଏହି ରୋଗ ମଧ୍ୟ ଜାତ ହୁଏ ଧୂମପାନ ଓ ମଦ୍ୟପାନ ଯୋଗୁ। ସେଥିପାଇଁ ରୋଗୀ ଧୂମପାନ ଓ ମଦ୍ୟପାନ କରିବା ମନା। ଜୋରିଞ୍ଜର–ଏଲିସନ୍ ସିଣ୍ଡ୍ରୋମ ବା ଗାଷ୍ଟ୍ରିନୋମା ନାମକ ରୋଗ ଯୋଗୁଁ ପାକସ୍ଥଳୀରେ ଏସିଡ୍ କ୍ଷରଣ ବଢ଼ିଯାଇ ରୋଗ ଜାତ ହୁଏ। ମନେରଖିବା ଉଚିତ ଯେ ଏହି ରୋଗଟି ସଂକ୍ରାମକ ନୁହେଁ।

ପେପ୍ଟିକ ଅଲସର ତିନି ପ୍ରକାର, ଯଥା–ଗାଷ୍ଟ୍ରିକ ଅଲସର ବା ପାକସ୍ଥଳୀରେ ଘାଆ, ଡୁଓଡେନାଲ ଅଲସର ବା ଗ୍ରହଣୀରେ ଘାଆ ଏବଂ ଏସୋଫାଜିଆଲ ଅଲସର ବା ଏସୋଫାଗସ୍ ବା ଖାଦ୍ୟନଳୀର ତଳ ଅଂଶରେ ଘାଆ।

### ଲକ୍ଷଣ

ପେଟମରା ବେମାରିର ଲକ୍ଷଣ ଭିନ୍ନତା ପରିଲକ୍ଷିତ ହେଉଥିଲେ ମଧ୍ୟ ସାଧାରଣ ଲକ୍ଷଣଗୁଡ଼ିକ ହେଲା :

–ପେଟ ମାରିବା ବା ପେଟରେ ଯନ୍ତ୍ରଣା, ବିଶେଷକରି ଉଦରର ଉପର ଅଂଶରେ।

–ଅଗ୍ନିମାନ୍ଦ୍ୟ ବା ଅଜୀର୍ଣ୍ଣ।

–**ଛାତି ଜଳାପୋଡ଼ା :** ପାକସ୍ଥଳୀରେ ଥିବା ଅମ୍ଳ ଖାଦ୍ୟବାହୀ ନଳୀ ଭିତରକୁ ପଛୁଆ ଚାଲିଯିବା ଫଳରେ ଛାତିରେ ଜଳାପୋଡ଼ା କରେ।

–**ଅଇ ଓ ବାନ୍ତି :** ସାଧାରଣତଃ ଖାଇସାରିବା ପରେ ପରେ କିମ୍ବା ଶାୟିତ ଅବସ୍ଥାରେ ଏହି ଲକ୍ଷଣ ଦେଖାଦେଇପାରେ।

**ରିଗର୍ଜିଟେସନ୍ ବା ପଶ୍ଚାତ୍ ପ୍ରବାହ** ଜୀର୍ଣ୍ଣ ହୋଇ ନ ଥିବା ଖାଦ୍ୟ ପାକସ୍ଥଳୀ ଭିତରୁ ପାଟି ଭିତରକୁ ଉଠି ଆସିବା ଫଳରେ ପାଟିରେ ଆମ୍ବିଳା ସ୍ୱାଦ ଅନୁଭୂତ ହୁଏ।

**ଉକାର ଉଠିବା ଓ ପେଟ ଫାମ୍ପିବା:** ଅନ୍ତନଳୀରେ ବେଶି ଗ୍ୟାସ୍ ଜମି ଓକାର ଉଠେ ଓ ପେଟ ପୂରି ରହିବା ଭଳି ଅନୁଭବ ହୁଏ।

**ଓଜନ ହ୍ରାସ :** ରୋଗ ଅତି ଗୁରୁତର କିମ୍ବା ଦୀର୍ଘକାଳର ହୋଇଗଲେ ଶରୀରର ଓଜନ କମିଯାଏ।

**ରକ୍ତ ବାନ୍ତି ଓ କଳା ଝାଡ଼ା :** ବାନ୍ତିରେ ରକ୍ତ ପଡ଼ିପାରେ ଏବଂ ପାକସ୍ଥଳୀ ଓ ଗ୍ରହଣୀରେ ରକ୍ତସ୍ରାବ ହେବା କାରଣରୁ ଝାଡ଼ା ଆଲକାତରା ଭଳି କଳା ଓ ଚିକିଟା ହୋଇଥାଏ।

**ଖାଦ୍ୟ ଢୋକିବାରେ କଷ୍ଟ :** ବିଶେଷକରି ପାଟିରୁ ପାକସ୍ଥଳୀକୁ ଖାଦ୍ୟ ବହନ କରି ନେଉଥିବା ନଳୀ ବା ଏସୋଫାଗସ୍ ସଂକୁଚିତ ହୋଇପଡ଼ିଲେ ଖାଦ୍ୟ ଢୋକିବାରେ ଅସୁବିଧା ଉପୁଜିପାରେ।

ଉପରୋକ୍ତ ଲକ୍ଷଣମାନ ଲାଗି ରହିଲେ ରୋଗ ନିର୍ଣ୍ଣୟ ଓ ଚିକିତ୍ସା ପାଇଁ ଡାକ୍ତରଙ୍କ ସହ ପରାମର୍ଶ କରିବା ଜରୁରୀ। ପାକସ୍ଥଳୀରେ ଘାଆ ହୋଇଥିଲେ କିଛି ଖାଇଦେବା ପରେ ଯନ୍ତ୍ରଣା ଉପଶମ ହୋଇଥାଏ। ପାଖାପାଖି ଏକ ତୃତୀୟାଂଶ ବୟସ୍କ ରୋଗୀଙ୍କ ଠାରେ କୌଣସି ଲକ୍ଷଣ ପ୍ରକାଶ ପାଏନି।

**ପେପ୍ଟିକ ଅଲସର ହୋଇଥିଲେ...**

–ରକ୍ତବାନ୍ତି ହୋଇପାରେ। ଅନ୍ତତଃ ୧୫ ପ୍ରତିଶତ ରୋଗୀଙ୍କଠାରେ ପରିଲକ୍ଷିତ ହୁଏ ରକ୍ତବାନ୍ତି ଲକ୍ଷଣ।

–ହୋଇପାରେ ଆଲକତରା ଭଳି କଳାଝାଡ଼ା।

–ଅଲସର ବା ଘାଆ ଫଣା ହୋଇଯାଇପାରେ।

–ଘାଆ ଯୋଗୁ ପାକସ୍ଥଳୀର ତଳ ମୁହଁ ସଂକୀର୍ଣ୍ଣ ହୋଇ ଛିଦ୍ର ଅସ୍ୱାଭାବିକ ଭାବରେ ସରୁ ହୋଇଯାଇପାରେ। ଏହି ପ୍ରକାର ଲକ୍ଷଣକୁ 'ପାଇଲୋରିକ୍ ଷ୍ଟେନିସିସ୍' ବୋଲି କହନ୍ତି।

–ସୋଫୋଗସ୍ ତଳ ଅଂଶରେ ଘାଆ ହେଲେ ହୋଇପାରେ ଦନ୍ତକ୍ଷୟ, ଖାଦ୍ୟ ଗିଳିବାରେ କଷ୍ଟ ଓ ଛାତି ଜଳାପୋଡ଼ା ଇତ୍ୟାଦି।

### ଚିକିତ୍ସାବିଧି

ଏସିଡ୍ ପେପ୍ଟିକ୍ ଡିଜିଜର ଚିକିତ୍ସା ପାଇଁ ଲୋଡ଼ା ପଡ଼େ ଔଷଧ, ଜୀବନଶୈଳୀରେ ପରିବର୍ତ୍ତନ ଓ ଖାଦ୍ୟ କଟକଣା। କେତେକ କ୍ଷେତ୍ରରେ ଅପରେଶନ ଦରକାର ହୁଏ। ଓମୋପ୍ରାଜୋଲ, ଏସୋମପ୍ରାଜୋଲ, ଲାନ୍‌ସୋପ୍ରାଜୋଲ, ପାଣ୍ଟୋପ୍ରାଜୋଲ୍ ଇତ୍ୟାଦି ଔଷଧ ଆଣ୍ଟାସିଡ୍ ଭଳି କାର୍ଯ୍ୟ କରି ପାକସ୍ଥଳୀରେ କ୍ଷରିତ ଏସିଡ୍ ପ୍ରଭାବକୁ ଅକାମୀ କରିଦିଏ। ଫଳରେ ଯନ୍ତ୍ରଣାର ଆଶୁ ଉପଶମ ଘଟେ। ଏହିସବୁ ଔଷଧ ମଧ୍ୟ ହ୍ରାସ କରିଦିଏ। ପାକସ୍ଥଳୀରେ ଏସିଡ୍‌ର କ୍ଷରଣ କମେଇ ଦେଇ ଲକ୍ଷଣ ଉପଶମ କରିଦିଏ। ଉପରୋକ୍ତ ଔଷଧ ବ୍ୟତୀତ ଆଣ୍ଟିବାୟୋଟିକ୍ ଔଷଧ ମଧ୍ୟ ଆବଶ୍ୟକ ହୁଏ ହେଲିକୋବ୍ୟାକ୍ଟର ପାଇଲୋରୀ ଜୀବାଣୁ ଚିକିତ୍ସା ପାଇଁ। (କ୍ରମଶଃ...)

–'ଅଭୀପ୍‌ସା', 'ସେକ୍ଟର–୬, ପ୍ଲଟ ନଂ–୧୧୩୧, ଅଭିନବ ବିଡ଼ାନାସୀ, କଟକ
ମୋ : ୯୪୩୭୭୬୬୧୧୭

## କୋଲେଷ୍ଟରଲ ନିୟନ୍ତ୍ରଣର ସହଜ ଉପାୟ



ଆମ ଶରୀରରେ କୋଲେଷ୍ଟରଲ ପରିମାଣ ନିୟନ୍ତ୍ରଣରେ ରହିବା ନିହାତି ଦରକାର। ତେବେ ଏହାର ଏକ ସରଳ ତଥା ସହଜ ଉପାୟ ହାତ ପାଆନ୍ତାରେ ରହିଛି। ତାହା କ'ଣ ଜାଣନ୍ତି? ଯଦି ଜଣେ ବ୍ୟକ୍ତି ନିୟମିତ ସକାଳୁ ଖାଲି ପେଟରେ ଉଷୁମ ପାଣି ପିଅନ୍ତି, ତେବେ ତାଙ୍କ ଶରୀରରେ କୋଲେଷ୍ଟରଲ ପରିମାଣ କେତେକାଂଶରେ ନିୟନ୍ତ୍ରଣରେ ରହେ। ଲଣ୍ଡନ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଏ କଥା ଜଣାପଡ଼ିଛି। ଏହି ସମୟରେ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ନିୟମିତ ଉଷୁମ ପାଣି ପିଉଥିବା କେତେକ ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସେମାନଙ୍କର କୋଲେଷ୍ଟରଲ ପରିମାଣ କେତେ ରହୁଛି ତାହା ମଧ୍ୟ ପରୀକ୍ଷା କରାଯାଇଥିଲା। ପରିଶେଷରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର କୋଲେଷ୍ଟରଲ କେତେକାଂଶରେ ନିୟନ୍ତ୍ରଣକୁ ଆସିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ନିୟମିତ ଉଷୁମ ପାଣି ପିଇଲେ ତାହା ପାଚନ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। ତା'ସହ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଏହା ମଧ୍ୟ ସାହାଯ୍ୟ କରେ।

## ଜାଣି ରଖନ୍ତୁ



● ସବୁବେଳେ ନିଜର ଖାଦ୍ୟପେୟ ପ୍ରତି ସଜାଗ ରୁହନ୍ତୁ। କାରଣ ନିଜକୁ ସୁସ୍ଥ ରଖିବା ପଛରେ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

● ନିଜକୁ ଟେନ୍‌ସନ୍‌ଠାରୁ ଯେତେସମ୍ଭବ ଦୂରେଇ ରଖନ୍ତୁ। ନିୟମିତ ଯୋଗ କଲେ ଏଥିରୁ କେତେକାଂଶରେ ନିଜକୁ ଦୂରେଇ ରଖିପାରିବେ।

● ଅଙ୍ଗୁରରେ ଭିଟାମିନ୍–ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ବ୍ୟାକ୍ଟେରିଆ, ଭାଇରସ୍ ଆଦି ସଂକ୍ରମଣରୁ ମଧ୍ୟ ଏହା ଆମକୁ କେତେକାଂଶରେ ସୁରକ୍ଷା ପ୍ରଦାନ କରେ।

● ବେଳେବେଳେ ଠିକ୍ ସମୟରେ ଖାଦ୍ୟ ନ ଖାଇବା କି ପାଣି ନ ପିଇବା ଦ୍ୱାରା ମୁଣ୍ଡ ବହୁତ ଜୋର୍‌ରେ ବ୍ୟଥା ହୁଏ। ତେଣୁ ସମୟ ଅନୁଯାୟୀ ସନ୍ତୁଳିତ ଖାଦ୍ୟ ଖାଇବା ଓ ପ୍ରଚୁର ପାଣି ପିଇବା ନିହାତି ଦରକାର।

● ଗାଜର ଶରୀରର ଓଜନକୁ ସନ୍ତୁଳିତ ରଖେ, କାରଣ ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି। ଡାଏଟିଂ ପାଇଁ ଏହାକୁ ମଧ୍ୟ ବ୍ୟବହାର କରିପାରିବା।

## ସ୍ୱା ସ୍ଥ୍ୟ ସୂ ଚ ନା

➤ତଟକା ଫଳମୂଳରେ ଭିଟାମିନ୍ ଭରି ରହିଛି। ଏହାକୁ ବ୍ରେକ୍‌ଫାଷ୍ଟ ତାଲିକାରେ ସାମିଲ କରନ୍ତୁ। ଏଥିରୁ ପ୍ରସ୍ତୁତ ଜୁସ୍ ମଧ୍ୟ ବେଶ୍ ଉପକାରୀ।

➤ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରହି କାମ କରନ୍ତୁ ନାହିଁ। ମଝିରେ କିଛି ସମୟ ଚାଲବୁଲ କରନ୍ତୁ।

➤ଯଦି ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି, ତେବେ ନିୟମିତ ସମୟ ବ୍ୟବଧାନରେ ଆଖି ପରୀକ୍ଷା କରାଇ ନିଅନ୍ତୁ।

➤ଡାଇବେଟିସ୍ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଡାକ୍ତର କେତେକ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପରାମର୍ଶ ଦେଇଥାଆନ୍ତି। ଏହାକୁ ଅବହେଳା କରନ୍ତୁ ନାହିଁ।

➤ସବୁ ଖାଦ୍ୟ ଆବଶ୍ୟକ ଅନୁଯାୟୀ ଖାଆନ୍ତୁ। ନନ୍‌ଭେଜ୍ ଖାଦ୍ୟ ଖାଉଥିଲେ ଏହାର ପରିମାଣ ଯେତେ ସୀମିତ ରହିବ ସେତେ ଭଲ।

➤ଯଦି ବୟସ ୫୦ ଟପିଲାଣି ତେବେ ଆପଣଙ୍କ ଶରୀରରେ ଭିଟାମିନ୍ ପରିମାଣ କେତେ ରହିଛି ତାହା ପରୀକ୍ଷା କରାଇ ନିଅନ୍ତୁ।

➤ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ମନ ହାଲୁକା ରହିଥାଏ ଏବଂ ଶରୀର କେତେକାଂଶରେ ସୁସ୍ଥ ରହିଥାଏ।



## ସୁନିଦ୍ରା ବୃଦ୍ଧି କରେ ରୋଗ ପ୍ରତିରୋଧକ ଶକ୍ତି

ରୋଗଠାରୁ କେତେକାଂଶରେ ଦୂରେଇ ରହିବାରେ ରୋଗ ପ୍ରତିରୋଧକ ଶକ୍ତି ଅନେକାଂଶରେ ସାହାଯ୍ୟ କରିଥାଏ। ତେଣୁ ଏହା ସବୁବେଳେ ସନ୍ତୁଳିତ ରହିବା ନିହାତି ଦରକାର। ଏଥିଲାଗି ଏକ ସରଳ ଉପାୟ ଆପଣେଇ ପାରନ୍ତି। ତାହା ହେଲା ସୁନିଦ୍ରା। ଯଦି ଜଣେ ବ୍ୟକ୍ତି ପ୍ରାୟ ସବୁବେଳେ ଶାନ୍ତ ମନରେ ନିଦ୍ରା ଯାଆନ୍ତି ତେବେ ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି କେତେକାଂଶରେ ବୃଦ୍ଧି ପାଇଥାଏ। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏ ନେଇ ଏକ ସର୍ଭେ କରିଥିଲେ। ନିଦ୍ରାଜନିତ ସମସ୍ୟା ନ ଥିବା ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି କେତେ ଦୃଢ଼ ରହୁଛି ସେ ନେଇ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରୀକ୍ଷା କରି ଏକଥା ଜାଣିପାରିଥିଲେ। ତେବେ ଏହାସହ ଖାଦ୍ୟପେୟ ଏବଂ ସନ୍ତୁଳିତ ଜୀବନଶୈଳୀର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଶୋଇବା ପୂର୍ବରୁ ନିଜ ମନକୁ ଶାନ୍ତ ରଖନ୍ତୁ। ଏହି ସମୟରେ କୌଣସି ଟେନ୍‌ସନ୍‌ର ବଶବର୍ତ୍ତୀ ହୁଅନ୍ତୁ ନାହିଁ। କାରଣ ଏହାଦ୍ୱାରା ନିଦ୍ରା ଅନେକାଂଶରେ ପ୍ରଭାବିତ ହୋଇଥାଏ। ନିଦ୍ରାଜନିତ ସମସ୍ୟା ପରୋକ୍ଷରେ କେତେକ ରୋଗକୁ ମଧ୍ୟ ଆମନ୍ତ୍ରଣ କରିଥାଏ।



ଧରିତ୍ରୀ DHARITRI
52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜାନୁଆରୀ ୫/୨୦୨୬ Bhubaneswar, Monday, January 5/ 2026




# ଆଜିଠୁ ଡିଉରେ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ

ଭୁବନେଶ୍ୱର, ୪।୧(ତପନ ସ୍ୱାଇଁ)

ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ଦ୍ୱିତୀୟ ସଂସ୍କରଣ ପାଇଁ କେନ୍ଦ୍ରଶାସିତ ଅଞ୍ଚଳ ଡିଉ ପ୍ରସ୍ତୁତ। ପ୍ରଥମ ସଂସ୍କରଣ ପରି ଏଥର ମଧ୍ୟ ଏହି ପ୍ରତିଯୋଗିତା ଡିଉର ଘୋଘଲା ବିଚ୍‌ରେ ସୋମବାର ଆରମ୍ଭ ହେବ। ଏହି ସମ୍ମାନ୍‌ଜନକ ପ୍ରତିଯୋଗିତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ୬ଟି ପଦକ ଇଭେଣ୍ଟ ଓ ୨ଟି ଡେମୋନ୍‌ଷ୍ଟ୍ରେଶନ ଇଭେଣ୍ଟ ଅନୁଷ୍ଠିତ ହେବ।

ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ଆୟୋଜନ ସହ ଭାରତର ଏହି ଉପକୂଳବର୍ତ୍ତୀ ଅଞ୍ଚଳ ଜାତୀୟ ସ୍ପୋର୍ଟିଂ ଆରେନାରେ ପରିଣତ ହୋଇଛି। ସମୁଦ୍ରତଟ ବାଲିରେ ଏହି ୬ ଦିନିଆ ସ୍ୱଦେଶୀ କ୍ରୀଡ଼ାର ରୋମାଞ୍ଚ ଦେଖିବାକୁ ମିଳିବ। ପଦକ ଇଭେଣ୍ଟ ମଧ୍ୟରେ ରହିଛି ବିଚ୍ ଫୁଟ୍‌ବଲ, ବିଚ୍ ଭଲିବଲ, ବିଚ୍ ସିପକ୍‌ଟାକ୍ରୋ, ବିଚ୍‌କବାଡ଼ି, ବିଚ୍‌ପେନ୍‌ଚାକ୍ ସିଲାଟ ଓ ଓପନ୍ ୱାଟର ସୁଇମିଂ। ନନ୍ କମ୍ପିଟେଟିଭ୍ ଡେମୋନ୍‌ଷ୍ଟ୍ରେଶନ ଇଭେଣ୍ଟଭାବେ ମାଲଖମ୍ବ ଓ ଟଗ୍ ଅଫ୍ ୱାର ଆୟୋଜନ ହେବ।

ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ଦ୍ୱିତୀୟ ସଂସ୍କରଣ ଲାଗି ଦେଶର ୨୫ ରାଜ୍ୟ ଓ ୬ କେନ୍ଦ୍ରଶାସିତ ଅଞ୍ଚଳରୁ ୧୩୦୦ରୁ ଊର୍ଦ୍ଧ୍ୱ



ଖେଲୋ ଇଣ୍ଡିଆ ବିଚ୍ ଗେମ୍ସଲାଗି ପ୍ରସ୍ତୁତ ଡିଉର ଘୋଘଲା ବିଚ୍।

ଆଥ୍‌ଲେଟ ଓ ସପୋର୍ଟ ଷ୍ଟାଫ୍ ଏକତ୍ରିତ ହେବେ। ପଦକ ଇଭେଣ୍ଟଗୁଡ଼ିକରେ ୭୮୬ ଆଥ୍‌ଲେଟ ଅବତୀର୍ଣ୍ଣ ହେବେ। ଏହା ମଧ୍ୟରେ ୩୬୬ ମହିଳା ଓ ୪୨୦ ପୁରୁଷ ସାମିଲ। ଗେମ୍ସଭିତ୍ତିରେ ଦେଖିବାକୁ ଗଲେ ବିଚ୍ ସିପକ୍‌ଟାକ୍ରୋରେ ୨୬୩, ବିଚ୍ ପେନଚାକ୍ ସିଲାଟରେ ୧୫୭, ବିଚ୍ ସକ୍କରରେ ୧୫୬, ବିଚ୍ କବାଡ଼ିରେ ୯୬, ବିଚ୍ ଭଲିବଲରେ ୬୪ ଓ ଓପନ ୱାଟର ସୁଇମିଂରେ ୫୦ ପ୍ରତିଦ୍ୱନ୍ଦ୍ୱୀ ଭାଗନେଉଥିବା ସୂଚନା ମିଳିଛି। ମାଲଖମ୍ବ ଓ ଟଗ୍ ଅଫ୍ ୱାର ପରି ଭାରତୀୟ ପାରମ୍ପରିକ କ୍ରୀଡ଼ାରେ ୩୩୬ ଅଂଶଗ୍ରହଣ କରିବେ।

## ପ୍ରଥମ ସଂସ୍କରଣରେ ମଣିପୁରର ପ୍ରାଧାନ୍ୟ

ବିଚ୍ ଗେମ୍ସ ପାଇଁ ଶକ୍ତିଶାଳୀ ରାଜ୍ୟଭାବେ ବିବେଚିତ ହେଉଥିବା ମହାରାଷ୍ଟ୍ର, ହରିୟାଣା, ଉତ୍ତର ପ୍ରଦେଶ, ଗୁଜରାଟ, ତାମିଲନାଡୁ, କେରଳ, ମଣିପୁର, ନାଗାଲାଣ୍ଡ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଚଣ୍ଡିଗଡ଼, ପଣ୍ଡିଚେରୀ, ଦାଦ୍ରା ଆଣ୍ଡ ନଗର ହାଭେଳି ଆଣ୍ଡ ଡାମନ ଆଣ୍ଡ ଡିଉ ଭଳି ଦଳକୁ ଓଡ଼ିଶା ଟକ୍କର ଦେବ। ଗତ ସଂସ୍କରଣରେ ମଣିପୁର ଚାମ୍ପିୟନ ହୋଇଥିଲା। ୫ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୩ ବ୍ରୋଞ୍ଜ୍ ସହ ମୋଟ ୧୪ ପଦକ ହାସଲକରି ଏହି ଦଳ ଶୀର୍ଷସ୍ଥାନ ଅଧିକାର କରିଥିବାରୁ ଏଥର ଦୃଢ଼ ଆତ୍ମବିଶ୍ୱାସର ସହ ଅବତୀର୍ଣ୍ଣ ହେବ। ମହାରାଷ୍ଟ୍ର ୫ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧୦ ବ୍ରୋଞ୍ଜ ସହ ୨୦ଟି ପଦକ ପାଇଥିଲା। ମୋଟ ଅଧିକ ପଦକ ପାଇଥିଲେ ମଧ୍ୟ ରୌପ୍ୟ ହାସଲରେ ପଛରେ ପଡ଼ି ଦ୍ୱିତୀୟରେ ରହିଥିଲା। ନାଗାଲାଣ୍ଡ ୫ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ ବ୍ରୋଞ୍ଜ୍ ସହ ମୋଟ ୧୩ଟି ପଦକ ସହିତ ତୃତୀୟ ସ୍ଥାନରେ ରହି ଐତିହାସିକ ସଫଳତା ପାଇଥିଲା। ହରିୟାଣା ଓ ଜମ୍ମୁ-କଶ୍ମୀର ଦଳ ମଧ୍ୟ ୫ଟି ଲେଖାଏ ସ୍ୱର୍ଣ୍ଣ ପାଇଥିଲେ। ତେଣୁ ରୌପ୍ୟ ପଦକ ଟପ୍-୫ ନିର୍ଣ୍ଣୟ କରିଥିଲା। ହରିୟାଣା ଓ ଜମ୍ମୁ-କଶ୍ମୀର ଦଳ ଗୋଟିଏ ଲେଖାଏ ରୌପ୍ୟ ପାଇଥିବାରୁ ଯୁଗ୍ମଭାବେ ୪ର୍ଥ ସ୍ଥାନରେ ରହିଥିଲେ। ମାର୍ଶାଲ ଆର୍ଟର ଅନ୍ୟତମ ଇଭେଣ୍ଟ ପେନ୍‌ଚାକ ସିଲାଟରେ ମଣିପୁର ଓ ନାଗାଲାଣ୍ଡ ପ୍ରତିଯୋଗୀ ଚମତ୍କାର ପ୍ରଦର୍ଶନ କରି ୨ଟି ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଓପନ୍ ୱାଟର ସୁଇମିଂରେ ମହାରାଷ୍ଟ୍ର ସୁଇମର ପ୍ରଭାବୀ ରହିଥିଲେ। ୨୦୨୫ରେ ଏହି ପ୍ରତିଯୋଗିତା ଘୋଘଲା ବିଚ୍‌ରେ ମେ' ୧୯ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

# ପ୍ରଦର୍ଶନରେ ଉନ୍ନତି ଲକ୍ଷ୍ୟରେ ଓଡ଼ିଶା ଦଳ



ଓଡ଼ିଶା ବିଚ୍ ସକ୍କର (ଉପର) ଓ ପେନ୍‌ଚାକ ସିଲାଟ ଦଳ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୪।୧(ତପନ ସ୍ୱାଇଁ)

ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ଲାଗି କେନ୍ଦ୍ରଶାସିତ ଅଞ୍ଚଳ ଡିଉର ଘୋଘଲା ବିଚ୍ ଚଳଚଞ୍ଚଳ ହୋଇପଡ଼ିଛି। ଦେଶର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀ ଓ ଅଫିସିଆଲମାନେ ଏଠାରେ ପହଞ୍ଚି ସାରିଛନ୍ତି। ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣରେ ଓଡ଼ିଶାର ମହିଳା ବିଚ୍ ସକ୍କର, ମହିଳା ଓ ପୁରୁଷ ଭଲିବଲ, ମହିଳା ଓ ପୁରୁଷ ପେନ୍‌ଚାକ୍ ସିଲାଟ ଏବଂ ମହିଳା ସିପକ୍‌ଟାକ୍ରୋ ଦଳ ଅଂଶଗ୍ରହଣ ପାଇଁ ଡିଉରେ ପହଞ୍ଚିସାରିଛି। ଏହିସବୁ ଦଳର ଖେଳାଳି ତାଲିକା ମଧ୍ୟ ଘୋଷିତ ହୋଇସାରିଛି। ୨୦୨୫ରେ ଡିଉରେ ଅନୁଷ୍ଠିତ ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୭ ବ୍ରୋଞ୍ଜ୍ ସହ ମୋଟ ୧୨ଟି ପଦକ ଜିତି ୧୩ତମ ସ୍ଥାନରେ ରହିଥିଲା। ଏଥର ଓଡ଼ିଶା ପ୍ରଦର୍ଶନରେ ଉନ୍ନତି ଆଣି ଅଧିକ ପଦକ ହାସଲ ଆଶାରେ ରହିଛି।

**ମହିଳା ବିଚ୍ ସକ୍କର:** ସସ୍ମିତା ପରିଡ଼ା, ମଞ୍ଜୁ ଗଞ୍ଜୁ, ଶ୍ରଦ୍ଧାଞ୍ଜଳି ପଣ୍ଡା, ଶିବାନୀ ମୁଣ୍ଡାରୀ, ସୁସ୍ମିତା ତନ୍ତି, ଅଙ୍କିତା ନାଏକ,

**ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ**

ପ୍ରଜ୍ଞା କିଶାନ, ସୁମିତ୍ରା ହେମ୍ବ୍ରମ, ସତ୍ୟବତୀ ଖାଡ଼ିଆ, ଶ୍ରୀଜନ ତମାଙ୍ଗ, ଖୁଦୋଙ୍ଗବାମ ଅମ୍ବାଲିକା, ମନୀଷା ନାଏକ। ମୁଖ୍ୟ କୋଚ୍: ଗୀତାଞ୍ଜଳି ଖୁଣ୍ଟିଆ, ମ୍ୟାନେଜର: ଗୋମତି ବାରା, ଫିଜିଓ: ଲୋପାମୁଦ୍ରା ମହାରାଜ।

**ବିଚ୍ ଭଲିବଲ (ପୁରୁଷ):** ପାର୍ଥସାରଥି ଜେନା, ସୁନୀଲ କୁମାର ଦାସ, ଅମିତ ପରିଡ଼ା, ସୌମ୍ୟ ରଞ୍ଜନ ବାରିକ। **ମହିଳା:** ଲାସ୍ୟମୟୀ ମହନ୍ତ, ସୋନାଲି ବିଶ୍ୱାସ, ରୋଜାଲିନ ଆନ୍ଦିଆ, ବବି ସିଂ।

**ପେନ୍‌ଚାକ ସିଲାଟ(ପୁରୁଷ):** ଅଂଶୁମାନ ଭୌମିକ, ରାହୁଲ ସା, ସୋହିଲ ଗୁରୁଙ୍ଗ, ରୁଦ୍ର ପ୍ରତାପ ଷଡ଼ଙ୍ଗୀ। **ମହିଳା:** ସୋନୁ ସେମଲିଆ, ପିହୁ ଦାସ, ବସୁନ୍ଧରା ତାଣ୍ଡି, ଉମାବତୀ ପାତ୍ର।

**ମହିଳା ସିପକ୍‌ଟାକ୍ରୋ:** ଅଶ୍ରବାନୀ, ଇତିଶ୍ରୀ ସାମଲ, ସିମରନ ଏକ୍କା, ରାଇମଣି ଟୁଡ୍ଡୁ, ଗାୟତ୍ରୀ ସାହୁ, ମଧୁସ୍ମିତା ବେହେରା।

# ଡାକାର ରାଲିରେ ସଞ୍ଜୟ ଟାକ୍‌ଲେଙ୍କ କୀର୍ତ୍ତିମାନ


ସଞ୍ଜୟ ଟାକ୍‌ଲେ (ଡାହାଣ)।

**ୟାନ୍‌ବୁ (ସଉଦି ଆରବ), ୪।୧:** ଡାକାର ରାଲି ୨୦୨୬ ପ୍ରୋଲୋଗ୍‌ରେ ଏଚ୍-୩ କ୍ଲାସ ଜିତି ଭାରତର ସଞ୍ଜୟ ଟାକ୍‌ଲେ ଇତିହାସ ସୃଷ୍ଟି କରିଛନ୍ତି। ଜଣେ ଭାରତୀୟ ରାଲି ରେସର ଭାବେ ସେ ମୋଟର ସ୍ପୋର୍ଟ୍ସ ଇତିହାସରେ ତାଙ୍କ ନାମକୁ ଲିପିବଦ୍ଧ କରିଛନ୍ତି। କାର୍ ବର୍ଗରେ ଓଭର ଅଲ୍ କିନ୍ତୁ ସେ ୩୫ତମ ସ୍ଥାନରେ ରହିଛନ୍ତି। ପ୍ରୋଲୋଗ ପର୍ଯ୍ୟାୟ ହେଉଛି, ଯାହାକି ରାଲି ପାଇଁ ପ୍ରାରମ୍ଭିକ କ୍ରମ ସ୍ଥିର କରିଥାଏ ଏବଂ ସାମଗ୍ରିକ ବର୍ଗୀକରଣରେ ଏହା ହିସାବକୁ ନିଆଯାଇ ନ ଥାଏ। ଟାକ୍‌ଲେ ଏଚ୍-୩ ଶ୍ରେଣରେ ପ୍ରାଧାନ୍ୟ ବିସ୍ତାର କରିଥିଲେ, ଯାହା ତାଙ୍କୁ ପ୍ରଥମ ଦିବସରେ କାର୍ ବର୍ଗରେ ପ୍ରଥମ ଭାରତୀୟ ଭାବେ ଡାକାର ପୋଡିୟମ ଫିନିଶ କରିଥିଲେ।

# ପଞ୍ଚମ ଆଶେସ୍ ଟେଷ୍ଟ: ରୁଟ୍-ବ୍ରୁକ୍ ସ୍ଥିତି ସମ୍ଭାଳିଲେ

ସିଡ୍‌ନୀ,୪।୧(ପି.ଟି.)

ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ରବିବାରଠାରୁ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ପଞ୍ଚମ ତଥା ଅନ୍ତିମ ଆଶେସ୍ ଟେଷ୍ଟ କ୍ରିକେଟ୍ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ଜୋ ରୁଟ୍ ଓ ହ୍ୟାରୀ ବ୍ରୁକ୍‌ଙ୍କ ଅବିଭାଜିତ ୧୫୪ ରନ୍‌ର ଭାଗୀଦାରିତା ଯୋଗୁ ଇଂଲଣ୍ଡ ପ୍ରଥମ ଦିନ ଶେଷପର୍ଯ୍ୟନ୍ତ ୩ ଉଇକେଟ ହରାଇ ୨୧୧ ରନ୍ କରିଛି। ଖରାପ ଆଲୋକ ଓ ଘଡ଼ଘଡ଼ି ସହ ବର୍ଷା କାରଣରୁ ଟି' ପରେ ଖେଳ ସମ୍ଭବ ହୋଇପାରି ନ ଥିଲା। ମ୍ୟାଚ୍ ଆରମ୍ଭ ପୂର୍ବରୁ ନିକଟ ବୋଣ୍ଡି ବିଚ୍‌ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପୀଡ଼ିତଙ୍କ ଲାଗି ଗାର୍ଡ ଅଫ୍ ଅନର ଓ ଉପସ୍ଥିତ ଦର୍ଶକଙ୍କ ଷ୍ଟାଣ୍ଡିଂ ଓଭେଶନ ଜରିଆରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଅଷ୍ଟ୍ରେଲିଆନ୍ ବ୍ୟାଟର ଉସ୍ମାନ୍ ଖ୍ୱାଜାଙ୍କ ଲାଗି ଏହା ବିଦାୟୀ ଟେଷ୍ଟ ମ୍ୟାଚ୍ ଥିବା ବେଳେ ଅଷ୍ଟ୍ରେଲିଆର ଚୂଡ଼ାନ୍ତ ଏକାଦଶରେ କୌଣସି ସ୍ପିନରଙ୍କୁ ସାମିଲ କରାଯାଇ ନାହିଁ, ଯାହାକି ୧୮୮୮ ପରେ ଏସ୍‌ସିଜିରେ ପ୍ରଥମ ଘଟଣା।

ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଜ୍ୟାକ୍ କ୍ରଲି ଓ ବେନ ଡକେଟ ପ୍ରଥମ ଉଇକେଟରେ ୩୫ ରନ୍ କରିଥିଲେ। ମାଇକେଲ ନେସରଙ୍କ ବଲ୍‌ରେ କ୍ରଲି (୧୬) ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହେବାରୁ ଏହି ଯୋଡ଼ି ଭାଙ୍ଗିଥିଲା। ଇଂଲଣ୍ଡ ୫୭ ରନ୍‌ରେ ୩ ଉଇକେଟ ହରାଇ ସଙ୍କଟରେ ଥିବା ବେଳେ ରୁଟ୍ ଓ ବ୍ରୁକ ଦାୟିତ୍ୱ ସମ୍ଭାଳିଥିଲେ। ଦୁହେଁ ଧୈର୍ଯ୍ୟର ସହ ବ୍ୟାଟିଂକରି ଦଳୀୟ ସ୍କୋରକୁ ପ୍ରଥମେ ୧୦୦ ଓ ପରେ ୨୦୦ ଅତିକ୍ରମ କରାଇଥିଲେ। ଦୁହେଁ ଅବିଭାଜିତ ଚତୁର୍ଥ ଉଇକେଟ ପାଇଁ ୧୫୪ ରନ୍ ଯୋଡ଼ିଥିଲେ। ଆଲୋକ ଅଭାବ କାରଣରୁ ଟି'ର ୧୫ ମିନିଟ୍ ପୂର୍ବରୁ ଖେଳକୁ ରୋକାଯାଇଥିଲା। ହେଲେ ଏହାପରେ ଘଡ଼ଘଡ଼ି ସହ ବର୍ଷା ଯୋଗୁ ଖେଳ ସମ୍ଭବ ହୋଇ ନ ଥିଲା। ଫଳରେ ଇଂଲଣ୍ଡ ପ୍ରଥମ ଦିନ ଶେଷସୁଦ୍ଧା ୪୫ ଓଭରରେ ୩ ଉଇକେଟ ହରାଇ ୨୧୧ ରନ୍ କରିଛି। ଷ୍ଟମ୍ପ୍ ଅପସାରଣ ବେଳକୁ ରୁଟ୍ ୭୨(୮ ଚୌକା) ଓ ବ୍ରୁକ୍ ୭୮(୬ ଚୌକା, ୧ ଛକା) ରନ୍‌ରେ ଅପରାଜିତ ରହିଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟାର୍କ, ନେସର ଓ ସ୍କଟ୍ ବୋଲାଣ୍ଡ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।


ଶତକୀୟ ଭାଗୀଦାରି ଅବସରରେ ଜୋ ରୁଟ୍ ଓ ହ୍ୟାରୀ ବ୍ରୁକ୍।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୧୧/୩(ହ୍ୟାରୀ ବ୍ରୁକ୍-୭୮, ଜୋ ରୁଟ୍-୭୨, ମିଚେଲ ଷ୍ଟାର୍କ-୧/୫୩, ସ୍କଟ୍ ବୋଲାଣ୍ଡ-୧/୪୮, ମାଇକେଲ ନେସର-୧/୩୬)।

# କୋମାରୁ ବାହାରିଲେ ମାର୍ଟିନ

ସିଡ୍‌ନୀ,୪।୧

ଗତ ସପ୍ତାହରେ ମେନିଙ୍ଗିଟିସ୍ କାରଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ତଥା ଟେଷ୍ଟ ଲିଜେଣ୍ଡ ଡାମିଏନ ମାର୍ଟିନ କୋମାରୁ ବାହାରି ଆସିଛନ୍ତି। ଏ ନେଇ ସିଡ୍‌ନୀ ମର୍ନିଂ ହେରାଲ୍ଡରେ ରବିବାର ଏକ ରିପୋର୍ଟ ପ୍ରକାଶ ପାଇଛି। ୫୪ ବର୍ଷୀୟ ମାର୍ଟିନଙ୍କୁ ଗତ ୨୭ ତାରିଖରେ ଗୋଲ୍ଡ କୋଷ୍ଟ ୟୁନିଭର୍‌ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ସହ ସେ କୋମାକୁ ଚାଲିଯାଇଥିଲେ। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଥିବା ନେଇ ତାଙ୍କ ବନ୍ଧୁ ତଥା ପୂର୍ବତନ କ୍ରିକେଟର ଆଡାମ ଗିଲ୍‌କ୍ରିଷ୍ଟ ସ୍ପଷ୍ଟ କରିଛନ୍ତି। ସୂଚନା ଯେ, ମାର୍ଟିନ ୧୯୯୨ରୁ ୨୦୦୬ ମଧ୍ୟରେ ଅଷ୍ଟ୍ରେଲିଆ ପାଇଁ ୬୭ ଟେଷ୍ଟ, ୨୦୮ ଦିନିକିଆ ଓ ୪ ଟି୨୦ ମ୍ୟାଚ୍ ଖେଳିଥିଲେ। ମାର୍ଟିନ ଏବେ କଥା କହିପାରୁଛନ୍ତି। ସେ କୋମାରୁ ବାହାରକୁ ଆସିବାଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଛି। ତାଙ୍କୁ ଖୁବ୍‌ଶୀଘ୍ର ଆଇସିୟୁରୁ ସ୍ଥାନାନ୍ତର କରାଯିବ ବୋଲି ପରିବାରବର୍ଗ ଆଶାବାଦୀ ରହିଥିବା ଗିଲକ୍ରିଷ୍ଟ କହିଛନ୍ତି।

# ସ୍କୁଲ୍ସ ଓପନ ଚେସ୍: ଆଦିତ୍ୟ ଚାମ୍ପିୟନ


ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୪।୧ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୯ମ ରବି ନାରାୟଣ ଦାଶ ସ୍ମାରକୀ ସ୍କୁଲ୍ସ ଓପନ ଚେସ୍ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ପୂରା ୫ ପଏଣ୍ଟ ପାଇ ଆଦିତ୍ୟ ଶଙ୍କର ବେହେରା ଚାମ୍ପିୟନ ହୋଇଛନ୍ତି। ନିରେକ ପରିଡ଼ା, ସାବ୍ୟସାଚୀ ପୃଷ୍ଟି, ଶିବେଶ ଅବତାର ଓ ଆୟୁଷ୍ମାନ ବେହେରା ଯଥାକ୍ରମେ ୨ୟରୁ ୫ମ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ୧୦ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ପ୍ରତିଯୋଗିତାକୁ ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିଲେ। ଫାଉଣ୍ଡେଶନ ଟ୍ରଷ୍ଟି ସୁବ୍ରତ ଦାଶ, ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଶୁଭ୍ର ପଟ୍ଟନାଏକ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ରତ୍ନା ଦାଶ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ।

# ରାଞ୍ଚି ରୟାଲ୍ସକୁ ହରାଇଲା ବେଙ୍ଗଲ ଟାଇଗର୍ସ

ରାଞ୍ଚି, ୪।୧ (ପି.ଟି.)

ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ଶ୍ରାଚି ବେଙ୍ଗଲ ଟାଇଗର୍ସ ୧-୦ ଗୋଲ୍‌ରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। ଦଳ ପକ୍ଷରୁ ଅଗଷ୍ଟିନା ଗୋର୍ଜେଲାନି ଖେଳର ୩୭ତମ ମିନିଟରେ ବିଜୟସୂଚକ ଗୋଲଟିକୁ ସ୍କୋର କରିଥିଲେ। ଏହି ବିଜୟ ସହ ବେଙ୍ଗଲ ଟାଇଗର୍ସ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ରାଞ୍ଚି ରୟାଲ୍ସ କ୍ରମାଗତ ଦୁଇଟି ବିଜୟ ସହ ଦୃଢ଼ ଆତ୍ମ ବିଶ୍ୱାସର ସହିତ ପଡ଼ିଆକୁ ଓହ୍ଲାଇଥିଲା। ପ୍ରଥମ କ୍ୱାର୍ଟର ଖେଳରେ ସେମାନେ ୫ଟି ପେନାଲ୍ଟି କର୍ନର ଏବଂ ୭ ସର୍କଲ ପେନେଟ୍ରେଶନ ପାଇଥିଲେ। ମାତ୍ର ସେମାନେ ଟାଇଗର୍ସ ଦଳର ଗୋଲ୍‌କିପର ଜେନିଫର ରିଜୋଙ୍କୁ ଚକ୍‌ମା ଦେବାରେ ବିଫଳ ରହିଥିଲେ।


ଶ୍ରାଚି ବେଙ୍ଗଲ ଟାଇଗର୍ସ ଓ ରାଞ୍ଚି ରୟାଲ୍ସ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ମହିଳା ହକି ଇଣ୍ଡିଆ ଲିଗ୍**

# ୧୬ ବର୍ଷରୁ କମ୍ କ୍ରିକେଟ୍: ମୁକ୍ତେଶ୍ୱର କ୍ଲବ ଚାମ୍ପିୟନ

ଭୁବନେଶ୍ୱର,୪।୧(ଅନାଦି କର)

ମୁକ୍ତେଶ୍ୱର କପ୍ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ୯ ଉଇକେଟରେ ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବୋଲିଂ କରିଥିବା ମୁକ୍ତେଶ୍ୱର କ୍ଲବ ପ୍ରତିପକ୍ଷ ରାମେଶ୍ୱର ସ୍ପୋର୍ଟିଂକୁ ୧୫.୨ ଓଭରରେ ମାତ୍ର ୩୪ ରନ୍‌ରେ ଅଲଆଉଟ୍ କରିଦେଇଥିଲା। ଦଳ ପାଇଁ ଦିବ୍ୟଜ୍ୟୋତି ସାହୁ ୫ ଓ ହିମନିଶ ସାହୁ ୪ ଉଇକେଟ ନେଇଥିଲେ। ଜବାବରେ ମୁକ୍ତେଶ୍ୱର କ୍ଲବ ୧୨.୪ ଓଭରରେ ୧ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଓସିଏ ଟ୍ରେଜରର ବିକାଶ ପ୍ରଧାନ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏଏ ସମ୍ପାଦକ ଡ. ସୌର୍ଯ୍ୟରଞ୍ଜନ ପରିଜା, ସିନିୟର ଭାଜପା ନେତା ଜଗନ୍ନାଥ ପ୍ରଧାନ, ମୁକ୍ତେଶ୍ୱର କ୍ଲବ ସଭାପତି ତଥା ବିଧାୟକ ବାବୁ ସିଂ, କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂ ଚୌହାନ, ସମ୍ପାଦକ ଗୌର ପ୍ରସାଦ ନନ୍ଦ, ଉପସଭାପତି ସଞ୍ଜୀବ ହଂସ, ପ୍ରଦୋଷ ମହାନ୍ତି ଓ ଅଜିତ୍ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ମ୍ୟାନ୍ ଅଫ୍ ଫାଇନାଲ ହିମନିଶ ସାହୁ, ବେଷ୍ଟ ଫିଲ୍ଡର ଏଲ୍.ଏସ୍ ପାର୍ଥ, ବେଷ୍ଟ ବ୍ୟାଟ୍ସମ୍ୟାନ ଲିଓନିଲ ମେହେର, ବେଷ୍ଟ ବୋଲର ସ୍ୱସ୍ତିକ ଘୋଷାଲ ଓ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଭାବେ ଦିବ୍ୟଜ୍ୟୋତି ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।



ଅତିଥି ଓ କର୍ମକର୍ତ୍ତାଙ୍କ ସହ ଚାମ୍ପିୟନ ମୁକ୍ତେଶ୍ୱର କ୍ରିକେଟ ଦଳ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ